# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୧୨/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, June 12/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୧୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 197 | ମୂଲ୍ୟ ₹୭/-




**ଟ୍ରାଭିସ୍ ହେଡ୍ ପ୍ଲେୟର ଅଫ୍ ଦି ମ୍ୟାଚ୍**
ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ଅଷ୍ଟ୍ରେଲିଆର ଟ୍ରାଭିସ୍ ହେଡ୍। ୧୪

୧୦ **ସାମନ୍ଥାଙ୍କ ସହ ପର୍ବରେ ନାଚିଲେ ବରୁନ୍**
ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଏବଂ ଅଭିନେତା ବରୁନ ଧାୱନଙ୍କୁ ଶନିବାର ସର୍ବିୟା ପର୍ବରେ 'ଓ ଅଣ୍ଟାୱା' ଗୀତରେ ନାଚୁଥିବା ଦେଖିବାକୁ ମିଳିଛି।





ରାଉରକେଲା ବିମାନବନ୍ଦର ଛକଠାରେ ଗତ ୫ ମାସ ତଳେ ତିଆରି ହୋଇଥିବା ହକି ସ୍ମାରକୀ ରବିବାର ଅପରାହ୍ନରେ ପବନରେ ଭାଙ୍ଗିଯାଇଛି।

# ରଥଯାତ୍ରାରେ ଡ୍ରୋନ୍ ଉଡ଼ାଣ ମନା

- ଡ୍ରୋନ୍ ପ୍ରମାଣପତ୍ର ଯାଞ୍ଚ ପାଇଁ ଏକ ୱିଣ୍ଡୋ ସିଷ୍ଟମ ରହିବ
- ପୋଲିସ ପକ୍ଷରୁ ହେଲ୍ପଲାଇନ୍ ନମ୍ବର ଜାରି

ପୁରୀ ଅଫିସ,୧୧।୬

ଆଉ ୯ଦିନ ପରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ପ୍ରସ୍ତୁତି ଜୋରସୋରରେ ଚାଲିଥିବା ବେଳେ ୫-ଟି ସଚିବଙ୍କଠାରୁ ଡିଆଇଜି, ଆଇଜି ଯାଏ ବଡ଼ ବଡ଼ ଅଧିକାରୀମାନେ ବାରମ୍ବାର ପୁରୀ ଆସି କାର୍ଯ୍ୟର ସମୀକ୍ଷା କରିବା ସହ ସେବାୟତ ଏବଂ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି। ତେବେ ରଥଯାତ୍ରା ଯେପରି ଶୃଙ୍ଖଳିତ ଓ ସୁରୁଖୁରୁରେ ହେବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଉଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବେଶ୍ ଗୁରୁତ୍ୱ ଦିଆଯାଇଛି। ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସମାଗମ ହେବାକୁ ଥିବାରୁ ଶ୍ରୀମନ୍ଦିର ତଥା ମହାପ୍ରଭୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ରଥଯାତ୍ରା ସମୟରେ ଡ୍ରୋନ ଉଡ଼ାଇବା ଉପରେ କଟକଣା ଲାଗୁ କରାଯାଇଛି। ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ତରଫରୁ ଘୋଷଯାତ୍ରା ସମୟରେ ଡ୍ରୋନ ଉଡ଼ାଇବା ଉପରେ କଟକଣା ଲାଗୁ କରାଯାଇଥିବା ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ରଥଯାତ୍ରାରେ କେହି ଡ୍ରୋନ ଉଡ଼ାଇପାରିବେ ନାହିଁ। ଶ୍ରୀମନ୍ଦିର ଉପରେ, ତିନି ରଥ ନିକଟରେ, ବଡ଼ଦାଣ୍ଡ ଏବଂ ଗୁଣ୍ଡିଚା ମନ୍ଦିର ଉପରେ ଡ୍ରୋନ ଉଡ଼ାଣ ପାଇଁ ବାରଣ କରାଯାଇଛି। ଏହି ନିୟମ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରାଠାରୁ ଆରମ୍ଭ କରି ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ କଟକଣା ଲାଗୁ କରାଯାଇଛି।

ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ଅନେକ ବ୍ୟକ୍ତି ବିଶେଷ ବିଭିନ୍ନ ଉଦ୍ଦେଶ୍ୟ ନେଇ ଫଟୋ ଏବଂ ଭିଡିଓ ଉତ୍ତୋଳନ ପାଇଁ ଡ୍ରୋନର ସାହାଯ୍ୟ ନେଇଥାନ୍ତି। ଏପରିକି ଅନେକ ଅନଭିଜ୍ଞ ଡ୍ରୋନ ବ୍ୟବହାରକାରୀଙ୍କ ଡ୍ରୋନ ଚଳାଇବା ଲୋକମାନଙ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି କରିଥାଏ। ଅତିତରେ କେତେଜଣ ବ୍ୟକ୍ତି ☞ପୃଷ୍ଠା-୪

# ଟଳି ପଡ଼ିଲା ହକି ସ୍ମାରକୀ

- ୬ ମାସ ଗଲାନି ୩୦ ଲକ୍ଷର କାମ
- ଆର୍‌ଏମ୍‌ସି କହିଲା ତଦନ୍ତ ହେବ
- ବିରୋଧୀଙ୍କ ସମାଲୋଚନା

ରାଉରକେଲା ଅଫିସ,୧୧।୬

୨୦୨୩ ପୁରୁଷ ହକି ବିଶ୍ୱକପ୍ ପୂର୍ବରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାଉରକେଲା ସହରକୁ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ଏହି କ୍ରମରେ ଗତ ୫ମାସ ତଳେ ବିମାନ ବନ୍ଦର ଛକରେ ୩୦ ଲକ୍ଷ ଟଙ୍କା ବ୍ୟୟରେ ଏକ ବିଶାଳକାୟ ହକି ଖେଳାଳିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା। ତେବେ ରବିବାର ଅପରାହ୍ନ ୧ଟାରେ ରାଉରକେଲା ସହରରେ ମାତ୍ର ୧୦ ମିନିଟ୍‌ର ଝଡ଼ପବନରେ ଉକ୍ତ ହକି ସ୍ମାରକୀ ଭାଙ୍ଗି ଯାଇଛି। ଏହି ଘଟଣା ଜଣାପଡିବା ପରେ ଆର୍‌ଏମ୍‌ସି ପକ୍ଷରୁ ଉକ୍ତ ଭଙ୍ଗା ମୂର୍ତ୍ତିକୁ ପଲିଥିନ ଘୋଡ଼ାଇ ରଖାଯାଇଛି। ଏତେ କମ୍‌ଦିନ ତଳେ ନିର୍ମାଣ ହୋଇଥିବା ଉକ୍ତ ହକି ସ୍ମାରକୀ ଝଡ଼ପବନରେ ଭାଙ୍ଗିଯିବାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଉକ୍ତ ସ୍ମାରକୀ ଭାଙ୍ଗିଯିବା ପରେ ନିର୍ମାଣରେ ତ୍ରୁଟି ଥିବା ପଦାକୁ ଆସିଛି। ଅନ୍ୟପକ୍ଷେ ପୁରୁଷ ହକି ବିଶ୍ୱକପ୍‌ରେ ବିଜେଡି ଓ ପ୍ରଶାସନିକ କଳ ମିଳିତ ଭାବେ କରିଥିବା ଦୁର୍ନୀତିକୁ ଏହି ଘଟଣା ପଦାରେ ପକାଇଛି ବୋଲି ଭାଜପା ଓ କଂଗ୍ରେସ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଭାଜପା ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ କହିଛନ୍ତି, ୨୦୨୩ ପୁରୁଷ ହକି ବିଶ୍ୱକପ୍‌ରେ ଶାସକ ଦଳ ଏବଂ ପ୍ରଶାସନିକ କଳ ଦ୍ୱାରା ହୋଇଥିବା କୋଟି କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟର ଅସଲ ଚିତ୍ର ରବିବାର ଘଟଣାରୁ ପ୍ରମାଣିତ ହୋଇଛି। ପୂର୍ବରୁ ଆମ ଦଳ ପକ୍ଷରୁ ହକି ବିଶ୍ୱକପ୍‌ରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରାଯାଇଥିଲା। ଆଜି ଏହି ଘଟଣାଟି ଅଭିଯୋଗକୁ ସତ୍ୟ ପ୍ରତିପାଦନ କରିଛି। ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ସେହିପରି କଂଗ୍ରେସ ନେତା ଦେବବ୍ରତ ବିହାରୀ କହିଛନ୍ତି, ଶାସକ ଓ ପ୍ରଶାସକଙ୍କ ତରବରିଆ କାମ ସହିତ ଦୁର୍ନୀତିକୁ ଘଷ୍ଟ ଘୋଡ଼ାଇବା ଚକ୍ରାନ୍ତର ପର୍ଦ୍ଦାଫାଶ ହୋଇଛି। ଆଗକୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବିରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ବିହାରୀ ପ୍ରକାଶ କରିଛନ୍ତି। ଏ ନେଇ ଆର୍‌ଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ରବିବାର ପ୍ରବଳ ଝଡ଼ପବନ ହୋଇଥିଲା। ଯଦି ପବନ ପ୍ରଭାବରେ ଷ୍ଟାଚ୍ୟୁଟି ଟଳିପଡିଥାନ୍ତା, ତେବେ ☞ପୃଷ୍ଠା-୪

# ଓଡ଼ିଶାରୁ ବଢ଼ୁଛି ଆଇଏସ୍‌ଆଇ ଲିଙ୍କ୍

**ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆତଙ୍କବାଦୀ, ଅନ୍ତଃରାଷ୍ଟ୍ରୀୟ ଅପରାଧୀଙ୍କ ସହ ଲିଙ୍କ୍ ରହୁଥିବା କ୍ରମାଗତ ଭାବେ ଦେଖିବାକୁ ମିଳିଲାଣି। ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଆଇଟିଆର୍‌ର କେତେଜଣ କର୍ମଚାରୀ ହନିଟ୍ରାପ୍‌ର ଶିକାର ହୋଇ ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ପ୍ରତିରକ୍ଷା ସମ୍ପର୍କିତ ତଥ୍ୟ ଦେବା ଘଟଣା ଘଟିଛି। ନୟାଗଡ଼, ଯାଜପୁର ଓ ପୁରୀରୁ କେତେଜଣ ଯୁବକ ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଓଟିପି ଶେୟାରିଂ କରିବା ଏବଂ ସାଇବର ଅପରାଧୀଙ୍କୁ ପ୍ରିଆକ୍ଟିଭ ସିମ୍ ବିକ୍ରି କରିବା ଧରାପଡ଼ିଛି। ଏବେ ଆଉ ଜଣେ ଓଡ଼ିଆ ଯୁବକ ପ୍ରୀତମ୍ କରଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗିରଫ କରିଛି, ଯାହାଙ୍କର ଗତବର୍ଷ କର୍ଣ୍ଣାଟକର ମାଙ୍ଗାଲୋରଠାରେ ହୋଇଥିବା ଆତଙ୍କବାଦୀଙ୍କ ଅଟୋରିକ୍ସା ବିସ୍ଫୋରଣ ମାମଲାରେ ଲିଙ୍କ୍ ଥିବା ଜଣାପଡ଼ିଛି।**

## ଓଟିପି ଶେୟାରିଂ ଘଟଣା

- ଯାଜପୁରରୁ ଆଉ ଜଣେ ଅଭିଯୁକ୍ତ ଗିରଫ
- ମାଙ୍ଗାଲୋର ଅଟୋ ବିସ୍ଫୋରଣ ଲିଙ୍କ୍‌ରେ ଥିଲେ
- ସିମ୍‌କୁ ହଜାରେ, ୱାଲେଟ୍‌କୁ ୩୦ ହଜାର ପର୍ଯ୍ୟନ୍ତ ନେଉଥିଲେ

ଭୁବନେଶ୍ୱର(ବ୍ୟୁରୋ),୧୧।୬

ଓଡ଼ିଶାରୁ ଦେଶବିରୋଧୀ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ(ଆଇଏସ୍‌ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗତ ମେ ୧୩ ତାରିଖରେ ଓଡ଼ିଶାର ଜଣେ ଆଇଟିଆଇ ଶିକ୍ଷକଙ୍କ ସମେତ ୩ଜଣଙ୍କୁ ଗିରଫ କରିଥିଲା। ସେହିପରି ଜୁନ୍ ୭ରେ ନୟାଗଡ଼ରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାର ତଦନ୍ତ ଚଳାଇଥିବା ଏସ୍‌ଟିଏଫ୍ ଶନିବାର ୫ମ ଅଭିଯୁକ୍ତ ପ୍ରୀତମ୍ କରଙ୍କୁ ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭୁରୁଙ୍ଗା ଗ୍ରାମସ୍ଥିତ ତାଙ୍କ ଘରୁ ଗିରଫ କରିଛି। ପ୍ରୀତମ୍‌ଙ୍କୁ ଗିରଫ ପରେ ସାଂଘାତିକ ତଥ୍ୟ ପଦାକୁ ଆସିଛି। ଗତବର୍ଷ ନଭେମ୍ବର ୧୯ରେ ମାଙ୍ଗାଲୋରରେ ଆତଙ୍କବାଦୀଙ୍କ ଦ୍ୱାରା ହୋଇଥିବା ଅଟୋରିକ୍ସା ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପ୍ରୀତମ ସିମ୍ ଓ ଡେବିଟ୍ କାର୍ଡ ଯୋଗାଇଥିଲେ ବୋଲି ଏସ୍‌ଟିଏଫ୍ ଏସ୍‌ପି କେ. କେ. ପାଣିଗ୍ରାହୀ କହିଛନ୍ତି। ମାଙ୍ଗାଲୋର ବିସ୍ଫୋରଣ ଘଟଣାରେ ତଦନ୍ତ କରୁଥିବା ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍‌ଆଇଏ) ସ୍କାନରରେ ପ୍ରୀତମ୍ ଓ ତାଙ୍କର ଜଣେ ସାଙ୍ଗ ରହିଛନ୍ତି। ପ୍ରୀତମ୍‌ଙ୍କ ସାଙ୍ଗଙ୍କୁ ଏନ୍‌ଆଇଏ ତଦନ୍ତ ପାଇଁ ଡାକିଥିବା ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଓଟିପି ଶେୟାରିଂ ମାମଲାରେ ମେ ମାସରେ ଗିରଫ ହୋଇଥିବା ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଉଦୟପୁର ଗ୍ରାମର ସୌମ୍ୟ ପଟ୍ଟନାୟକ (୧୯)ଙ୍କ ସାଙ୍ଗ ହେଉଛନ୍ତି ପ୍ରୀତମ୍। ସେ ଅଷ୍ଟମ ପାସ୍ କରିଥିଲେ ମଧ୍ୟ ସାଇବର ଅପରାଧୀ ଓ ଆତଙ୍କବାଦୀଙ୍କ ସହ ତାଙ୍କର ବଡ଼ ସମ୍ପର୍କ ଥିବା ଜଣାପଡ଼ିଛି। ପ୍ରୀତମ୍‌ଙ୍କ ପାଖରୁ ୧୬ଟି ମୋବାଇଲ, ଡେବିଟ୍ କାର୍ଡ, ବିଭିନ୍ନ ବ୍ୟାଙ୍କର ପାସବୁକ୍, ମେମୋରି ଚିପ୍, ପ୍ରିଣ୍ଟର ଆଦି ଜବତ ହୋଇଛି। ରବିବାର ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ପ୍ରୀତମ୍‌ଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଅଭିଯୁକ୍ତ ପ୍ରୀତମ୍ କର

କାଗଜପତ୍ର ଜାଲିଆତି କରି ଅନ୍ୟ ନାଁରେ ମୋବାଇଲ ସିମ୍ ଆଣି ଓଟିପି ଶେୟାର କରିବାରେ ଦେଶବ୍ୟାପୀ ବଡ଼ ରାକେଟ ଚାଲିଛି। ଏଥିପାଇଁ ଟେଲିଗ୍ରାମ, ହ୍ୱାଟ୍‌ସଆପ୍ ଆଦି ଗ୍ରୁପ୍‌ରେ ବହୁ ସଦସ୍ୟ ଯୋଡ଼ି ହୋଇଛନ୍ତି। ଏଭଳି ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍‌ର ସନ୍ଧାନ ପାଇ ଏସ୍‌ଟିଏଫ୍ ପୂର୍ବରୁ ☞ପୃଷ୍ଠା-୪

# ଷ୍ଟେଶନମାଷ୍ଟରଙ୍କ ସମେତ ୩ଜଣଙ୍କୁ ଉଠାଇନେଲା ସିବିଆଇ

## ବାହାନଗା ଟ୍ରେନ ଦୁର୍ଘଟଣା

- ଦୁର୍ଘଟଣା ପୂର୍ବରୁ ଜଣାପଡ଼ିଥିଲା ସିଗ୍‌ନାଲଜନିତ ତ୍ରୁଟି

ବାହାନଗା/ବାଲେଶ୍ୱର ଅଫିସ,(ଡି.ଏନ.ଏ.)/ ଭୁବନେଶ୍ୱର, ୧୧।୬ (ବ୍ୟୁରୋ)

ଟ୍ରେନ ଦୁର୍ଘଟଣାର ୧୦ଦିନ ପରେ ରବିବାର ବାହାନଗା ଷ୍ଟେଶନମାଷ୍ଟରଙ୍କ ସମେତ ଆସିଷ୍ଟାଣ୍ଟ ଷ୍ଟେଶନମାଷ୍ଟର ଓ ଟେକ୍ନିସିଆନଙ୍କୁ ଉଠାଇ ନେଇଛି ସିବିଆଇ। ଅଜ୍ଞାତ ସ୍ଥାନରେ ରଖି ପଚରାଉଚରା କରିବା ସହ ସେମାନଙ୍କ ସିଡିଆର୍ ଯାଞ୍ଚ କରୁଥିବା ସୂଚନା ମିଳିଛି। ଗତ ୨ତାରିଖ ସନ୍ଧ୍ୟାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ୨୮୮ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା। ଏବେ ବି ଶତାଧିକ ଯାତ୍ରୀ ଚିକିତ୍ସାଧୀନ ଅଛନ୍ତି। ସିଗ୍‌ନାଲ ତ୍ରୁଟିଜନିତ କାରଣରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଥିବାବେଳେ ଏହାର ସତ୍ୟାସତ୍ୟ ସମ୍ପର୍କରେ ସିବିଆଇ ତଦନ୍ତ କରୁଛି । ତେବେ ସିବିଆଇ ଯାଞ୍ଚବେଳେ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ମଣିପୁର ବିପଦ

# ଆଉ ୪ଦିନ ଅସମ୍ଭାଳ ତାତି

## ୪୪ ଡିଗ୍ରୀ ଉପରେ ୪ ସହର

- ବଲାଙ୍ଗୀର ଓ ବରଗଡ଼ ସବୁଠୁ ଉତ୍ତପ୍ତ
- ବିଭିନ୍ନ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ରାଜ୍ୟରେ ଗତ କିଛିଦିନ ଧରି ଗ୍ରୀଷ୍ମପ୍ରବାହ ଜାରି ରହିଛି। ଖରା ସାଙ୍ଗକୁ ହିଟ୍‌ୱେଭ୍ (ଗୁଳୁଗୁଳି) ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଉଛି। ରବିବାର ମଧ୍ୟ ସମାନ ସ୍ଥିତି ଲାଗି ରହିଥିଲା। ୪୪ ଡିଗ୍ରୀ ଉପରେ ୪ ସହର ରହିଥିଲାବେଳେ ସର୍ବାଧିକ ୪୪.୫ ଡିଗ୍ରୀ ସହ ବଲାଙ୍ଗୀର ଓ ବରଗଡ଼ ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଆସନ୍ତା ୪ଦିନ ରାଜ୍ୟ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ସ୍ୱାଭାବିକ ତାପମାତ୍ରାଠାରୁ ୪ରୁ ୬ ଡିଗ୍ରୀ ଅଧିକ ରହିବା ସହ ଗୁଳୁଗୁଳି ଅସହ୍ୟ ହେବ। ଫଳରେ ଗୁରୁବାରଯାଏ ରାଜ୍ୟବାସୀଙ୍କୁ ଆହୁରି କଲବଲ ହେବାକୁ ପଡିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେବା ସହ ହିଟ୍‌ୱେଭ୍ ନେଇ କେତେକ ଜିଲାକୁ ସତର୍କ କରିଛି।

ସୋମବାର ଝାରସୁଗୁଡ଼ା, ବରଗଡ଼, ସୋନପୁର, ବୌଦ୍ଧ, ସମ୍ବଲପୁର, ବଲାଙ୍ଗୀର, କନ୍ଧମାଳ ଓ କେନ୍ଦୁଝର ଜିଲାକୁ ଅରେଞ୍ଜ ୱାର୍ନିଂ ରହିଥିବାବେଳେ ସୁନ୍ଦରଗଡ଼, କନ୍ଧମାଳ, ନୂଆପଡ଼ା ଓ ମୟୂରଭଞ୍ଜ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ମଙ୍ଗଳବାର ଝାରସୁଗୁଡ଼ା, ବରଗଡ଼, ସୋନପୁର, ବୌଦ୍ଧ, ସମ୍ବଲପୁର ଜିଲାକୁ ଅରେଞ୍ଜ ୱାର୍ନିଂ ଏବଂ ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାକୁ ୟେଲୋ ୱାର୍ନିଂ ରହିଛି। ସେହିପରି ୧୪ ଓ ୧୫ ତାରିଖ ପାଇଁ ଗ୍ରୀଷ୍ମପ୍ରବାହ ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ରହିଛି। ଖରାବେଳେ ଶିଶୁ, ବୟସ୍କ ଓ ରୋଗୀଙ୍କ କ୍ଷେତ୍ରରେ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅତି ଜରୁରୀ କାମ ନ ଥିଲେ ଖରାରେ ବାହାରକୁ ଯିବାକୁ ବାରଣ କରାଯାଇଛି। କୃଷକମାନେ ମକା, ଡାଲି ଜାତୀୟ ଓ ପନିପରିବା ଫସଲରେ ଜଳସେଚନ ଜାରି ରଖିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ଗୃହପାଳିତ ପ୍ରାଣୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଶନିବାର ସବୁଠୁ ଉତ୍ତପ୍ତ ସହର ଥିବା ଝାରସୁଗୁଡ଼ା ରବିବାର ୪୪.୪ ଡିଗ୍ରୀ ସହ ଦ୍ୱିତୀୟ ଉତ୍ତପ୍ତ ସହର ପାଲଟିଥିବାବେଳେ ଏହା ତଳକୁ ସୋନପୁର ୪୪.୩ ଡିଗ୍ରୀ, ସମ୍ବଲପୁର ୪୩.୬ ଡିଗ୍ରୀ, ବୌଦ୍ଧ ୪୩.୫ ଡିଗ୍ରୀ ଓ ହୀରାକୁଦରେ ୪୩.୧ ଡିଗ୍ରୀ, ସୁନ୍ଦରଗଡ଼, ଭବାନୀପାଟଣା ଓ ଟିଟିଲାଗଡ଼ରେ ତାପମାତ୍ରା ୪୩.୦ ଡିଗ୍ରୀ ରହିଥିଲା। ତେବେ ଭୁବନେଶ୍ୱରର ତାପମାତ୍ରା ୪୨.୬ ଡିଗ୍ରୀ ଓ କଟକରେ ୪୧.୬ ଡିଗ୍ରୀ ରେକର୍ଡ କରାଯାଇଥିଲା।

# ହାର୍ଭାର୍ଡ ଛାତ୍ରରୁ ସିରିଏଲ୍ କିଲର

## ଜେଲ କୋଠରିରୁ ମିଳିଲା ୟୁନାବମ୍ବରଙ୍କ ମୃତଦେହ

ୱାଶିଂଟନ୍,୧୧।୬

ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ଲାଭ କରିଥିବା କୁଖ୍ୟାତ୍ ଗଣିତଜ୍ଞ ଟେଡ୍ କଜିନ୍‌ସ୍କିଙ୍କ ଶନିବାର ୮୧ ବର୍ଷ ବୟସରେ ମୃତ୍ୟୁ ଘଟିଛି। ଆମେରିକାର ନର୍ଥ କାରୋଲିନା ଜେଲରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ୟୁନାବମ୍ବର ନାମରେ କୁଖ୍ୟାତ୍ ଏହି ସିରିଏଲ୍ କିଲର ୧୯୭୮ରୁ ୧୯୯୫ ମଧ୍ୟରେ ୧୬ ଥର ବିସ୍ଫୋରଣ ଘଟାଇଥିଲେ। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୩ ଆହତ ହୋଇଥିଲେ। ଦୁଇ ଦଶନ୍ଧି ଧରି ପୋଲିସ ଆଖିରେ ଧୂଳିଦେଇ ଚମ୍ପଟ ମାରିବା ପରେ ୧୯୯୬ ଏପ୍ରିଲରେ ୟୁନାବମ୍ବରଙ୍କୁ ମୋଣ୍ଟାନାସ୍ଥିତ ତାଙ୍କ ନିଃସଙ୍ଗ କ୍ୟାବିନରୁ ଗିରଫ କରାଯାଇଥିଲା। ତାଙ୍କୁ ବିନା ପାରୋଲରେ ୪ ଥର ଆଜୀବନ କାରାଦଣ୍ଡାଦେଶ ହୋଇଥିଲା।

୧୯୪୨ ମେ' ୨୨ରେ ଶିକାଗୋରେ କଜିନ୍‌ସ୍କିଙ୍କ ଜନ୍ମ। ୧୯୭୦ ଦଶକ ଶେଷାର୍ଦ୍ଧରୁ ୧୯୮୦ ଦଶକ ମଧ୍ୟରେ କଜିନ୍‌ସ୍କି ଦେଶବ୍ୟାପୀ ବିସ୍ଫୋରଣ ଅଭିଯାନ ଚଳାଇ ଆତଙ୍କବାଦୀ ସାଜିଥିଲେ। ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ତାଙ୍କୁ ୟୁନିଭର୍ସିଟି ଏବଂ ଏୟାରଲାଇନ୍ ବମ୍ବର ମିଶ୍ରଣରେ ୟୁନାବମ୍ବର ନାମ ଦେଇଥିଲା। ୧୯୯୫ରେ ୟୁନାବମ୍ବର ୱାଶିଂଟନ ପୋଷ୍ଟ ଓ ନ୍ୟୁୟର୍କ ଟାଇମ୍ସ ତାଙ୍କର ୩୫,୦୦୦ ଶବ୍ଦ ସମ୍ବଳିତ ମେନିଫେଷ୍ଟୋ ପ୍ରକାଶ କରୁ ବୋଲି ଦାବି କରିଥିଲେ। ସେମାନେ ମନା କଲେ ଏକ ଅଜ୍ଞାତ ସ୍ଥାନରେ ଏକ ବୋମା ବିସ୍ଫୋରଣ କରିବେ ବୋଲି ସେ ଧମକ ଦେଇଥିଲେ। ଫଳରେ ଆମେରିକାର ଆଟର୍ନି ଜେନେରାଲ ଏବଂ ଏଫ୍‌ବିଆଇ ଡାଇରେକ୍ଟର ମେନିଫେଷ୍ଟୋ ପ୍ରକାଶନ ପାଇଁ ସୁପାରିସ କରିଥିଲେ। ୱାଶିଂଟନ୍ ପୋଷ୍ଟରେ ନ୍ୟୁଜ୍ ସେକ୍ସନ ବ୍ୟତୀତ ୮ ପୃଷ୍ଠା ସମ୍ବଳିତ ଏହାର ଏକ ସପ୍ଲିମେଣ୍ଟ ପ୍ରକାଶ ପାଇଥିଲା। ନ୍ୟୁୟର୍କ ଟାଇମ୍ସ ମଧ୍ୟ ତାଙ୍କ 'ଇଣ୍ଡଷ୍ଟ୍ରିଆଲ ସୋସାଇଟି ଆଣ୍ଡ ଇଟ୍ସ ଫ୍ୟୁଚର' ଶୀର୍ଷକ ଇସ୍ତାହାର ପ୍ରକାଶ କରିଥିଲା। ଶିଳ୍ପ-ବୈଷୟିକ ବ୍ୟବସ୍ଥାକୁ ସେ ଏଥିରେ ଘୋର ବିରୋଧ କରିଥିଲେ। ବିଜ୍ଞାନ ଓ କାରିଗରି ପ୍ରତି ୟୁନାବମ୍ବରଙ୍କ ମନରେ ଥିବା ଘୃଣାଭାବ ଯୋଗୁ ସେ ୟୁନିଭର୍ସିଟି, ଏୟାରଲାଇନ୍ସ ଏବଂ ଟେକ୍ନୋଲୋଜି ସହ ଜଡ଼ିତ ଥିବା ବ୍ୟକ୍ତିମାନଙ୍କୁ ଟାର୍ଗେଟ କରୁଥିଲେ। ଜେଲର ହସ୍ପିଟାଲକୁ ସ୍ଥାନାନ୍ତରିତ ହେବା ପୂର୍ବରୁ ୧୯୯୮ ମେ'ରେ ୟୁନାବମ୍ବରଙ୍କୁ କଲୋରାଡୋସ୍ଥିତ ଫ୍ଲୋରେନ୍ସର ଏକ ଫେଡେରାଲ ସୁପରମାକ୍ସ ପ୍ରିଜନରେ ରଖାଯାଇଥିଲା। ସେ ୪ ଥର ଆଜୀବନ ଓ ଅତିରିକ୍ତ ୩୦ ବର୍ଷ ଜେଲଦଣ୍ଡ ଭୋଗୁଥିଲେ।



ଟେଡ୍ କଜିନ୍‌ସ୍କି

## ସଂକ୍ଷେପରେ

### ସାନ୍‌ଫ୍ରାନ୍ସିସ୍କୋରେ ଗୁଳି: ୯ ଆହତ

**ସାନ୍‌ଫ୍ରାନ୍ସିସ୍କୋ, ୧୧।୬:** କାଲିଫର୍ନିଆ ସାନ୍‌ଫ୍ରାନ୍ସିସ୍କୋର ମିଶନ୍ ଡିଷ୍ଟ୍ରିକ୍ଟରେ ଶୁକ୍ରବାର ରାତି ଗୁଳିକାଣ୍ଡରେ ୯ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ଥିବା ସ୍ଥାନୀୟ ପୋଲିସ କହିଛି। ଘଟଣାସ୍ଥଳରେ ଥିବା ଏକ କପଡ଼ା ଦୋକାନରେ ରାତି ୯ଟା ସମୟରେ ପାର୍ଟି ଚାଲିଥିବାବେଳେ ଦୁର୍ବୃତ୍ତ ଗୁଳିକାଣ୍ଡ ଘଟାଇଥିଲା। ଘଟଣାରେ କାହାରି ପ୍ରାଣହାନି ଘଟି ନ ଥିବାବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ୧୨ ଘଣ୍ଟାରେ ୨ହଜାର ବିବାହ

**ଜୟପୁର, ୧୧।୬:** ରାଜସ୍ଥାନ ବାରାନରେ ଆୟୋଜିତ ଏକ ସାମୂହିକ ବିବାହରେ ୧୨ ଘଣ୍ଟାରେ ୨ ହଜାର ଜଣଙ୍କ ବାହାଘର କରାଯାଇଛି। ମେ’ ୨୬ରେ ହୋଇଥିବା ଏହି ସାମୂହିକ ବିବାହ ଏବେ ଗିନିଜ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛି। ଉଭୟ ହିନ୍ଦୁ ଓ ମୁସଲମାନ ସମୁଦାୟର ଯୁବତୀ, ଯୁବକଙ୍କ ବିବାହ କରାଯାଇଛି। ଏହି ସାମୂହିକ ବିବାହରେ ମୋଟ ୨,୪୧୩ ଜଣ ସାମିଲ ହୋଇଥିବାବେଳେ ପ୍ରଥମେ କନ୍ୟା, ବର ପରସ୍ପରକୁ ବରଣମାଳା ପିନ୍ଧାଇଥିଲେ। ପରେ ବେଦିରେ ବ୍ରାହ୍ମଣ ମନ୍ତ୍ରପାଠ କରି ବିବାହ ସମ୍ପାଦନ କରିଥିଲେ। ନବ ଦମ୍ପତିଙ୍କୁ ଉପହାର ସାଙ୍ଗକୁ ସରକାରୀ ପ୍ରତିନିଧିଙ୍କ ଦ୍ୱାରା ବିବାହ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

### ପାକିସ୍ତାନରେ ବର୍ଷାବିପ୍ଳାତ: ୩୪ ମୃତ

**ପେଶାୱର, ୧୧।୬:** ପାକିସ୍ତାନର ଖାଇବର ପଖତୁନ୍‌ଖ୍ୱା ପ୍ରଦେଶରେ ଶନିବାର ମୂଷଳ ଧାରାରେ ବର୍ଷା ସାଙ୍ଗକୁ ପ୍ରବଳ ପବନ ଓ କାଳବୈଶାଖୀ ଯୋଗୁ ୩୪ ଜଣଙ୍କ ମୃତ୍ୟୁ ଘଟିବା ସହ ୧୧୦ରୁ ଅଧିକ ଆହତ ହୋଇଛନ୍ତି। ବନ୍ନୁ, ଦିଖାନ, ଲାକ୍କି ମାରୱାତ୍ ଏବଂ କାରାକ ଜିଲାରେ ବର୍ଷା ପବନରେ କାନ୍ଥ ଭୁଶୁଡ଼ିବା ଓ ଗଛ ଉପୁଡ଼ି ପଡ଼ିବା ଯୋଗୁ ଲୋକଙ୍କ ଜୀବନ ଯାଇଛି ଓ ୬୯ଟି ଘର ଭାଙ୍ଗିଛି। ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଲୋକଙ୍କ ଥଇଥାନ ଓ ରିଲିଫ ସହାୟତା ଲାଗି ପ୍ରାଦେଶିକ ସରକାର ୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

### ମନ୍ଦିର ଆନ୍ଦୋଳନର ମୁଖ୍ୟ ଦେବକୀ ନାମ୍ବିସାନ୍‌ଙ୍କ ପରଲୋକ

**ଥ୍ରିଶୂର୍, ୧୧।୬:** ୧୯୫୬ରେ ମନ୍ଦିର ଆନ୍ଦୋଳନରେ ମୁଖ୍ୟ ଭୂମିକା ନେଇ ଦଳିତ ମହିଳାମାନଙ୍କ ଅଧିକାର ପାଇଁ ଲଢ଼ିଥିବା ଦେବକୀ ନାମ୍ବିସାନ୍‌ଙ୍କର ରବିବାର ପରଲୋକ



ହୋଇଯାଇଛି। ତାଙ୍କୁ ୮୯ ବର୍ଷ ହୋଇଥିଲା। ଭେଲୁର ନିକଟ ମନିମଲାରକାଭୁ ମନ୍ଦିର ବାର୍ଷିକ ଉତ୍ସବରେ ନାୟାର ମହିଳାମାନେ ସ୍ତନ ଘୋଡ଼ାଇବା ଉପରେ କଟକଣା ରହିଥିଲା। ଏହି ପ୍ରଥାକୁ ବିରୋଧ କରି ୧୯୫୬ରେ କରାଯାଇଥିବା ଆନ୍ଦୋଳନ ଭେଲୁର ମାରୁ ମରକ୍କାଲ ସମରମ୍ (ଭେଲୁର ସ୍ତନ ଆବରଣ ପ୍ରତିବାଦ) ଭାବରେ ଜଣାଶୁଣା। ଏହି ଉତ୍ସବରେ ନାୟାର ମହିଳା ବିନା ବ୍ଲାଉଜ୍‌ରେ ସାମିଲ ହେଉଥିବାବେଳେ ଦଳିତ ମହିଳାଙ୍କୁ ପ୍ରବେଶ ଅନୁମତି ମିଳୁ ନ ଥିଲା। ଦେବକୀ ଉକ୍ତ ଆନ୍ଦୋଳନର ନେତୃତ୍ୱ ନେଇ ପ୍ରଚଳିତ ପ୍ରଥା ବିରୋଧରେ ମହିଳାମାନଙ୍କୁ ବ୍ଲାଉଜ୍ ପିନ୍ଧି ମନ୍ଦିର ଯିବାକୁ ଏକାଠି କରାଇଥିଲେ। ଆନ୍ଦୋଳନ ସଫଳ ହୋଇଥିଲା ଓ ଦଳିତ ମହିଳା ବ୍ଲାଉଜ୍ ପିନ୍ଧି ମନ୍ଦିର ଯିବାକୁ ଅନୁମତି ମିଳିଥିଲା।

## ପାକିସ୍ତାନକୁ ପଶିଗଲା ଇଣ୍ଡିଗୋ ବିମାନ

ଖରାପ ପାଗ ଯୋଗୁ ଇଣ୍ଡିଗୋ ଏୟାରଲାଇନ୍ସର ଅମୃତସରରୁ ଅହମଦାବାଦ ଯାଉଥିବା ବିମାନ ପାକିସ୍ତାନର ଲାହୋର ପର୍ଯ୍ୟନ୍ତ ପଶିଯାଇଥିଲା। ଏହା ୩୦ ମିନିଟ ପରେ ଭାରତୀୟ ବାୟୁସୀମା ମଧ୍ୟକୁ ଫେରିଥିଲେ ମଧ୍ୟ କୌଣସି ଅଘଟଣ ଘଟିନାହିଁ। ଶନିବାର ରାତି ପ୍ରାୟ ୭ଟା ୩୦ ମିନିଟ୍ ସମୟରେ ଇଣ୍ଡିଗୋ ବିମାନ ଲାହୋର ଉତ୍ତର ଭାଗରେ ଥିବା ପାକିସ୍ତାନ ବାୟୁସୀମା ଭିତରକୁ ପ୍ରବେଶ କରିଥିଲା।




ପାକିସ୍ତାନ ଆକାଶରେ ଏହା ୮ଟା ୧ ମିନିଟ୍ ପର୍ଯ୍ୟନ୍ତ ଘୂରିବୁଲିବା ପରେ ଗୁଜ୍ରନୱାଲାଠାରେ ଭାରତୀୟ ବାୟୁସୀମାକୁ ପ୍ରବେଶ କରିଥିଲା ବୋଲି ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (ସିଏଏ)ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଖରାପ ପାଗ ଯୋଗୁ ଅନେକ ସମୟରେ ଏଭଳି ଘଟଣା ଘଟିଥାଏ।

## ଗର୍ଭବତୀ ମହିଳା ସୁନ୍ଦରାକାଣ୍ଡ ପଢ଼ନ୍ତୁ

### ତେଲଙ୍ଗାନା ରାଜ୍ୟପାଳଙ୍କ ପରାମର୍ଶ

ଗର୍ଭବତୀ ମହିଳାମାନେ ମାନସିକ ତଥା ଶାରୀରିକ ସୁସ୍ଥ ପିଲା ଜନ୍ମ କରିବା ପାଇଁ ସୁନ୍ଦରାକାଣ୍ଡ ଓ ରାମାୟଣ ପଢ଼ିବା ଉଚିତ ବୋଲି ରବିବାର ତେଲଙ୍ଗାନା ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ ପରାମର୍ଶ ଦେଇଛନ୍ତି। ମହିଳା ରୋଗ ବିଶେଷଜ୍ଞ ସୌନ୍ଦରାରାଜନ ଆର୍‌ଏସ୍‌ଏସ୍‌ର ଏକ ମହିଳା ଶାଖା ସମ୍ବର୍ଦ୍ଧିନୀ ନ୍ୟାସ ପକ୍ଷରୁ ଆୟୋଜିତ ‘ଗର୍ଭ ସଂସ୍କାର’ କାର୍ଯ୍ୟକ୍ରମକୁ ଭର୍ଚ୍ଚୁଆଲି ଉଦ୍‌ଘାଟନ କରି ସେ ଏହି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ଗାଁଗୁଡ଼ିକରେ ମା’ ହେବାକୁ ଯାଉଥିବା ମହିଳାମାନେ ରାମାୟଣ, ମହାଭାରତ ଓ ଅନ୍ୟ କାବ୍ୟ ପଢ଼ିଥାଆନ୍ତି। ବିଶେଷକରି ତାମିଲନାଡୁରେ ସୁନ୍ଦରାକାଣ୍ଡ ଉଚ୍ଚାରଣ କରୁଥିବା ଗର୍ଭବତୀ ମହିଳା ଉତ୍ତମ ସନ୍ତାନ ଲାଭ କରନ୍ତି ବୋଲି ବିଶ୍ୱାସ ରହିଛି।



ତାମିଲିସାଇ ସୌନ୍ଦରାରାଜନ

# ୟୁପିରେ ମାତ୍ରାଧିକ ଦେଶଦ୍ରୋହ ମାମଲା

### ମୋଦି, ଯୋଗୀଙ୍କୁ ସମାଲୋଚନା କଲେ ଏଫ୍‌ଆଇଆର୍

**ଲକ୍ଷ୍ନୌ, ୧୧।୬(ଆଇଏଏନ୍‌ଏସ୍)**

୨୦୧୯ରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ଉତ୍ତର ପ୍ରଦେଶରେ ଦେଶଦ୍ରୋହ ମାମଲା ଅତ୍ୟଧିକ ମାତ୍ରାରେ ରୁଜୁ ହେଉଥିବା ଦେଖିବାକୁ ମିଳିଥିଲା। ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଦଫା ୧୨୪ଏ ଅନୁସାରେ ଶବ୍ଦ, ସଙ୍କେତ କିମ୍ବା ଦୃଶ୍ୟମାନ ଉପସ୍ଥାପନ ସରକାରଙ୍କ ବିରୋଧରେ ଘୃଣା ବିସ୍ତାର କଲେ କିମ୍ବା ଅସନ୍ତୋଷକୁ ଉସୁକାଇଲେ ଅଭିଯୁକ୍ତଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ ସହ ଜରିମାନା ହୋଇପାରେ।

ୟୁପିରେ ସିଏଏ ବିକ୍ଷୋଭ ଏବଂ ୨୦୨୦ରେ ହାଥରସ୍‌ରେ ଜଣେ ଦଳିତ ଯୁବତୀଙ୍କୁ ବଳାତ୍କାର ଘଟଣା ପରେ ଦେଶଦ୍ରୋହ ମାମଲା ସଂଖ୍ୟା ବଢ଼ିଥିଲା। ୨୦୨୦ ସେପ୍ଟେମ୍ବରରେ ଦଳିତ ପୀଡ଼ିତାଙ୍କ ମୃତ୍ୟୁ ପରେ ୟୁପି ସରକାର ୧୮ ଅଜ୍ଞାତ ବ୍ୟକ୍ତି ଓ ଅନ୍ୟ ୫




ଜଣଙ୍କ ବିରୋଧରେ ୨୨ ମାମଲା ରୁଜୁ କରିଥିଲେ। ସେମାନଙ୍କ ମଧ୍ୟରେ ଜଣେ ଲେଖାଏ ଖବରଦାତା ଓ ରାଜନେତା ଥିଲେ। ପୀଡ଼ିତାଙ୍କ ପରିବାରର ବିନା ଅନୁମତିରେ ତାଙ୍କ ମୃତଦେହ ସଂସ୍କାର କରାଯିବା ପରେ ରାଜ୍ୟର ଯୋଗୀ ଆଦିତ୍ୟନାଥ ସରକାର ବିରୋଧରେ ବିକ୍ଷୋଭ ବଢ଼ିଥିଲା। ଜଣେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ସିଏଏ ବିରୋଧୀ ଅଭିଯାନରେ ସାମିଲ ହେବା ପରେ ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଥିଲା। ସେହି ପୂର୍ବତନ ଅଫିସର କହିଛନ୍ତି, ଅନେକ ବ୍ୟକ୍ତି ଓ ସଙ୍ଗଠନ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯାଇଥିଲା, ଏହାର ଆଇନଗତ ଦିଗକୁ ନ ବୁଝି। ଅଧିକାରୀମାନେ ନିଜ ରାଜନୈତିକ ବସ୍‌ଙ୍କୁ ଖୁସି କରିବା ପାଇଁ ଏହାକୁ ଦଣ୍ଡବିଧାନର ଚୂଡ଼ାନ୍ତ ମାଧ୍ୟମ ବୋଲି ଧରିନେଇଥିଲେ। କୋର୍ଟରେ ସେଗୁଡ଼ିକ ବିଚାରଯୋଗ୍ୟ ହୋଇ ନ ଥିଲା।

ୟୁପିରେ ୨୦୧୦ ପରଠୁ ୧୧୫ ଦେଶଦ୍ରୋହ ମାମଲା ରୁଜୁ ହୋଇଥିବାବେଳେ ସେଥିରୁ ୭୭% କେବଳ ଗତ ୩ ବର୍ଷରେ ହୋଇଛି। ଏହି ମାମଲାଗୁଡ଼ିକ ମଧ୍ୟରୁ ଅର୍ଦ୍ଧାଧିକ ଜାତୀୟତାବାଦ ପ୍ରସଙ୍ଗରେ ରୁଜୁ ହୋଇଥିଲା। ଭାରତ ବିରୋଧୀ ମନ୍ତବ୍ୟ, ଆଲେଖ୍ୟ ଏବଂ ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେଉଥିବା ଅଭିଯୋଗ ଆଣି ଲୋକଙ୍କ ବିରୋଧରେ ଏପରି ମାମଲା ରୁଜୁ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଥିବା ୧୪୯ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ମନ୍ତବ୍ୟ ଦେଇଥିବା ୧୪୪ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ତଥ୍ୟରୁ ଜଣାପଡ଼ିଛି ଯେ, ୨୦୧୪ ତୁଳନାରେ ୨୦୨୦ରେ ୨୮% ଅଧିକ ଦେଶଦ୍ରୋହ ମାମଲା ରୁଜୁ ହୋଇଥିଲା।

କୌଣସି ମନ୍ତବ୍ୟ କିମ୍ବା ଆଲେଖ୍ୟ ହିଂସାତ୍ମକ ଉପାୟରେ ସାଧାରଣରେ ଶୃଙ୍ଖଳା ଭଙ୍ଗ କରୁ ନ ଥିଲେ ଦେଶଦ୍ରୋହ ମାମଲା ରୁଜୁ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। କିନ୍ତୁ ୟୁପି ସରକାର ୨୮ ଜଣ ସିଏଏ ତଥା ହାଥରସ୍ ଗଣବଳାତ୍କାର ବିରୋଧୀ ବିକ୍ଷୋଭକାରୀ ଓ ସମାଲୋଚକଙ୍କୁ ଦଣ୍ଡିତ କରିବା ପାଇଁ ଦେଶଦ୍ରୋହ ଆଇନର ଦୁରୁପଯୋଗ କରିଛନ୍ତି। ମୋଦି ଓ ଯୋଗୀଙ୍କ ୧୪୯ ସମାଲୋଚକଙ୍କ ବିରୋଧରେ ଅନ୍ୟୂନ ୧୮ ମାମଲା ରୁଜୁ କରାଯାଇଛି। ସେହି ଅଭିଯୁକ୍ତମାନଙ୍କ ମଧ୍ୟରେ କଂଗ୍ରେସର ଡିଜିଟାଲ ଟିମ୍ ମୁଖ୍ୟ ଦିବ୍ୟା ସ୍ପନ୍ଦନା ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ରହିଛନ୍ତି। ମେମେ, ଟୁଇଟ୍, କାର୍ଟୁନ ଓ ଫଟୋ ଶେୟାର କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଦେଶଦ୍ରୋହ ଆଇନ ପରିସରକୁ ଅଣାଯାଉଛି।

## ବିଧବାଙ୍କୁ ବଳାତ୍କାର, ନାବାଳିକା ଝିଅଙ୍କୁ ଅସଦାଚରଣ

### ଧର୍ମ ପରିବର୍ତ୍ତନ ଉଦ୍ୟମ

**ବରେଲି, ୧୧।୬**

ଉତ୍ତର ପ୍ରଦେଶର ବରେଲିସ୍ଥିତ ବରଦାରି ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର ଓ ତାଙ୍କ ନାବାଳିକା ଝିଅଙ୍କୁ ଅସଦାଚରଣ ପରେ ଉଭୟଙ୍କ ଧର୍ମ ପରିବର୍ତ୍ତନ ଉଦ୍ୟମ ଚାଲିଥିବା ଅଭିଯୋଗ ହୋଇଛି। ବିଧବା ଜଣକ ୩ ମାସ ତଳେ ଇରମ ସଇଫି ନାମ୍ନୀ ଜଣେ ମହିଳାଙ୍କ ସହ ବନ୍ଧୁତା କରିଥିଲେ। ଉଭୟେ ପରସ୍ପରର ଘରକୁ ବୁଲି ଯାଉଥିଲେ। ସଇଫି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କୁ ନିଜ ଘରକୁ ନେଇ ସେମାନଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବିଧବାଙ୍କୁ ବାଧ୍ୟ କରୁଥିଲେ। ଏଥିସହ ଏହାର ଭିଡିଓ ଶୁଟ୍ କରି ବ୍ଲାକ୍‌ମେଲ କରୁଥିଲେ। ସଇଫିଙ୍କ ଭାଇ ବବଲୁ ମଧ୍ୟ ବିଧବାଙ୍କ ଘରକୁ ଯାଇ ତାଙ୍କ ୧୨ ବର୍ଷୀୟା ଝିଅଙ୍କୁ ଅସଦାଚରଣ କରିଥିଲେ। ଏପରି କି ସେ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି।

## ବିଳାସପୁରରେ ଟଳିଲା ବାଲେଶ୍ୱର ଭଳି ଟ୍ରେନ୍ ଦୁର୍ଘଟଣା



### ଗୋଟିଏ ଟ୍ରାକ୍‌ରେ ମୁହାଁମୁହିଁ ହୋଇଥିଲେ ମେମୁ, ମାଲ୍‌ଗାଡ଼ି

**ବିଳାସପୁର, ୧୧।୬**

ବାଲେଶ୍ୱରର ବାହାନଗା ବଜାର ରେଳଷ୍ଟେଶନ ନିକଟରେ ମର୍ମନ୍ତୁଦ ଟ୍ରିପଲ୍ ଟ୍ରେନ୍ ଧକ୍କା ପରେ ଦୁର୍ଘଟଣା ରେଲ୍‌ୱେର ପିଛା ଛାଡୁନାହିଁ। ଶନିବାର ସନ୍ଧ୍ୟାରେ ଛତିଶଗଡ଼ର ବିଳାସପୁର ଜିଲାରେ ଦୁଇଟି ଟ୍ରେନ୍ ସମ୍ଭାବ୍ୟ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମେମୁ ଟ୍ରେନ୍ ଏବଂ ମାଲ୍‌ବାହୀ ଟ୍ରେନ୍ ଗୋଟିଏ ଟ୍ରାକ୍‌ରେ ପରସ୍ପର ମୁହାଁମୁହିଁ ସ୍ଥିତିକୁ ଆସିଯାଇଥିଲେ। ଉଭୟ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଓ ତ୍ୱରିତ୍ ପଦକ୍ଷେପ ଯୋଗୁ ଏକ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଛି ଓ ଶତାଧିକ ଜୀବନ ରକ୍ଷା ହୋଇଛି। ସମ୍ଭାବ୍ୟ ଧକ୍କାର କେଇ ଫୁଟ୍ ଦୂରରେ ଦୁଇ ଟ୍ରେନ୍ ଅଟକି ଯାଇଥିଲେ। ମେମୁ ଲୋକାଲ ଟ୍ରେନ୍‌ଟି କୋର୍ବା ଅଭିମୁଖେ ଯାଉଥିବାବେଳେ ବିଳାସପୁର ଜିଲାର ଜୟରାମନଗର ଏବଂ କୋଟମିସୋନାର ମଧ୍ୟବର୍ତ୍ତୀ ସ୍ଥାନରେ ଉକ୍ତ ରେଳଲାଇନରେ ବିପରୀତ ଦିଗରୁ ଏକ ମାଲ୍‌ବାହୀ ଟ୍ରେନ୍ ଆସୁଥିଲା। ଏହା ମାନବକୃତ ଓ ବୈଷୟିକ ତ୍ରୁଟିରୁ ହୋଇଥିଲା, ଯାହାକୁ ଠିକ୍ ସମୟରେ ସଂଶୋଧନ କରାଯିବାରୁ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଲା ବୋଲି କୁହାଯାଉଛି।

## ନ୍ୟାଶନାଲ ଟ୍ରେନିଂ କନ୍‌କ୍ଲେଭ୍ ଉଦ୍‌ଘାଟିତ

**ନୂଆଦିଲ୍ଲୀ, ୧୧।୬**

ଦିଲ୍ଲୀ ପ୍ରଗତି ମଇଦାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦେଶର ପ୍ରଥମ ନ୍ୟାଶନାଲ ଟ୍ରେନିଂ କନ୍‌କ୍ଲେଭ୍ ଉଦ୍‌ଘାଟନ କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ଜାତୀୟ, ରାଜ୍ୟ ଓ ଆଞ୍ଚଳିକ ସ୍ତରର ପ୍ରଶାସନିକ ସେବା ପ୍ରଶିକ୍ଷଣ ଅନୁଷ୍ଠାନର ୧୫୦୦ ପ୍ରତିନିଧି କନ୍‌କ୍ଲେଭରେ ଯୋଗ ଦେଇଥିଲେ। ଏହି ଅବସରରେ ମୋଦି କହିଛନ୍ତି, ଉତ୍ତମ ପ୍ରଶିକ୍ଷଣ ଜରିଆରେ ହିଁ କର୍ମଚାରୀଙ୍କୁ ଭଲ କାର୍ଯ୍ୟ କରିବା ଲାଗି ପ୍ରୋତ୍ସାହନ ମିଳିପରିବ। ଏଥିଲାଗି ପୁରୁଣା ନିୟମାବଳୀ ବଦଳିବାର ଆବଶ୍ୟକତା ରହିଛି। ପ୍ରଶାସନିକ ସେବା କ୍ଷେତ୍ରରେ ଉନ୍ନତି ଓ ଉତ୍ତମ ପ୍ରଶିକ୍ଷଣ ପାଇଁ କି ପ୍ରକାର ପରିବର୍ତ୍ତନ ଅଣାଯିବା ଜରୁରୀ ସେ ନେଇ କନ୍‌କ୍ଲେଭରେ ୮ ପ୍ୟାନେଲ୍ ଡିସ୍‌କଶନ୍ କରାଯାଇଛି। ମିଶନ କର୍ମଯୋଗୀ ଅନ୍ତର୍ଗତ ନ୍ୟାଶନାଲ ପ୍ରୋଗ୍ରାମ ଫର୍ ସିଭିଲ୍ ସର୍ଭିସେସ୍ କାପାସିଟି ବିଲ୍ଡିଂ (ଏନ୍‌ପିସିଏସ୍‌ସିବି)ଅଧୀନରେ ଏହି କନ୍‌କ୍ଲେଭ୍‌ର ଆୟୋଜନ କରାଯାଇଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି।




ଇଜିପ୍ଟର ରେଡ୍ ସି ଉପକୂଳରେ ଏକ ବୋଟ୍‌ରେ ଶର୍ଟ ସର୍କିଟରୁ ନିଆଁ ଲାଗିବାରୁ ୩ ବ୍ରିଟିଶ୍ ପର୍ଯ୍ୟଟକ ନିଖୋଜ ହୋଯାଇଯାଇଛନ୍ତି। ଅନ୍ୟ ୧୨ ଜଣଙ୍କୁ ଉଦ୍ଧାର କରାଯାଇଛି।

## କୋଭିଡ୍‌ର ବିପଜ୍ଜନକ ଗବେଷଣାରେ ସାମିଲ ଥିଲେ ଉହାନ ବୈଜ୍ଞାନିକ, ଚାଇନା ସେନା

**ୱାଶିଂଟନ, ୧୧।୬**

୨୦୧୯ରେ କୋଭିଡ୍ ମହାମାରୀ ବ୍ୟାପିବା ପୂର୍ବରୁ ଚାଇନାର ଉହାନସ୍ଥିତ ଭାଇରୋଲୋଜି ଇନ୍‌ଷ୍ଟିଚ୍ୟୁଟ୍‌ର ବୈଜ୍ଞାନିକ ଏବଂ ଚାଇନା ସେନା ବିଶ୍ୱର ସବୁଠୁ ବିପଜ୍ଜନକ କରୋନା ଭୂତାଣୁଗୁଡ଼ିକର ମିଶ୍ରଣ କରି ନୂଆ ମ୍ୟୁଟାଣ୍ଟ ଭୂତାଣୁ ସୃଷ୍ଟି କରିବାକୁ ବିପଜ୍ଜନକ ପରୀକ୍ଷା ନିରୀକ୍ଷା ଚଳାଇଥିଲେ। ଆମେରିକା ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। ଉକ୍ତ ବିପଜ୍ଜନକ ପ୍ରୟୋଗର ଗୁପ୍ତ ପ୍ରକଳ୍ପ ଉହାନ ଇନ୍‌ଷ୍ଟିଚ୍ୟୁଟ୍‌ରୁ ଲିକ୍ ହେବା ଯୋଗୁ ମହାମାରୀ ବ୍ୟାପିଥିଲା ବୋଲି ସନ୍‌ଡେ ଟାଇମ୍ସ ରିପୋର୍ଟରେ କୁହାଯାଇଛି। ପୂର୍ବର କେତେକ ଗୋପନ ରିପୋର୍ଟ, ଆଭ୍ୟନ୍ତରୀଣ ମେମୋ, ବୈଜ୍ଞାନିକ ସନ୍ଦର୍ଭ ଏବଂ ଇମେଲ୍ ଯୋଗାଯୋଗ ଆଦି ଶତାଧିକ ଦସ୍ତାବିଜକୁ ଆଧାର କରି ଉକ୍ତ ରିପୋର୍ଟ ପ୍ରସ୍ତୁତ ହୋଇଛି। କୋଭିଡ୍-୧୯ ମହାମାରୀର ସୃଷ୍ଟି, ପ୍ରସାର ଓ ଏହାକୁ ଗୋପନ ରଖିବା କାର୍ଯ୍ୟରେ ଉହାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି ସମ୍ପୃକ୍ତ ଥିବା ଅଧିକ ସ୍ପଷ୍ଟ ହୋଇଛି ବୋଲି ଜଣେ ଅନୁଧାନକାରୀ କହିଛନ୍ତି। ଚାଇନା ସେନା ସହ ମିଳିତ ଭାବେ ଏହି ପ୍ରୋଜେକ୍ଟ କାର୍ଯ୍ୟ ଚାଲିଥିବାରୁ ଏହାର କୌଣସି ଛାପା ତଥ୍ୟ ରଖାଯାଇ ନାହିଁ। ଜୈବ ଅସ୍ତ୍ର ନିର୍ମାଣ ଲାଗି ଚାଇନା ପରାମର୍ଶ ଦେଇଥିଲା ବୋଲି ଅନୁଧାନକାରୀମାନେ ବିଶ୍ୱାସ କରୁଛନ୍ତି।

## ପାଇଖାନା ପାଣି ପିଇବାକୁ ବାଧ କରାଯାଇଥିଲା

### ନାଇଜେରିଆରୁ ଫେରିଥିବା କେରଳ ନାବିକଙ୍କ କରୁଣ କାହାଣୀ

**କୋଚି, ୧୧।୬(ଆଇଏଏନ୍‌ଏସ୍)**

ନାଇଜେରିଆ ଜେଲରେ ୧୦ ମାସ ରହିବା ପରେ ଶନିବାର ଘରକୁ ଫେରିଥିବା କେରଳର ୩ ଜଣ ନାବିକ ଗଣମାଧ୍ୟମ ଆଗରେ ସେମାନଙ୍କ ଦୁଃଖ କାହାଣୀ ବର୍ଣ୍ଣନା କରିଛନ୍ତି। ବନ୍ଦୀ ଥିବାବେଳେ ସେମାନଙ୍କୁ ଶୌଚାଳୟ ପାଣି ପିଇବାକୁ ବାଧ୍ୟ କରାଯାଇଥିଲା। ମ୍ୟାଲେରିଆ ଯୋଗୁ ସେମାନଙ୍କୁ ଏକାଧିକ ଥର ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ିଥିଲା। ସେମାନେ ଘରକୁ ଫେରି ପରିବାର ସଦସ୍ୟଙ୍କୁ ଦେଖିବା ଆଶା ଛାଡ଼ିଦେଇଥିଲେ ବୋଲି କହିଛନ୍ତି।

ହିରୋଇକ୍ ଆଇଡନ୍ ଜାହାଜରେ ମୁଖ୍ୟ ଅଫିସର ଥିବା କୋଚିର ସାନୁ ଜୋସେଫ, ତୃତୀୟ ଅଫିସର କୋଲାମ୍‌ର ଭି. ବିଜିଥ୍



ଏବଂ ମୁଲାଭୁକାଡ୍‌ର ମିଲ୍‌ଟନ୍ ଡି’କାଉଥ୍ ଶନିବାର ସେମାନଙ୍କ ଘରେ ପହଞ୍ଚିଛନ୍ତି। ଇକ୍ୱେଟୋରିଆଲ ଗିନିର ଜଳରାଶି ମଧ୍ୟରେ ଜାହାଜ ପ୍ରବେଶ କରିବା ଅଭିଯୋଗରେ ସେଠାର ସରକାର ନାବିକମାନଙ୍କୁ ଗିରଫ କରିଥିଲେ। ସେଠାକାର ଜେଲରେ ସେମାନେ ୩ ମାସ ରହିଥିଲେ। ଜାହାଜ କମ୍ପାନୀ ଇକ୍ୱେଟୋରିଆଲ୍ ଗିନିକୁ ପର୍ଯ୍ୟାପ୍ତ ମୁକ୍ତି ଅର୍ଥ ଦେବା ପରେ ମଧ୍ୟ ନାବିକମାନଙ୍କୁ ଛଡ଼ାଯାଇ ନ ଥିଲା। ଇତିମଧ୍ୟରେ ନାଇଜେରିଆ ସରକାର ସେମାନଙ୍କ ବିରୋଧରେ ସାନି ଅଭିଯୋଗ ଆଣିଥିଲେ। ନାଇଜେରିଆ ତେଲ ଟ୍ୟାଙ୍କରରୁ ସେମାନେ ତେଲ ଚୋରାଚାଲାଣ କରିଥିବା ଅଭିଯୋଗ ଆଣି ନାଇଜେରିଆ ପୋଲିସ ଉକ୍ତ ଜାହାଜ ଓ ନାବିକମାନଙ୍କୁ ନିଜ ଜେଲ୍‌କୁ ନେଇଯାଇଥିଲା। ପରବର୍ତ୍ତୀ ୮ ମାସ ନାବିକମାନେ ନାଇଜେରିଆ ଜେଲରେ କାଟିଥିଲେ। ଭାରତ ସରକାରଙ୍କ ସମେତ ଅନ୍ୟ କେତେକ ସଂସ୍ଥା ମାମଲାରେ ହସ୍ତକ୍ଷେପ କରି ନାବିକମାନଙ୍କୁ ମୁକ୍ତ କରାଇଥିଲେ।

## ଜଳବାୟୁ ପରିବର୍ତ୍ତନ ଯୋଗୁ ଅସୁରକ୍ଷିତ ଭାରତ

**କୋଏମ୍ବାଟୁର, ୧୧।୬**

ଜଳବାୟୁ ପରିବର୍ତ୍ତନ ଯୋଗୁ ଭାରତ ଅସୁରକ୍ଷିତ। ଏହା ପଛର ମୁଖ୍ୟ କାରଣ ଜନସଂଖ୍ୟା ବୃଦ୍ଧି ବୋଲି ଜାତିସଂଘ ଏନ୍‌ଭାଇରୋନମେଣ୍ଟାଲ ପ୍ରୋଗ୍ରାମ (ୟୁଏନ୍‌ଇପି) ଏକ୍‌ଜିକ୍ୟୁଟିଭ୍ ଡିରେକ୍ଟର ଏରିକ୍ ସୋଲହେମ କହିଛନ୍ତି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ସାରା ବିଶ୍ୱରେ ପଡୁଥିବାବେଳେ ଅନ୍ୟ ଦେଶଗୁଡ଼ିକ ତୁଳନାରେ ଭାରତ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଆନୁଷ୍ଠାନିକ କନ୍‌ସଲଟେଶନ୍ ଫୋରମ୍ ୟୁଥ୍ ୨୦ (ୱାଇ୨୦) କାର୍ଯ୍ୟକ୍ରମ ଭାଷଣରେ ସେ ପ୍ରକାଶ କରିଛନ୍ତି। ଜି୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏହି କାର୍ଯ୍ୟକ୍ରମ ଜରିଆରେ



ପରସ୍ପର ସହ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ଆଲୋଚନା କରିପାରିବେ।

ଉତ୍ତର ଭାରତର ଦିଲ୍ଲୀ ସହର ଅଧିକ ପ୍ରଦୂଷିତ। ଜଳବାୟୁ ପରିବର୍ତ୍ତନ ଯୋଗୁ ଉଭୟ ଆମେରିକା ଓ ଭାରତରେ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ଦେଖିବାକୁ ମିଳୁଛି। ବହୁଳମାତ୍ରାରେ ଜଙ୍ଗଲ କ୍ଷୟ ହେଉଥିବାରୁ ପ୍ରାଣୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ବୈଶ୍ୱିକ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ କାରଣରୁ ଗତବର୍ଷ ପାକିସ୍ତାନରେ ଭୟାବହ ବନ୍ୟା ଅନେକଙ୍କ ପ୍ରାଣ ନେଇଥିବାବେଳେ ଆମେରିକା ଓ ୟୁରୋପରେ ଭୀଷଣ ବନାଗ୍ନି ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ପରିବେଶ ସୁରକ୍ଷା ପାଇଁ ଚାଇନା ବୈଦ୍ୟୁତିକ ପଦ୍ଧତିକୁ ଆପଣାଇଛି। ଇଲେକ୍ଟ୍ରିକ୍ କାର ନିର୍ମାଣ କ୍ଷେତ୍ରରେ ଚାଇନା ବିଶ୍ୱ ନେତା ପାଲଟିଛି। ବର୍ତ୍ତମାନ ସମୟରେ ଭାରତର କିଛି ସହରରେ ଇଲେକ୍ଟ୍ରିକ୍ ବସ୍ ଚାଲିବା ଆରମ୍ଭ ହୋଇଥିବାବେଳେ ୨୭ଟି ସହରରେ ମେଟ୍ରୋ ସିଷ୍ଟମ ଦେଖିବାକୁ ମିଳିଛି। ପରିବେଶ ପ୍ରଦୂଷଣ ରୋକିବା କ୍ଷେତ୍ରରେ ବୈଦ୍ୟୁତିକ ଯାନ ସାହାଯ୍ୟ କରିବ। ଲୋକମାନେ ଇନ୍ଧନ ଚାଳିତ କାର୍ କିଣିବା ପରିବର୍ତ୍ତେ ଇଲେକ୍ଟ୍ରିକ୍ ଯାନ ବ୍ୟବହାର ପ୍ରତି ଆଗ୍ରହ ପ୍ରଦର୍ଶନ କରିବା ଆବଶ୍ୟକ।

# ଅଧିକ ସମୟ କାମକୁ ଲୋକୋପାଇଲଟଙ୍କ ବିରୋଧ

## ଷ୍ଟେଶନରେ ପୋଷ୍ଟର ଲଗାଇ କଲେ ପ୍ରତିବାଦ

ସମ୍ବଲପୁର,୧୧।୬(ବ୍ୟୁରୋ)

ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣା ପରେ ରେଳ ମନ୍ତ୍ରାଳୟ ତତ୍ପରତା ଦେଖାଇ ତଦନ୍ତ ଆରମ୍ଭ କରିଛି । ଦୁର୍ଘଟଣାର ବିଭିନ୍ନ କାରଣକୁ ନେଇ ଆଲୋଚନା ହେଉଥିବାବେଳେ ଏବେ ସିବିଆଇ ତଦନ୍ତ ଭାର ନେଇଛି। ଲୋକୋପାଇଲଟ ଓ ଅନ୍ୟ ରେଳ କର୍ମଚାରୀ ଧାର୍ଯ୍ୟ ସମୟଠାରୁ ଅଧିକ ସମୟ ଡ୍ୟୁଟି କରୁଥିବା ଯୋଗୁ ମାନସିକ ଓ ଶାରୀରିକ ଚାପଗ୍ରସ୍ତ ହେବା ଦୁର୍ଘଟଣାର ଏକ କାରଣ ବୋଲି ମଧ କୁହାଯାଉଛି। ଏହି ଦୁର୍ଘଟଣା ପରେ ଏବେ ଲୋକୋପାଇଲଟ ଓ ରେଳ ମନ୍ତ୍ରାଳ ଅନ୍ୟ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ଅଧିକ ସମୟ କାମ କରିବାକୁ ନେଇ ବିରୋଧ କରି ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି। ଝାରସୁଗୁଡା ଓ ବ୍ରଜରାଜନଗର ରେଳ ଷ୍ଟେଶନରେ ପୋଷ୍ଟର ଲଗାଇ ଓଭର ଡ୍ୟୁଟିକୁ ପ୍ରତିବାଦ କରିଛନ୍ତି। ଏହି ପୋଷ୍ଟରରେ କାହାରି ନାମ ନାହିଁ । ପୋଷ୍ଟର ତଳେ ଇଂଲିଶରେ ଏଆଇଏଲ୍ଆର୍ଏସ୍ଏ/ବିଆର୍ଜେଏନ୍ ବୋଲି ଉଲ୍ଲେଖ ରହିଛି। ଏଥିରେ ହିନ୍ଦୀ ଭାଷାରେ ଲୋକୋପାଇଲଟ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ପୋଷ୍ଟରକୁ ଦେଖି ଟ୍ରେନ ଯାତ୍ରୀ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି। ଷ୍ଟେଶନ ଭିତରେ କିଭଳି ଭାବେ ଏଭଳି ପୋଷ୍ଟର ଲଗାଯାଇଛି ତାହାକୁ ନେଇ ମଧ୍ୟ ଆଲୋଚନା ଜୋର ଧରିଛି। ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି ଯେ, ୧୨– ୧୪ ଘଣ୍ଟା କାମ କରାଇବା ନିୟମ ବିରୋଧୀ, ଅମାନବୀୟ ଓ ଅସୁରକ୍ଷିତ। ଏଚ୍ପିସି ନିୟମ ଅନୁସାରେ ୯ଘଣ୍ଟା କାମ ପାଇଁ ନିୟୋଜିତ କରନ୍ତୁ। ବୁକ୍ ଅଫ୍ ବାହାନାରେ ଅଧିକାରୀଙ୍କ ଦ୍ୱାରା ମାନସିକ ନିର୍ଯାତନା ଚଳିବ ନାହିଁ। ଅଧିକ ସମୟ କାମ ନ କଲେ କାର୍ଯ୍ୟାନୁଷ୍ଠାନ ନେବା ଧମକ ଦେବା ବନ୍ଦ କରାଯାଉ। ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ରୋକ ଲଗାଯାଉ। ଏଭଳି ବିରୋଧ କରି ପୋଷ୍ଟରଗୁଡିକ ଲଗାଯାଇଛି। ଜଣେ ଅଧିକାରୀଙ୍କ ପଦବୀକୁ ନେଇ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରି ଲେଖାଯାଇଛି। ହେଲେ ଏହି ପୋଷ୍ଟରଗୁଡିକ ରେଳ କର୍ମଚାରୀ ଲଗାଇଛନ୍ତି ନା ବାହାର ଲୋକ ତାହା ମଧ୍ୟ ତଦନ୍ତ ସାପେକ୍ଷ। ଏନେଇ ବ୍ରଜରାଜନଗର ଷ୍ଟେଶନର ସିଏସ୍ଏମ୍ ଦେବେନ୍ଦ୍ର ପାଣିଗ୍ରାହୀ କହିଛନ୍ତି, ଏ ସମ୍ପର୍କରେ କିଛି କହିପାରିବି ନାହିଁ। କେଉଁ ସଙ୍ଗଠନ ହୁଏତ ଲଗାଇଥାଇପାରେ।



ଷ୍ଟେଶନରେ ଲାଗିଥିବା ପୋଷ୍ଟର।

## ବାହାନଗା ଟ୍ରେନ ଦୁର୍ଘଟଣା

# ମୃତ ଯାତ୍ରୀଙ୍କ ଉଦ୍ଦେଶ୍ୟରେ ମୁଣ୍ଡନ

ବାହାନଗା, ୧୧।୬(ଡି.ଏନ୍.ଏ.)

ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ ଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବାହାନଗା, ସୋର ଅଞ୍ଚଳବାସୀ ଓ ବାଲେଶ୍ୱରର ସାମାଜିକ ସଙ୍ଗଠନ ପକ୍ଷରୁ ଦଶାହ ଓ ମୁଣ୍ଡନ ଅନୁଷ୍ଠିତ ହୋଇଛି। ଯେଉଁମାନେ ମୃତଦେହକୁ ଉଦ୍ଧାର କରିଥିଲେ ସେମାନେ ଦଶାହ ଘାଟରେ ମୁଣ୍ଡନ ହୋଇଥିଲେ। ଦଶାହ କାର୍ଯ୍ୟକ୍ରମର ଘାଟ ବାହାନଗା ଚନ୍ଦନ ପୋଖରୀରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୧୮ ଜଣ ମୁଣ୍ଡନ ହୋଇଥିଲେ। ପରେ ବିଧି ଅନୁଯାୟୀ ଦଶାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ବାହାନଗା ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ କରାଯାଉଛି। ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଅନୁଷ୍ଠିତ ହେବ। ସୋମବାର ବିଶ୍ୱଶାନ୍ତି ମହାଯଜ୍ଞ, ଅଷ୍ଟପ୍ରହରୀ, ନାମସଙ୍କୀର୍ତ୍ତନ ହେବା ସହିତ ଅଖଣ୍ଡ ଗାୟତ୍ରୀମନ୍ତ୍ର ଜପ କରିବା ସହିତ ଦିନ ୧୦ଟାରେ ସର୍ବଧର୍ମ ପ୍ରାର୍ଥନା ସଭା, ଶ୍ରଦ୍ଧାଞ୍ଜଳି ସହିତ ସାମୂହିକ ବେଦପାଠ ସହ ଦୀପଦାନ କରାଯିବ। ସେହିପରି ବାର ଦିନ ଦିନ କଳସ ଶୋଭାଯାତ୍ରା, ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ସମେତ ଭିତମ୍ବରା ଆର୍ନ୍ତଜାତୀୟ ସଂସ୍ଥା ତରଫରୁ ୫ହଜାର ୮ ଦୀପ ଦାନ ଏବଂ ଅମୃତଧାରା ସତ୍ସଙ୍ଗ ସମାରୋହ ଅନୁଷ୍ଠିତ ହେଉଛି। ବାହାନଗା, ସୋର ଓ ବାଲେଶ୍ୱରର ଏକ ସାମାଜିକ ସଙ୍ଗଠନର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୋର ଭ୍ରମରବର ନାୟକ,


ବାହାନଗାର ଶରତ ଚନ୍ଦ୍ର ରାଜ, ଆଶ୍ୱନୀ ମହାପାତ୍ର, ନିଳାମ୍ବର ମହାଳିକ, ବିଜୟ ପାଣିଗ୍ରାହୀ, ବ୍ରଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ଜଙ୍ଗଲ ରାସ୍ତାରେ ମହିଳାଙ୍କୁ ହତ୍ୟା


ଅପୂର୍ବ ଷାଣ୍ଡ

- ଘଟଣାସ୍ଥଳରୁ ପିନ୍ଧାଲୁଗା, ଚପଲ, ଟାଙ୍ଗିଆ ଜବତ କଲା ପୋଲିସ
- ସନ୍ଧାନୀ କୁକୁର ନେଇ ପୋଲିସର ଛାନଭିନ୍ ଆରମ୍ଭ

ବୌଦ୍ଧ,୧୧।୬(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖରଭୂଇଁ-ସରାଡିଖୋଲ ଜଙ୍ଗଲ ରାସ୍ତାର କନ୍ଦାବାରି ନିକଟରୁ ପୋଲିସ ରବିବାର ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ଆମ୍ବ ଗୋଟେଇବାକୁ ଯାଇଥିବା ଏହି ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରୁ ପିନ୍ଧାଲୁଗା, ଚପଲ ଓ ଟାଙ୍ଗିଆ ଜବତ କରିଛି। ପ୍ରକାଶ ଯେ, ଗତ ଶନିବାର ସକାଳେ ଖରଭୂଇଁ ଗ୍ରାମର ଅପୂର୍ବ ଷାଣ୍ଡ (୪୮) ଘରପାଖରୁ ପ୍ରାୟ ୨ କିଲୋମିଟର ଦୂରରେ ଥିବା କନ୍ଦାବାରିକୁ ଆମ୍ବ ଗୋଟାଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ ତାଙ୍କର କୌଣସି ପତ୍ତା ପାଇ ନ ଥିଲେ। ରବିବାର ସକାଳେ କନ୍ଦାବାରିକୁ ଯାଇ ଖୋଜାଖୋଜି କରିବା ସମୟରେ ତାଙ୍କ ମୃତଦେହ ଖରଭୂଇଁ-ସରାଡିଖୋଲ ରାସ୍ତାର ଏକ କ୍ରଶର ନିକଟରେ ପଡିଥିବା ଦେଖିବାକୁ ପାଇଥିଲେ। ମୃତଦେହ ଉପରେ ଏକ ଓଜନିଆ ପଥର ଲଦି ଦିଆଯାଇଥିଲା। ଶରୀରର ବିଭିନ୍ନ ସ୍ଥାନରେ ଟାଙ୍ଗିଆରେ ହଣା ଯିବା ଚିହ୍ନ ଥିବା ଦେଖିବାକୁ ମିଳିଥିଲା। ପାଖରେ ଚପଲ, ଟାଙ୍ଗିଆ ପଡିଥିଲା। ଏନେଇ ଅପୂର୍ବଙ୍କ ପୁତୁରା ପ୍ରଦିପ ଷାଣ୍ଡ ହରଭଙ୍ଗା ଥାନାରେ ତାଙ୍କ ଅପାକୁ କେହି ହତ୍ୟା କରିଥିବା ନେଇ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସନ୍ଧାନୀ କୁକୁର ସାହାଯ୍ୟରେ ଘଟଣାସ୍ଥଳରେ ତଦନ୍ତ କରାଯାଇଥିଲା। ତେବେ ପୋଲିସ କୌଣସି ସୁରାକ ପାଇ ପାରିନାହିଁ। ଏନେଇ ପୋଲିସ ନମ୍ବର ୭୫/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣା ସମ୍ପର୍କରେ ହରଭଙ୍ଗା ଥାନା ଏସଆଇ ପୂର୍ଣ୍ଣଚନ୍ଦ୍ର କିଷାନଙ୍କୁ ପଚାରିବାରେ ଘଟଣାର ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ। ଏ ନେଇ ତଦନ୍ତ ଚାଲିଥିବା ସେ ପ୍ରକାଶ କରିଥିଲେ।

# ଦଶାହ କର୍ମରେ ବାଧକ ସାଜିଲା ଡିଏନ୍ଏ ରିପୋର୍ଟ

ଭୁବନେଶ୍ୱର ୧୧।୬(ବ୍ୟୁରୋ)

ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାକୁ ରବିବାର ୧୦ଦିନ ବିତିଛି। ମୃତଦେହ ଉଦ୍ଧାର କରିଥିବା ବାହାନଗାବାସୀ ମୃତକଙ୍କ ପାଇଁ ସମୂହ ଦଶାହ କର୍ମ କରିବା ସହ ମୁଣ୍ଡନ ହୋଇଛନ୍ତି। ହେଲେ ମୃତଦେହ ପାଇବାକୁ ଚାହିଁ ରହିଥିବା ପରିବାର ଓ ସମ୍ପର୍କୀୟମାନେ ଦଶାହ କର୍ମ କରି ନ ପାରି ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି। ଏବେ ସୁଦ୍ଧା ଏମ୍ସରେ ୮୧ ମୃତଦେହ ଚିହ୍ନଟ ହୋଇପାରି ନାହିଁ। ଏସବୁର ଡିଏନ୍ଏ ପରୀକ୍ଷା ପାଇଁ ଦିଲ୍ଲୀକୁ ନମୁନା ପଠାଇଯାଇଛି। ତେବେ ଡିଏନ୍ଏ ରିପୋର୍ଟ ଆସି ନ ଥିବାରୁ ଦଶାହ କର୍ମରେ ବାଧା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏହି ଦୁର୍ଘଟଣାରେ ଅନେକ ଯାତ୍ରୀ ନିଖୋଜ ଥିବା ଅଭିଯୋଗ ହେଉଛି। ତେଣୁ ସେମାନଙ୍କ ପରିବାର ମଧ ନାନା ଆଶା ଓ ଆଶଙ୍କାରେ ରହି ଦଶାହ କରିପାରି ନ ଥିବା ଜଣାପଡିଛି।

ବାହାନଗା ରେଳ ଦୁର୍ଘଟଣାରେ ୨୮୮ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଚିହ୍ନଟ ଲାଗି ୧୬୨ ମୃତଦେହକୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ଅଣାଯାଇଥିଲା। ଇତିମଧ୍ୟରେ ୮୧ ମୃତଦେହକୁ ଚିହ୍ନଟ ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବାକି ୮୧ ମୃତଦେହ କଣ୍ଟେନର ମଧ୍ୟରେ ରଖାଯାଇଛି। ରାଜ୍ୟ ତଥା ବାହାରୁ ଆସିଥିବା ଅନେକ ଲୋକ ନିଜ ପରିବାର ସଦସ୍ୟ ବା ସମ୍ପର୍କୀୟଙ୍କ ମୃତଦେହ ନେବାଲାଗି ଅପେକ୍ଷା କରି ପଡ଼ି ରହିଥିବାବେଳେ ଏମ୍ସ ପକ୍ଷରୁ ଦିଲ୍ଲୀକୁ ପଠାଯାଇଥିବା ଡିଏନ୍ଏ ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବାରୁ ଚିହ୍ନଟ ପ୍ରକ୍ରିୟା ଆଗେଇ ପାରିନାହିଁ। ଗତ ୫ ତାରିଖରେ ଏକ ଖବରଦାତା ସମ୍ମିଳନୀରେ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଥିଲେ, ମୃତକଙ୍କ ଚିହ୍ନଟ ପ୍ରକ୍ରିୟାରେ ଅସୁବିଧା ଯୋଗୁ ଡିଏନ୍ଏ ଟେଷ୍ଟିଂକୁ ଶେଷ ବିକଳ୍ପ ଭାବେ ଗ୍ରହଣ କରିଛୁ। ୪ରୁ ୫ ଦିନ ମଧ୍ୟରେ ଡିଏନ୍ଏ ରିପୋର୍ଟ ପଠାଇବାକୁ ଦିଲ୍ଲୀସ୍ଥିତ ଏମ୍ସକୁ ଅନୁରୋଧ କରିଛୁ। ତେବେ ୮୧ଟି ମୃତଦେହ ମଧ୍ୟରୁ ରବିବାର ସନ୍ଧ୍ୟା ସୁଦ୍ଧା ୭୫ଟିର ଡିଏନ୍ଏ ନମୁନା ସଂଗ୍ରହ କରାଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୩୩ଟି ନମୁନା ଟେଷ୍ଟିଂ ନିମନ୍ତେ ଯାଇଥିଲା। ଇତିମଧ୍ୟରେ ନମୁନା ପଠାଯିବାର ୫ଦିନ ବିତିଯାଇଥିଲେ ମଧ ରିପୋର୍ଟ ଆସି ନ ଥିବା ସୂଚନା ମିଳିଛି।

ଅନ୍ୟପଟେ ଦାୟିତ୍ୱରେ ଥିବା ବିଏମ୍ସି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି, ଏବେ ବି ୮୧ଟି ମୃତଦେହ ଚିହ୍ନଟ ହୋଇନାହିଁ। ପ୍ରଥମ ବ୍ୟାଚ୍ର ନମୁନା ଟେଷ୍ଟିଂ ନିମନ୍ତେ ପଠାଯାଇଛି। ଖୁବ୍ଶୀଘ୍ର ଦ୍ୱିତୀୟ ବ୍ୟାଚ୍ର ଡିଏନଏ ନମୁନା ପଠାଯିବାର ପ୍ରସ୍ତୁତି ଜାରି ରହିଛି। ରିପୋର୍ଟ ଆସିଲେ ପ୍ରକୃତ ମୃତଦେହ ଦାବିଦାରଙ୍କୁ ହସ୍ତାନ୍ତର କରାଯିବ। ସେଥି ଲାଗି ବିଏମ୍ସି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଟେଷ୍ଟିଂ ରିପୋର୍ଟ ଆସିଲେ ଦାୟିତ୍ୱରେ ଥିବା ବିଏମ୍ସି ଅଧିକାରୀମାନେ ମୃତକଙ୍କ ପରିବାରଙ୍କୁ ଅବଗତ କରାଇବା ସହ ଚିହ୍ନଟ ପରେ ମୃତଦେହକୁ ଠିକଣା ସ୍ଥଳରେ ସୁରକ୍ଷିତ ଭାବେ ପହଞ୍ଚାଯିବ।

# ହସ୍ପିଟାଲ ଶୌଚାଳୟରେ ନବଜାତକକୁ ଛାଡ଼ି ପଳାଇଲେ ମା’ବାପା

- ଅଭିଭାବକ, ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନାଁରେ ମାମଲା
- ଏମ୍କେସିଜି ମେଡିକାଲ ଏସ୍ଏନ୍ସିୟୁରେ ଶିଶୁପୁତ୍ର

ବ୍ରହ୍ମପୁର ଅଫିସ,୧୧।୬

ନବଜନ୍ମିତ ସନ୍ତାନ ବଞ୍ଚିବା ଆଶା ନ ଥିବା ସନ୍ଦେହ କରି ନିଷ୍ଠୁର ମା’ବାପା ତାହାକୁ ହସ୍ପିଟାଲ ପାଇଖାନାରେ ଛାଡି ପଳାଇଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣା ରବିବାର ବ୍ରହ୍ମପୁରରେ ଦେଖିବାକୁ ମିଳିଛି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡ ନିକଟସ୍ଥ ଏକ ଘରୋଇ କ୍ଲିନିକ ଶୌଚାଳୟରୁ ନବଜାତ ଶିଶୁପୁତ୍ରକୁ ଚାଇଲ୍ଡ ଲାଇନ୍ ଉଦ୍ଧାର କରିଛି। ଅବସ୍ଥା ଗୁରୁତର ଥିବାରୁ ତାହାକୁ ଏମ୍କେସିଜି ମେଡିକାଲ ଏସ୍ଏନ୍ସିୟୁରେ ଭର୍ତ୍ତି କରାଯାଇଛି। ପୋଲିସ କାଗଜପତ୍ର ଯାଞ୍ଚ କରି ଶିଶୁଟିର ମା’ବାପା ଓ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନାଁରେ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ଚାଲିଛି।

ପ୍ରକାଶ ଯେ, ଗାଙ୍ଗପୁର ଥାନା ଅଞ୍ଚଳର ଜଣେ ଗର୍ଭବତୀ ପ୍ରସବ ପାଇଁ ଉକ୍ତ ଘରୋଇ ହସ୍ପିଟାଲକୁ ଆସିଥିଲେ। ସିଜରିଆନ୍ କରାଯିବାରେ ଶିଶୁପୁତ୍ର ଜନ୍ମ ନେଇଥିଲା। ଶିଶୁଟିର ଓଜନ ୨ କେଜି ୪୦୦ ଗ୍ରାମ ରହିଥିଲା। ଦୁଇ ଗୋଡରେ ବ୍ୟତିକ୍ରମ ଥିବା ଓ ଅନ୍ୟାନ୍ୟ ଅସୁବିଧା ଥିବାରୁ ତାହାର ଅଧିକ ଚିକିତ୍ସା ଆବଶ୍ୟକ ରହିଛି ବୋଲି ଡାକ୍ତର କହିଥିଲେ। ଏହା ଜାଣିବା ପରେ ପ୍ରସୂତି ଓ ତାଙ୍କ ସ୍ୱାମୀ ବ୍ୟତିବ୍ୟସ୍ତ ହୋଇ ପଡିଥିଲେ। ସେମାନଙ୍କ ପାଖେ ଟଙ୍କା ନ ଥିବାରୁ ଚିକିତ୍ସା କରାଇ ପାରିବେନି ଓ ପିଲା ବଞ୍ଚିବନି ବୋଲି ଭାବି ସେହି ହସ୍ପିଟାଲ ଶୌଚାଳୟରେ ଛାଡି ପଳାଇଥିଲେ। ପୋଲିସ ଏହି ଖବର ପାଇବା ପରେ ଚାଇଲ୍ଡ ଲାଇନକୁ ଜଣାଇଥିଲା। ଚାଇଲ୍ଡ ଲାଇନ ଟିମ୍ ଉକ୍ତ ଘରୋଇ କ୍ଲିନିକ୍କୁ ଯାଇ ଦ୍ୱିତୀୟ ମହଲାର ଶୌଚାଳୟରୁ ଶିଶୁପୁତ୍ରକୁ ଉଦ୍ଧାର କରି ଏମକେସିଜି ମେଡିକାଲକୁ ଆଣିଥିଲା। ଶିଶୁଟି ୪ ଦିନ ତଳେ ଜନ୍ମ ନେଇଥିବା ଚାଇଲ୍ଡ ଲାଇନ ପକ୍ଷରୁ କୁହାଯାଇଛି। ଏ ନେଇ ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଯୋଗାଯୋଗ କରିବା ପରେ ଶିଶୁର ମା’ ବାପା ଅପରାହ୍ନରେ ବୈଦ୍ୟନାଥପୁର ଥାନାକୁ ଆସିଥିଲେ। ସେମାନେ ଛୁଆକୁ ହସ୍ପିଟାଲ ଶୌଚାଳୟରେ ଛାଡି ପଳାଇ ଆସିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ମଧ ନୋଟିସ ଜାରି କରାଯାଇଥିଲେ ମଧ କେହି ଥାନାକୁ ଯାଇ ନ ଥିବା ଜଣାପଡିଛି। ଏନେଇ ବ୍ରହ୍ମପୁର ଏସପି ଡା. ଶ୍ରବଣା ବିବେକ ଏମ କହିଛନ୍ତି, ବୈଦ୍ୟନାଥପୁର ଥାନାରେ ଉକ୍ତ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ଓ ଛୁଆର ମା’ ବାପାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଏ ନେଇ ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)କୁ ଜଣାଇ ଦିଆଯାଇଛି। ଛୁଆଟି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ମେଡିକାଲରୁ ଡିସଚାର୍ଜ ହେବା ପରେ କାହାକୁ ହସ୍ତାନ୍ତର କରାଯିବ ସେ ନେଇ ସିଡବ୍ଲ୍ୟୁସି ସ୍ଥିର କରିବେ ବୋଲି ଏସ୍ପି କହିଛନ୍ତି।


ଉଦ୍ଧାର ଶିଶୁ

# ମାଟ୍ରିକ୍ ବ୍ୟାଚ୍ ଭୋଜି ବେଳେ ଅଘଟଣ

## ବୋଲେରୋ ମାଡ଼ିଯାଇ ୨ ଛାତ୍ର ମୃତ

ଭୁବନ, ୧୧।୬(ଡି.ଏନ୍.ଏ.)

ଭଲ ନମ୍ବର ରଖି ପାସ୍ କରିଥିଲେ ମାଟ୍ରିକ୍। ଏହାକୁ ସ୍ମରଣୀୟ କରିବା ପାଇଁ ସମସ୍ତେ ଏକଜୁଟ ହୋଇ ଆୟୋଜନ କରିଥିଲେ ଭୋଜି। ହେଲେ ସାମୂହିକ ଭୋଜନ ପୂର୍ବରୁ ଫିକା ପଡ଼ିଯାଇଛି ଯେତକ ଖୁସି। ଭୋଜିରେ ଯୋଗଦେବାକୁ ଯାଉଥିବାବେଳେ ଏକ ଦ୍ରୁତଗାମୀ ବୋଲେରୋ ଧକ୍କାରେ ଚାଲିଯାଇଛି ୨ ଛାତ୍ରଙ୍କ ଜୀବନ। ଢେଙ୍କାନାଳ ଜିଲା ଭୁବନ ଥାନା ସୁରପ୍ରତାପପୁର ଫାଣ୍ଡି ଅଧୀନ କାଲୁଣିଗୋଡ଼ା ପୀଠ ନିକଟରେ ରବିବାର ଅପରାହ୍ନ ପ୍ରାୟ ୨ଟାରେ ଘଟିଛି ଏଭଳି ଏକ ଦୁଃଖଦ ଦୁର୍ଘଟଣା। ମୃତକ ହେଲେ ବଟକୃଷ୍ଣ ସାହୁଙ୍କ ପୁଅ ପୃଥ୍ୱୀରାଜ (୧୫) ଏବଂ ବିନୋଦ କାଣ୍ଡିଙ୍କ ପୁଅ ସୌମ୍ୟରଞ୍ଜନ (୧୫)। ଦିଲୀପ ସାମଲଙ୍କ ପୁଅ ଚନ୍ଦନ (୧୫) ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ସୁରପ୍ରତାପପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସଦ୍ୟ ମାଟ୍ରିକ୍ ପାସ୍ କରିଥିବା ୩୦ ଛାତ୍ର ଭୋଜିର ଆୟୋଜନ କରିଥିଲେ। ଯୁକ୍ତ ୨ରେ ନାମ ଲେଖାଇବା ପୂର୍ବରୁ ଏକାଠି ହୋଇଥିବାବେଳେ ଏହାକୁ ନେଇ ସମସ୍ତେ ଥିଲେ ବେଶ୍ ଉତ୍ସାହିତ। ରୋଷେଇ ନିମନ୍ତେ ସାମଗ୍ରୀ ଧରି ପୃଥ୍ୱୀରାଜ ଏବଂ ସୌମ୍ୟରଞ୍ଜନ ଆସୁଥିବାବେଳେ ରାସ୍ତାରେ ବାଇକ୍ (ନଂ. ଓଡି ୦୬ କେ ୬୬୪୮)ରେ ଆସୁଥିବା ଚନ୍ଦନଙ୍କ ସହ ସେମାନଙ୍କ ଭେଟ ହୋଇଥିଲା। ସମ୍ପୃକ୍ତ ୩ ଜଣ କୌଣସି ବିଷୟରେ ଆଲୋଚନା କରୁଥିବାବେଳେ ୫୩ନଂ. ଜାତୀୟ ରାଜପଥରୁ ସୁରପ୍ରତାପପୁରକୁ ସଂଯୋଗ କରୁଥିବା ରାସ୍ତାରେ ଏକ ଦ୍ରୁତଗାମୀ ବୋଲେରୋ ସେମାନଙ୍କ ଉପରେ ମାଡ଼ିଯାଇ ପଳାଇଥିଲା। ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ପୃଥ୍ୱୀରାଜ, ସୌମ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ଚନ୍ଦନଙ୍କୁ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସଦଳବଳ ଦୁର୍ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରିଛନ୍ତି। ଏ ନେଇ ଏକ ମାମଲା ରୁଜୁ ହୋଇଛି। ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ଧରିବା ଲାଗି ଉଦ୍ୟମ ଚଳାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଦୁଇ ଛାତ୍ରଙ୍କ ଏଭଳି ଅକାଳ ବିୟୋଗ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ବେପରୁଆ ଗାଡ଼ି ଚଳାଇ ୨ ଜୀବନ ନେଇଥିବା ବୋଲେରୋ ଡ୍ରାଇଭରଙ୍କୁ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


ପୃଥ୍ୱୀରାଜ


ସୌମ୍ୟରଞ୍ଜନ












## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେଉଁଠାରେ ଖଡୁ ଗଡୁ**
**କେଉଁ ଠାରେ ମୁଦି**
**କେଉଁ ଠାରେ ବୋଲାଉଛ**
**କରୁଣା ବାରିଧି ।**

ପିତଳ ଧାତୁରେ ଖଡୁ ,ଗଡୁ ଛୋଟ ଲୋଟା ଓ ମୁଦି ଆଦି ଗଢ଼ାଯାଇଥାଏ। ଏ ସବୁକୁ କେହି ବେଶି ପ୍ରାଧାନ୍ୟ ଦେଇ ନ ଥାନ୍ତି। କିନ୍ତୁ ପିତଳରେ ଦେବ ଦେବୀଙ୍କ ମୂର୍ତ୍ତି ଗଢ଼ା ହେଲେ ତାଙ୍କୁ ଫୁଲ ଚନ୍ଦନ ଓ ନୈବେଦ୍ୟ ଦେଇ ପୂଜା କରିଥାନ୍ତି। ସ୍ଥାନ ଓ ଉଦ୍ଦେଶ୍ୟ ଅନୁସାରେ ବସ୍ତୁର ପ୍ରାଧାନ୍ୟରେ ଭିନ୍ନତା ପରିଲକ୍ଷିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଖବାଲିଆ ଚାଟକୁ**
**କାଠଫାଳିଆ ପାହାର ।**

ପ୍ରତ୍ୟେକ କାର୍ଯ୍ୟ ପାଇଁ ଉଚିତ ସମୟ ରହିଥାଏ। ଉଚିତ ସମୟରେ କାର୍ଯ୍ୟାରମ୍ଭ ନ କଲେ ତାହା ଫସରଫାଟି ଯାଇଥାଏ। ସେହିପରି ଯଥା ସମୟରେ ବିଦ୍ୟାରମ୍ଭ ନ କଲେ ତା'ର ସୁଫଳ ମିଳିନଥାଏ। ବୟସ୍କ ଛାତ୍ରକୁ ଶାରୀରିକ ଦଣ୍ଡ ଦେଇ ପାଠପଢ଼ାରେ ମନୋନିବେଶ କରାଇବା ହାସ୍ୟାସ୍ପଦ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସାମୂହିକ ଛୁଟିରେ ଯିବେ ପ୍ରାଥମିକ ଶିକ୍ଷକ

## ୨ ଦଫା ଦାବି ପୂରଣ ହେଲାନି

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ରାଜ୍ୟର ପ୍ରାଥମିକ ଶିକ୍ଷକ ୨ ଦଫା ଦାବି ନେଇ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇବା ସତ୍ତ୍ୱେ ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ କରିନାହାନ୍ତି। ତେଣୁ ଶିକ୍ଷକମାନେ ସାମୂହିକ ଛୁଟିନେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମିଳିତ ପ୍ରାଥମିକ ଶିକ୍ଷକ ମଞ୍ଚ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଗ୍ରୀଷ୍ମ ଅବକାଶ ପରେ ବିଦ୍ୟାଳୟ ଖୋଲିବା ମାତ୍ରେ ଏହି ଆନ୍ଦୋଳନକୁ ତୀବ୍ରତର କରାଯିବ। ଏଥିପାଇଁ ୧୭ ତାରିଖରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଏନ୍‌ପିଏସ୍ ବର୍ଗର ସିଆର୍‌ସିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ। ଆବଶ୍ୟକ ସ୍ଥଳେ ବ୍ଲକ ଓ ଜିଲା ସ୍ତରରେ ଆନ୍ଦୋଳନକୁ ତୀବ୍ରତର କରାଯାଇ ଶିକ୍ଷକମାନେ ସାମୂହିକ ଛୁଟିରେ ରହି ଆନ୍ଦୋଳନ ଜାରି ରଖିବେ ବୋଲି ମଞ୍ଚର ଆବାହକ ମଳୟ କୁମାର ଜେନା ସୂଚନା ଦେଇଛନ୍ତି। ଦରମାରେ ୨୮୦୦ ଗ୍ରେଡ୍ ପେ' ପ୍ରଦାନ ସହ ଠିକା ଅବଧିର ୬ ବର୍ଷକୁ ମୂଳ ଚାକିରିରେ ଗଣନା ଓ ୬ଟି ନୋଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ ଦାବି ନେଇ ମଞ୍ଚ ପକ୍ଷରୁ ୧୯ଦିନ ଧରି ସ୍ଥାନୀୟ ଲୋୟର ପିଏମଜିରେ ଧାରଣା ଦିଆଯାଇଛି। ଏନେଇ ଗଣଶିକ୍ଷା ମନ୍ତ୍ରୀ ଓ ଶିକ୍ଷା ସଚିବଙ୍କ ସମେତ ଅନ୍ୟ ପଦାଧିକାରୀଙ୍କୁ ମଞ୍ଚ ପକ୍ଷରୁ ଦାବିପତ୍ର ଦିଆଯିବା ସହିତ ଆଲୋଚନା ମଧ୍ୟ କରାଯାଇଛି । ମାତ୍ର ଦାବି ପୂରଣ ହୋଇନଥିବାରୁ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି।

# ୩ଦିନ ହେବ ପ୍ଲାନେଟାରିୟମ୍ ବନ୍ଦ

## ସୂଚନା ନ ଥିବାରୁ ନିରାଶ ହୋଇ ଫେରୁଛନ୍ତି ଦର୍ଶକ

ଭୁବନେଶ୍ୱର, ୧୧।୬ (ବ୍ୟୁରୋ)

ପିଲାଙ୍କ ପାଇଁ ଉଭୟ ମନୋରଞ୍ଜନ ଓ ଶିକ୍ଷାର ଏକ ପ୍ରମୁଖ ମାଧ୍ୟମ ହେଉଛି ପ୍ଲାନେଟୋରିୟମ୍। ମହାକାଶ, ଗ୍ରହ, ନକ୍ଷତ୍ର ଆଦି ବିଭିନ୍ନ ମହାଜାଗତିକ ତଥ୍ୟ ଉପରେ ଜ୍ଞାନ ଲାଭ କରିବା ପାଇଁ ପ୍ରତିଦିନ ଶହ ଶହ ଛାତ୍ରୀଛାତ୍ର, ବୟସ୍କ ବ୍ୟକ୍ତି ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌କୁ ଆସିଥାନ୍ତି। ମାତ୍ର ଗତ ୩ଦିନ ହେବ ପ୍ଲାନେଟୋରିୟମ୍‌ର ମେଶିନ ଖରାପ ଥିବାରୁ ଏହାକୁ ବନ୍ଦ ରଖାଯାଇଛି। ତେବେ ପ୍ଲାନେଟୋରିୟମ୍ ବନ୍ଦ ହେବା ନେଇ କୌଣସି ସୂଚନା ନ ଥିବାରୁ ଲୋକମାନେ ଏଠାକୁ ଆସି ଅସନ୍ତୋଷର ସହ ଫେରୁଥିବା ଦେଖିବାକୁ ମିଳୁଛି। ଖରାଛୁଟି ଚାଲିଥିବାରୁ ଏହି ସମୟରେ ପ୍ଲାନେଟୋରିୟମ୍‌ରେ ଭିଡ଼ ରହିଥାଏ। ବିଶେଷକରି ଛାତ୍ରୀଛାତ୍ରମାନେ ଏଠାକୁ ଅଧିକ ଆସନ୍ତି। ମାତ୍ର ଏବେ ସେମାନଙ୍କୁ ନିରାଶ ହେବାକୁ ପଡୁଛି। ଅପରପକ୍ଷେ ସମଗ୍ର ରାଜ୍ୟରେ ଏବେ ତାତି ଓ ଗୁଳୁଗୁଳି ଅସ୍ତବ୍ୟସ୍ତ କରୁଥିବାବେଳେ ବିଶେଷକରି ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରୁ ଏଠାକୁ ଛାତ୍ରୀଛାତ୍ରମାନେ ଶୋ' ଦେଖିବାକୁ ଆସୁଛନ୍ତି। ଦିନକ ପରେ ରଜ ପର୍ବ ଆରମ୍ଭ ହେଉଛି। ଗତବର୍ଷ ରଜ ସମୟରେ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ସର୍ବାଧିକ ଆୟ କରି ରେକର୍ଡ କରିଥିଲା। ମାତ୍ର ଏଥର ରେକର୍ଡ କରିବା ଦୂରର କଥା ରଜ ବେଳକୁ ପ୍ଲାନେଟୋରିୟମ୍ ଖୋଲି ପାରୁଛି କି ନାହିଁ ତାହା ସନ୍ଦେହ। ଏନେଇ ପ୍ଲାନେଟୋରିୟମ୍‌ର ଟେକ୍ନିସିଆନ୍ ସୁଶାନ୍ତ କୁମାର ବାନରା କହିଛନ୍ତି, ମେଶିନ୍‌ରେ କିଛି ସମସ୍ୟା ଥିବାରୁ ଏବେ ପ୍ଲାନେଟୋରିୟମ୍ ବନ୍ଦ ରହିଛି। ମୁମ୍ବାଇରୁ ଜଣେ ଟେକ୍ନିସିଆନ୍‌ଙ୍କୁ ଡକାଯାଇଛି। ସେ ବୁଧବାର ସକାଳେ ଭୁବନେଶ୍ୱରରେ ପହଞ୍ଚିବେ। ଯଦି ସେହିଦିନ ମେଶିନ ସଜଡା ସରିବ ତେବେ ଉପରବେଳା ଆମେ ଶୋ' ଆରମ୍ଭ କରିବୁ। ହଠାତ୍ ମେଶିନ ଖରାପ ହେବାରୁ ପ୍ରଥମଦିନ ବହୁତ ଲୋକ ଭିତରକୁ ଆସି ମଧ୍ୟ ଫେରିଯାଇଥିଲେ। ମାତ୍ର ଗେଟ୍ ପାଖରେ ଆମେ ନୋଟିସ୍ ଲଗାଇଛୁ। ଖୁବ୍‌ଶୀଘ୍ର ପୁଣିଥରେ ପ୍ଲାନେଟୋରିୟମ୍‌ରେ ଶୋ' ଆରମ୍ଭ ହେବ ବୋଲି ସୁଶାନ୍ତ କହିଛନ୍ତି।

# ପେଟାନାଳ ରାଜନୀତି, ଶ୍ରେୟ ନେବାକୁ ଟଣାଓଟରା

କଟକ ଅଫିସ,୧୧।୬

ସିଡିଏ ପେଟାନାଳ ପୁନରୁଦ୍ଧାର କାର୍ଯ୍ୟକୁ ନେଇ ବିଜେଡି-କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି। ଏହି କାର୍ଯ୍ୟ ପାଇଁ ୩୮କୋଟି ଟଙ୍କା ଅନୁମୋଦନ କରାଯାଇଛି। ତେବେ ଏହି କାର୍ଯ୍ୟର କିଏ ଶ୍ରେୟ ନେବ ତାହାକୁ ନେଇ ରାଜନୀତି ଜୋର୍ ଧରିଛି। ଗତ ଶନିବାର କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ପେଟାନାଳ ପୁନରୁଦ୍ଧାର କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହାକୁ ନେଇ ପ୍ରଥମେ ମେୟର ଓ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ମଧ୍ୟରେ ମତଭେଦ ଦେଖିବାକୁ ମିଳିଥିଲା। ପରେ ଉଭୟଙ୍କୁ କଡ଼ା ସମାଲୋଚନା କରିଛନ୍ତି କଂଗ୍ରେସ ବିଧାୟକ ଇଂ. ମହମ୍ମଦ ମୋକିମ। ପେଟାନାଳ ପୁନରୁଦ୍ଧାର ପାଇଁ ମୋକିମ ବିଭିନ୍ନ ସମୟରେ ବିଧାନସଭାରେ ଦାବି ଉପସ୍ଥାପନ କରିଥିଲେ। ଏପରି କି ପେଟାନାଳ ଭିତରେ ପଶି ପ୍ରତିବାଦ କରିଥିଲେ। ହେଲେ ଏହି ଶୁଭାରମ୍ଭ କାର୍ଯ୍ୟରେ ବିଧାୟକଙ୍କୁ କାହିଁକି ଡକାଗଲାନି ବୋଲି କଂଗ୍ରେସ କର୍ମୀମାନେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ମୋକିମ୍ କହିଛନ୍ତି, ସିଡିଏ ପେଟାନାଳ ଯଦି ଦେବାଶିଷଙ୍କ ଡ୍ରିମ୍ ପ୍ରୋଜେକ୍ଟ ଥିଲା, ତାହାହେଲେ ସେ ୧୦ ବର୍ଷ ବିଧାୟକ ଥିବାବେଳେ କେମିତି କିଛି କାମ କଲେନି। ସେହିପରି ମେୟରଙ୍କୁ ମୋକିମ୍ କହିଛନ୍ତି, ମେୟରଙ୍କ ଏହା ହୀନ ରାଜନୀତି। ମେୟର ହେବା ଆଗରୁ ହିଁ ପ୍ରକଳ୍ପର ରୂପରେଖ ଚୂଡ଼ାନ୍ତ ହୋଇଥିଲା। ମୁଁ ବିଧାନସଭାରେ ଏନେଇ ବାରମ୍ବାର ଦାବି ଉପସ୍ଥାପନ କରିଆସିଛି। ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କରିଥିବାରୁ ସରକାର ଏ କାମ କରିବାକୁ ବାଧ୍ୟ ହୋଇଛନ୍ତି। ଆଉ ମିଛ ଶ୍ରେୟ ନେବାକୁ ମେୟର ଓ କମିଶନର ମିଳିତ ଭାବେ କାମର ଶୁଭ ଦେଇଛନ୍ତି ବୋଲି ମୋକିମ କହିଛନ୍ତି। ଅପରପକ୍ଷରେ ପେଟାନାଳ କାମର ଶ୍ରେୟ ଦେବାଶିଷ ନେବା ସହ ମେୟରଙ୍କୁ ସେ କଟାକ୍ଷ କରିଛନ୍ତି।

# ସ୍ପେସ୍‌ଏକ୍ସରେ ୧୪ ବର୍ଷୀୟ ଇଞ୍ଜିନିୟର

କାଲିଫର୍ନିଆ, ୧୧।୬

ଏଲନ ମସ୍କଙ୍କ ସ୍ପେସ୍‌ଏକ୍ସରେ କାମ କରିବେ ଜଣେ ୧୪ ବର୍ଷୀୟ ବାଳକ। କାଇରାନ କ୍ୱାଜି ନାମକ ଏହି ବାଳକ ସ୍ପେସ୍‌ଏକ୍ସରେ ସଫ୍ଟୱେର୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରିବେ। ଇଞ୍ଜିନିୟର ଚୟନ ଲାଗି କରାଯାଇଥିବା ଟେକ୍‌ନିକାଲି ଚ୍ୟାଲେଞ୍ଜିଙ୍ଗ୍ ଏବଂ ଫନ୍ ଇଣ୍ଟରଭ୍ୟୁରେ କ୍ୱାନ୍ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍ପେସ୍‌ଏକ୍ସରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ମଧ୍ୟରେ କ୍ୱାଜି ସର୍ବକନିଷ୍ଠ କର୍ମଚାରୀ ହୋଇଥିବା ଏଲ୍‌ଏ ଟାଇମ୍ସରେ ପ୍ରକାଶିତ ଖବରରେ କୁହାଯାଇଛି। ମାତ୍ର ୧୧ ବର୍ଷ ବୟସରୁ କ୍ୱାଜି କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ପଢ଼ା ଆରମ୍ଭ କରିଥିଲେ। ସାଣ୍ଟା କ୍ଲାରା ୟୁନିଭର୍ସିଟିରୁ ଚଳିତ ମାସରେ ସେ ଗ୍ରାଜୁଏଟ୍ ହୋଇଛନ୍ତି। ସ୍ପେସ୍‌ଏକ୍ସରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରିବା ଲାଗି କ୍ୱାଜି ବେଶ୍ ଉତ୍ସାହିତ ଥିବାବେଳେ କମ୍ପାନୀକୁ ନିଜ ଟାର୍ଗେଟ୍ ହାସଲ କରାଇବାରେ ସାହାଯ୍ୟ କରିବେ ବୋଲି କ୍ୱାଜି କହିଛନ୍ତି। ଚାକିରି ଲାଗି ସେ ଏବେ ତାଙ୍କ ମା'ଙ୍କ ସହ କାଲିଫର୍ନିଆର ପିଜାଣ୍ଟୋନରୁ ରାଡମୋଣ୍ଡ ସ୍ଥାନାନ୍ତର ହେବାକୁ ଯୋଜନା କରୁଛନ୍ତି। ସ୍ପେସ୍‌ଏକ୍ସରେ ସଫ୍ଟୱେର ଇଞ୍ଜିନିୟର ପଦ ପାଇଁ ବଛାଯିବା ପରେ କମ୍ପାନୀ ପକ୍ଷରୁ ଦିଆଯାଇଥିବା ଅଫର୍ ଲେଟର ଫଟୋ କ୍ୱାଜି ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସ୍କୁଲ ପାଠପଢ଼ା କ୍ୱାଜିଙ୍କୁ ପସନ୍ଦ ନ ଥିଲା। ତାଙ୍କୁ ଯେତେବେଳେ ୯ ବର୍ଷ ହୋଇଥିଲା ସେ ଏ କଥା ଘରେ ଜଣେଇଥିଲେ। ଏହାପରେ କ୍ୱାଜିଙ୍କ ମା' ଏକ କମ୍ୟୁନିଟି କଲେଜରେ ତାଙ୍କ ନାମ ଲେଖାଇ ଦେଇଥିଲେ। କଲେଜ ପାଠପଢ଼ା ତାଙ୍କୁ ଭଲ ଲାଗିଥିଲା। ଖାଲି ସମୟରେ ସାଇନ୍ସ ଫିକ୍ସନ ଷ୍ଟୋରି ବହି ପଢ଼ିବା ସାଙ୍ଗକୁ ଗେମ୍ ଖେଳିବା ତାଙ୍କୁ ଭଲଲାଗେ। ଏହାଛଡ଼ା ଖବର ଓ କରେଣ୍ଟ ଆଫେୟାର୍ସକୁ ନେଇ ପିଲାବେଳୁ କ୍ୱାଜିଙ୍କ ମନରେ ରୁଚି ଥିଲା।



କାଇରାନ କ୍ୱାଜି

# କୋଇଲା ବୋଝେଇ ଟ୍ରେନ୍ ୱାଗନ୍‌ରେ ନିଆଁ




କୋଇଲା ବୋଝେଇ ଟ୍ରେନ୍ ୱାଗନ୍‌ରେ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

ଖୁଣ୍ଟୁଣୀ,୧୧।୬(ଡି.ଏନ୍.ଏ.)

କଟକ ଜିଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାକିଶୋରପୁର ରେଳ ଷ୍ଟେଶନରେ ଏକ କୋଇଲା ବୋଝେଇ ଟ୍ରେନ୍‌ର ଗୋଟିଏ ୱାଗନରେ ନିଆଁ ଲାଗିଯାଇଥିଲା। ଖବରପାଇ ଆଠଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଏମ୍‌ଡିବି କେଏଲ-୩ ନମ୍ବର ବିଶିଷ୍ଟ ଏକ କୋଇଲା ବୋଝେଇ ଟ୍ରେନ୍ ତାଳଚେରରୁ କୋଇଲା ନେଇ ଶନିବାର ରାତି ୮ଟାରେ ରାଧାକିଶୋରପୁର ଷ୍ଟେଶନରେ ଅଟକି ରହିଥିଲା। ରାତି ପ୍ରାୟ ୩ଟାରେ ଉକ୍ତ ଟ୍ରେନ୍‌ର ୩୦୪୪୨ ନଂ. ୱାଗନରେ ଧୂଆଁ ବାହାରୁଥିବା କାର୍ଯ୍ୟରତ ଆରପିଏଫ୍ ଦେଖି ଷ୍ଟେଶନ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଷ୍ଟେଶନ ମ୍ୟାନେଜର ଏସ୍.କେ. ନସ୍କର ଏ ସମ୍ପର୍କରେ ଆଠଗଡ଼ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ରବିବାର ସକାଳେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ମଧ୍ୟାହ୍ନରେ ଏହି ଟ୍ରେନ୍ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲା। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ଏଥିରେ ବିଶେଷ କ୍ଷତି ଘଟି ନ ଥିବା ଷ୍ଟେଶନ ମ୍ୟାନେଜର କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ରଥଯାତ୍ରାରେ ଡ୍ରୋନ...

ନିୟମ ଉଲ୍ଲଂଘନ କରି ଡ୍ରୋନ ଉଡ଼ାଇ ଆଇନଗତ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଛନ୍ତି। ତେଣୁ ରଥଯାତ୍ରାରେ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଡ୍ରୋନ ଉଡ଼ାଇବା ଉପରେ କଟକଣା ଲାଗୁ କରାଯାଇଛି। ଡ୍ରୋନ ନିୟମ ୨୦୨୧ର ନିୟମ ଅନୁଯାୟୀ ଶ୍ରୀମନ୍ଦିର ଚାରିପାଖକୁ ରେଡ ଜୋନ୍ ଭାବେ ଘୋଷଣା କରାଯାଇଛି। ଏଣୁ ରୁଲ ୨୨ ଅନୁଯାୟୀ ମନ୍ଦିର ପରିସରରେ ଡ୍ରୋନ ଉଡ଼ାଣ ଅବୈଧ ଅଟେ। ତେଣୁ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣ ବେଆଇନ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ବୈଧ ପରିଚୟ ନମ୍ବର ବିନା କୌଣସି ଡ୍ରୋନ ଅପରେଟର ଡ୍ରୋନ ଉଡାଇବା ଠିକ୍ ନୁହେଁ। ଡ୍ରୋନ ଉଡାଇବା ସମୟରେ ଯଦି କୌଣସି ଧନ ଜୀବନ ବା ସମ୍ପତ୍ତି ନଷ୍ଟ ହୁଏ ସେଥିପାଇଁ ଡ୍ରୋନ ଅପରରେଟର ଦାୟୀ ରହିବେ। କୌଣସି ଡ୍ରୋନକୁ ଶ୍ରୀମନ୍ଦିର ତଥା ରଥ ନିକଟରେ ଉଡ଼ାଇବାକୁ ଦିଆଯିବ ନାହିଁ। ତେବେ ଡ୍ରୋନଗୁଡିକର ପ୍ରମାଣପତ୍ର ଯାଞ୍ଚ କରିବା ପାଇଁ ଗୋଟିଏ ୱିଣ୍ଡୋ ସିଷ୍ଟମ ପୁରୀରେ କାର୍ଯ୍ୟ କରିବ। ଏ ନେଇ ପୋଲିସ ବିଭାଗ ପକ୍ଷରୁ ନମ୍ବର ପ୍ରଦାନ କରାଯାଇଛି। ଡ୍ରୋନ ଅପରେଟରମାନେ ପୋଲିସ କାର୍ଯ୍ୟାଳୟକୁ ଆସି ଯୋଗାଯୋଗ କରିପାରିବେ। ତେବେ ଟ୍ରାଫିକ, ଜନଗହଳି ଏବଂ ସମୁଦ୍ରକୂଳର ସୁରକ୍ଷାର ନଜର ରଖିବା ପାଇଁ ପୋଲିସ ପକ୍ଷରୁ ଉକ୍ତ ସମୟରେ ଡ୍ରୋନର ବ୍ୟବହାର କରାଯାଇପାରିବ। ଅଣ ଅନୁମୋଦିତ ଡ୍ରୋନ ବ୍ୟବହାରକାରୀଙ୍କ ଉପରେ ନଜର ରଖିବ। ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଅପରପକ୍ଷେ ଡ୍ରୋନ ସମ୍ବନ୍ଧୀୟ କୌଣସି ପ୍ରଶ୍ନ କିମ୍ବା ଅଭିଯୋଗ ପାଇଁ ପୋଲିସ ପକ୍ଷରୁ ହେଲ୍ପଲାଇନ ନମ୍ବର ୬୩୭୦୯୬୭୧୦୦ ସହିତ ଯୋଗଯୋଗ କରିବା ପାଇଁ ନମ୍ବର ଜାରି କରିଛି। ତେବେ ସମସ୍ତେ ଏ ନେଇ ପୋଲିସକୁ ସହଯୋଗ କରିବା ପାଇଁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

### ଟଳି ପଡ଼ିଲା ହକି ...

ପ୍ଲାଟଫର୍ମ ସହ ଉପୁଡି ପଡିଥାନ୍ତା। ମାତ୍ର ତାହା ନ ହୋଇ ଷ୍ଟାଚ୍ୟୁ ପାଦତଳୁ ଭାଙ୍ଗିଛି। ଏଣୁ ମୂର୍ତ୍ତିରେ ଫାଟ, ପ୍ରାକୃତିକ ପ୍ରଭାବ ଓ ସମ୍ପୃକ୍ତ ସଂସ୍ଥାର କାର୍ଯ୍ୟକାରିତା ଉପରେ ତଦନ୍ତ କରାଯିବ। ପବନ କିମ୍ବା କାର୍ଯ୍ୟରେ ତ୍ରୁଟି ଯୋଗୁ ଏଭଳି ହୋଇଛି ତାର ତୃଣମୂଳ ସ୍ତରରେ ତଦନ୍ତ ଚାଲିଛି। ତଦନ୍ତ ପରେ କାରଣ ଜଣାପଡିବ ବୋଲି ମହାପାତ୍ର କହିଥିଲେ।

### ଓଡ଼ିଶାରୁ ବଢ଼ୁଛି ...

ସୌମ୍ୟଙ୍କ ସମେତ ନୟାଗଡ଼ ଜିଲା ଇଟାମାଟି ଥାନା ଅନ୍ତର୍ଗତ ବଡ଼ପଣ୍ଡୁସର ଗ୍ରାମର ଆଇଟିଆଇ ଶିକ୍ଷକ ପଠାଣି ସାମନ୍ତ ଲେଙ୍କା ଓ ଦଶପଲ୍ଲା ଥାନା ଅନ୍ତର୍ଗତ ପୋଇବାଡ଼ି ଗ୍ରାମର ସରୋଜ କୁମାର ନାୟକ (୨୬)ଙ୍କୁ ଗିରଫ କରିଥିଲା। ସେହିପରି ଗତ ୭ ତାରିଖରେ ୪ର୍ଥ ଅଭିଯୁକ୍ତ ନୟାଗଡ଼ ଜିଲା ନୂଆଗାଁ ଥାନା ଅଞ୍ଚଳର ପ୍ରଦ୍ୟୁମ୍ନ କୁମାର ସାହୁ (୩୨)ଙ୍କୁ ଗିରଫ କରିଥିଲା। ପ୍ରଦ୍ୟୁମ୍ନ ଜଣେ ଗ୍ରାଜୁଏଟ। ସେ ଆଇଡିଆ ଟେଲିକମ୍ କମ୍ପାନୀର ଟେରିଟୋରି ସେଲ୍ସ ଏକ୍‌ଜିକ୍ୟୁଟିଭ୍ ଓ ଜିଓ ପଏଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ପରେ ସେ ବ୍ଲାକ ବକ୍ ଓ ଫାସ୍‌ଟାଗ୍ କମ୍ପାନୀରେ କାମ କରୁଛନ୍ତି। ଅଭିଯୁକ୍ତମାନେ କାଗଜପତ୍ର ଜାଲିଆତି କରି ଓଡ଼ିଶା ଲୋକଙ୍କ ନାଁରେ ସିମ୍ ଆଣିଥୁଲେ। ତାହାକୁ ବ୍ୟବହାର କରି ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଓଟିପି ଶେୟାରିଂ କରୁଥିଲେ। ଏଥିରୁ ସେମାନେ ବିପୁଳ ଟଙ୍କା ପାଉଥିଲେ ବୋଲି ଜଣାପଡ଼ିଛି।

ଏସ୍‌ଟିଏଫ୍ ସୂଚନା ଅନୁଯାୟୀ, ୫ମ ଅଭିଯୁକ୍ତ ପ୍ରୀତମ୍ ଆଇଏସ୍‌ଆଇ ଏଜେଣ୍ଟଙ୍କ ସହ ସିଧାସଳଖ ଲିଙ୍କ୍‌ରେ ଥିଲେ। ୨୦୧୭ରୁ ପ୍ରୀତମ୍ ଓ ତାଙ୍କ ସହଯୋଗୀମାନେ ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଡିଜିଟାଲ ୱାଲେଟ୍, ସିମ୍ ଏବଂ ଓଟିପି ବିକ୍ରି କରୁଥିଲେ। ପ୍ରୀତମ୍ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍ (ଅଲ୍ ସେଭିଂ ଏସି ଆଭେଲେବଲ୍)ର ଆଡମିନ୍ ମଧ୍ୟ ଅଛନ୍ତି। ଏଥିସହ 'ଅନଲାଇନ-ଅଫ୍‌ଲାଇନ ସେଲର୍', 'ଓଟିପି ଶପ୍-୬' ସମେତ ୧୦ଟି ଗ୍ରୁପ୍‌ର ମଧ୍ୟ ସେ ସଦସ୍ୟ ରହିଛନ୍ତି। ପ୍ରୀତମ୍ ପ୍ରତି ସିମ୍ ପିଛା ୧ ହଜାର ଏବଂ ମ୍ୟୁଲ୍ ଆକାଉଣ୍ଟ ଓ ଡିଜିଟାଲ ୱାଲେଟ୍‌କୁ ୩୦ ହଜାର ପର୍ଯ୍ୟନ୍ତ ଟଙ୍କାରେ ବିକ୍ରି କରୁଥିଲେ। ଏପରିକି ସେ ହ୍ୱାଟ୍‌ସଆପ୍ ଜରିଆରେ ଅନେକ ବିଦେଶୀଙ୍କ ସହ ଚାଟିଂ ଓ କଥା ହୋଇଥିବା ଜଣାପଡ଼ିଛି। କିଛିଦିନ ତଳେ ଜଣେ ଆଇଏସ୍‌ଆଇ ଏଜେଣ୍ଟଙ୍କଠୁ ପ୍ରୀତମ୍ ୧.୫ ଲକ୍ଷ ଟଙ୍କା ମଧ୍ୟ ଆଣିଥିଲେ। ଏସ୍‌ଟିଏଫ୍ ଯାଞ୍ଚ କରିବା ପରେ ପ୍ରୀତମ୍‌ଙ୍କ ବିଭିନ୍ନ ବ୍ୟାଙ୍କରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଥିବା ଜଣାପଡ଼ିଛି। ତେଣୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିବାକୁ ଏସ୍‌ଟିଏଫ୍ ପ୍ରକ୍ରିୟା ଆରମ୍ଭ କରିଛି। ଏହି ମାମଲାରେ ଆହୁରି ଅନେକ ସମ୍ପୃକ୍ତ ଥିବା ଏସ୍‌ଟିଏଫ୍ ସନ୍ଦେହ କରୁଛି। ପ୍ରମାଣ ମିଳିଲେ ଦେଶଦ୍ରୋହ ଦଫା ମଧ୍ୟ ଲାଗିବ ବୋଲି ଏସ୍‌ଟିଏଫ୍ ଏସ୍‌ପି ପାଣିଗ୍ରାହୀ କହିଛନ୍ତି।

### ଷ୍ଟେଶନମାଷ୍ଟରଙ୍କ ସମେତ ...

୨ ତାରିଖ ସକାଳେ ଆସିଷ୍ଟାଣ୍ଟ ଷ୍ଟେଶନମାଷ୍ଟରଙ୍କୁ ଏହି ତ୍ରୁଟି ବିଷୟରେ କର୍ମଚାରୀମାନେ ଅବଗତ କରାଇଥିଲେ। ଟେକ୍ନିସିଆନଙ୍କୁ ଡକାଯାଇଥିଲେ ମଧ୍ୟ ସେ ଆସିବାରେ ବିଳମ୍ବ ହେବାରୁ ତାଙ୍କୁ ଷ୍ଟେଶନମାଷ୍ଟର ବାରମ୍ବାର ଫୋନ୍ କରିଥିଲେ। ଏପରିକି ଟ୍ରେନ୍ ଯିବ ବୋଲି ଅସ୍ଥାୟୀ ଭାବେ ଠିକ୍ କରିବାକୁ କହିଥିଲେ। ଟେକ୍ନିସିଆନ ପୂର୍ବାହ୍ନ ୧୧ଟାବେଳେ ସିଗ୍‌ନାଲ ସିଷ୍ଟମକୁ ଅସ୍ଥାୟୀ ଭାବେ ଠିକ୍ କରିଦେଇଥିଲେ। ତେବେ ଉକ୍ତ ସିଗ୍‌ନାଲ ଠିକ୍ ଭାବେ କାମ କରୁଛି କି ନାହିଁ ସେ ନେଇ ଷ୍ଟେଶନମାଷ୍ଟର ଯାଞ୍ଚ କରି ନ ଥିଲେ। ଫଳରେ ସନ୍ଧ୍ୟା ସମୟରେ ସେଥିରେ ପୁନର୍ବାର ଗଡବଡ ଦେଖାଦେଇଥିଲା, ଯେଉଁଥିପାଇଁ ଦୁର୍ଘଟଣା ଘଟିଲା ବୋଲି ସିବିଆଇ ଜାଣିବାକୁ ପାଇଥିବା ସୂଚନା ମିଳିଛି। ଏନେଇ ଦକ୍ଷିଣ-ପୂର୍ବ ରେଳପଥର ସିପିଆର୍‌ଓ ଆଦିତ୍ୟ ଚୌଧୁରୀ କହିଛନ୍ତି, ଲାଗାତାର ଭାବେ ସିବିଆଇର ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ତଥ୍ୟ ସଂଗ୍ରହ କରୁଛନ୍ତି। ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀଙ୍କୁ ପଚରାଉଚରା କରୁଛି। ଖୁବ୍‌ଶୀଘ୍ର ଦୁର୍ଘଟଣା ପଛରେ କାହାର ଷଡଯନ୍ତ୍ର ଥିଲା କି ଟେକ୍ନିକାଲ ସିଷ୍ଟମ୍‌ରେ ଭୁଲ୍ ଥିଲା ତାହାର ପ୍ରମାଣ ସିବିଆଇ ପାଇଯିବ।



ବାହାନଗା ଷ୍ଟେସନରେ ସିବିଆଇ ଟିମ୍ ଯାଞ୍ଚ କରୁଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସକାଳୁ କାମର ଚାପ ଏତେଦୂର ବଢ଼ିଯିବ ଯେ କଳ୍ପନା କରିହେବନି। ଅଶ୍ୱିନୀ ନକ୍ଷତ୍ର କାହାକୁ ହେଲେ ବିରକ୍ତିଭରା କଥା କହିବା ଠିକ୍ ହେବ ନାହିଁ। ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଆବଶ୍ୟକ ଅର୍ଥ ଜଣେ ଦକ୍ଷିଣ ଦିଗସ୍ଥ ବନ୍ଧୁଙ୍କ ନିକଟରୁ ପ୍ରାପ୍ତି ହେବ। ପରିବାରରେ ସ୍ତ୍ରୀଙ୍କ ଅମନଯୋଗୀ ଓ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହୋଇପାରନ୍ତି।

**ବୃଷ**
ଆଜି ମୃଗଶିରା ନକ୍ଷତ୍ରର ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ କଟିବ। ଯାହାକୁ ଯାହା କହିବେ, ସେ ଆଖି ପିଛୁଳାକେ କରିବା ସକାଶେ ବାହାରି ପଡ଼ିବ। କିନ୍ତୁ ନିଜ କ୍ଷେତ୍ରରେ ପାରିବାରିକ ଜୀବନର ଅକୁହା କଥାକୁ ଲୁଚାଇ ରଖି ହସି ହସି କଥା କହିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ, ସାମ୍ବାଦିକତା ଓ ଏଜେନ୍‌ଶିପ୍‌ରୁ ଖୁସି ରହିବେ।

**ମିଥୁନ**
କର୍ମକ୍ଷେତ୍ରରେ କିଛିନା କିଛି ସମସ୍ୟା ପରିଲକ୍ଷିତ ହେବ। ଆରଦ୍ରା ନକ୍ଷତ୍ର ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ସଫଳତା ପାଇବେ। ପିଲାମାନଙ୍କ କଳହକୁ କେନ୍ଦ୍ର କରି ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଋଣ ପରିଶୋଧ କରିବାରେ ବିଳମ୍ବଜନିତ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କର୍କଟ**
ଅନେକ ଆଶା ଓ ବିଶ୍ୱାସକୁ ନେଇ ଦିନଭରି କାମରୁ ଫୁର୍‌ସତ୍ ପାଇବେ ନାହିଁ। କୌଣସି ପରିସ୍ଥିତିର କଳ୍ପନା କରି ସାମୟିକ ଭାବାନ୍ତର ସୃଷ୍ଟି ହୋଇପାରେ। ଅବଶ୍ୟ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପୁନର୍ବସୁ ନକ୍ଷତ୍ରର ସାହିତ୍ୟ, ଗବେଷଣା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ**
ଉତ୍ତରା ଫାଲଗୁନୀ ନକ୍ଷତ୍ର ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେପରି କିଛି ହେବନି। କିନ୍ତୁ ପାରିବାରିକ କଳହକୁ ନେଇ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ମାନସିକ ଅଶାନ୍ତି ଥିବା ହେତୁ ଅଫିସ୍‌ରେ ମଧ୍ୟ କୌଣସି କାମକୁ ଠିକ୍ ଭାବେ କରିପାରିବେ ନାହିଁ। ଆଜିର ଆର୍ଥିକ ସ୍ଥିତି ଭଲ ରହିବ, ତଥାପି ପରିସ୍ଥିତିକୁ ଲକ୍ଷ୍ୟ ରଖି କାମ କରିବା ଭଲ ହେବ।

**କନ୍ୟା**
ଆଜି ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ସକାଶେ ବ୍ୟସ୍ତ ରହିପାରନ୍ତି। ଅନ୍ୟମାନେ ପୂର୍ଣ୍ଣ ଭରସା କରିଥିବା କାରଣରୁ ଆପଣଙ୍କ କାର୍ଯ୍ୟ ପରିସର ବୃଦ୍ଧି ପାଇବ। ଅବଶ୍ୟ ପ୍ରତ୍ୟେକ କାମରେ ଆତ୍ମୀୟସ୍ୱଜନମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ଚିତ୍ରା ନକ୍ଷତ୍ର ଆଇନ ଅଦାଲତ ତଥା ବିବାଦୀୟ କ୍ଷେତ୍ରରୁ ସୁଫଳ ପାଇବେ।

**ତୁଳା**
ନିଜ ପରିସରର ବ୍ୟକ୍ତିବିଶେଷଙ୍କ ସହାନୁଭୂତି ଲାଭ କରି କାମ ହାସଲ କରିବେ। ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ର ବହୁତ ଭଲ ରହିବ। ସାମାଜିକ ସ୍ତରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ସ୍ୱାତୀ ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ।

**ବିଛା**
ଆଜି କିଛି କହିବା ପୂର୍ବରୁ ପରିସ୍ଥିତିକୁ ନଜରରେ ରଖନ୍ତୁ। ଅନ୍ୟଥା ଆପଣଙ୍କ ପ୍ରତି ଶତ୍ରୁ ମନୋଭାବ ପୋଷଣ କରୁଥିବା ବ୍ୟକ୍ତିମାନେ କର୍ମକ୍ଷେତ୍ରରେ ଦୁର୍ଭାବନା ବଢ଼ିଚାଲିବ। ଅନୁରାଧା ନକ୍ଷତ୍ରର ଅତି ଭଲ ସମ୍ପର୍କ ଲୋକଟି ଦୂରେଇ ଯାଇ ଥିବାରୁ ମନରେ ସରସତା ରହି ନ ପାରେ। ଅବହେଳିତ କେତେକ କାମ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ।

**ଧନୁ**
ପୂର୍ବାଷାଢ଼ା ନକ୍ଷତ୍ର ଛୋଟ ଛୋଟ କଥାକୁ ମନ ଭିତରେ ରଖି ଅଶାନ୍ତ ରହିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ହଇରାଣ ହେବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ଆବଶ୍ୟକତା ଅନୁଭବ କରି ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ।

**ମକର**
ଆଜି ଯାହା କରନ୍ତୁନା କାହିଁକି ପ୍ରତ୍ୟେକ କାର୍ଯ୍ୟ ଶୃଙ୍ଖଳିତ ଭିତ୍ତିରେ ସମାଧାନ ହୋଇପାରିବ। କିନ୍ତୁ ଉତ୍ତରାଷାଢ଼ା ନକ୍ଷତ୍ରର ପ୍ରକାଶନ, ଆଇନ ଓ ପ୍ରଶାସନିକ ସ୍ତରରେ ପ୍ରତିବନ୍ଧକ ଦେଖାଦେଇପାରେ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ କାମ ଭଣ୍ଡୁର କରିପାରନ୍ତି। ସାମାଜିକ ସ୍ତରରେ ପତିଆରା ବୃଦ୍ଧି ପାଇଁ ଚେଷ୍ଟିତ ହେବେ।

**କୁମ୍ଭ**
ଆଜି ସକାଳୁ ସକାଳୁ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ପୂର୍ବଭାଦ୍ରବ ନକ୍ଷତ୍ରର ବ୍ୟବସାୟିକ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ। ଆର୍ଥିକ ଦିଗଟି ଭଲ ହେଲେ ମଧ୍ୟ ବ୍ୟବସାୟ କ୍ଷେତ୍ରରେ ଦୁଃଶ୍ଚିନ୍ତା ବଢ଼ିଯିବ।

**ମୀନ**
କୌଣସି ବ୍ୟକ୍ତିଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେଲେ ମଧ୍ୟ ପ୍ରକାଶ୍ୟରେ କିଛି କହିପାରିବେ ନାହିଁ। ଅଫିସିଆଲି ଟେନସନ୍ କମିଯିବ ଏବଂ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ପରିବାରରେ ପିଲାମାନଙ୍କ ଶୃଙ୍ଖଳା ଓ ଶିକ୍ଷା ବିଷୟ ନେଇ ଚିନ୍ତାପ୍ରକଟ କରିବେ। ରେବତୀ ନକ୍ଷତ୍ର ଜାତ ବ୍ୟକ୍ତିମାନେ ପରିସ୍ଥିତିକୁ ଲକ୍ଷ୍ୟ ରଖି କାମ କରିବା ଭଲ।

ଆଜି ଆଷାଢ଼ କୃଷ୍ଣ ନବମୀ ଯୁକ୍ତ ଦଶମୀ ସୋମବାର, ଜୁନ୍ ୧୨ ତାରିଖ, ଅନ୍ତଃରାଷ୍ଟ୍ରୀୟ ଶିଶୁ ଶ୍ରମ ନିଷେଧ ଦିବସ, ରାଶି ନକ୍ଷତ୍ର-ଦିବା ୦୧।୫୦ ପର୍ଯ୍ୟନ୍ତ ଉତ୍ତରଭାଦ୍ରବ/ମୀନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ ଓ ଗୃହ ପ୍ରବେଶ ପାଇଁ ଶୁଭଦିନ। ଦିବା ଘ.୦୮।୪୧ ଗତେ, ଘ.୧୦।୨୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୬।୪୯ ମି ଗତେ, ଘ.୦୮।୨୮ ମଧ୍ୟେ ରାହୁକାଳ ।।

# ସର୍ବୋତ୍କୃଷ୍ଟ ପ୍ରଣାଳୀରେ ହେବ ତାରିଣୀ ମନ୍ଦିର ରୂପାନ୍ତରଣ

କେନ୍ଦୁଝର/ଘଟଗାଁ/ଢେଙ୍କିକୋଟ/ଆନନ୍ଦପୁର/ହାଟଡିହି,୧୧।୬(ଡି.ଏନ୍.ଏ./ସ୍ୱ.ପ୍ର.)

୫-ଟି ସଚିବ ଭି.କେ ପାଣ୍ଡିଆନ କେନ୍ଦୁଝର ଗସ୍ତର ରବିବାର ଦ୍ୱିତୀୟ ଦିନରେ ଘଟଗାଁ, ହରିଚନ୍ଦନପୁର, ବାଂଶପାଳ, ହାଟଡ଼ିହି, କେନ୍ଦୁଝର ଓ ଆନନ୍ଦପୁର ପୌରପାଳିକା ଅନ୍ତର୍ଗତ ବିଭିନ୍ନ ସ୍ଥାନ ପରିଦର୍ଶନ କରି ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ଦେଖିବା ସହ ବହୁ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ବିଭିନ୍ନ ଆଧ୍ୟାତ୍ମିକସ୍ଥଳର ଉନ୍ନତୀକରଣ ବାବଦରେ ଆଲୋଚନା କରିବା ସହ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଶୁଣିଛନ୍ତି। ମିଶନ ଶକ୍ତି ଏସ୍ଏଚ୍‌ଜି ସଦସ୍ୟ, କୃଷକ, ବୁଦ୍ଧିଜୀବୀ ଓ ବିଭିନ୍ନ ସଂଗଠନର ସଦସ୍ୟଙ୍କ ସହ ଆଲୋଚନା କରିବା ସହ ଦାବିପତ୍ର ଗ୍ରହଣ କରିଛନ୍ତି। ପ୍ରଥମେ କେନ୍ଦୁଝର ପୌରପାଳିକା ଅନ୍ତର୍ଗତ ସିଦ୍ଧମଠ ପରିଦର୍ଶନ କରି ଦେବଦେବୀଙ୍କ ଦର୍ଶନ କରିବା ସାଙ୍ଗକୁ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ସିଦ୍ଧମଠର ପାରିପାର୍ଶ୍ୱିକ ବିକାଶ ସମ୍ପର୍କରେ ମନ୍ଦିର କମିଟି ସଦସ୍ୟ, ପୂଜକ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ପୀଠର ରୂପରେଖ ବଦଳିବ ବୋଲି ସୂଚନା ଦେଇଥିଲେ। ପରେ ଶଙ୍କରପୁରସ୍ଥିତ ଧରଣୀଧର କ୍ରୀଡ଼ା କମ୍ପ୍ଲେକ୍ସ ଯାଇ ଫୁଟବଲ ଗ୍ରାଉଣ୍ଡ, ଆଥଲେଟିକ୍ସ ଗ୍ରାଉଣ୍ଡ, ଇନ୍‌ଡ଼ୋର ବ୍ୟାଡ୍‌ମିଣ୍ଟନ କୋର୍ଟ, ଆର୍ଚେରୀ ଗ୍ରାଉଣ୍ଡ ଏବଂ ଇନ୍‌ଡ଼ୋର ଜିମ୍ ପରିଦର୍ଶନ କରିବା ସାଙ୍ଗକୁ ଉପସ୍ଥିତ କ୍ରୀଡ଼ାବିତ୍‌ଙ୍କ ସହ ଆଲୋଚନା କରିଥିଲେ। କ୍ୟାମ୍ପସରେ ବୃକ୍ଷରୋପଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ସେଠାରୁ ଘଟଗାଁ ଗସ୍ତ କରି ମା' ତାରିଣୀଙ୍କ ଦର୍ଶନ କରିଥିଲେ। ମନ୍ଦିର ବିକାଶ ନିମନ୍ତେ ପରିଚାଳନା କମିଟି ଓ ଦେହୁରୀ ସେବାୟତଙ୍କ ସହ ଆଲୋଚନା କରି ପୁରୀ ଶ୍ରୀମନ୍ଦିର, ଲିଙ୍ଗରାଜ ମନ୍ଦିର, ସମଲେଶ୍ୱରୀ ମନ୍ଦିର ଓ ତାରାତାରିଣୀ ମନ୍ଦିର ପରେ ଏବେ ମା' ତାରିଣୀଙ୍କ ମନ୍ଦିର ପାଳି ବୋଲି କହିଥିଲେ। ମା'ଙ୍କ ଉନ୍ନତି ହେଲେ, ରାଜ୍ୟ ଓ ଦେଶର ଉନ୍ନତି ହେବ। ମା'ଙ୍କ ପୀଠ ଦେଶର ଏକ ପ୍ରମୁଖ ଶକ୍ତି ପୀଠ। ସର୍ବୋତ୍କୃଷ୍ଟ ପ୍ରଣାଳୀରେ ମନ୍ଦିର ରୂପାନ୍ତରଣ ହେବ, ଯାହା ଦ୍ୱାରା ୫୦୦ରୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ଉନ୍ନତୀକରଣ ଦରକାର ପଡ଼ିବ ନାହିଁ। ୬ ମାସ ମଧ୍ୟରେ ଏହାକୁ ଶେଷ କରାଯିବ। ଏଥି ପାଇଁ ଅଞ୍ଚଳବାସୀଙ୍କ ତ୍ୟାଗ ଓ ସହଯୋଗ ଦରକାର ବୋଲି କହିଥିଲେ। ସେହିଭଳି ଗୁଣ୍ଡିଚାଘାଗି ଜଳପ୍ରପାତର ମଧ୍ୟ ଉନ୍ନତୀକରଣ ହେବ ବୋଲି କହିଥିଲେ। ପରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ କୃଷକ, ମିଶନ ଶକ୍ତି ମହିଳା ଓ ସ୍ଥାନୀୟ ଜନସାଧାରଣଙ୍କ ବିଶାଳ ସମାବେଶକୁ ସମ୍ବୋଧିତ କରିଥିଲେ। ପରେ ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଗୋନାସିକାଠାରେ ଜୁଆଙ୍ଗ ପିଲାଙ୍କ ପାଇଁ ଏସ୍‌ସି, ଏସ୍‌ଟି ବିକାଶ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଶିକ୍ଷାନିକେତନ ଓ ଏହା ଅନ୍ତର୍ଗତ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଖୁବ୍‌ଶୀଘ୍ର ଶିକ୍ଷାନିକେତନରେ ଯୁକ୍ତ ୨ ପାଠ୍ୟକ୍ରମ ଆରମ୍ଭ ହେବବୋଲି ପ୍ରକାଶ କରିଛନ୍ତି। ପରେ, ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ ତଥା ଗୁପ୍ତଗଙ୍ଗାସ୍ଥଳୀ ପରିଦର୍ଶନ କରି ଏହାର ବିକାଶ ଦିଗରେ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏ ନେଇ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରିବାକୁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ସେଠାରୁ ପ୍ରସିଦ୍ଧ ଶୈବପୀଠ ବ୍ରହ୍ମେଶ୍ୱର ମନ୍ଦିର ଯାଇ ପୂଜାର୍ଚ୍ଚନା କରି ମନ୍ଦିର ଏବଂ ପାରିପାର୍ଶ୍ୱିକ ବିକାଶ କାମ ଖୁବ୍‌ଶୀଘ୍ର କରାଯିବ ବୋଲି କହିଥିଲେ। ସେହିଠାରେ କୃଷକ, ମିଶନ ଶକ୍ତି ମହିଳା ଓ ସ୍ଥାନୀୟ ଲୋକଙ୍କ ଏକ ସମାବେଶକୁ ସମ୍ବୋଧିତ କରିଥିଲେ। ମିଳିଥିବା ଦାବିପତ୍ର ସେ ମୁଖ୍ୟମନ୍ତ୍ରୀଙ୍କ ନଜରକୁ ଆଣିବେ ଏବଂ ସରକାରୀ ବିଧି ବ୍ୟବସ୍ଥା ଆଧାରରେ ସବୁ ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେଠାରୁ ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ କୁସୁମଯୋଡ଼ି ଯାଇ ସ୍ଥାନୀୟ ମହିଳା କୃଷକ ବଜାର ପରିଦର୍ଶନ କରି କୃଷି ଉତ୍ପାଦନ କ୍ଲଷ୍ଟର(ଏପିସି) କାର୍ଯ୍ୟକ୍ରମ ମାଧ୍ୟମରେ କିଭଳି ମହିଳା ଚାଷୀମାନେ ଲାଭାନ୍ୱିତ ହୋଇପାରିଛନ୍ତି ସେସବୁ ଦେଖିଥିଲେ। ପରେ ବଘାମୁଣ୍ଡାସ୍ଥିତ ଟସର ସିଲ୍କ ପାର୍କ ଯାଇ ମହିଳାମାନେ କିଭଳି ଟସର ସିଲ୍କରୁ ବିଭିନ୍ନ ଦ୍ରବ୍ୟ ପ୍ରସ୍ତୁତ କରୁଛନ୍ତି ଦେଖିଥିଲେ। ଏହି ଅବସରରେ ସେ ସ୍ଥାନୀୟ ଲୋକଙ୍କ ଦାବି ମୁତାବକ ସୀତାବିଞ୍ଜି ମନ୍ଦିରର ବିକାଶ କାମ ମଧ୍ୟ ହାତକୁ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ପରେ ହାଟଡ଼ିହି ବ୍ଲକ୍ ଅନ୍ତର୍ଗତ ସୁନ୍ଦରପାଳଠାରେ ମହିଳା, ଚାଷୀ ଓ ବିଭିନ୍ନ ବର୍ଗର ଲୋକଙ୍କ ସହ ବାର୍ତ୍ତାଳାପରେ ସାମିଲ ହୋଇଥିଲେ। ପରେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଉଦ୍ଦେଶ୍ୟରେ ସଙ୍ଗମଠାରେ କାର୍ଯ୍ୟ ଜାରି ରହିଥିବା ଜଳ ବିଶୋଧନାଗାର ପରିଦର୍ଶନ କରି ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଆନନ୍ଦପୁର ବ୍ୟାରେଜ ସାଇଟ ପରିଦର୍ଶନ କରି କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଥିଲେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ କାମ ଶେଷ କରିବାକୁ ସେ ପରାମର୍ଶ ଦେଇଥିଲେ। ୫-ଟି ସଚିବଙ୍କ ଗସ୍ତ ଅବସରରେ କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା, ଜିଲାପାଳ ଆଶିଷ ଠାକ୍‌ରେ, ଏସ୍‌ପି ନୀତୀଶ କୁଶଲକର ପ୍ରମୁଖ ଉପସ୍ଥିତ ଥିଲେ।


ଘଟଗାଁଠାରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଲୋକଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରୁଛନ୍ତି।

## ୫-ଟି ସଚିବଙ୍କ କେନ୍ଦୁଝର ଗସ୍ତ

- ଗୁଣ୍ଡିଚାଘାଗି, ଗୁପ୍ତଗଙ୍ଗା ସ୍ଥଳ ବିକାଶ କରାଯିବ
- ଆଗାମୀ ୫୦୦ ବର୍ଷକୁ ଆଖିରେ ରଖି ଭିତ୍ତିଭୂମି ନିର୍ମାଣ
- ବ୍ରହ୍ମେଶ୍ୱର, ସୀତାବିଞ୍ଜି ମନ୍ଦିରର ନବକଳେବର
- ଗୋନାସିକା ଜୁଆଙ୍ଗ ଶିକ୍ଷାନିକେତନରେ ଆରମ୍ଭ ହେବ ଯୁକ୍ତ ୨
- ଆନନ୍ଦପୁର ବ୍ୟାରେଜ କାମ ଠିକ୍ ସମୟରେ ସରିବ

# ସୀମାନ୍ତରେ ମାଓବାଦୀଙ୍କ ଡ୍ରୋନ୍ ବ୍ୟବହାର


ଗିରଫ ମାଓବାଦୀ ଓ ଜବତ ଡ୍ରୋନ୍।

## ସୁରକ୍ଷା କର୍ମୀଙ୍କ ବଢୁଛି ଚିନ୍ତା

ମାଲକାନଗିରି,୧୧।୬(ଡି.ଏନ୍.ଏ.)

ମାଓବାଦୀଙ୍କୁ ଦମନ କରିବା ପାଇଁ ଡ୍ରୋନ୍ ମାଧ୍ୟମରେ ସୁରକ୍ଷା ବଳ ମାଓବାଦୀଙ୍କ ଉପରେ ନଜର ରଖୁଥିଲେ। ବର୍ତ୍ତମାନ ମାଓବାଦୀମାନେ ମଧ୍ୟ ଏହି ଡ୍ରୋନ୍‌ର ବ୍ୟବହାରକରି ସୁରକ୍ଷା ବଳ ଉପରେ ନଜର ରଖିବା ସହ ସେମାନଙ୍କ ସର୍ଚ୍ଚ ଅପରେଶନ ଉପରେ ମଧ୍ୟ ନଜର ରଖିବ ବୋଲି ସୂଚନା ମିଳିଛି। ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି, ଛତିଶଗଡ଼ ବସ୍ତରରେ କାର୍ଯ୍ୟ କରୁଥିବା ମାଓବାଦୀ ସଙ୍ଗଠନ ନିକଟରେ ୧୦ରୁ ଅଧିକ ଡ୍ରୋନ୍ ରହିଛି। ଯେଉଁଥିରେ ସେମାନେ ସୁରକ୍ଷା ବଳ ଉପରେ ନଜର ରଖି ସେମାନଙ୍କୁ ଟାର୍ଗେଟ କରୁଛନ୍ତି। କେବଳ ଏହି ସ୍ଥାନ ନୁହେଁ, ଛତିଶଗଡ଼ ଓ ତେଲଙ୍ଗାନାର ବିଭିନ୍ନ ମାଓବାଦୀ ସଙ୍ଗଠନ ପାଖରେ ଏହି ଡ୍ରୋନ୍ ଥିବା ସୂଚନା ମିଳିଛି। ତେବେ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ମାଓବାଦୀମାନେ ବ୍ୟବହାର କରୁଥିବା ଡ୍ରୋନ୍ ଅନ୍‌ଲାଇନରେ ସହଜରେ ଉପଲବ୍ଧ ହେଉଥିବାରୁ ସେମାନେ ଏହାକୁ ସହଜରେ ଆଣି ବ୍ୟବାହର କରିପାରୁଛନ୍ତି। ଡ୍ରୋନ୍ କ୍ରୟ ଏବଂ ବିକ୍ରୟ ସମ୍ବନ୍ଧୀୟ ନୀତି ସ୍ଥିର ହୋଇ ନ ଥିବାରୁ ମାଓବାଦୀମାନେ ଏହାର ଫାଇଦା ନେଉଛନ୍ତି। ତେବେ ଛତିଶଗଡ଼ର ବରିଷ୍ଠ ପୋଲିସ ଅଧିକାରୀ ମଧ୍ୟ ଏ ବିଷୟରେ ଚିନ୍ତିତ ଥିବା ଦେଖିବାକୁ ମିଳିଛି। ବିଗତ କିଛିଦିନ ପୂର୍ବରୁ ଛତିଶଗଡ଼ର ସୁକ୍‌ମା, ବିଜାପୁର ଏବଂ ନାରାୟଣପୁରରେ ସୁରକ୍ଷା ବାହିନୀ କ୍ୟାମ୍ପ ନିକଟରେ ଅନେକ ଥର ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ଯେତେବେଳେ ତେଲଙ୍ଗାନାର ଚେର୍ଲା ନିକଟରେ ମାଓବାଦୀ କ୍ୟୁରିଅର ନାଗେଶ୍ୱରା ରାଓ, ମଲ୍ଲିକାର୍ଜୁନା ରାଓ ଏବଂ ପଙ୍ଗୁଲୁ ଉମାଶଙ୍କରଙ୍କୁ ପୋଲିସ ଗିରଫ କଲା, ସେତେବେଳେ ସେମାନଙ୍କଠାରୁ ଏକ ଡ୍ରୋନ୍ ମଧ୍ୟ ଜବତ କରାଯାଇଥିଲା। ଏଥିରୁ ସ୍ପଷ୍ଟ ହୋଇଛି, ମାଓବାଦୀମାନେ ବର୍ତ୍ତମାନ ସୁରକ୍ଷା ବାହିନୀକୁ ଚ୍ୟାଲେଞ୍ଜ କରିବା ପାଇଁ ଡ୍ରୋନ୍ ବ୍ୟବହାର କରୁଛନ୍ତି। ସୂଚନାଯୋଗ୍ୟ, ଗତ ୭ ତାରିଖରେ ତେଲଙ୍ଗାନା ପୋଲିସ ୩ଜଣ ମାଓବାଦୀଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଏକ ଡ୍ରେନ୍ ଜବତ କରାଯାଇଥିଲା।

# ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷାଙ୍କ ପରଲୋକ

ଦିଗପହଣ୍ଡି,୧୧।୬(ଡି.ଏନ.ଏ.)


ସୁନୀତା କୁମାରୀ ସେଠୀ

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ସୁନୀତା କୁମାରୀ ସେଠୀଙ୍କ ରବିବାର ଅପରାହ୍ନରେ ୨୭ ବର୍ଷ ବୟସରେ ମୃତ୍ୟୁ ଘଟିଛି। ସେ ଥାଲାସେମିଆ (ରକ୍ତ ଶିକୁଳି) ରୋଗରେ ପୀଡିତ ଥିଲେ। ଶୁକ୍ରବାର ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁରସ୍ଥିତ ଏକ ଘରୋଇ କ୍ଲିନିକରେ ଭର୍ତ୍ତି ହୋଇଥିଲେ। ସୁସ୍ଥତା ଅନୁଭବ କରିବାରୁ ଘରକୁ ଫେରି ଆସିଥିଲେ। ରବିବାର ଅପରାହ୍ନରେ ପୁଣି ଗୁରୁତର ହେବାରୁ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାମୀ କୃଷ୍ଣଚନ୍ଦ୍ର ସେଠୀ ଭର୍ତ୍ତି କରାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ବିଡିଓ ଡ. ଚିତ୍ତରଞ୍ଜନ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ କେ. ହରିବନ୍ଧୁ ରେଡ୍ଡୀ, ପୂର୍ବତନ ବ୍ଲକ ବିଜେଡି ସଭାପତି ଉଦୟନାଥ ସ୍ୱାଇଁ, ପୂର୍ବତନ ନଗର ବିଜେଡି ସଭାପତି ପ୍ରମୋଦ କୁମାର ପାଣିଗ୍ରାହୀ, ଦିଗପହଣ୍ଡି ଏନ୍ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, କାଉନସିଲର ଦୀପକ କୁମାର ମିଶ୍ର, ବିଧାୟକ ପ୍ରତିନିଧି ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ରାତି ପ୍ରାୟ ୮ଟାରେ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଦିଗପହଣ୍ଡି ବସଷ୍ଟାଣ୍ଡ ନିକଟ ଦଳୀୟ କାର୍ଯ୍ୟାଳୟ ଏବଂ ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ବହୁ ସଂଖ୍ୟକ ଦଳୀୟ ନେତୃବୃନ୍ଦ, କର୍ମୀ, ସରକାରୀ ପଦାଧିକାରୀ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଗୋକର୍ଣ୍ଣପୁର ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

# ୨୬୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ



ଜଳେଶ୍ୱର,୧୧।୬(ଡି.ଏନ୍.ଏ.): ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ୨୬୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯିବା ସହ ୨ଜଣଙ୍କୁ ପୋଲିସ ଗିରଫ କରିଛି। ଶନିବାର ବିଳମ୍ବିତ ରାତିରେ ଜଳେଶ୍ୱର ଆଇଆଇସି ସହଯୋଗୀମାନଙ୍କୁ ନେଇ ଜଳେଶ୍ୱର-ରାଜଘାଟ ରାସ୍ତାର ରାଜପୁରଠାରେ ଛକି ରହିଥିଲେ। ଏହି ସମୟରେ ବାଇକ୍ (ନଂ. ଓଆର୍‌୦୧ୟୁ-୨୮୭୮) ଯୋଗ ଯାଉଥିବା ୩୧ରୁ ୩୨ ବର୍ଷୀୟ ୨ ଯୁବକଙ୍କୁ ଅଟକାଇଥିଲା। ସେମାନଙ୍କଠାରୁ ବ୍ରାଉନସୁଗାର ସହ ନଗଦ ୩୧, ୨୫୦ଟଙ୍କା ଓ ୨ଟି ମୋବାଇଲ ଜବତ୍ କରାଯାଇଥିବା ଏସ୍‌ପି ସାଗରିକା ନାଥ ଜଳେଶ୍ୱର ଥାନା ପରିସରରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଘର ରାଜପୁର ଗାଁରେ ହୋଇଥିବା ବେଳେ ଅନ୍ୟ ଜଣଙ୍କ ଘର ସହଦେବଖୁଣ୍ଟା ଥାନାର ଅଡରବଜାର ଅଞ୍ଚଳରେ। ଅଡରବଜାରର ଏହି ଯୁବକ ଆନ୍ତଃରାଜ୍ୟ ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କ ପାଖରେ ସହଯୋଗୀ ଭାବେ କାର୍ଯ୍ୟ କରୁଥିଲେ। ସେ ମଧ୍ୟ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ଜଳେଶ୍ୱର ଅଞ୍ଚଳରେ ବିକ୍ରି କରି ଆସୁଥିଲେ। ଏସ୍‌ପିଙ୍କ ଖବରଦାତା ସମ୍ମିଳନୀରେ ଜଳେଶ୍ୱର ଏସ୍‌ଡିପିଓ ଦିଲୀପ କୁମାର ସାହୁ, ଆଇଆଇସି ରୋଜାଲିନବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗିରଫ ୨ଜଣଙ୍କୁ କୋର୍ଟଚାଲାଣ କରାଯାଇଛି।

# କୃଷି ଆଧାରିତ ଶିଳ୍ପ ତ୍ୱରାନ୍ୱିତ ହେବ

## ଇଥାନଲ ପ୍ଲାଣ୍ଟ ଅଗ୍ରଗତି କାର୍ଯ୍ୟ ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

ବରଗଡ଼ ଅଫିସ୍,୧୧।୬

ବରଗଡ଼ ଜିଲା ଭଟଲି ବ୍ଲକ ବାଉଲସିଂହାରେ ୭୦ଏକର ପରିମିତ ଜାଗାରେ ପ୍ରାୟ ୧୬୦୭ କୋଟି ଟଙ୍କା ବ୍ୟୟରେ ବିପିସିଏଲର ନିର୍ମାଣାଧୀନ ୧ଜି ଜୈବ ଇଥାନଲ ପ୍ଲାଣ୍ଟ ଏବଂ ୨ଜି ଇଥାନଲ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର କୃଷି ଆଧାରିତ ଶିଳ୍ପ ତ୍ୱରାନ୍ୱିତ ହେବ। ୱେଷ୍ଟ ଟୁ ୱେଲ୍‌ଥକୁ ପ୍ରୋତ୍ସାହନ ଦେବ ତଥା ଏହି ପ୍ଲାଣ୍ଟ ନଡ଼ା, ବଳକା ଓ ଖରାପ ହୋଇଯାଇଥିବା ଚାଉଳରୁ ଇଥାନଲ ପ୍ରସ୍ତୁତ କରିବ। ଏହି ପ୍ଲାଣ୍ଟରୁ ଦୈନିକ ୨୦୦ କିଲୋଲିଟର ଇଥାନଲ ଉତ୍ପାଦନ ହେବ। ବରଗଡ଼, ସମ୍ବଲପୁର, ସୋନପୁର, ବଲାଙ୍ଗୀର ସମେତ ଆଖପାଖ ଅଞ୍ଚଳର ଚାଷୀଙ୍କ ଆୟକୁ ବୃଦ୍ଧି କରିବାରେ ଏହି ପ୍ଲାଣ୍ଟ ସହାୟକ ହେବ। ଏହାସହ ସ୍ଥାନୀୟ ଅଞ୍ଚଳରେ ରୋଜଗାର ଓ ସ୍ୱରୋଜଗାର ସୃଷ୍ଟି କରିବ ତଥା ସ୍ୱଦେଶୀ ଜ୍ଞାନ କୌଶଳରେ ପ୍ରସ୍ତୁତ ଏହି ପ୍ଲାଣ୍ଟ ସବୁଜ ଇନ୍ଧନକୁ ପ୍ରୋତ୍ସାହନ ଦେବ ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ବର୍ଷର ସୁଶାସନ ଓ ସେବାର ପୂର୍ତ୍ତି ଅବସରରେ ବିକାଶ ତୀର୍ଥ ଯାତ୍ରାରେ ଉକ୍ତ ପ୍ଲାଣ୍ଟ ପରିଦର୍ଶନ ତଥା ନିର୍ମାଣ କାର୍ଯ୍ୟର ସମୀକ୍ଷା କରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି, ପାଳ ବା ନଡ଼ା ଓ ବଳକା ଚାଉଳରୁ ଇଥାନଲ ପ୍ରସ୍ତୁତ କରିବା ପାଇଁ ଦେଶର ପ୍ରଥମ ୨ଜି, ୧ଜି ଇଥାନଲ ପ୍ଲାଣ୍ଟ ବରଗଡ଼ରେ ହୋଇଛି। ଏହି ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମୋଦି ସରକାରଙ୍କ ୯ବର୍ଷ ପୂର୍ତ୍ତି ଅବସରରେ ସବୁଠୁ ବଡ଼ ଯୋଗଦାନ ଏହି ଅଞ୍ଚଳ ପାଇଁ ରହିଛି। ଖୁବ୍‌ଶୀଘ୍ର ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବାର ଆଶା କରାଯାଉଛି । କେବଳ ବରଗଡ଼ ନୁହେଁ, ପଶ୍ଚିମ ଓଡ଼ିଶାର ସୋନପୁର ସମେତ ପଡ଼ୋଶୀ ଛତିଶଗଡ଼ ଏବଂ ପଶ୍ଚିମବଙ୍ଗରେ ନୂଆ ଇଥାନଲ ପ୍ଲାଣ୍ଟ ସ୍ଥାପନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିପାଇଁ ଇଥାନଲ ଇଞ୍ଜିନିୟରିଂ, ଅର୍ଥନୀତି ଏବଂ ପ୍ରଯୁକ୍ତିବିଦ୍ୟାକୁ ଧ୍ୟାନରେ ରଖି ନୂତନ ଦକ୍ଷତା ଥିବା ମାନବ ସମ୍ବଳ ସୃଷ୍ଟି କରିବାକୁ ଜିଲା ପ୍ରଶାସନ ଏବଂ ପ୍ରକଳ୍ପ ଅଧିକାରୀଙ୍କୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଅଞ୍ଚଳର ଯୁବତୀ ଯୁବକଙ୍କୁ ନୂଆ ନିଯୁକ୍ତି ସୁଯୋଗ ମିଳିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ଏହି ପ୍ରକଳ୍ପ ପାଇଁ ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତ କରିବା ନିମନ୍ତେ ଆଞ୍ଚଳିକ ସରକାରୀ ଆଇଟିଆଇ ଅନୁଷ୍ଠାନରେ ଟେକ୍ନୋଲୋଜି ଆଧାରିତ ନୂଆ ଦକ୍ଷତା ପାଠ୍ୟକ୍ରମ, ମଡ୍ୟୁଲ ପ୍ରସ୍ତୁତ କରିବା ପାଇଁ ସେ ଜିଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି।

ବରଗଡ଼ ଜିଲା ଏକ କୃଷିଭିତ୍ତିକ ଅଞ୍ଚଳ ଏବଂ ଧାନ, ଚାଉଳ ଜିଲା ଅର୍ଥନୀତିର ମୂଳ ଆଧାର ହୋଇଥିବାବେଳେ ଏହାକୁ ଧ୍ୟାନରେ ରଖି ମୋଦି ସରକାର ଏଠାରେ ଉକ୍ତ ପ୍ଲାଣ୍ଟ ସ୍ଥାପନ ପାଇଁ ଏକ ଐତିହାସିକ ନିଷ୍ପତ୍ତି ନେଇଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ବଳକା ଓ ଖରାପ ଚାଉଳରୁ ଇଥାନଲ ପ୍ରସ୍ତୁତ ହୋଇ ପେଟ୍ରୋଲ, ଡିଜେଲରେ ମିଶାଇଲେ ପ୍ରଦୂଷଣ କମିବ ଏବଂ ଚାଷୀଙ୍କ ପାଇଁ ଅର୍ଥନୈତିକ ସବଳ ହେବ। ଏଥିପାଇଁ ଗତ ୯ବର୍ଷରେ ଚିନି ଶିଳ୍ପର ପୁନରୁଦ୍ଧାର ପାଇଁ ଆଖୁଛେଦାରୁ ଇଥାନଲ ବାହାର କରି ପେଟ୍ରୋଲିୟମ ଉତ୍ପାଦର ୧୦ପ୍ରତିଶତ ଲକ୍ଷ୍ୟ ବହୁ ପୂର୍ବରୁ ପୂରଣ ହୋଇସାରିଛି। ଏବେ ଏହାକୁ ୨୦ ପ୍ରତିଶତ କରିବା ସରକାରଙ୍କ ଲକ୍ଷ୍ୟ ରହିଛି। ଏହି ପ୍ଲାଣ୍ଟ ପଶ୍ଚିମ ଓଡ଼ିଶାର ନୂଆ ଅଧ୍ୟାୟ ସହିତ ଯୋଡ଼ି ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଉଲ୍ଲେଖନୀୟ, ୨୦୧୮ ଅକ୍ଟୋବର ୧୦ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ ମନ୍ତ୍ରୀ ଥିବା ସମୟରେ ଉକ୍ତ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।


କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିର୍ମାଣାଧୀନ ବରଗଡ଼ ଇଥାନଲ ପ୍ଲାଣ୍ଟ ପରିଦର୍ଶନ କରୁଛନ୍ତି।

# ଚଳନ୍ତା ଗାଡ଼ିରେ ନିଆଁ


ରାସ୍ତା ଉପରେ ଗାଡି ଜଳୁଛି।

ବାହାନଗା,୧୧।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ୧୬ ନମ୍ବର ଜାତୀୟ ରାଜପଥ ଉପରେ ରବିବାର ମଧ୍ୟାହ୍ନ ସମୟରେ ଏକ ଚଳନ୍ତା ଗାଡିରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ଗାଡି ଭିତରେ ଥିବା ଡ୍ରାଇଭରଙ୍କ ସମେତ ୩ଜଣ ଡୋର କାଚ ଭାଙ୍ଗି ବାହାରି ଆସିବାରୁ ରକ୍ଷା ପାଇଯାଇଛନ୍ତି। ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏହି ସ୍କର୍ପିଓରେ ହଠାତ୍ ସର୍ଟସର୍କିଟ ହୋଇ ନିଆଁ ଲାଗିଯାଇଥିଲା। ନିଆଁ ମାଡିଯାଇ କିଛିକ୍ଷଣ ମଧ୍ୟରେ ହୁତୁ ହୁତୁ ହୋଇ ଜଳିଉଠିଥିଲା। ଖବରପାଇ ଷଠୀ ଅଗ୍ନିଶମ ଓ ନୀଳଗିରି ଅଗ୍ନିଶମ ବିଭାଗ ପହଞ୍ଚିବା ବେଳକୁ ସ୍କର୍ପିଓ ପୋଡି ପାଉଁଶ ହୋଇଯାଇଥିଲା। ଖନ୍ତାପଡା ଥାନା ପୋଲିସ୍ ପହଞ୍ଚି ରାସ୍ତା ମଝିରୁ ପୋଡା ଗାଡିକୁ ହଟାଇ ଥାନାକୁ ନେଇଥିଲା।

# ଇ-ବାଇକ୍ ଶୋ'ରୁମ୍, ମେଶିନାରି ଦୋକାନ ଜଳିଗଲା

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

- ବ୍ୟାଟେରି ଓଭର ଚାର୍ଜିଂରୁ ନିଆଁ ଲାଗିଥିବା ଅନୁମାନ
- ୩ ଘଣ୍ଟା ପରେ ନିଆଁକୁ ଆୟତ୍ତ କଲା ଅଗ୍ନିଶମ

ଭୁବନେଶ୍ୱର,୧୧।୬ (ବ୍ୟୁରୋ)

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ରେ ଥିବା ପିୟୋର୍ କେକେ ଟ୍ରେଡ଼ିଂ ସର୍ଭିସ୍ ନାମକ ଇଲେକଟ୍ରିକ ବାଇକ୍ ଶୋ'ରୁମ୍‌ରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିସହ ଶୋ'ରୁମ୍ ସିଲିଂରୁ ସୁପ୍ରିମ ମେସିନାରୀ ଆଣ୍ଡ୍ ଟୁଲ୍ସ ଦୋକାନକୁ ମଧ୍ୟ ନିଆଁ ବ୍ୟାପିଯାଇଥିଲା। ଖବରପାଇ ଅଗ୍ନିଶମ ବିଭାଗର ଦୁଇଟି ଗାଡ଼ି ସହ ୨୦ଜଣ କର୍ମଚାରୀ ପହଞ୍ଚି ୩ ଘଣ୍ଟାର ଅପରେଶନ ପରେ ନିଆଁକୁ ଆୟତ୍ତ କରିଥିଲେ। ଏଥିସହ ଦୁଇ ବ୍ୟବସାୟ ପ୍ରତିଷ୍ଠାନରୁ ବାଇକ୍ ଓ ବିଭିନ୍ନ ସାମଗ୍ରୀକୁ ବାହାରକୁ କାଢ଼ି ଦିଆଯାଇଥିଲା। ତେବେ ନିଆଁରେ ୨ଟି ଦୋକାନର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଶର୍ଟ ସର୍କିଟ କିମ୍ବା ବ୍ୟାଟେରୀ ଓଭର ଚାର୍ଜିଂରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।



ସୂଚନାନୁସାରେ, ରବିବାର ପାଇଁ କଟକ ରୋଡ୍‌ରେ ଥିବା ଅଧିକାଂଶ ବ୍ୟବସାୟ ପ୍ରତିଷ୍ଠାନ ଅଧାଦିନ ଖୋଲା ରହିଥିଲା। ପରେ ବ୍ୟବସାୟୀମାନେ ଦୋକାନ ବନ୍ଦ କରି ଘରକୁ ଚାଲିଯାଇଥିଲେ। ଅପରାହ୍ନ ପ୍ରାୟ ସାଢେ ୨ଟାରେ ଇ-ବାଇକ୍ ଶୋ'ରୁମ୍‌ଟି ବନ୍ଦ ରହିଥିବାବେଳେ ଭିତରୁ ଧୂଆଁ ବାହାରୁଥିବା ଦେଖି ଅନ୍ୟ ଦୋକାନୀମାନେ ତୁରନ୍ତ ମାଲିକ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲା। ମାଲିକ ତୁରନ୍ତ ସେଠାରେ ପହଞ୍ଚି ଦୋକାନ ଖୋଲିବା ପରେ ଶୋ'ରୁମ ସାରା ଧୂଆଁମୟ ହୋଇଯାଇଥିବାବେଳେ କେତେକ ସ୍ଥାନରେ ନିଆଁ ଜଳୁଥିବାରୁ ଭିତରେ ପଶିବା ସମ୍ଭବ ହୋଇ ନ ଥିଲା। ଏଥିସହ ଏହି ଶୋ'ରୁମ୍ ସିଲିଂ ସହ ନିକଟରେ ଥିବା ସୁପ୍ରିମ୍ ମେଶିନାରୀ ଆଣ୍ଡ୍ ଟୁଲ୍‌ସର ସିଲିଂ ଲାଗି ରହିଥିବାରୁ ନିଆଁ ସହଜରେ ଉକ୍ତ ଦୋକାନକୁ ବ୍ୟାପିଯାଇଥିଲା। ଫଳରେ ଉକ୍ତ ଦୋକାନରୁ ମଧ୍ୟ ଧୂଆଁ ବାହାରିଥିଲା। ଏହାଦେଖି ପାଖରେ ଥିବା ଅନ୍ୟ ଦୋକାନୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ନିବୁଜ ଘର ହୋଇଥିବାରୁ ଧୂଆଁ ଅଧିକରୁ ଅଧିକ ବାହାରିଥିଲା। ପ୍ରବଳ ଧୂଆଁ ବାହାରୁ ଥିବାରୁ କର୍ମଚାରୀମାନେ ନାକେଦମ ହୋଇପଡିଥିଲେ। ପରେ ଅଗ୍ନିଶମ କର୍ମଚାରୀମାନେ ଫାୟାର ପ୍ରକ୍ସିମିଟି ସୁଟ୍ ପିନ୍ଧି ବିଏ ସେଟ୍ ସହ ପାଣି ପକାଇ ପକାଇ ଭିତରକୁ ପଶିଥିଲେ। ଏହି ସମୟରେ ଶୋ'ରୁମ ପଛ ପଟେ ଥିବା ବ୍ୟାଟେରୀ ରୁମ୍‌ରୁ ନିଆଁ ଲାଗିଥିବା ଜାଣିବାକୁ ପାଇଥିଲେ। ଏହାପରେ ସେଠାରେ ପାଣି ପକାଇ ଦୀର୍ଘ ସମୟ ପରେ ନିଆଁକୁ ଆୟତ୍ତ କରିଥିଲେ। ଅପରପକ୍ଷେ ପୂର୍ବରୁ ମଧ୍ୟ ଉକ୍ତ ଶୋ'ରୁମ୍‌ରେ ନିଆଁ ଲାଗିଥିଲା। ତେଣୁ ବାରମ୍ବାର ଏଭଳି ସମାନ ସମସ୍ୟା ଉପୁଜିଥିବାରୁ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀମାନେ ଉକ୍ତ ଦୋକାନକୁ ସ୍ଥାନାନ୍ତର କିମ୍ବା ବନ୍ଦ କରିବାକୁ ଦାବି କରିଛନ୍ତି।

JEWELS INTERNATIONAL
CHETANA COLLEGE OF SPECIAL EDUCATION
(Recognized by SSEPD Department, Govt. of Odisha, Approved by Rehabilitation Council of India)
Affiliated to Utkal University
A/3, Institutional Area, Near Hotel Swosti Premium
PO - R.R.L. Campus, Bhubaneswar-751013
Contact : 9437126187, 9437265920, 7008282918
E-mail : chetanacollege@yahoo.co.in
Website: http://www.chetana-jewelsinternational.org
Applications are invited for admission in to D.Ed.,B.Ed. & M.Ed. Special Education (IDD, ID) and M.A in Applied Psychology for the Academic Session 2023-2025. Last date for receiving application is 26.06.2023. Last date may change as per notification received from concerned Recognized body. The Prospectus and Application form is available at the College office and above mentioned website.
Principal

ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। -ଶ୍ରୀମା



# ମଣିପୁର ବିପଦ

ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ଜାତିଆଣ ହିଂସା ପୁଣି ଉଗ୍ର ହେବାରେ ଲାଗିଲାଣି। ମେ ୨୦୨୩ ପ୍ରାରମ୍ଭରୁ ଏହା ବ୍ୟାପକ ରୂପ ଧାରଣ କରିବା ପରେ କିଛି ସମୟ ଥମି ଯାଇଥିଲା। ଜୁନ୍ ପ୍ରଥମ ସପ୍ତାହରେ ସଦ୍ୟ ହିଂସାକାଣ୍ଡ ନିଆଁରେ ଘିଅ ଢାଳିବାରେ ଲାଗିଛି। ପ୍ରଥମେ କୁହାଯାଉଥିଲା ହିନ୍ଦୁ ମେଇତି ସମ୍ପ୍ରଦାୟକୁ ହାଇକୋର୍ଟ ଆଦିବାସୀ ମାନ୍ୟତା ସୁପାରିସ ସଂକ୍ରାନ୍ତ ଆଦେଶ ଦେବା ପରେ ଏହାକୁ ବିରୋଧ କରି ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ନାଗା ଓ କୁକି ସମ୍ପ୍ରଦାୟ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେମାନଙ୍କ ଅଧିକାରକୁ ସଂଖ୍ୟାଗରିଷ୍ଠମାନେ ଛଡ଼ାଇ ନେଉଥିବା ଆଦିବାସୀମାନେ ଅଭିଯୋଗ କରିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ ଘୋର ହିଂସା ଉପୁଜିଥିଲା। ଏବେ ଜଣାପଡୁଛି ଚାକିରିରୁ ବଞ୍ଚିତ ହେବା ମେଇତିମାନଙ୍କ ପାଇଁ କେବଳ ଏକ ପ୍ରସଙ୍ଗ ନୁହେଁ, ଜମି ବିବାଦ ଅଧିକ ଗୁରୁତ୍ୱ ରଖିଲାଣି। ମଣିପୁରର ଜନସଂଖ୍ୟା ଦେଖିଲେ ମେଇତିମାନଙ୍କ ସଂଖ୍ୟା ସମୁଦାୟ ଲୋକସଂଖ୍ୟାର ୫୨ ପ୍ରତିଶତ। ଅନ୍ୟପକ୍ଷରେ ବାକି ଜନସଂଖ୍ୟାରେ କୁକି ଓ ନାଗାଙ୍କ ଭଳି ଆଦିବାସୀ ସମ୍ପ୍ରଦାୟ ରହିଛନ୍ତି। ମେଇତିମାନେ ମୁଖ୍ୟତଃ ଇମ୍ଫାଲ ଉପତ୍ୟକା(ଭ୍ୟାଲି)ରେ ରହୁଥିବା ବେଳେ ଏହି ଆଦିବାସୀମାନେ ପାହାଡ଼ିଆ ଅଞ୍ଚଳରେ ବସବାସ କରିଥାଆନ୍ତି। ମଣିପୁରରେ ୩୫ରୁ ଊର୍ଦ୍ଧ୍ୱ ସମ୍ପ୍ରଦାୟ ଉପତ୍ୟକା ଓ ପାହାଡ଼ିଆ ଅଞ୍ଚଳରେ ରହୁଛନ୍ତି। ମେଇତିମାନଙ୍କ ସଂଖ୍ୟା ଅଧିକ ହୋଇଥିଲେ ମଧ୍ୟ ସେମାନେ ରାଜ୍ୟର ୧୦ ପ୍ରତିଶତ ଭୌଗୋଳିକ ଅଞ୍ଚଳ ବିଶେଷକରି ଇମ୍ଫାଲ ଉପତ୍ୟକାରେ ରହୁଛନ୍ତି। ଅନ୍ୟପକ୍ଷରେ କୁକି ଓ ନାଗାମାନେ ସଂରକ୍ଷିତ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ଆଦିମ ଯୁଗରୁ ଅଛନ୍ତି। ତେଣୁ ସେମାନଙ୍କୁ ସଂରକ୍ଷିତ ଜଙ୍ଗଲରୁ ହଟାଇବା ପାଇଁ ସେଠାକାର ଭାଜପା ପରିଚାଳିତ ସରକାର ଉଦ୍ୟମ କରିଛି। ଏମିତି ଦେଖିଲେ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ମେଇତି ସମ୍ପ୍ରଦାୟର। ତେଣୁ ସଂଖ୍ୟାଗରିଷ୍ଠଙ୍କ ପ୍ରତି ସେ ଢଳୁଛନ୍ତି ବୋଲି ଆଦିବାସୀମାନେ ଅଭିଯୋଗ କରୁଛନ୍ତି। ମେଇତିମାନେ ଥରେ ଆଦିବାସୀ ତାଲିକାରେ ସାମିଲ ହୋଇଗଲେ ସେମାନେ ଅନେକ ସରକାରୀ ସୁବିଧା ସହ ପାହାଡ଼ିଆ ଅଞ୍ଚଳରେ ଜମି ହାତେଇବା ଅଧିକାର ମଧ୍ୟ ପାଇଯିବେ।

> ମଣିପୁର ଘଟଣାରେ ଏହି ସମୟରେ କେନ୍ଦ୍ର ସମ୍ପୂର୍ଣ୍ଣ ଭାବେ ହସ୍ତକ୍ଷେପ କରି ସମ୍ପ୍ରଦାୟ ମଧ୍ୟରେ ସୃଷ୍ଟି ହୋଇଥିବା ବିଶ୍ୱାସର ସଙ୍କଟକୁ ଦୂର କରିବା ଦରକାର। କାହା ପ୍ରତି ଢଳି ଅବାସ୍ତବ ନିଷ୍ପତ୍ତି ନିଆଗଲେ ଆଗାମୀ ଦିନରେ ମଣିପୁରରେ ବିଚ୍ଛିନ୍ନତାବାଦୀଙ୍କ ସଂଖ୍ୟା ବଢ଼ିବାର ଆଶଙ୍କା ସୃଷ୍ଟି ହେବା ସହିତ ଏକ ଦୁର୍ବଳ ଅଞ୍ଚଳକୁ ବିପଦ ଡାକିଆଣିବ।

ମଣିପୁର ହିଂସାରେ ଅଦ୍ୟାବଧି ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଉଥିଲେ ମଧ୍ୟ ବେସରକାରୀ ହିସାବ ବହୁ ଅଧିକ ରହୁଛି। ଇତିମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଣିପୁର ଗସ୍ତ କରି ଫେରିଛନ୍ତି। କିନ୍ତୁ ଯେତେବେଳେ ମଣିପୁର ଜଳୁଥିଲା ସେତେବେଳେ ସ୍ୱରାଷ୍ଟ୍ରଠାରୁ ଆରମ୍ଭକରି ଅନ୍ୟ କେନ୍ଦ୍ରୀୟ ମନ୍ତ୍ରୀମାନେ କର୍ନାଟକ ବିଧାନସଭା ନିର୍ବାଚନ ପ୍ରଚାରରେ ମାତିଥିଲେ। ସମ୍ଭବତଃ ଏହି ଅଶାନ୍ତିର ଆରମ୍ଭରେ କେନ୍ଦ୍ର ସ୍ତରରୁ କଠୋର ପଦକ୍ଷେପ ନିଆଯାଇଥିଲେ ହିଂସା ଏତେ ବ୍ୟାପି ନ ଥାଆନ୍ତା। ସମସ୍ତେ ଜାଣନ୍ତି ଯେ, ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ବାସ କରୁଥିବା ଲୋକମାନେ ଭାରତ ଭିତରେ ଥିଲେ ମଧ୍ୟ ସେମାନେ ନିଜକୁ ଅଲଗା ଭୂଖଣ୍ଡରେ ରହିବା ଭଳି ମନେକରନ୍ତି। କାରଣ ବର୍ଷବର୍ଷ ଧରି ଅନ୍ତର୍ଘାତୀମୂଳକ କାର୍ଯ୍ୟ ଓ ହିଂସା ଦ୍ୱାରା ଏହି ଅଞ୍ଚଳ ପେଷି ହୋଇରହିଛି। ଏଥିସହିତ ଏଠାରେ ସଶସ୍ତ୍ର ସେନା ସ୍ୱତନ୍ତ୍ର କ୍ଷମତା ଆଇନ (ଏଏଫ୍ଏସ୍‌ପିଏ) ଦୀର୍ଘ ସମୟ ଧରି ବଳବତ୍ତର ରହୁଥିବାରୁ ଭାରତୀୟ ସୈନିକମାନେ ଅନେକ ଅତ୍ୟାଚାର କରନ୍ତି ବୋଲି ଇରୋମ ଚାନୁ ଶର୍ମିଳାଙ୍କ ୧୬ ବର୍ଷର ଅନଶନରୁ ଦେଶବାସୀ ଜାଣିଲେ। ଏବେ ସେହି ସ୍ଥିତିରେ କୌଣସି ସୁଧାର ଆସି ନାହିଁ ବୋଲି ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି।

କୁହାଯାଇଥାଏ, ଆଦିବାସୀ ପ୍ରକୃତି କୋଳରେ ବାସ କରିବାକୁ ଭଲ ପାଇଥାଆନ୍ତି। କିନ୍ତୁ ଧୀରେ ଧୀରେ ରାଜନୈତିକ ଓ ପ୍ରଶାସନିକ ହସ୍ତକ୍ଷେପ ସେମାନଙ୍କ ଜୀବନ ଧାରଣରେ ବାଧା ସୃଷ୍ଟି କରିଚାଲିଛି। ମଣିପୁର କଥା ଦେଖିଲେ ୬୦ ସଦସ୍ୟ ବିଶିଷ୍ଟ ବିଧାନସଭାରେ ୧୦ ଜଣ ବିଧାୟକ କୁକି ସମ୍ପ୍ରଦାୟରୁ ଅଛନ୍ତି। ଏମାନେ ଏନ୍. ବୀରେନ୍ ସିଂଙ୍କ ମିଳିତ ସରକାରକୁ ସମର୍ଥନ କରୁଥିବା ସତ୍ତ୍ୱେ ଏବେକା ସ୍ଥିତିରେ ସରକାରଙ୍କୁ ବିରୋଧ କଲେଣି। ଏଥିରୁ ବୁଝିବାକୁ ହେବ ଯେ, ଉଚ୍ଚ ଜାତିର ମେଇତିମାନେ କେବଳ ସେମାନଙ୍କ ସ୍ୱାର୍ଥ ସାଧନ କରିବା ଲାଗି କଳ ବଳ କୌଶଳ ଲଗାଇ ଦେଇଛନ୍ତି। ଏଭଳି ସମୟରେ କେନ୍ଦ୍ର ସମ୍ପୂର୍ଣ୍ଣ ଭାବେ ହସ୍ତକ୍ଷେପ କରି ସମ୍ପ୍ରଦାୟ ମଧ୍ୟରେ ସୃଷ୍ଟି ହୋଇଥିବା ବିଶ୍ୱାସର ସଙ୍କଟକୁ ଦୂର କରିବା ଦରକାର। କାହା ପ୍ରତି ଢଳି ଅବାସ୍ତବ ନିଷ୍ପତ୍ତି ନିଆଗଲେ ଆଗାମୀ ଦିନରେ ମଣିପୁରରେ ବିଚ୍ଛିନ୍ନତାବାଦୀଙ୍କ ସଂଖ୍ୟା ବଢ଼ିବାର ଆଶଙ୍କା ସୃଷ୍ଟି ହେବା ସହିତ ଏକ ଦୁର୍ବଳ ଅଞ୍ଚଳକୁ ବିପଦ ଡାକିଆଣିବ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | 2 | | 1 | |
| | | 9 | 6 | | | | | |
| 8 | | | | | 7 | | | 6 |
| | | | 4 | 5 | | 2 | | |
| | | | | 8 | | | | 1 |
| | | | | | 3 | | 5 | 9 |
| | 5 | 7 | | 4 | | 1 | | |
| | 3 | | 2 | | | | 4 | |
| | | 6 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 2 | 6 | 1 | 8 | 7 | 9 | 5 |
| 6 | 1 | 9 | 5 | 7 | 3 | 2 | 8 | 4 |
| 8 | 5 | 7 | 2 | 4 | 9 | 3 | 1 | 6 |
| 9 | 8 | 3 | 4 | 5 | 2 | 6 | 7 | 1 |
| 2 | 7 | 5 | 8 | 6 | 1 | 4 | 3 | 9 |
| 1 | 4 | 6 | 3 | 9 | 7 | 8 | 5 | 2 |
| 7 | 9 | 4 | 1 | 3 | 6 | 5 | 2 | 8 |
| 3 | 6 | 8 | 9 | 2 | 5 | 1 | 4 | 7 |
| 5 | 2 | 1 | 7 | 8 | 4 | 9 | 6 | 3 |

ଗତକାଲିର ଉତ୍ତର

# ଦୋମୁହାଁ ନୀତି ଦେବାଳିଆ ମତି



ଅକ୍ଷୟ କୁମାର ମିଶ୍ର

ଅନିଚ୍ଛାକୃତ ଭୁଲ୍ ସଂଶୋଧନ ହେବାର ସମ୍ଭାବନା ଥାଏ। ଇଚ୍ଛାକୃତ ଭୁଲ୍ ତ ଯୋଜନାବଦ୍ଧ ଭାବେ ହୋଇଥାଏ। ସେଠାରେ ସୁଧାରିବା କଥା ଉଠୁଛି କେଉଁଠି? ସୈତାନର ବେଦପାଠ ଯେମିତି ଛଳନାପୂର୍ଣ୍ଣ ଜାଣି ଜାଣି ଭୁଲ୍ କରିବା ସେମିତି ଅଭିସନ୍ଧିମୂଳକ। ସମ୍ପ୍ରତି ଆମ ଦେଶର ରାଜନୀତି ସେହି ରାସ୍ତାରେ। କଥାରେ କଥାରେ ନୀତି ଆଦର୍ଶ। ଭାଷଣରେ ଗାନ୍ଧୀ, ଗୋପବନ୍ଧୁ। କିନ୍ତୁ କାମରେ ସମ୍ପୂର୍ଣ୍ଣ ବିପରୀତ। ଧର୍ମ କଥା ଉଠିଲେ ସଭିଏଁ କହୁଛନ୍ତି ଧର୍ମକୁ ନେଇ ରାଜନୀତି ଆଦୌ ସ୍ପୃହଣୀୟ ନୁହେଁ। ଏସାମ୍ପ୍ରଦାୟିକ ସଦ୍‌ଭାବନା, ସହନଶୀଳତାକୁ ଧ୍ୱଂସ କରିବ, ଭିନ୍ନତା ମଧ୍ୟରେ ଏକତାର ମନ୍ତ୍ରରେ ଥିବା ମହତ୍ତ୍ୱ ଲୋପ ପାଇବ। ହିଂସା ବୃଦ୍ଧି ପାଇବ। ଦଙ୍ଗା ହେବ। ଏହାକୁ ବାରଣ କରିବ ବା କିଏ? କିନ୍ତୁ କାର୍ଯ୍ୟତଃ ଏହା ପ୍ରତୀୟମାନ ହୁଏନାହିଁ। ଏହା ଦେଖି ଦେଖି ସମସ୍ତଙ୍କର ଦେହସୁହା ହୋଇଗଲାଣି। ଶେଷରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଧର୍ମକୁ ନେଇ ରାଜନୀତି କରାଯାଇ ପାରିବନାହିଁ ବୋଲି କହିଲେ। ଅର୍ଥାତ୍ ଧର୍ମକୁ ନେଇ ରାଜନୀତି ହେଉଛି ବୋଲି ସୁପ୍ରିମ୍‌କୋର୍ଟ ହୃଦୟଙ୍ଗମ କରିଛନ୍ତି। କିଛି ତଥ୍ୟ ପ୍ରମାଣ ମଧ୍ୟ ପାଇଛନ୍ତି ନିଶ୍ଚୟ। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ କହିଲେ ନାହିଁ କିଏ ଅବା କେଉଁ ରାଜନୈତିକ ଦଳ ଧର୍ମକୁ ନେଇ ରାଜନୀତି କରୁଛି ବୋଲି। ତେବେ କ'ଣ ବୁଝିନେବାକୁ ହେବ ସବୁ ରାଜନୈତିକ ଦଳ ଧର୍ମକୁ ନେଇ ରାଜନୀତି କରୁଛନ୍ତି? ହଁ, ଏ କଥା କୁହାଯିବନି ବା କାହିଁକି? କିଏ ସଂଖ୍ୟାଗରିଷ୍ଠଙ୍କ ଧର୍ମୀୟ ଭାବାବେଗ ଓ ଭାବନାକୁ ନେଇ ରାଜନୀତି କରୁଛନ୍ତି ନିଜ ଭୋଟ୍ ବ୍ୟାଙ୍କର ବୃଦ୍ଧି ସକାଶେ। କିଏ ପୁଣି ସଂଖ୍ୟାଲଘୁଙ୍କ ସୁରକ୍ଷା ନାମରେ ଅଧିକ ସମ୍ବେଦନଶୀଳତା ପ୍ରଦର୍ଶନ କରୁଛନ୍ତି।

ଏପର୍ଯ୍ୟନ୍ତ ଦେଶରେ କିମ୍ବା ବିଶ୍ୱରେ ଯେତେ ରକ୍ତପାତ ହୋଇଛି ଅର୍ଦ୍ଧାଧିକ ହେଉଛି ଧର୍ମଜନିତ। ପୁଣି ଧର୍ମଜନିତ ସମସ୍ତ ରକ୍ତକ୍ଷୟୀ ଦୁର୍ଘଟଣାରେ ରାଜନୈତିକ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ସମ୍ପୃକ୍ତି ଅଛି ବୋଲି ଅଭିଯୋଗ ହେଉଛି। ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଯେତେ ଦଙ୍ଗା ହୋଇଛି ସବୁଥିରେ କେଉଁମାନଙ୍କର ହାତ ଥିଲା ବା ବର୍ତ୍ତମାନ ଯାହା ଘଟୁଛି ସେଥିରେ କାହାର ହାତ ଅଛି କାହାକୁ ଅଛପା ନାହିଁ। ଐତିହ୍ୟ ରକ୍ଷା ନାମରେ ସରକାର ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ଗୁରୁଦ୍ୱାର ପାଇଁ ଆଖିବୁଜା ଅର୍ଥବ୍ୟୟ କରୁଛନ୍ତି। ଅବଶ୍ୟ ଅତୀତର କୀର୍ତ୍ତିରାଜିକୁ ସାଇତି ରଖିବା ସର୍ବାଦୌ ଗ୍ରହଣୀୟ। କିନ୍ତୁ ନୂତନ ଧର୍ମାନୁଷ୍ଠାନ ନିର୍ମାଣ ପାଇଁ ଏତେ ବ୍ୟଗ୍ର କାହିଁକି? କାହିଁକି ଲୋକପ୍ରତିନିଧିମାନେ ଏ ବେଳକୁ ଅଣ୍ଟାଭିଡ଼ି ଲାଗିପଡୁଛନ୍ତି? ଏ କଥା ଉଠିଲେ ଉତ୍ତର ଆସିବ ଏହା ମୋର ବ୍ୟକ୍ତିଗତ ସ୍ୱାଧୀନତା। ମୋର ନିଜସ୍ୱ ରୁଚି। ରାଜନୀତି କଲି ବୋଲି କ'ଣ ନିଜ ଧର୍ମକୁ ଭୁଲିଯିବି? ଦେଶସେବା କଲି ବୋଲି କ'ଣ ନିଜ ଧର୍ମ ଛାଡ଼ିଦେବି? ନିଜ କୁଳ ଦେବତାଙ୍କୁ ଅପମାନ ଦେବି? ଖାଲି କ'ଣ ଏତିକି? ଦେଶରେ ଯେତେ ସରକାରୀ ଅଫିସ, ଥାନା, ଡାକ୍ତରଖାନା ଅଛି ସବୁଠି ଏକ ନିର୍ଦ୍ଦିଷ୍ଟ ଧର୍ମର ଦେବଦେବୀଙ୍କ ମୂର୍ତ୍ତି ପୂଜା ପାଉଥିବା ଦେଖିବାକୁ ପାଇବା। ଯଦିଓ ସେଠାରେ ସବୁ ଧର୍ମାବଲମ୍ବୀ ଲୋକ କାମ କରନ୍ତି ଏବଂ କାମ ପାଇଁ ଯାତାୟାତ କରନ୍ତି। ଦେଶରେ ଯେତେ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଅଛି ସେଠାରେ ମଧ୍ୟ ସମାନ ଦୃଶ୍ୟ। ଆଉ କିଛି ଶିକ୍ଷାନୁଷ୍ଠାନ ଧର୍ମ ଆଧାରରେ ସୃଷ୍ଟି। ପୁଣି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ପିଲା ପାଠ ପଢ଼ିବାର ବ୍ୟବସ୍ଥା କରାଯାଇଛି। ସେମାନଙ୍କର ପାଠ୍ୟଖସଡ଼ା ମଧ୍ୟ ଅଲଗା। ଏ ସବୁ ବିଚିତ୍ର ନୀତିନିୟମ ଦେଖିଲେ ମନରେ ପ୍ରଶ୍ନ ଉଠେ, ଆମ ଦେଶକୁ ଏକ ଧର୍ମନିରପେକ୍ଷ ଦେଶ କହିବାରେ ଯଥାର୍ଥ କେଉଁଠି?



ଏବେ ବାକ୍‌ସଂଯମତା ରକ୍ଷା କରିବା ନିମନ୍ତେ ସମସ୍ତେ ଆହ୍ୱାନ ଦେଉଥିବା ଶୁଣାଯାଉଛି। ଅରୁଚିକର ମନ୍ତବ୍ୟ, ଅସାମ୍ବିଧାନିକ ଶବ୍ଦର ବ୍ୟବହାର, ଉସୁକାନି ତଥା ଉତ୍ତେଜନା ସୃଷ୍ଟି ଭାଷଣ, କାହାକୁ ବାଧିଲାଭଳି କଥା ଓ ଆକ୍ଷେପ, ବ୍ୟକ୍ତିର ଚରିତ୍ର ସଂହାର ଇତ୍ୟାଦିରୁ କ୍ଷାନ୍ତ ରହିବା ପାଇଁ ପରାମର୍ଶ ଦେବାରେ ଲାଗିପଡ଼ିଛନ୍ତି। ମନରେ ସ୍ୱତଃ ପ୍ରଶ୍ନ ଉଠେ, ଯଦି ସମସ୍ତେ ବାକ୍‌ସଂଯମତା ଉପରେ ଗୁରୁତ୍ୱ ଦେଉଛନ୍ତି ତେବେ ସଂଯମତା ରହୁନାହିଁ କାହିଁକି? କିଏ କାହାକୁ ମାଙ୍କଡ଼ମୁହାଁ ବୋଲି ଆକ୍ଷେପ କଲାଣି ତ କିଏ କାହାକୁ ପାଗଳ ବୋଲି କହି ସମାଲୋଚନା କଲାଣି। କିଏ ବୁଲ୍‌ଡୋଜର ଚଢ଼ାଇ ଜୀବନଜୀବିକା, ଘରଦ୍ୱାର ଭାଙ୍ଗି ମାଟିରେ ମିଶାଇଦେବାର ଧମକ ଦେଲାଣି ତ କିଏ ସତକୁସତ ଗାଡ଼ି ଚକାତଳେ ନିରୀହ ଜନତାଙ୍କ ଜୀବନ ନେଇ ଆତଙ୍କର ବାତାବରଣ ସୃଷ୍ଟି କଲାଣି। କିଏ କାହାର ଜନ୍ମକୁ ନେଇ କଟୁ ମନ୍ତବ୍ୟ ଦେଲାଣି ତ କିଏ କାହାର ଜାତିଗୋତ୍ର ଉପରେ ପ୍ରଶ୍ନ କଲାଣି। ଏସବୁ ପରେ ସେମାନଙ୍କ ମୁହଁରେ ମିଠାକଥାର ଆହ୍ୱାନ ଯାଦୁଆ ବିକୁଛି ଯାଦୁର ମଲମ ପରି ନୁହେଁ କି?

ଚତୁର୍ଦ୍ଦିଗରୁ ଚିତ୍କାର ଶୁଭୁଛି ଦୁର୍ନୀତି ହଟାଅ। ହେଲେ ଏହା କରୁଛି କିଏ? ସାଧାରଣ ଜନତା କ'ଣ ଏଥିପାଇଁ ଦାୟୀ? ହଁ, କିଛି ଲୋକଙ୍କର ଯୁକ୍ତି ସାଧାରଣ ଲୋକେ ଲାଞ୍ଚ ଦେଇ ଲାଞ୍ଚୁଆ କରିଦେଉଛନ୍ତି। ଲୋକେ ଲାଞ୍ଚ ଦେଉଛନ୍ତି ନା ଦେବାକୁ ବାଧ ହେଉଛନ୍ତି, ଇଏ ଏକ ଜଟିଳ ପ୍ରଶ୍ନ। ଏବେ କୁହାଗଲାଣି ଲାଞ୍ଚ ନେଉଛି ଯିଏ ଯେତିକି ଦୋଷୀ, ଦେଉଛି ଯିଏ ସେତିକି ଦୋଷୀ। ଆଚ୍ଛା ହେଲା, ଲୋକେ ଲାଞ୍ଚ ଦେଇ ଲାଞ୍ଚୁଆ କରିଦେଲେ। କୋଇଲା, ବୋଫର୍ସ, ଗୋଖାଦ୍ୟ, ଟୁ-ଜି ସ୍ପେକ୍ଟ୍ରମ୍ ଇତ୍ୟାଦି ବଡ଼ ବଡ଼ ଦୁର୍ନୀତି ପାଇଁ କ'ଣ ସାଧାରଣ ଲୋକେ ଦାୟୀ। ଯେଉଁମାନେ ବ୍ୟାଙ୍କରୁ ହଜାର ହଜାର କୋଟି ଟଙ୍କା ଋଣ ନେଇ ବିଦେଶ ପଳାଇଛନ୍ତି ସେମାନଙ୍କ ପଛରେ କ'ଣ ସାଧାରଣ ଲୋକଙ୍କ ହାତ ଅଛି ନା ରାଜନୈତିକ ପୃଷ୍ଠପୋଷକତାରେ ଏହିସବୁ କାଣ୍ଡକାରନାମା ହେଉଛି? ସବୁ ଗୁମର ଫିଟିଯାଆନ୍ତା ଯଦି ଏହି ବଡ଼ବଡ଼ିଆଙ୍କ ଆୟବୃଦ୍ଧିର ନିରପେକ୍ଷ ତଦନ୍ତ ହୁଅନ୍ତା। ଏମିତି କେଉଁ ଯାଦୁମନ୍ତ୍ରର କମାଲ ଯେ ପାଞ୍ଚବର୍ଷ ଭିତରେ ଦୁଇ କି ଚାରିଗୁଣା ନୁହଁ, ହଜାରେ ଗୁଣା ସମ୍ପତ୍ତି ବଢ଼ିଯାଉଛି? ଯଦି ଏମିତି କିଛି ମନ୍ତ୍ର ଅଛି ସମସ୍ତ ଭାରତବାସୀଙ୍କୁ ଘୋଷାଇଦେଲେ ରାତିପାହିଲା ବେଳକୁ ସମସ୍ତେ କୋଟିପତି ହୋଇଯାଆନ୍ତେ। ଦାରିଦ୍ର୍ୟର ବାଉଁଶ ଥିବ ନା ମାଗଣା ଯୋଜନାର ବଇଁଶୀ ବାଜିବ! ଏହା କେବେ ହେଇଚି ନା ହେବ।

ଦଳ ବଦଳ ସମ୍ପର୍କରେ ଅଧିକାଂଶ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଆଭିମୁଖ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ। ଏ ଦଳରୁ ସେ ଦଳକୁ ଡେଇଁଲାବେଳେ ନିଜ ସପକ୍ଷରେ ଯୁକ୍ତି ଓ ଦଳ ବିରୋଧରେ ବିଷୋଦ୍‌ଗାର। ଦଳରେ ଥିଲେ ବହୁତ ଭଲ। ଦଳ ପରିତ୍ୟାଗ କଲେ ସେ ବହୁତ ଖରାପ। ଦଳରେ ଥିବା ଯାଏ ସଚ୍ଚୋଟ, ଦଳ ଛାଡ଼ିଦେବା ପରେ ସେ ସବୁଠାରୁ ଦୁର୍ନୀତିଗ୍ରସ୍ତ। ଯେତେ ଦୋଷଦୁର୍ବଳତା ଥିଲେ ମଧ୍ୟ ପ୍ରଶଂସାରେ ପୋତି ପକାଉଥିବା ଲୋକଟିକୁ ରାତିପାହିଲା ବେଳକୁ ଅଜସ୍ର ନିନ୍ଦା, ଅପବାଦ ଦେବା ସହିତ ତା' ବିରୋଧରେ ତଦନ୍ତକାରୀ ସଂସ୍ଥାକୁ ଲଗାଇଦେବା, ପୁଣି ଦୁର୍ନୀତି ଅଭିଯୁକ୍ତ ଲୋକଟି ଦଳକୁ ଆସିଲେ ଫୁଲମାଳ ଦେବା ଏବଂ ତା' ବିରୋଧରେ ଚାଲୁଥିବା ସବୁ ତଦନ୍ତକୁ ଚପାଇଦେବା ରାଜନୈତିକ ସଂସ୍କୃତିରେ ପରିଣତ ହେବାକୁ ବସିଲାଣି। ବିରାଡ଼ି ଆଖିବୁଜି କ୍ଷୀର ପିଇବା ବେଳେ ସେ ଭାବେ ତାକୁ କେହି ଦେଖି ପାରୁନାହାନ୍ତି।

ହେଲେ ସମ୍ପ୍ରତି ଦେଶରେ ଯେତେ ପ୍ରସଙ୍ଗ ଆସୁଛି ସବୁକ୍ଷେତ୍ରରେ ରାଜନୈତିକ ଆଭିମୁଖ୍ୟ ଏମିତି ବିଚିତ୍ର, ଛଳନାପୂର୍ଣ୍ଣ। ସର୍ବଦା ଅନ୍ୟ ଉପରକୁ ଅଙ୍ଗୁଳି ଦେଖାଇବାରେ ଏମାନେ ବେଶ୍ ପାରଙ୍ଗମ। ଅନ୍ୟକୁ ଉପଦେଶ ଦେବା, ନ୍ୟାୟ ନୈତିକତାର କଥା କହିବା, ଆବଶ୍ୟକ ସ୍ଥଳେ ଅନ୍ୟ ମୁଣ୍ଡରେ ଅଠା ବୋଳିଦେଇ ନିଜ ଭାବମୂର୍ତ୍ତିକୁ ଅକ୍ଷୁଣ୍ଣ ରଖିବାର ସମସ୍ତ କଳାକୌଶଳ ଏମାନଙ୍କୁ ମାଲୁମ୍। ଏମାନେ ସର୍ବସାଧାରଣରେ ଅହିଂସାର ମନ୍ତ୍ର ଜପୁଛନ୍ତି। କିନ୍ତୁ ଲୋକଙ୍କ ଆଢୁଆଳରେ ରହି ହିଂସାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଏ ପ୍ରକାର ଦୋମୁହାଁ ନୀତି ତଥା ଦେବାଳିଆ ମତିଗତିକୁ ଦେଖି ଲୋକେ ଜର୍ଜ ବର୍ନାର୍ଡ୍ ସ'ଙ୍କ ଟିପ୍ପଣୀକୁ ସମର୍ଥନ କରି କହିବା ଆରମ୍ଭ କଲେଣି- ରାଜନୀତି ହେଉଛି ଦୁର୍ବୃତ୍ତ ଲୋକଙ୍କର ନିରାପଦ ଆଶ୍ରୟସ୍ଥଳୀ।

ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା
ମୋ: ୭୦୦୮୦୭୩୫୯୯

# ରାଜନୀତିରେ ଅବସର ବୟସ



ଷ୍ଟାଲିନ୍ ମିଶ୍ର

ଆମ ସମାଜରେ ଆପଣ ଯେକୌଣସି ସରକାରୀ ଅବା ବେସରକାରୀ ସଂସ୍ଥାରେ ଚାକିରି କରୁଥିଲେ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଉପନୀତ ହେଲେ ଆପଣଙ୍କୁ ସେବାନିବୃତ୍ତି ନେବାକୁ ପଡିଥାଏ। କିନ୍ତୁ ରାଜନୀତି ଏକମାତ୍ର ବ୍ୟତିକ୍ରମ, ଯେଉଁଠି ମୃତ୍ୟୁ ଯାଏ ଜଣେ ଚାହିଁଲେ କ୍ଷମତା ଓ ସୁବିଧାସୁଯୋଗ ଉପଭୋଗ କରିପାରିବ। କିଛି ବିଜ୍ଞ ଲୋକଙ୍କ ମତରେ, ରାଜନୀତି ଏକ ଚାକିରି ବା ବୃତ୍ତି ନୁହେଁ ବରଂ ଏହା ଏକ ସେବା, ତେଣୁ ଅବସର ବୟସସୀମାର ଆବଶ୍ୟକତା ନାହିଁ। ସେମାନେ ଭୁଲ କି ଠିକ୍ ମୁଁ ତାହା କହିବାକୁ ଅସମର୍ଥ। କିନ୍ତୁ ମୋ ମତରେ ରାଜନୀତିରେ ଅବସର ବୟସ ସୀମା ନିହାତି ଜରୁରୀ। ଆସନ୍ତୁ ଆଜିର ଏହି ଆଲେଖ୍ୟ ମୋର ଏହି ଭିନ୍ନ ମତ ଉପରେ ବିସ୍ତାରରେ ଚର୍ଚ୍ଚା କରିବା।

ଜଣେ ସରକାରୀ ଅଧିକାରୀ କିମ୍ବା କର୍ମଚାରୀ ଦେଶର ସମ୍ବିଧାନ ତଥା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିଥାନ୍ତି। ସେମାନଙ୍କ ନିଜସ୍ୱ ନିର୍ଣ୍ଣୟ ନେବା କ୍ଷମତା ବହୁତ କ୍ଷୀଣ। ମୋଟାମୋଟି କହିବାକୁ ଗଲେ, ଜଣେ ଅଧିକାରୀ ଯେତେ ଜ୍ଞାନୀ ଗୁଣି ତଥା ଅଭିଜ୍ଞତାସମ୍ପନ୍ନ ହୋଇଥିଲେ ମଧ୍ୟ କେବଳ ଦେଶର ଆଇନକାନୁନକୁ କାର୍ଯ୍ୟକାରୀ କରିବା ଛଡା ତାଙ୍କ ପାଖରେ ଆଉ କିଛି ବିକଳ୍ପ ନ ଥାଏ। ଭୁଲ କ'ଣ ଠିକ୍ କ'ଣ ଜାଣି ମଧ୍ୟ ସ୍ଥାନ ବିଶେଷରେ କେବଳ ସରକାରଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେବାକୁ ଯାଇ ସେମାନେ ଅନ୍ୟାୟ କରିବାକୁ ବାଧ୍ୟ ହୋଇଥାନ୍ତି। କାରଣ ଜଣେ ଅଧିକାରୀ, ଅମଲା, ନ୍ୟାୟମୂର୍ତ୍ତି କିମ୍ବା ଜଣେ ସାଧାରଣ କର୍ମଚାରୀ ଆଇନର ପ୍ରଣେତା ନୁହନ୍ତି, ସେମାନେ କେବଳ ଜଣେ ଜଣେ ଆଇନର ପ୍ରୟୋଗକର୍ତ୍ତା। ଆଇନ ତିଆରି କରିବା ଲୋକ ହେଉଛନ୍ତି ଆମ ବିଧାୟକ ଓ ସାଂସଦମାନେ। ଯେଉଁମାନେ କେବଳ ଆଇନ ପାଳନ କରନ୍ତି ତାଙ୍କ ପାଇଁ ଅବସର ବୟସସୀମା, କିନ୍ତୁ ଯେଉଁମାନେ ଆଇନ ତିଆରି କରନ୍ତି ତାଙ୍କ ପାଇଁ କୌଣସି ଅବସର ବୟସସୀମା ନାହିଁ ଏହା ଅସଙ୍ଗତ ମନେହୁଏ। କାରଣ ଆଇନ ତିଆରି କରୁଥିବା ଲୋକର ମାନସିକ ତଥା ଶାରୀରିକ ସାମର୍ଥ୍ୟ ଆଇନ ପାଳନ କରୁଥିବା ଲୋକଙ୍କଠାରୁ ନିଶ୍ଚିତ ଭାବେ ଅଧିକ ହେବ ଜରୁରୀ। ଦେଶ ଚଳାଇବାକୁ, ନିୟମ ପ୍ରଣୟନ କରିବାକୁ, ଉଚିତ ନିର୍ଣ୍ଣୟ ନେବାକୁ ଜଣେ ବ୍ୟକ୍ତି ମାନସିକ ତଥା ଶାରୀରିକ ସ୍ତରରେ ସୁସ୍ଥ ହେବା ନିହାତି ଆବଶ୍ୟକ ଏବଂ ଜଣେ ବ୍ୟକ୍ତିର ବୟସ ତା'ର ମେଧାଶକ୍ତି, ମାନସିକ ସ୍ଥିତି ଓ ଶାରୀରିକ ସାମର୍ଥ୍ୟକୁ ନିୟନ୍ତ୍ରିତ କରିଥାଏ। ତେଣୁ ଆଇନ ପ୍ରଣେତାଙ୍କ ପାଇଁ ଅବସର ବୟସସୀମା ଜରୁରୀ ନୁହେଁ କି? ଆପଣମାନେ ଯଦି ଲକ୍ଷ କରିବେ ଜାଣିବାକୁ ପାଇବେ ଯେ ଆମ ଦେଶରେ ଅନେକ ରାଜନେତା ଶାରୀରିକ ତଥା ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଅଯୋଗ୍ୟ ହୋଇ ମଧ୍ୟ ମନ୍ତ୍ରୀ, ବିଧାୟକ, ସାଂସଦ ପରି ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଆସୀନ ଥାନ୍ତି। ନା ସେମାନେ ଉଚିତ ନିର୍ଣ୍ଣୟ ନେବାକୁ ମାନସିକ ରୂପେ ସମର୍ଥ ଥାନ୍ତି ନା ଜନସାଧାରଣଙ୍କୁ ସେବା ଦେବା ପାଇଁ ତାଙ୍କ ଶରୀର ତାଙ୍କୁ ଅନୁମତି ଦେଇଥାଏ। ଏପରି ସ୍ଥିତିର ଗଭୀର କୁପ୍ରଭାବ ଆମ ସମାଜରେ ପଡିଥାଏ।



କେନ୍ଦ୍ରଠାରୁ ଆରମ୍ଭ କରି ଆମ ରାଜ୍ୟରେ ଏପରି ବୟୋବୃଦ୍ଧ ରାଜନୀତିଜ୍ଞମାନଙ୍କର ଧାଡି ବହୁତ ଲମ୍ବା। ରାଜମାତା ବିଜୟା ରାଜେ ସିନ୍ଧିଆ, ଡ. ମନମୋହନ ସିଂ, ପ୍ରମିଳା ବିଷୋୟୀ, ସାବିତ୍ରୀ ଅଗ୍ରୱାଲ, ଶରଦ ପାୱାର, ପ୍ରକାଶ ସିଂ ବାଦଲ, କରୁଣାନିଧି, ଭାଗବତ ବେହେରା ଏପରି ଅନେକ ଉଦାହରଣ ମିଳିବ ଯେଉଁମାନେ ବାର୍ଦ୍ଧକ୍ୟଜନିତ ଅସମର୍ଥତା ସତ୍ତ୍ୱେ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିଛନ୍ତି କିମ୍ବା ରହିଥିଲେ। ଭାରତୀୟ ରାଜନୀତି ବୟୋବୃଦ୍ଧମାନଙ୍କର କ୍ରୀଡ଼ାଭୂମି କହିଲେ ଅତ୍ୟୁକ୍ତି ହେବନାହିଁ। ଆଜି ମଧ୍ୟ କୁଶଳୀ, କର୍ମଠ ତଥା ପରାକ୍ରମୀ ଯୁବକମାନଙ୍କ ଅପେକ୍ଷା ମାନସିକ ଓ ଶାରୀରିକ ସ୍ତରରେ ଅସୁସ୍ଥ ବୟୋବୃଦ୍ଧମାନେ ହିଁ ଦେଶର ସରକାର ଏବଂ ଦଳୀୟ ପଦପଦବୀ ମାଡ଼ିବସିଛନ୍ତି। ଏହାଫଳରେ ଖାଲି କୁଶଳୀ ଯୁବସମାଜ ଉପେକ୍ଷିତ ହେଉନାହାନ୍ତି ବରଂ ଦେଶର ପ୍ରଗତି ମଧ୍ୟ ବାଧାପ୍ରାପ୍ତ ହେଉଛି। କିଛି ଲୋକ ଆଜୀବନ କ୍ଷମତା ଓ ସୁବିଧା ସୁଯୋଗ ଉପଭୋଗ କରୁଥିବା ବେଳେ ଅନ୍ୟ ଯୋଗ୍ୟମାନଙ୍କୁ ସୁଯୋଗ ମିଳୁନାହିଁ। ସୁପ୍ରିମକୋର୍ଟ ମୁଖ୍ୟ ନ୍ୟାୟାଧୀଶଙ୍କ ଅବସର ବୟସସୀମା ୬୫ ବର୍ଷ, ହାଇକୋର୍ଟ ନ୍ୟାୟାଧୀଶଙ୍କ ଅବସର ବୟସସୀମା ୬୨ ବର୍ଷ, ବିଶ୍ୱବିଦ୍ୟାଳୟ ପ୍ରଫେସରମାନଙ୍କର ଅବସର ବୟସସୀମା ୬୦ରୁ ୬୫ ବର୍ଷ। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ କର୍ମଚାରୀମାନଙ୍କ ଅବସର ବୟସସୀମା ୬୦ ବର୍ଷ। ଏପରି କି ଘରୋଇ କ୍ଷେତ୍ରରେ ମଧ୍ୟ ୬୦ ବର୍ଷରେ କର୍ମଚାରୀମାନେ ଅବସର ନେବା ପ୍ରଥା ଅଛି। କିନ୍ତୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀମାନଙ୍କର ଅବସର ବୟସସୀମା ନାହିଁ। ସାଂସଦ ,ବିଧାୟକ, ମନ୍ତ୍ରୀମାନଙ୍କ ପାଇଁ ଅବସର ବୟସସୀମା ନାହିଁ। ଏହା ଅସଙ୍ଗତ ନ ଲାଗିବା ଦୁର୍ଭାଗ୍ୟପୂର୍ଣ୍ଣ।

ଏବେ ଆସନ୍ତୁ କିଛି ଲୋକଙ୍କ ଯୁକ୍ତି ଉପରେ ଚର୍ଚ୍ଚା କରିବା। ସେମାନଙ୍କ ହିସାବରେ ରାଜନୀତି କୌଣସି ବୃତ୍ତି ବା ଚାକିରି ନୁହେଁ, ତେଣୁ ଅବସର ବୟସସୀମା ଅନାବଶ୍ୟକ। ଯଦି ଏହା ଏକ ବୃତ୍ତି କି ଚାକିରି ନୁହେଁ ତଥା ଏହା ଜନତାଙ୍କ ପାଇଁ ଗୋଟେ ସେବା ତା'ହେଲେ ଦରମା, ଭତ୍ତା, ପେନ୍‌ସନ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ କାହିଁକି? ରାଜନୀତି କୌଣସି ବୃତ୍ତି ବା ଚାକିରିଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ତଥା ଦାୟିତ୍ୱବାନ କାର୍ଯ୍ୟ ଏବଂ ଏଥିପାଇଁ ସୁସ୍ଥ ମାନସିକ ସ୍ଥିତି ଓ ଶାରୀରିକ ଶକ୍ତିର ଆବଶ୍ୟକତା ରହିଛି। ଏଣୁ ଅବସର ବୟସ ସୀମା ଜରୁରୀ।

ଆମ ଦେଶ ଏକ ଯୁବକ ବହୁଳ ଦେଶ। ଏବେ ସମୟ ଉପନୀତ, ଆମକୁ କୁଶଳୀ ଯୁବକମାନଙ୍କୁ ଦେଶ ନିର୍ମାଣ ତଥା ଦେଶ ଚଳାଇବା ପାଇଁ ଅଗ୍ରାଧିକାର ଦେବା ଉଚିତ। ଆମକୁ ଉନ୍ନତ ଦେଶମାନଙ୍କୁ ଅନୁକରଣ କରିବାକୁ ପଡିବ। ରାଜନୀତିରେ ଅବସର ବୟସସୀମା ଲାଗୁ କରି ବୟୋବୃଦ୍ଧମାନଙ୍କୁ ରାଜନୀତିରୁ ବିମୁଖ କରି ସମାଜସେବା, ଶିକ୍ଷାଦାନ, ଧର୍ମକାର୍ଯ୍ୟ, ପ୍ରଥା ଓ ସଂସ୍କୃତିର ପ୍ରଚାର ପ୍ରସାର, ପାରିବାରିକ ସଦ୍ଭାବନା ବୃଦ୍ଧି ତଥା ନୂତନ ପିଢ଼ି ପାଇଁ ପ୍ରେରଣାଦାୟୀ ହେବାକୁ ପ୍ରେରିତ କରିବା ଉଚିତ। ଏପରି କଲେ ଆମ ସମାଜରେ ଏକ ସକାରାତ୍ମକ ବାତାବରଣ ସୃଷ୍ଟି ହୋଇପାରିବ। ବିକାଶ ତ୍ୱରାନ୍ୱିତ ହେବା ସହିତ କାର୍ଯ୍ୟ-ଜୀବନ ସନ୍ତୁଳନ ଠିକ୍ ରହିପାରିବ।

ସୂଚନା ପ୍ରଯୁକ୍ତିବିତ୍,
ମୋ: ୯୩୪୩୯୩୫୩୪୧

## ଏଇ ଭାରତରେ

ଜୈବିକ କୃଷିର ଆବଶ୍ୟକତାକୁ ଉପଲବ୍ଧି କରିଛନ୍ତି ପୁଣେର ଦୁଇ ଭାଇ ଅଜିଙ୍କ୍ୟ ଓ ସତ୍ୟଜିତ। ସେମାନେ କର୍ପୋରେଟ ଚାକିରି ଛାଡ଼ି ଜୈବିକ କୃଷିରୁ ଅନେକ କୋଟି ଟଙ୍କା ଆୟ କରୁଛନ୍ତି। ଦୁଇ ଭାଇ ପୁଣେ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ ଡିଗ୍ରୀ ହାସଲ କରି ଏମ୍‌ଏନ୍‌ସିଏସ୍‌ରେ ଏକ ଦଶନ୍ଧି ଧରି ଚାକିରି କରିବା ପରେ ଏହି କୃଷି କ୍ଷେତ୍ରକୁ ଓହ୍ଲାଇଥିଲେ। ପ୍ରଥମେ ସେମାନେ ଏଥିପାଇଁ ସମାଲୋଚନାର ସାମ୍ନା କରିଥିଲେ। ହେଲେ ନିଷ୍ଠା ବଳରେ ସଫଳତା ପାଇ ୨/୩ ଏକରରୁ ଏବେ ୨୦ ଏକର ଜମିରେ ଜୈବିକ କୃଷି କରିବାକୁ ସକ୍ଷମ ହୋଇଛନ୍ତି। ଏଥିରୁ ସେମାନେ ବର୍ଷକୁ ୩ କୋଟି ଟଙ୍କା ଆୟ କରୁଛନ୍ତି। ଏହି କୃଷି ପାରମ୍ପରିକ ପଦ୍ଧତିରେ ଏବଂ କେବଳ ଗୋବର ଖତରେ ଏବଂ ଜୈବିକ କୀଟନାଶକରେ କରୁଛନ୍ତି। କୃଷି ସହ ଗୋପାଳନ ମଧ୍ୟ କରୁଛନ୍ତି। ଉଭୟେ ଧାନେ, ଡାଲି ଓ ଅନ୍ୟ ଶସ୍ୟ ଉତ୍ପାଦନ କରିବା ସହ ଦୁଗ୍ଧଜାତ ଦ୍ରବ୍ୟରୁ ଭଲ ଲାଭ ପାଉଛନ୍ତି। ସେମାନଙ୍କ ଜୈବିକ ପଦ୍ଧତି କୃଷିକୁ ଏବେ ସୁଦ୍ଧା ୧୪ଟି ଦେଶରୁ ଲୋକେ ଦେଖିବାକୁ ଆସି ସାରିଲେଣି। ମୁଖ୍ୟତଃ ଆମେରିକା, ଜର୍ମାନୀ, ଫ୍ରାନ୍ସ ଏବଂ ଅଷ୍ଟ୍ରେଲିଆରୁ କୃଷକ, ମିଡିଆ ଏକ୍ସପର୍ଟ ଓ ବ୍ୟାଙ୍କରମାନେ ବୁଲିବାକୁ ଆସୁଛନ୍ତି। ଅଜିଙ୍କ୍ୟ ଓ ସତ୍ୟଜିତ ଏବେ ସୁଦ୍ଧା ୧୬,୦୦୦ କୃଷକଙ୍କୁ ଜୈବିକ କୃଷି ସମ୍ପର୍କରେ ପ୍ରଶିକ୍ଷଣ ଦେଇସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଜୁନ୍ ୧୯୯୮

- ଆଣବିକ ପରୀକ୍ଷା ବନ୍ଦ ରଖିବା ନେଇ ପାକିସ୍ତାନ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା।
- ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଏମ୍.ପି. ଲାଞ୍ଚ ମାମଲାରେ ଜେ.ଏମ୍.ଏମ୍. ନେତା ଶିବୁ ସୋରେନଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ।
- ରାଜ୍ୟ ସରକାର ଜଳଯୋଗାଣ କର୍ମଚାରୀଙ୍କ ଧର୍ମଘଟକୁ ବେଆଇନ ଘୋଷଣା କରିବା ସହ 'ଏସ୍‌ମା' ଲାଗୁ କରିଛନ୍ତି ଏବଂ ଧର୍ମଘଟକାରୀଙ୍କୁ ଗିରଫ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଫେରିବାଲାଙ୍କ ପ୍ରକୃତ ତଥ୍ୟ ରଖାଯାଉ

ମହାଶୟ,

ଭାରତର ବିଭିନ୍ନ ରାଜ୍ୟର କି ସହର କି ଗ୍ରାମାଞ୍ଚଳରେ ଭଳିକି ଭଳି ଫେରିବାଲା ଦେଖିବାକୁ ମିଳୁଛନ୍ତି। ହରେକ୍ କିସମର ବେପାର ବାଣିଜ୍ୟ କରୁଛନ୍ତି। ଏମାନଙ୍କ ନୀତିଗତି ସମ୍ପୂର୍ଣ୍ଣ ସନ୍ଦେହଜନକ ରହୁଛି। ପୁରୁଣା ଉଭାନ ହୋଇଯାଉଥିବା ବେଳେ ନୂଆ ନୂଆ ଫେରିବାଲାଙ୍କୁ ଏ ଆଖି ଦେଖୁଛି। ବିଶେଷକରି ଏମାନେ ଅଣଓଡ଼ିଆ ଓ ଦଳବଦ୍ଧ ଭାବେ ଗୋଟିଏ ଗୋଟିଏ ଅଞ୍ଚଳରେ ଫେରି କରୁଥିବାରୁ ଏମାନଙ୍କ ହାବଭାବ ସନ୍ଦେହ ସୃଷ୍ଟି କରୁଛି। କୁହାଯାଉଛି ଏମାନେ ଦିନରେ ଫେରି ଓ ରାତିରେ ଚୋରି ଭଳି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। କ୍ଷୋଭର ବିଷୟରେ ଏତେସଂଖ୍ୟାକ ଫେରିବାଲା ଦେଶ ତଥା ରାଜ୍ୟରେ ପ୍ରବେଶ କରୁଥିବାବଳେ ଏମାନଙ୍କ ପରିଚୟ ସମ୍ପର୍କରେ କୌଣସି କଡ଼ାକଡ଼ି ଯାଞ୍ଚ ହେଉନାହିଁ। ପ୍ରଶାସନ ଓ ଗୋଇନ୍ଦା ବିଭାଗର ଏମାନଙ୍କ ପ୍ରତି କୋହଳ ଖସଡ଼ା ନୀତି ଉପଯୁକ୍ତ ନୁହେଁ। ଏମାନଙ୍କର ପ୍ରକୃତ ତଥ୍ୟ ସହିତ, ଏମାନଙ୍କ ଉପରେ ତିକ୍ଷ୍ଣ ନଜର ରଖିବା ନିତ୍ୟାନ୍ତ ଆବଶ୍ୟକ।

-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା

## ଚିରନ୍ତନୀ

ସମୟର ସୀମା ବାନ୍ଧି,
ଶତକୋଟି ଗ୍ରହ, ଉପଗ୍ରହ
ଖେଳାଉଛ କୋଟି ବିଶ୍ୱ
ଲୋମକୂପେ ଯେହୁ ଅହରହ
(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଦିନ ଦ୍ୱିପ୍ରହରରେ ବୁଲୁଛି ଦନ୍ତା, ଲୋକେ ଆତଙ୍କିତ



**କର୍ଲାମୁଣ୍ଡା,୧୧।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କୁଶୁର୍ଲା ହଜାରିପଡା ନିକଟସ୍ଥ ଶାନ୍ତିବନଠାରେ ଶନିବାର ଏକ ଦନ୍ତାହାତୀ ବୁଲୁଥିବା ଦେଖିବାକୁ ମିଳିଛି। କୌଣସି ମତେ ଖବର ପାଇ କେସିଙ୍ଗା, ନର୍ଲା ଓ ମ. ରାମପୁର ରେଞ୍ଜର କର୍ମଚାରୀମାନେ ପହଞ୍ଚି ହାତୀ ଘଉଡେଇବାର ସକ୍ଷମ ହୋଇଥିଲେ। ତେବେ ଦନ୍ତାକୁ ଦେଖି ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅନ୍ୟପଟେ ଏହି ଦନ୍ତା କେଉଁଠୁ ଆସିଲା ତାହାସ୍ପଷ୍ଟ ଜଣା ପଡ଼ିନାହିଁ।

### ଅଂଶୁଘାତରୁ ସୁରକ୍ଷା ପାଇଁ ସଚେତନତା ରଥ



**କର୍ଲାମୁଣ୍ଡା,୧୧।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ଷୋସାଇଟି ପକ୍ଷରୁ ଆୟୋଜିତ ଅଂଶୁଘାତ ସୁରକ୍ଷା ପାଇଁ ସଚେତନ ରଥ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଭାରପ୍ରାପ୍ତ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କିଶୋର ଦାଶ୍, ବିପିଏମ ଅଜିତ ସିଂ କୁମାର,ଏବିପିସି ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ରଥ ଉଧଘାଟନ କରିଥିଲେ। ଏହି ରଥ ଜରିଆରେ ବ୍ଲକ ୧୨ପଞ୍ଚାୟତ ପରିକ୍ରମା କରି ଅଂଶୁଘାତରୁ କିପରି ସୁରକ୍ଷା ମିଳିବ ସେ ଉପରେ ସଚେତନତା ସୃଷ୍ଟି କରାଯିବା ଲକ୍ଷ୍ୟ ଥିବା ଆୟୋଜକ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏଥିରେ ସିଆରପି ବାଲ୍ମୀକି ଛତ୍ରିଆ, ଜୀବରଧନ ସାହୁ, ଧୁରାବନ ବାଗ, ଶ୍ରଦ୍ଧାଞ୍ଜଳି ବାଗ, ଭାନୁମତି ବାଗ ସହଯୋଗ କରିଥିଲେ।

### ୨ ବାଇକ୍ ମୁହାଁମୁହିଁ ଧକ୍କା, ୫ ଆହତ

**କେସିଙ୍ଗା,୧୧।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ଏଫସିଆଇ ଛକ ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୫ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଗଣେଶ ମାଝି (୪୦), ସବିତା ଦୀପ (୩୫), ଭୋଲା ଦୀପ (୧୯), ଦେବେନ୍ଦ୍ର ପୋଢ଼ (୩୮), ଅମ୍ବି ମାଝି (୨୬)। ଶୁକ୍ରବାର ରାତ୍ରରେ ପଲସର୍ ଓ ସ୍କୁଟି ମଧରେ ମୁହାଁମୁହିଁ ଧକା ହୋଇଥିଲା। ପୋଲିସ ଖବର ପାଇ ସମସ୍ତଙ୍କୁ କେସିଙ୍ଗା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଆହତଙ୍କ ଅବସ୍ଥା ଗୁରୁତର ହେବାରୁ ଭବାନୀପାଟଣା ମୁଖ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପଲସର୍‌ରେ ୩ଜଣ ବସିଥିବା ବେଳେ ସ୍କୁଟିରେ ଦୁଇ ଜଣ ବସିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଉଭୟ ଗାଡ଼ିର ସ୍ପିଡ୍ ଅଧିକ ଥିଲା। ସାମ୍ନାସାମ୍ନି ଯୋର୍‌ରେ ଧକ୍କା ହୋଇଥିଲା। ଦୁଃଖର ବିଷୟ କେସିଙ୍ଗା ମେଡିକାଲରେ ସରକାରୀ ଆମ୍ବୁଲାନ୍ସ ନ ଥିବାରୁ ଆହତ ।ନଙ୍କୁ ବେସରକାରୀ ଗାଡିରେ ଭବାନୀପାଟଣା ସ୍ଥାନାନ୍ତର କରାଯାଇଛି।

### କର୍ଲାମୁଣ୍ଡା ହାଇସ୍କୁଲ ୫-ଟିରେ ସାମିଲ

**କର୍ଲାମୁଣ୍ଡା,୧୧।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା କାର୍ଲମୁଣ୍ଡା ବ୍ଲକ ସଦରସ୍ଥିତ ପଞ୍ଚାୟତ ସମିତି ହାଇସ୍କୁଲ ଦୀର୍ଘ ଦିନ ପରେ ୫-ଟି ଯୋଜନାରେ ସାମିଲ ହୋଇଛି। ଏହି ଅବସରରେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ୍ୟା କୁନି ସାହୁ, ତହସିଲଦାର ମିଳନ କୁମାର ଝାଙ୍କର, ବିଡିଓ ସୁଚରିତା ମୁଗ୍ରୀ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ଭୂମିଦାତା ଗୋବର୍ଦ୍ଧନ ଭୋଇ ଓ ଜଳନ୍ଧର ଭୋଇ, ଫାଣ୍ଡି ଅଧିକାରୀ ବଂଶୀଧର ସାମଲ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରସନ୍ନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଭୂମିପୂଜନ ଉତ୍ସବରେ ସହକାରୀ ଶିକ୍ଷକ ମାର୍କଣ୍ଡ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ରାଉତ, ପରିଚାଳନା କମିଟି ସଦସ୍ୟ ରଶ୍ମିରଞ୍ଜନ ସାହୁ, ଦିନବନ୍ଧୁ ସାହୁ, ମିତ୍ରଭାନୁ ସାହୁ, ଜୟଶଙ୍କର ସାହୁ, ଆଦିବାସୀ ଯୁବ ନେତା ନନ୍ଦି କିଶୋର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଚଢ଼ା ଦରରେ ବିକ୍ରି କରୁଛନ୍ତି ଦୋକାନୀ

**ଭବାନୀପାଟଣା,୧୧।୬(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ ଲାଇସେନ୍ସ ପ୍ରାପ୍ତ ମଦ ବ୍ୟବସାୟୀମାନେ ଅବକାରୀ ନିୟମକୁ ମାନୁନାହାନ୍ତି। ସେମାନେ ଠିପି ବନ୍ଦ ଦୋକାନରେ ଠିପି ଖୋଲା କାରବାର ଚଳାଇଛନ୍ତି। ମଦ ଦୋକାନ ଆଗରେ ଦର, ତାଲିକା ଟାଙ୍ଗିବା ପାଇଁ ନିୟମ ଥିବାବେଳେ ସମ୍ପୃକ୍ତ ମଦ ବ୍ୟବସାୟୀମାନେ ଏହାକୁ ବେଖାତିର କରୁଛନ୍ତି। ଜିଲାରେ ଲାଇସେନ୍ସ ପ୍ରାପ୍ତ ୩୨ଟି ବିଦେଶୀ ମଦ (ଠିପି ବନ୍ଦ) ଦୋକାନ ରହିଛି। ହେଲେ ଅବକାରୀ ବିଭାଗ ନୀରବ ଦ୍ରଷ୍ଟା ସାଜିଥିବାରୁ ପ୍ରିଣ୍ଟ ମୂଲ୍ୟଠାରୁ ଚଢା ଦରରେ ଦୋକାନୀ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଜିଲାର ପ୍ରାୟ ବିଦେଶୀ (ଠିପିବନ୍ଦ) ମଦ ଦୋକାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଥିପ୍ରତି ବିଭାଗ ପାଖରେ ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ମଦ ବ୍ୟବସାୟୀଙ୍କ ସହିତ ଅବକାରୀ ବିଭାଗର ସଲାସୁତୁରା ବୋଲି ପ୍ରମାଣିତ ହୋଇଛି। ସେହିପରି ଠିପି ଖୋଲା ମଦ ଦୋକାନ ପାଇଁ ଅଧିକ ଟିକସ ଦେବାର ନିୟମ ଥିବାବେଳେ ଠିପିବନ୍ଦ ଦୋକାନୀମାନେ ଠିପି ଖୋଲା କାରବାର ଚଳାଇ ସରକାରୀ ଟିକସ ଫାଙ୍କୁଛନ୍ତି। ଜନବସତି, ମନ୍ଦିର, ଶିକ୍ଷାନୁଷ୍ଠାନ ନିକଟରେ ମଦ ଦୋକାନ ଖୋଲିବା ନିୟମ ନ ଥିବାବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲାର ଅନେକ ମଦ ଦୋକାନଗୁଡିକ ଏବେ ଜନବସତି, ରାସ୍ତାକଡ, ଶିକ୍ଷାନୁଷ୍ଠାନ, ମନ୍ଦିର ନିକଟରେ ରହିଛି। ସେହିପରି ଲାଇସେନ୍ସ ପ୍ରାପ୍ତ ଦେଶୀମଦ ଭାଟିଗୁଡିକରେ ପାଣି ମିଶା ଦେଶୀ ମଦ ବିକ୍ରି ହେଉଛି। ଜଣେ ଜଣେ ବ୍ୟକ୍ତିଙ୍କ ନାମରେ ଏକାଧିକ ମଦଭାଟି, ବ୍ରାଞ୍ଚ ଥିବାରୁ ସେମାନେ ଏକଚାଟିଆ ଭାବେ କାରବାର ଚଳାଇ ନିରୀହ ଲୋକଙ୍କୁ ଶୋଷଣ କରୁଛନ୍ତି। ଜିଲାର ପ୍ରାୟ ଗାଁରେ ଛତୁ ଫୁଟିଲା ଭଳି ବେଆଇନ ମଦ କୋଠି ଖୋଲିଛି। ଏହାକୁ ନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ମଧ ଦାନା ବାନ୍ଧୁଛି।

**ରିର୍ପୋଟ-ଉତ୍ତମ କୁମାର ଦାଶ**



ବିଦେଶୀ ମଦ ଦୋକାନ।

**କଳାହାଣ୍ଡି ଜିଲା**

■ **ନୀରବ ଦ୍ରଷ୍ଟା ସାଜିଛି ଅବକାରୀ ବିଭାଗ**



"ଏ ନେଇ ଜିଲା ଅବାକାରୀ ଅଧୀକ୍ଷକ ରଞ୍ଜନ କୁମାର ନାଏକଙ୍କୁ ପଚାରିବାରୁ ପ୍ରିଣ୍ଟ ମୂଲ୍ୟଠାରୁ ଅଧିକ ଦରରେ ମଦ ବିକ୍ରି କରୁଥିବା ଅଭିଯୋଗ ଆସିବା ପରେ ସମସ୍ତ ଦୋକାନୀଙ୍କୁ ଡକାଯାଇ ପ୍ରିଣ୍ଟ ମୂଲ୍ୟରେ ମଦ ବିକ୍ରି କରିବା ପାଇଁ କୁହାଯାଇଥିଲା। ଏହାକୁ ନ ମାନି ପ୍ରିଣ୍ଟ ମୂଲ୍ୟରେ ଅଧିକ ଦରରେ ମଦ ବିକ୍ରି କରୁଥିବା ଦୋକାନୀଙ୍କ ଉପରେ ମାମଲା ମଧ ରୁଜୁ କରାଯାଇଥିଲା। ଯଦି ଏମିତି ପୁଣି ହେଉଛି ତାହାହେଲେ ଉକ୍ତ ଦୋକାନରେ ଚଢ଼ାଉ କରାଯାଉ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

**ଅବକାରୀ ଅଧିକ୍ଷକ ରଞ୍ଜନ ନାୟକ।**

# ବଦଳି ନେଇ ଜିଲାପାଳଙ୍କୁ ଦାବିପତ୍ର



କାନକୁଟୁରୁ ପଞ୍ଚାୟତବାସୀ ଦାବିପତ୍ର ଦେବାକୁ ଆସିଛନ୍ତି।

**ଲାଞ୍ଜିଗଡ଼,୧୧।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ କାନକୁଟୁରୁ ପଞ୍ଚାୟତ ଜିଆରଏସ୍ ଭାଗବତ ପ୍ରସାଦ ସାହୁଙ୍କ ମନମୁଖି କାର୍ଯ୍ୟକଳାପ ଯୋଗୁ ଲୋକେ ଅତିଷ୍ଠ ହୋଇଛନ୍ତି। ତାଙ୍କ ବଦଳି ନେଇ ସରପଞ୍ଚ ବନମାଳୀ ମାଝିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ପ୍ରଦାନ କରିଛନ୍ତି। ଜିଆରଏସ୍ ସାହୁ ନିଜ କାମରେ ଅବହେଳା ଯୋଗୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରୁଥିବା ଶ୍ରମିକମାନଙ୍କୁ ମାସ ମାସ ଧରି ମଜୁରୀ ପାଇପାରୁ ନାହାନ୍ତି। ଫଳରେ ଗାଁ ସାଥୀମାନେ ମଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ କାନକୁଟୁରୁ ସରପଞ୍ଚ ମାଝି, ସମସ୍ତ ୱାର୍ଡ଼ମେମ୍ବର, ଗାଁ ସାଥି ଓ ଶ୍ରମିକମାନଙ୍କ ମଧରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ତଙ୍କୁ ବଦଳି କରିବା ପାଇଁ ଉକ୍ତ ବୈଠକରେ ଆଲୋଚନା ହୋଇଥିଲା। ସରପଞ୍ଚ ମାଝି, ନିକକଣ୍ଠ ବିଭାର, ନବୀନ ମାଝି, ନରସିଂହ ବିଶିଙ୍କ ସମେତ ସମସ୍ତ ୱାର୍ଡ଼ମେମ୍ବର, ଗାଁ ସାଥୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହାର କୌଣସି ବିଚାର କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଉକ୍ତ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରି ଠିକ ସମୟରେ ମଜୁରି ନ ମିଳିବାରୁ ୩୦ରୁ ଊର୍ଦ୍ଧ୍ୱ ଯୁବତୀ ଦଲାଲ ଦ୍ୱାରା ହାଇଦ୍ରାବାଦ ଦାଦନ ଖଟିବାକୁ ଯାଇ ସେଠାରେ ନିର୍ଯାତନାର ଶିକାର ହୋଇଥିଲେ। ସେଠାରୁ ଲୁଚି ପଳାଇ ଆସି ଗତ ଏପ୍ରିଲ ୨୮ରେ ଏସ୍‌ଙ୍କ ଦ୍ୱାରସ୍ତ ହୋଇଥିଲେ। ଏହାପରେ ଏସପି ଘଟଣା ଗୁରୁତର ଭାବେ ନେଇ ବିଶ୍ୱନାଥପୁର ପୋଲିସ ଜରିଆର ୨ ଦଲାଲଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି।

**ଜିଆରଏସ୍‌ଙ୍କ ମନମୁଖି କାର୍ଯ୍ୟ ଅଭିଯୋଗ**

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୁବ କଂଗ୍ରେସର ଗଣଧାରଣା

**ଭବାନୀପାଟଣା/ଧର୍ମଗଡ଼, ୧୧।୬(ସ୍ୱ.ପ୍ର./ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଓ ଜୁନାଗଡ଼ ଆରଡି ବିଭାଗ ଅଧିକାରୀମାନେ ସରକାରୀ କାର୍ଯ୍ୟାଳୟରେ ରହିବା ଦାବିରେ ଶୁକ୍ରବାର କଳାହାଣ୍ଡି ଯୁବ କଂଗ୍ରେସ ପକ୍ଷରୁ ଧର୍ମଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା କରାଯାଇଛି। ପ୍ରକାଶ ଯେ, ଗୋଲାମୁଣ୍ଡା ଓ ଜୁନାଗଡ଼ରେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ନିଯୁକ୍ତି ପାଇଥିବା ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ ପାଇଁ ସରକାରୀ କାର୍ଯ୍ୟାଳୟ ସହ ଆବାସିକ ଗୃହ ନିର୍ମାଣ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର କିଛି ଅଧୀନ କର୍ମଚାରୀଙ୍କ ପାଇଁ ମଧ ଆବାସିକ ଗୃହ ନିର୍ମାଣ କରାଯାଇଛି। କିନ୍ତୁ ଜଣେ ବି ଅଧିକାରୀ ନା ସରକାରୀ କାର୍ଯ୍ୟାଳୟକୁ ଆସୁଛନ୍ତି ନା ଆବାସିକ ଗୃହରେ ରହୁଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଯେପରି ଠିକ ତଦାରଖ ହେବ, ସେଥିପାଇଁ ସରକାର ପ୍ରତି ବ୍ଲକରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସରକାରୀ କାର୍ଯ୍ୟାଳୟ ସହ ଆବାସିକ ଗୃହ ନିର୍ମାଣ କରାଯାଇଛି। ବାବୁମାନେ ସେଠାରେ ରହୁ ନ ଥିବାରୁ ତାହା ଅସାମାଜିକ ଯୁବକଙ୍କ ଆଡ୍ଡା ପାଲଟିଛି ବୋଲି ଯୁବ କଂଗ୍ରେସ ଅଭିଯୋଗ କରିଛି। ବ୍ଲକର ଚଞ୍ଚରାମୁଣ୍ଡାଠାରୁ ମୁକୁନ୍ଦପୁର, ରେଙ୍ଗସାପାଲିଠାରୁ ଲତାବାଂଜୀ, ଝୁଲେନବର ଗଡିଆଲପଡାଠାରୁ ମୁଖିଗୁଡା ରାସ୍ତା ନିମ୍ନମାନର ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ଏହି ୩ଟି ରାସ୍ତାରେ ହୋଇଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି କରିଛି। ଧର୍ମଗଡ଼ ଉପଜିଲାପାଳ ବେଦ ଭୂଷଣ ଘଟଣାସ୍ଥଳକୁ ଆସି ବିଭାଗୀୟ ଅଧିକାରୀମାନେ କାର୍ଯ୍ୟାଳୟ ସମେତ ଆବାସିକ ଘରେ ରହିବେ। ଆସନ୍ତା ୧୫ ଦିନ ମଧରେ ଉପରୋକ୍ତ ରାସ୍ତାଗୁଡିକର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା। ଜିଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଅନେକ କର୍ମୀ ଧାରଣାରେ ସାମିଲ ହୋଇଥିଲେ।

**ଗୋଲାମୁଣ୍ଡା, ଜୁନାଗଡ଼ କାର୍ଯ୍ୟାଳୟରେ ଆରଡି ବିଭାଗ ଅଧିକାରୀ ରହିବା ଦାବି**

# ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

**କୁକୁର କାମୁଡ଼ାରେ ଶିଶୁ ମୃତ୍ୟୁ ଘଟଣା**

■ **କ୍ଷତିପୂରଣ ୨ ଲକ୍ଷ ଟଙ୍କା ଦିଅ**

**ଭବାନୀପାଟଣା,୧୧।୬(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ଗ୍ରାମରେ ୨୦୨୦ ଜୁଲାଇ ୨୪ରେ ଏକ ଅଭାବନୀୟ ଘଟଣା ସାମାନାକୁ ଆସିଥିଲା। ଗ୍ରାମର ଲକ୍ଷ୍ମୀଧର ଧରୁଆଙ୍କ ୫ବର୍ଷର ପୁଅ ବସନ୍ତ ଧରୁଆ ବୁଲା କୁକୁର କାମୁଡାରେ ମୃତ୍ୟୁ ବରଣ କରିଥିଲେ। ଏହି ଘଟଣାକୁ ନେଇ ହୋଇଥିବା ଆଗତ ମାମଲାର ବିଚାର କରି ଜାତୀୟ ମାନବଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)୨ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ ଜାରି କରିଛନ୍ତି। ସେହିପରି ଏହି ଘଟଣା ପାଇଁ ସ୍ଥାନୀୟ ପ୍ରଶାସନ ଦାୟୀ ରହିଥିବାରୁ ଏଭଳି ଘଟଣାକୁ ରୋକିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି, ତାହାର ସବିଶେଷ ରିର୍ପୋଟ ୪ ସପ୍ତାହ ମଧରେ ଦାଖଲ କରିବା ପାଇଁ ମାନବ ଅଧିକାର ସୁରକ୍ଷା ଆଇନଧାରା ୧୮(କ)ଅନୁଯାୟୀ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି ଏନ୍‌ଏଚ୍‌ଆର୍‌ସି। ଏହାସହ ଏନ୍‌ଏଚ୍‌ଆର୍‌ସି ଆହୁରି ମଧ ସୂଚାଇ ଦେଇଛନ୍ତି ଯେ, ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ପରିବାରକୁ ପ୍ରଦାନ କରାଯାଇଥିବା ଅର୍ଥରାଶି ୨ ହଜାର ଟଙ୍କା ଅତି ନଗଣ୍ୟ। ଏଣୁ କ୍ଷତିପୂରଣ ବାବଦକୁ ୨ଲକ୍ଷ ଟଙ୍କା ମୃତ ଶିଶୁର ପରିବାରକୁ ପ୍ରଦାନ କରିବା ଆବଶ୍ୟକ ବୋଲି କହିଛନ୍ତି। ଏହି ଘଟଣା ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମାନବଧିକାର କର୍ମୀ ଦିଲୀପ କୁମାର ଦାସଙ୍କ ପକ୍ଷରୁ ଆଗତ ଅଭିଯୋଗ ମାମଲା (ନଂ.୨୩୧୯/୨୦) ବିଚାର କରି ଗତ ଶୁକ୍ରବାର ଏନ୍‌ଏଚ୍‌ଆର୍‌ସି ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ ଜାରି କରିଛନ୍ତି।

# ପାଣି ପାଇଁ ଡହଳବିକଳ ପୋଡ଼ପଡାବାସୀ



ପଡ଼ାର ମହିଳାମାନେ ନଳକୂଅପରୁ ପାଣି ନେବା ପାଇଁ ଅପକ୍ଷୋ କରିଛନ୍ତି।

**ଖଡ଼ିଆଳ,୧୧।୬(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ଅଞ୍ଚଳରେ ଗତ କିଛି ଦିନ ହେଲା ପ୍ରବଳ ଗରମ ଅନୁଭୂତ ହେଉଛି। ଲୋକେ ଗରମ ପାଇଁ ତ୍ରାହି ତ୍ରାହି ଡାକୁଥିବା ବେଳେ ବ୍ଲକର ବେନ୍ଦ୍ରାବାହାଲ ଗ୍ରାମର ପୋଡ଼ପଡାର ପିଇବା ପାଣି ପାଇଁ ଡହଳ ବିକଳ ହେଉଥିବା ଦେଖିବାକୁ ମିଳିଛି। ପଦାରେ ୨୫ ପରିବାର ରହୁଥିବା ବେଳେ ପ୍ରାୟ ଦେଢ଼ ସହ ଲୋକ ବାସ କରୁଛନ୍ତି। ପଡାରେ ଦୁଇ ଗୋଟି ନଳକୂପ ରହିଛି। ହେଲେ ଦୁଇ ଗୋଟି ନଳକୂପରେ ପାଣି ବାହାରୁ ନାହିଁ। ଗୋଟିଏ ଗରିଆ ପାଣି ପାଇଁ ପ୍ରାୟ ଏକ ଘଣ୍ଟା ଲାଗୁଛି । ଫଳରେ ପଡାର ମହିଳାମାନେ ଦିନରାତି ପାଣି ପାଇଁ ନଳକୂପରେ ରହି ପାଣି ନେଉଛନ୍ତି। ଏହି ବିଷୟରେ ବାରମ୍ବାର ଅଭିଯୋଗ କଲେ ମଧ କେହି ଶୁଣୁ ନ ଥିବା ସ୍ଥାନୀୟ ମହିଳାମାନେ ପ୍ରକାଶ କରିଛନ୍ତି। ଏ ବିଷୟରେ ବିଡିଓ ବିରସେନ ବେହେରାଙ୍କୁ ଯୋଗାଯୋଗ କରାଯିବାରୁ ମୁ ତୁରନ୍ତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ କହି ପାଣି ସମସ୍ୟା ସମାଧାନ କରିଦେବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ପିଏଚଡ଼ି ବିଭାଗ କନିଷ୍ଠ ଯନ୍ତ୍ରୀ ଦେବୀ ପ୍ରସାଦ ତାଣ୍ଡିଙ୍କୁ ଯୋଗାଯୋଗ କରାଯିବାରୁ ସୋମବାର ଗାଡି ଲଗାଇ ନଳକୂପ ମରାମତି କରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

**ଏକ ଘଣ୍ଟା ମାରିଲେ ବାହାରୁଛି ଏକ ଗରିଆ ପାଣି**

# ସଙ୍ଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ

**ଭବାନୀପାଟଣା,୧୧।୬(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଟାଉନ ହଲଠାରେ ଭାଜପାର ମହାସମ୍ପର୍କ ଅଭିଯାନ ଓ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଅତିଥି ଭାବେ ମହାସମ୍ପର୍କ ଅଭିଯାନ ରାଜ୍ୟ ପ୍ରଭାରୀ ତଥା ଛତିଶଗଡ ପୂର୍ବତନ ବିରୋଧୀଦଳ ନେତା ଧରମଲାଲ କୌଶିକ, ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ସୋନପୁର ପ୍ରଭାରୀ ଭବେନ୍ଦ୍ର ପଣ୍ଡା, ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ରମେଶ ମାଝି, ଜିଲା ସାଧାରଣ ସମ୍ପାଦକ ସୁଧିର ପଟ୍ଟଯୋଷୀ, ଜିଲା ଯୁବ ସଭାପତି ବିଜୟ ଦେବ ସାହୁ, ଓବିସି ମୋର୍ଚ୍ଚା ଜିଲା ସଭାପତି ପ୍ରଦୀପ ନାଏକ, ଜାତୀୟ ଯୁବ ମୋର୍ଚ୍ଚା କାର୍ଯ୍ୟ କାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ। ମୋଦି ସରକାରଙ୍କ ୯ବର୍ଷ ପୂର୍ତ୍ତି ଉପଲକ୍ଷେ ଓଡିଶାରେ ହୋଇଥିବା ବିକାଶ ଓ ଜନହିତକର ଯୋଜନାଗୁଡିକ ସମ୍ପର୍କରେ ରାଜ୍ୟ ପ୍ରଭାରୀ କୌଶିକ କହିଥିଲେ। ସେହିପରି ଏହି ଯୋଜନାଗୁଡିକ ସମ୍ପର୍କରେ ତୃଣମୂଳସ୍ତରରେ ଥିବା ଲୋକଙ୍କ ନିକଟକୁ ପହଞ୍ଚାଇବା ସହ ସଙ୍ଗଠନକୁ ମଜଭୁତ କରିବା ପାଇଁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଯୁଗୋଲ କିଶୋର ପୋଢ ମଞ୍ଚ ପରିଚାଳନା କରିଥିଲେ। ପରେ କୌଶିକ ସ୍ଥାନୀୟ ମେଡିକାଲ କଲେଜ ପରିଦର୍ଶନ କରି କାର୍ଯ୍ୟଗୁଡିକର ତଦାରଖ କରିଥିଲେ। କେନ୍ଦ୍ର ସରକାରଙ୍କ ୭୦% ଅନୁଦାନରେ ଏହି ମେଡିକାଲ କଲେଜ ହେଉଥିବା ନେଇ କହିଥିଲେ। ସେଠାରୁ ଫେରିକି ଆସି ବୁଦ୍ଧିଜୀବୀ ସମ୍ମିଳନୀ ଓ ବଣିକ ସଂଘର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।



ଭାଜପାର ମହାସମ୍ପର୍କ ଅଭିଯାନ, କାର୍ଯ୍ୟକର୍ତ୍ତା ବୈଠକ।

**ଭାଜପାର ମହାସମ୍ପର୍କ ଅଭିଯାନ, କାର୍ଯ୍ୟକର୍ତ୍ତା ବୈଠକ**

# ଦେଓଗାଁର ଆଦିବାସୀ ସଂଘ ନୂତନ କର୍ମକର୍ତ୍ତା

**କେସିଙ୍ଗା,୧୧।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଦେଓଗାଁ ଗ୍ରାମପଞ୍ଚାୟତ ମହଗାଁ ସୁନା ମୁଖୀ ଶାନ୍ତି ବଠାରେ ଦେଓଗାଁ ପଞ୍ଚାୟତ ଆଦିବାସୀ ସଂଘ ନୂତନ କର୍ମକର୍ତ୍ତା ଅନୁଷ୍ଠିତ ହୋଇଥିଲା। ସଭାରେରେ ଦେଓଗାଁ ପଞ୍ଚାୟତ ଅନ୍ତର୍ଗତ ମାଠିଆ, ଜାମଯୋର ଓ ଦେଓଗାଁ, ମହଗା ଗ୍ରାମର ଶତାଧିକ ଜନସାଧାରଣ ଯୋଗଦାନ କରିଥିଲେ। ବ୍ଲକ ଆଦିବାସୀ ସଂଘ ସଭାପତି ଶେଷଦେବ ମାଝିଙ୍କ ଅଧକ୍ଷତାରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରମେଶ ଶବର, ସାଧାରଣ ସମ୍ପାଦକ ଭାବେ ହିରଣ୍ୟ ଶବର, ସହସମ୍ପାଦକ ଭାବେ ରାଜକୁମାର ଶବରଙ୍କ ସମେତ ୧୫ଜଣ ସଭ୍ୟସଭ୍ୟା ଚୟନ କରାଯାଇଥିଲା। ସୁନାମୁଖୀ ଶାନ୍ତିବନକୁ ସୌନ୍ଦର୍ଯ୍ୟକରଣ ସହ ପର୍ଯ୍ୟଟନ ମାନ୍ୟତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରିବା ପାଇଁ ଆଦିବାସୀ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଆଦିବାସୀ ସଂଘ ନୂତନ କର୍ମକର୍ତ୍ତା ଓ ସମସ୍ତ ଆଦିବାସୀମାନେ ଧନ୍ୟବାଦ ଅର୍ପଣ କରିଥିଲେ।

# ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର

**ଭବାନୀପାଟଣା,୧୧।୬(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ମହାଲିଙ୍ଗ ଗ୍ରାମରେ ଗତ ୩ ତାରିଖରେ ଠିକା କାମକୁ କେନ୍ଦ୍ର କରି ନାର୍ଣ୍ଣ କେତକୀ ଗ୍ରାମର ହଜାରୁ କେତକୀଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏଥିରେ ହଜାରୁ ଗୁରୁତର ହୋଇଥିଲେ। ବର୍ତ୍ତମାନ ସେ ରାୟପୁରର ଏକ ଘରୋଇ ଡାକ୍ତରଖାନାରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣାକୁ ନେଇ ରବିବାର ପରିବାରବର୍ଗ ପ୍ରଥମେ ସ୍ଥାନୀୟ ଥାନା ଓ ପରେ ନ୍ୟାୟ ପାଇଁ କଳାହାଣ୍ଡି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଯେ, ହଜାରୁ କେତକି ଜଣେ ବୋଲେରୋ ଡ୍ରାଇଭର। ଗତ ୩ ତାରିଖ ରାତିରେ ସେ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ପୂର୍ବରୁ ରାଗ ରଖିଥିବା ନାର୍ଣ୍ଣ ହଠାତ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ହଜାରୁ ନିଜ ଜୀବନ ବଞ୍ଚାଇବାକୁ ଯାଇ ବହୁ କଷ୍ଟରେ ପଡୋଶୀ ଘର ଲୋକଙ୍କୁ ଡାକିଥିଲେ। ପରେ ତାଙ୍କୁ ପଡୋଶୀ ଉଦ୍ଧାର କରି ପ୍ରଥମେ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଏହାପରେ ମଧ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ନ ଆସିବାରୁ ରାୟପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ଏ ସଂକ୍ରାନ୍ତରେ ହଜାରୁଙ୍କ ପରିବାରବର୍ଗ କେଗାଁ ଥାନରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୯୫/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବର୍ତ୍ତମାନ ଏହି ଘଟଣାକୁ ୯ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ପକ୍ଷରୁ କେବଳ ମାମଲା ରୁଜୁ କରାଯାଇଥିବାବେଳେ ଆକ୍ରମଣକାରୀଙ୍କୁ ଗିରଫ କରାଯାଇନାହିଁ। କେବଳ ଆକ୍ରମଣକାରୀ ନାର୍ଣ୍ଣ କେତକୀ ଫେରାର ଅଛି ବୋଲି ପୋଲିସ କହି କାର୍ଯ୍ୟ ସାରିଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏପରି ନାର୍ଣ୍ଣ ଶାସକ ଦଳର ଜଣେ ଠିକାଦାର ହୋଇଥିବା ବେଳେ ସ୍ଥାନୀୟ ସମିତି ସଭ୍ୟଙ୍କ ସହିତ ମିଶି ଶାସକ ଦଳର ସବୁ କାର୍ଯ୍ୟ କରୁଥିବାରୁ ପୋଲିସ ଶାସକ ଦଳର ଜଣେ ଦକ୍ଷ ନେତାଙ୍କ ଚାପରେ ଜାଣିଶୁଣି ଚୁପ ବସିଛି ବୋଲି ହଜାରୁ କେତକୀଙ୍କ ସ୍ତ୍ରୀ ଚମ୍ପେଇ ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ସେ ରବିବାର କଳାହାଣ୍ଡି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ଆଗାମୀ ଦିନରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ପରିବାର ଓ ଡ୍ରାଇଭର ମହାସଙ୍ଗ ମିଳିତରେ ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ଜଣାପଡିଛି। ଆସନ୍ତା ୭ ଦିନ ଭିତରେ ଆକ୍ରମଣକାରୀଙ୍କୁ ଗିରଫ କରାଯିବା ପାଇଁ ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ପରିବାରବର୍ଗ କହିଛନ୍ତି। ଏ ସମ୍ପର୍କରେ କେଗାଁ ଥାନା ଅଧିକାରୀ ପ୍ରଶାନ୍ତ କୋହ୍ଲାର୍ଶଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

**ଠିକା କାମକୁ କେନ୍ଦ୍ର କରି ଯୁବକଙ୍କୁ ଆକ୍ରମଣ ଘଟଣା**

■ **୯ ଦିନ ପରେ ବି ଆକ୍ରମଣକାରୀଙ୍କ ଟେର୍ ପାଉନି ପୋଲିସ**



କେଗାଁ ଥାନାରେ ହଜାରୁଙ୍କ ପରିବାରବର୍ଗ।

### କେସିଙ୍ଗା ବ୍ଲକର ଏଓଏସ୍‌ଏଫ୍ କମିଟି କର୍ମକର୍ତ୍ତା ଚୟନ

**କେସିଙ୍ଗା,୧୧।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ତହଶିର ଗ୍ରାମସ୍ଥିତ ଏମ,ଆଇ.ପି.ଡ୍ୟାମ ନିକଟରେ ଅଲ ଓଡ଼ିଶା ସିଡ୍ୟୁଲକାଷ୍ଟ ଫେଡରେଶନ (ଏଓଏସ୍‌ଏଫ୍) ବ୍ଲକସ୍ତରୀୟ ନୂତନ କର୍ମକର୍ତ୍ତା ଅସ୍ଥାୟୀ ସଭାପତି ନରହରି ସୁନାଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ତେଜରାଜ୍ ବେହେରା, ଉପସଭାପତି ଲୋକନାଥ ନାଗ, କାର୍ଯ୍ୟକାରୀ ସଭାପତି ଗୋପାଳ ଚନ୍ଦ୍ର ନାଏକ, ସାଧାରଣ ସମ୍ପାଦକ ରୋମାଞ୍ଚଳ କୁମାର, ସହସମ୍ପାଦକ ଭାବେ କୁବେର କରୁଆଁ, କୋଷାଧକ୍ଷ ଭାବେ ସତ୍ୟାନନ୍ଦ ନାଗ, ଆଇନ ପରାମର୍ଶଦାତା ଭାବେ ଜଳନ୍ଧର ବେହେରା, ଉପଦେଷ୍ଟା ରୂପେ ଦୟାନିଧି ନିଆଲଙ୍କୁ ସର୍ବ ସମ୍ମତିକ୍ରମେ ମନୋନିତ କରାଯାଇଛି।

## ସଂକ୍ଷେପରେ

### ବାଇକ୍ ଜବତ, ଜଣେ ଗିରଫ

ବରଗଡ଼ ଅଫିସ୍,୧୧।୬ : ବରଗଡ଼ ଟାଉନ ଥାନା ଅଧୀନ ବରଗଡ଼ ପୌର ପରିଷଦ ୱାର୍ଡ ନଂ-୨ ବେହେରାଟିକ୍ରାରୁ ଗତବର୍ଷ ସେପ୍ଟେମ୍ବର ମାସରେ ଚୋରି ହୋଇଥିବା ହୋଣ୍ଡା ଆକ୍ଟିଭା (ନଂ.ଓଡ଼ି୧୭ଏମ/୫୭୬୦)କୁ ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ରେଳ କଲୋନୀର ଶାନ୍ତନୁ ହରିପାଲ(୨୨)। ତାଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା ନଂ.୫୬୬/୨୨) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି । ପ୍ରକାଶ ଯେ, ଗତବର୍ଷ ସେପ୍ଟେମ୍ବର ୧୩ତାରିଖ ବେହେରାଟିକ୍ରା ନିବାସୀ ସୁରେଶ ଶର୍ମା(୫୦) ତାଙ୍କ ସ୍କୁଟିକୁ ଘର ସମ୍ମୁଖରେ ରଖିଥିବାବେଳେ ଅଭିଯୁକ୍ତ ଚୋରି କରି ନେଇଥିଲେ। ସେ ଏ ନେଇ ସ୍ଥାନୀୟ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଚଳାଇଥିଲା।

### ଉତ୍ତରାଖଣ୍ଡରେ ଶିଶୁଶ୍ରୀ ପାଠାଗାର

ବରଗଡ଼ ଅଫିସ୍,୧୧।୬ : ବରଗଡ଼ର ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ପକ୍ଷରୁ ଉତ୍ତରାଖଣ୍ଡ ରାଜ୍ୟର ଗୁପ୍ତକାଶୀଠାରେ ପାଠ୍ୟଦାନ କାର୍ଯ୍ୟକ୍ରମ ହୋଇଯାଇଛି । ପାଠାଗାର ସଦସ୍ୟା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ହିନ୍ଦୀ ଶିକ୍ଷୟିତ୍ରୀ ମୀନା ପଣ୍ଡା ପ୍ରମୁଖ ସମ୍ପୃକ୍ତ ଅଞ୍ଚଳର କିଛି ଛାତ୍ରୀଛାତ୍ରଙ୍କୁ ଭେଟି ପାଠ୍ୟଦାନ କରିଥିଲେ। ବରଗଡ଼ର ପୂର୍ବତନ ଅତିରିକ୍ତ ଜିଲା ଶିକ୍ଷାଧିକାରୀ କଳ୍ପନା ନାଏକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ସଭାପତି ମନୋରଞ୍ଜନ ମେହେର, ସମ୍ପାଦକ ଡଃ ରବି ନାରାୟଣ ସାହୁ, ସଦସ୍ୟ ଅର୍ଜୁନ ସେଟ୍, ସଂଘମିତ୍ରା ପଟେଲ, ବାସମତୀ ବନଛୋର, ଦୁଃଖିସେବକ ସାହୁ, ସୁବାସ ସାହୁ ପ୍ରମୁଖ ଅନ୍ୟ ରାଜ୍ୟରେ ପାଠ୍ୟଦାନକୁ ପ୍ରଶଂସା କରିଛନ୍ତି ।

### କେନ୍ଦ୍ରମନ୍ତ୍ରୀଙ୍କୁ ବରଗଡ଼ରେ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍,୧୧।୬ : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ବରଗଡ଼ ଜିଲା ଗସ୍ତରେ ଆସିଥିଲେ। ଏହି ଅବସରରେ ବରଗଡ଼ ଗାନ୍ଧୀ ଛକରେ ଭାଜପା ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବରଗଡ଼ ଏମ୍ପି ସୁରେଶ ପୂଜାରୀ, ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ବରିଷ୍ଠ ନେତୃବୃନ୍ଦ ଡି. ମୁରଲିକ୍ରୀଷ୍ଣା, ସୁରେଶ୍ୱର ଶତପଥୀ, ଅଶୋକ ପଣ୍ଡା, ରବି ନାରାୟଣ ଦାଶ, ସୌରୀଚରଣ ବାରିକ, ଅବନୀକାନ୍ତ ପଣ୍ଡା, ପରେଶ ବିଶି, ସୁବ୍ରତ ହୋତା, ପ୍ରୀତମ ସିଂ, ଲିପସିତ୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ। ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଭଟଲି ବ୍ଲକ ବାଉଲସିଂହା ସ୍ଥିତ ଇଥାନଲ ପ୍ଲାଣ୍ଟ ପରିଦର୍ଶନରେ ଯାଇଥିଲେ।

### ବିଧାୟକଙ୍କ ମନ୍ଦିର ପରିଦର୍ଶନ

ବରଗଡ଼ ଅଫିସ୍,୧୧।୬ : ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସହର ସ୍ଥିତ ପୁରାତନ ମନ୍ଦିରଗୁଡ଼ିକ ପରିଦର୍ଶନ କରିଛନ୍ତି। ରବିବାର ସେ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ-୪ ଅଧୀନ ତଳିପଡ଼ାସ୍ଥିତ ନୃସିଂହ ମନ୍ଦିର ଏବଂ ରାମଜୀ ମନ୍ଦିରକୁ ପରିଦର୍ଶନ କରିଥିଲେ। ଏହା ସହିତ ଉକ୍ତ ମନ୍ଦିର ଗୁଡ଼ିକର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା କଳ୍ପନା ମାଝି, ବିଜେଡ଼ି ଟାଉନ ସଭାପତି କିଶୋର ମିଶ୍ର, କାଉନସିଲର ରୋଶନ ପ୍ରଧାନ ଏବଂ ପଡ଼ାବାସୀ ଉପସ୍ଥିତ ଥିଲେ।

### ଶିବିରରେ ୫୧ୟୁନିଟ ରକ୍ତ ସଂଗ୍ରହ

ବରଗଡ଼ ଅଫିସ୍,୧୧।୬ : ବରଗଡ଼ ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଗାନ୍ଧୀ ଭବନରେ ଅନୁଷ୍ଠିତ ଶିବିରକୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଶିବିରରେ ୫୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ସାମାଜିକ ସଙ୍ଗଠନର କର୍ମକର୍ତ୍ତା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମାରୱାଡ଼ି ଯୁବାମଞ୍ଚ ସଭାପତି ସନ୍ଦୀପ ଗୁପ୍ତା, ସମ୍ପାଦକ ଆଶିଷ ଅଗ୍ରୱାଲ, ଅତୁଲ ସାୱଡ଼ିଆ, ବିନୟ ଅଗ୍ରୱାଲ, ଅନିଲ ଯୋଶୀ, ଗିରିଧାରୀ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

# ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା


ମହିଳାମାନେ ମଦଭାଟି ଆଗରେ ଧାରଣା ଦେଇଛନ୍ତି।

**ସରଣ୍ଡା,୧୧।୬(ଡି.ଏନ୍.ଏ.)**

ବରଗଡ଼ ଜିଲା ଅତାବିରା ବ୍ଲକ କୁମେଲସିଂହା ଖଡ଼ିଆପଡ଼ାର ମହିଳା ମଦ କାରବାର ବନ୍ଦ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଗତ ୧୦ ବର୍ଷ ହେଲା ଏଠାରେ ଥିବା କୁଟିଆ ମଦ ଭାଟି ସାଧାରଣ ଜନତା ତଥା ପଡ଼ାବାସୀଙ୍କୁ ଅତିଷ୍ଠ କରୁଛି। ଏ ନେଇ ବାରମ୍ବାର ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ରବିବାର ଗ୍ରାମର ସୁରୁବାଲି ଖଡ଼ିଆ, ଉଜ୍ଜ୍ୱଳୀ ଖଡ଼ିଆ, କୁମୋଦିନୀ ବାଗ ପ୍ରମୁଖ ମହିଳାଙ୍କ ନେତୃତ୍ୱରେ ପଡ଼ାବାସୀ ଏକତ୍ରିତ ହୋଇ ମଦଭାଟି ବନ୍ଦ କରିବାକୁ ଦାବି କରିଥିଲେ। ହେଲେ କେହି ନ ଶୁଣିବାରୁ ସେମାନେ ଭାଟି ସାମ୍ନାରେ ଧାରଣା ଦେଇଥିଲେ। ଖବର ପାଇ କୁମେଲସିଂହା ସରପଞ୍ଚ କୁମୋଦିନୀ ମହାନନ୍ଦଙ୍କ ପ୍ରତିନିଧି ମଳୟ ମହାନନ୍ଦ ଓ ସମିତି ସଭ୍ୟା ବନୀତା ନାଗଙ୍କ ପ୍ରତିନିଧି ବିନୋଦ ନାଗ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ସହ ଆଲୋଚନା କରିଥିଲେ। ମଦ ଦୋକାନ ଯୋଗୁ ପଡ଼ାର କୋମଳମତି ଶିଶୁଙ୍କ ଉପରେ କୁପ୍ରଭାବ ପଡୁଛି। ଏହାସହ ସେହି ରାସ୍ତା ଦେଇ ଯାତାୟାତ କରୁଥିବା ମହିଳାଙ୍କ ସୁରକ୍ଷା ନେଇ ସେମାନେ ଅବଗତ କରିଥିଲେ। ଏହାକୁ ଦୃଷ୍ଟିରେ ରଖି କୁଟିଆ ମଦ ଭାଟିକୁ ଏଠାରୁ ହଟାଇବା ପାଇଁ ସରପଞ୍ଚ ଓ ସମିତି ସଭ୍ୟାଙ୍କ ପ୍ରତିନିଧି ଭାଟି ମାଲିକଙ୍କୁ ଚେତାବନୀ ଦେଇଛନ୍ତି। ଆସନ୍ତା ୧୮ ତାରିଖ ମଧ୍ୟରେ ଏଠାରୁ ମଦ ଭାଟି ହଟାଇବାକୁ କୁଟିଆ ମଦ ଭାଟି ବେପାରୀ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଧାରଣାରୁ ଓହରିଥିଲେ।

## ବିହନ ବ୍ୟାଙ୍କ ପରିଦର୍ଶନ କଲେ ଜନ ପ୍ରତିନିଧି


ବିହନ ବ୍ୟାଙ୍କ ପରିଦର୍ଶନ କରିଥିବା ଜନ ପ୍ରତିନିଧିବୃନ୍ଦ ।

**ବରଗଡ଼ ଅଫିସ୍,୧୧।୬**

ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ସ୍ଥିତ ଅନୁଭବ ବିହନ ବ୍ୟାଙ୍କକୁ ରବିବାର ବ୍ଲକର ଜିଲା ପରିଷଦ ସଭ୍ୟ, ସରପଞ୍ଚ ତଥା ଜନ ପ୍ରତିନିଧିବୃନ୍ଦ ପରିଦର୍ଶନରେ ଯାଇଥିଲେ। ବିହନ ବ୍ୟାଙ୍କରେ ଗଚ୍ଛିତ ରହିଥିବା ୧୧୦୦ କିସମର ଦେଶୀ ବିହନ ସେମାନେ ଦେଖିଥିଲେ ଏବଂ ସେ ସମ୍ପର୍କରେ ବିହନ ସଂରକ୍ଷକ ସୁଦାମ ସାହୁଙ୍କୁ ପଚାରି ବୁଝିଥିଲେ। ସେହିପରି ଦେଶୀ ବିହନର ପ୍ରଚାର ପ୍ରସାର ପାଇଁ ପଞ୍ଚାୟତ ଗୁଡ଼ିକରେ ଦେଶୀ ଜୈବିକ ହାଟ କରିବାକୁ ସେମାନେ ମତପ୍ରକାଶ କରିଥିଲେ।

## ‘ପ୍ରଦୀପ ପୁରୋହିତଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ’

**ପଦ୍ମପୁର,୧୧।୬(ଡି.ଏନ୍.ଏ.)**

**ଧନୁର୍ଜ ପାଣ୍ଡେ ଆତ୍ମହତ୍ୟା ମାମଲା**

ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ଡ୍ରାଇଭର ଧନୁର୍ଜ ପାଣ୍ଡେଙ୍କ ଆତ୍ମହତ୍ୟା ମାମଲାରେ ବିଜେଡି ଭାଜପାକୁ ଟାର୍ଗେଟ କରିଛି। ଏହି ମାମଲାରେ ଭାଜପା ନେତା ତଥା ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ରବିବାର ପଦ୍ମପୁର ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡି ରାଜ୍ୟ ସମ୍ପାଦକ ରାଜୁ ଘିବେଲା ଦାବି କରିଛନ୍ତି। ସେ କହିଛନ୍ତି, ମୃତ ଡ୍ରାଇଭରଙ୍କ ପରିବାର ଲୋକେ ଚାପରେ ରହିଛନ୍ତି ଏବଂ ଭୟରେ କିଛି କହି ପାରୁନାହାଁନ୍ତି । ସାମାଜିକ ଗଣ



ଖବରଦାତା ସମ୍ମିଳନୀରେ ବିଜେଡି ରାଜ୍ୟ ସମ୍ପାଦକ ସୂଚନା ଦେଉଛନ୍ତି।

ମାଧ୍ୟମରେ ଚର୍ଚ୍ଚା ହେଉଥିବା ସୁସାଇଡ ନୋଟ ମଧ୍ୟ ସାର୍ବଜନୀନ କରିବା ପାଇଁ ସେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବତନ ବିଧାୟକ ପୁରୋହିତଙ୍କ ଡ୍ରାଇଭର ଭାବେ ଧନୁର୍ଜ କାମ କରୁଥିଲେ। ଗତ ୬ତାରିଖରେ ପୁରୋହିତଙ୍କ ଭୁବନେଶ୍ୱର ସ୍ଥିତ ଫ୍ଲାଟ୍‌ରେ ସେ ଆତ୍ମହତ୍ୟା କରିଥିଲେ। ତେବେ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ବିଜୁ ଜନତା ଦଳ ପକ୍ଷରୁ ବିଧାୟିକା ବର୍ଷା ସିଂ ବରିହା, ରାଜ୍ୟ ସମ୍ପାଦକ ରାଜୁ ଘବେଲା ଓ ଅନ୍ୟ ବରିଷ୍ଠ ସଦସ୍ୟ ଧନୁର୍ଜଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

## ଶୋଭାଯାତ୍ରାରେ ସଚେତନତା ବାର୍ତ୍ତା

**ବରଗଡ଼ ଅଫିସ୍,୧୧।୬**

ବରଗଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ଆସନ୍ତା ୧୪ତାରିଖରେ ଅନୁଷ୍ଠାନର ପ୍ରତିଷ୍ଠା ଦିବସ ଏବଂ ବିଶ୍ୱ ରକ୍ତଦାତା ଦିବସ ପାଳନ କରିବ। ଏହି ପରିପ୍ରେକ୍ଷୀରେ ରବିବାର ଅନୁଷ୍ଠାନ ପକ୍ଷରୁ ଏକ ସଚେତନତା ବାଇକ୍ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରା ନିଷ୍ଠା ଭବନରୁ ବାହାରି ଅଡ଼ଗାଁ, ସହରାପାଲି, ତାଲପାଲି, ସହରାଟିକ୍ରା, ଅସୁରଗଡ଼, ଖଣ୍ଡହତା ଦେଇ ଆମ୍ବେଦ୍‌କ୍ୟାମ୍ପରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ବିଭିନ୍ନ ସମାଜ କଲ୍ୟାଣମୂଳକ ସଚେତନତା ସୃଷ୍ଟି କରାଯାଇଥିଲା । ନିଷ୍ଠା ପରିବାରର ଉପଦେଷ୍ଟା ଦୁର୍ବାଦଳ ଷଡ଼ଙ୍ଗୀ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୁବ କଂଗ୍ରେସର ଗଣଧାରଣା

**ଭବାନୀପାଟଣା/ଧର୍ମଗଡ଼, ୧୧।୬(ସ୍ୱ.ପ୍ର./ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଓ ଜୁନାଗଡ଼ ଆରଡି ବିଭାଗ ଅଧିକାରୀମାନେ ସରକାରୀ କାର୍ଯ୍ୟାଳୟରେ ରହିବା ଦାବିରେ ଶୁକ୍ରବାର କଳାହାଣ୍ଡି ଯୁବ କଂଗ୍ରେସ ପକ୍ଷରୁ ଧର୍ମଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା କରାଯାଇଛି। ପ୍ରକାଶ ଯେ, ଗୋଲାମୁଣ୍ଡା ଓ ଜୁନାଗଡ଼ରେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ନିଯୁକ୍ତି ପାଇଥିବା ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ ପାଇଁ ସରକାରୀ କାର୍ଯ୍ୟାଳୟ ସହ ଆବାସିକ ଗୃହ ନିର୍ମାଣ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର କିଛି ଅଧୀନ କର୍ମଚାରୀଙ୍କ ପାଇଁ ମଧ୍ୟ ଆବାସିକ ଗୃହ ନିର୍ମାଣ କରାଯାଇଛି। କିନ୍ତୁ ଜଣେ ବି ଅଧିକାରୀ ନା ସରକାରୀ କାର୍ଯ୍ୟାଳୟକୁ ଆସୁଛନ୍ତି ନା ଆବାସିକ ଗୃହରେ ରହୁଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଯେପରି ଠିକ ତଦାରଖ ହେବ, ସେଥିପାଇଁ ସରକାର ପ୍ରତି ବ୍ଲକରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସରକାରୀ କାର୍ଯ୍ୟାଳୟ ସହ ଆବାସିକ ଗୃହ ନିର୍ମାଣ କରାଯାଇଛି। ବାବୁମାନେ ସେଠାରେ ରହୁ ନ ଥିବାରୁ ତାହା ଅସାମାଜିକ ଯୁବକଙ୍କ ଆଡ୍ଡା ପାଲଟିଛି ବୋଲି ଯୁବ କଂଗ୍ରେସ ଅଭିଯୋଗ କରିଛି। ଧର୍ମଗଡ଼ ଉପଜିଲାପାଳ ବେଦ ଭୂଷଣ ଘଟଣାସ୍ଥଳକୁ ଆସି ବିଭାଗୀୟ ଅଧିକାରୀମାନେ କାର୍ଯ୍ୟାଳୟ ସମେତ ଆବାସିକ ଘରେ ରହିବେ। ଆସନ୍ତା ୧୫ ଦିନ ମଧ୍ୟରେ ଉପରୋକ୍ତ ରାସ୍ତାଗୁଡ଼ିକର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା। ଜିଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଅନେକ କର୍ମୀ ଧାରଣାରେ ସାମିଲ ହୋଇଥିଲେ।

## ସାମ୍ବାଦିକ ସଂଘ କାର୍ଯ୍ୟକାରିଣୀ ବୈଠକ


ବୈଠକରେ ଉପସ୍ଥିତ ଖବରଦାତାଗଣ।

**ପାଇକମାଳ,୧୧।୬(ଡି.ଏନ୍.ଏ.)**

ବରଗଡ଼ଜିଲା ପାଇକମାଳବ୍ଲକ ନୃସିଂହନାଥ କପିଳମୁନି ଆଶ୍ରମ ସଭା ଗୃହରେ ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବଡ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ରମେଶ ବାରିକ ବିବରଣୀ ପାଠ କରିଥିଲେ। ନୃସିଂହନାଥଠାରେ ସାମ୍ବାଦିକ ଭବନ ନିର୍ମାଣ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ପ୍ରଥମେ ଭବନ ନିର୍ମାଣ ପାଇଁ ପାଣ୍ଠି ସଂଗ୍ରହ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଗାଇସିଲେଟ ବ୍ଲକର ଝସକେତନ ସାହୁ, ଶିବଶଙ୍କର ବିଶ୍ୱାଳ, ପାଇକମାଳ ବ୍ଲକର ଧୀରେନ ମହାନ୍ତି, ନିରୋଜ ପାଣି, ଅଭୟ କୁମାର ରଣା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୁରଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟ ଅଗ୍ନିଶମ ବିଭାଗ, ଗଛଡାଳରେ ଚାଲିଛି ନିଆଁଲିଭା


ଲୋକମାନେ ନିଆଁକୁ ଆୟତ୍ତ ପାଇଁ ଉଦ୍ୟମ କରୁଛନ୍ତି।

**ସରଣ୍ଡା,୧୧।୬(ଡି.ଏନ.ଏ.)**

ବରଗଡ ଜିଲା ଅତାବିରା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଏବେ ନିଆଁ ଲିଭାଇବା ପାଇଁ ଡାଳପତ୍ରର ସାହାଯ୍ୟ ନେଉଥିବା ଦେଖିବାକୁ ମିଳିଛି। ଅଗ୍ନିଶମ ଗାଡ଼ିରେ ଆବଶ୍ୟକ ପାଣି ଗଚ୍ଛିତ ରହୁ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ରବିବାର ବରଗଡ-ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥର ସରଣ୍ଡା ଛକ ପାଖ ଚାଷଜମିରେ ପଡ଼ିଥିବା ରାଇସ୍ ମିଲ୍ ପାଉଁଶରୁ ନିଆଁ ଲାଗିଯାଇଥିଲା। ଫଳରେ ଏହି ନିଆଁ ଆଖପାଖ ୧୦ ଏକର ଜମି ଓ ଦେଉଳ କଣ୍ଟା, ଭୋଇପାଲି ଛକ, ସରଣ୍ଡା ଛକ ଅଞ୍ଚଳକୁ ପ୍ରଖର ବେଗରେ ବ୍ୟାପିଥିଲା। ଗ୍ରାମବାସୀ ଚେଷ୍ଟା କରିଥିଲେ ମଧ୍ୟ ନିଆଁକୁ ଆୟତ୍ତ କରି ପାରି ନ ଥିଲେ। ଖବର ପାଇ ଅତାବିରା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ତାଙ୍କ ପାଖରେ ପାଣି ଗଛିତ ନ ଥିଲା। ଫଳରେ ସେମାନେ ଗ୍ରାମବାସୀଙ୍କ ସହ ମିଶି ଗଛଡାଳ ପକାଇ ନିଆଁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବାବେବିରା ଅଞ୍ଚଳରେ ନିଆଁ ଲାଗିଥିବା ମିଳିଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ଏଠାକାର ନିଆଁକୁ ଆୟତ୍ତ ନ କରି ବାବେବିରା ଚାଲିଯାଇଥିଲେ। ଏହି ଅଗ୍ନିକାଣ୍ଡ ଯୋଗୁ ଟ୍ରାନ୍ସଫର୍ମର, ଜଗନ୍ନାଥ ପ୍ରଧାନଙ୍କ ଘରୋଇ ବିଦ୍ୟୁତ ସଂଯୋଗ ତାର, ୨ଟି ଗୋ ଖାଦ୍ୟ ପୁଆଳ ଖରି ପୋଡି ନଷ୍ଟ ହୋଇଯାଇଛି। ଏ ନେଇ ଅତାବିରା ଅଗ୍ନିଶମ ବିଭାଗ ଅଧିକାରୀ ମିଶ୍ର କିଷାନଙ୍କୁ ପଚାରିବାରୁ ସେ କହିଥିଲେ, ଅତାବିରାରେ ୨ଟି ଗାଡି ଅଛି। ଗୋଟିଏରେ ପାଣି ବ୍ୟବସ୍ଥା ଥିବାବେଳେ ଅନ୍ୟଟି ଉଦ୍ଧାର ପାଇଁ ରହିଛି। ତେବେ ଏହି ଗାଡିରେ ପାଣି ସଂରକ୍ଷଣ ସୁବିଧା ନାହିଁ। ଅନ୍ୟପଟେ ସୀମିତ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବାକୁ ପଡୁଛି। ଦିନକୁ ବହୁତ କଲ୍ ଆସୁଛି। ଗୋଟିଏ ସ୍ଥାନରେ ନିଆଁ ଲିଭା ସରି ନ ଥିବାବେଳେ ଅନ୍ୟ କଲ୍‌ର ଗୁରୁତ୍ୱକୁ ନଜର ଦେଇ ସେଠାକୁ ଦୌଡ଼ିବାକୁ ପଡୁଛି ବୋଲି କିଷାନ କହିଥିଲେ।

## ନୃସିଂହନାଥରେ ଭାଜପା ସମାବେଶ

**ପଦ୍ମପୁର/ପାଇକମାଳ, ୧୧।୬(ଡି.ଏନ୍.ଏ.)**

ବରଗଡ଼ ଜିଲା ପାଇକମାଳ ବ୍ଲକ ନୃସିଂହନାଥରେ କେନ୍ଦ୍ର ଭାଜପା ସରକାରଙ୍କ ୯ ବର୍ଷ ପୂର୍ତ୍ତି ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ମୋଦୀ ସରକାରଙ୍କ ପିଇବା ପାଣି, ବିଜୁଳି, ଗ୍ୟାସ, ପାଇଖାନା, ଆବାସ ଯୋଜନା, ଚାଉଳ ଆଦି କେନ୍ଦ୍ର ସରକାରଙ୍କ ବହୁମୁଖି ଯୋଜନା ଉପରେ ଆଲୋକପାତ କରିଥିଲେ। ସେହିପରି ରେଲୱେ ଲାଇନ, କେନ୍ଦ୍ରୀୟ ବିଦ୍ୟାଳୟ, ଇଥାନଲ ଫ୍ୟାକ୍ଟ୍ରି ଉପରେ ମନ୍ତବ୍ୟ ଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ପ୍ରଥମେ ମନ୍ତ୍ରୀ କୁଲତା ସମାଜର ଏକ ଭୋଗ ମଣ୍ଡପକୁ ଉଦ୍‌ଘାଟନ କରିଥିଲେ। ସଭାରେ ସରୋଜ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍ପି ସୁରେଶ ପୂଜାରୀ, ବିଧାୟକ ମୁକେଶ ମହାଲିଙ୍ଗ, ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ମୁକ୍ତା ସାହୁ, ଅରୂପା ସାହୁ, ଟଙ୍କଧର ତ୍ରିପାଠୀ, ଗୋବର୍ଦ୍ଧନ ଭୋଇ, ମହମ୍ମଦ ରଫିକ, ପ୍ରିତେଶ ବହିଦାର, ଗୋବର୍ଦ୍ଧନ ଅଗ୍ରୱାଲଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ। ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ନୃସିଂହ ଠାକୁରଙ୍କ ଦର୍ଶନ କରି ମନ୍ଦିର କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଫେରିବା ସମୟରେ ସେ କସ୍ତୁରବା ଗାନ୍ଧୀ ମାତୃ ନିକେତନର ଅନ୍ତେବାସୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ୨୦୨୪ରେ ଭାଜପା ସରକାର ଆସିଲେ ପ୍ରଥମେ ପଦ୍ମପୁରକୁ ଜିଲା କରାଯିବ ବୋଲି ପ୍ରଧାନ କହିଥିଲେ।

## ବ୍ରାହ୍ମଣ ସମାଜ ପକ୍ଷରୁ କୃତୀ ଛାତ୍ରୀ ସମ୍ମାନିତ

**ପଦ୍ମପୁର,୧୧।୬(ଡି.ଏନ୍.ଏ.)**

ପଦ୍ମପୁର ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ସ୍ୱର୍ଗତ ଗୌରୀଶଙ୍କର ତ୍ରିପାଠୀ ସ୍ମୃତି ସମ୍ମାନ-୨୦୨୩ ଉତ୍ସବ ସ୍ଥାନୀୟ ଶାନ୍ତିନଗର ଶିକ୍ଷକ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପଦ୍ମପୁର କର୍ମକାଣ୍ଡୀୟ ସଭା ସଭାପତି ପଣ୍ଡିତ କାହ୍ନୁଚରଣ ଦାଶ, ପଣ୍ଡିତ ଆଶୁତୋଷ ପାଣିଗ୍ରାହୀ, ପଣ୍ଡିତ ଭାସ୍କର ଦାଶ ବେଦମାତା ଗାୟତ୍ରୀ ଓ ଭଗବାନ ପର୍ଶୁରାମଙ୍କୁ ପୂଜାର୍ଚ୍ଚନା ଓ ଦୀପ ପ୍ରଜ୍ୱଳନ କରିବା ପରେ ସଭା ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ଜୟ ନାରାୟଣ ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ଶିକ୍ଷାବିତ୍ ଲକ୍ଷ୍ମୀନାରାୟଣ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଚନ୍ଦ୍ରଶେଖର ପୁରୋହିତ ଓ ସଦାନନ୍ଦ ପୁରୋହିତ ସଭା ପରିଚାଳନା କରିଥିଲେ। ଏହି ଅବସରରେ ସୁଶ୍ରୀ ସ୍ୱାଗତିକା ଚଳିତବର୍ଷ ୧୦ ଶ୍ରେଣୀରେ ବ୍ରାହ୍ମଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବାରୁ ତାଙ୍କୁ ସ୍ୱର୍ଗତ ଗୌରୀ ଶଙ୍କର ତ୍ରିପାଠୀ ସ୍ମୃତି ସମ୍ମାନ-୨୦୨୩ରେ ସମ୍ମାନିତ କରାଯାଇଥିଲା। ଏହାସହ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପ୍ରଧାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସଭାରେ ଡ. ବାଞ୍ଛାନିଧି ପଣ୍ଡା, ରାମଚନ୍ଦ୍ର ତ୍ରିପାଠୀ, ଗାୟତ୍ରୀ ବାହିନୀର ଜିତେଶ୍ୱରୀ ଦାଶ, ଜ୍ୟୋତ୍ସ୍ନାମୟୀ କର ଓ ପର୍ଶୁରାମ ବାହିନୀର ସଭାପତି ଅମିୟ ପୁରୋହିତ, ସୁଧାଂଶୁ ଶେଖର ତ୍ରିପାଠୀ, ଶାନ୍ତନୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟନାରାୟଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଳଙ୍କାର ଚୋରି ଘଟଣା: ଭଉଣୀ ଭାଇ ଗିରଫ

**ବରଗଡ଼ ଅଫିସ୍,୧୧।୬**

ବରଗଡ଼ ଗ୍ରାମାଞ୍ଚଳ ଥାନା ଅଧୀନ କଳାପାଣି ଗ୍ରାମରେ ଗତ ୯ତାରିଖରେ ଅଳଙ୍କାର ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଗାଇସିଲେଟ ଥାନା ଭାଙ୍ଗମୁଣ୍ଡା ଗ୍ରାମର କରୁଣା ପାଣି(୩୦) ଏବଂ ଅତାବିରା ଥାନା ଝିଲିମିଣ୍ଡା ଗ୍ରାମର ମାମୀ ଓରଫ ସସ୍ମିତା ମହାପାତ୍ର(୨୬)। ଅଭିଯୁକ୍ତ କରୁଣା ଏବଂ ମାମୀ ସମ୍ପର୍କରେ ଭାଇ ଓ ଭଉଣୀ ହେବେ ବୋଲି ପୋଲିସ କହିଛି। ସେମାନଙ୍କ ପାଖରୁ ଚୋରି ସମସ୍ତ ସୁନା, ରୂପା ଅଳଙ୍କାର ଜବତ ହୋଇଛି। ଏ ନେଇ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଏକ


ଜବତ ସୁନା, ରୁପା ଅଳଙ୍କାର ।

ମାମଲା (ନଂ.୧୦୪/୨୩) ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

ଏ ନେଇ ବରଗଡ଼ ଟାଉନ ଥାନା ପରିସରରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡ଼ିପିଓ ଅମୃତ କୁମାର ପଣ୍ଡା କହିଥିଲେ, ଗତ ୯ତାରିଖରେ କଳାପାଣି ଗ୍ରାମର ମନୋଜ କୁମାର ମହାପାତ୍ରଙ୍କ ଘରେ ଏକ ଉତ୍ସବ ଚାଲିଥିଲା। ଉକ୍ତ ଉତ୍ସବକୁ ଅଭିଯୁକ୍ତ ଭଉଣୀ ଭାଇ ଆସିଥିଲେ। ମନୋଜଙ୍କ ପରିବାର ଲୋକେ ଉତ୍ସବରେ ବ୍ୟସ୍ତ ଥିବାବେଳେ ଅଭିଯୁକ୍ତ ତାଙ୍କ ଘର ଲକର ଚାବି ଖୋଲି ପ୍ରାୟ ୮୦ଗ୍ରାମ୍‌ର ସୁନା, ୧୦୦ ଗ୍ରାମର ରୁପା ଗହଣା ଏବଂ ନଗଦ ୩ହଜାର ଟଙ୍କା ଚୋରି କରି ନେଇଥିଲେ। ଏ ନେଇ ଗତ ୧୦ତାରିଖରେ ମନୋଜ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ କରିଥିଲା। ତଦନ୍ତରେ ଚୋରି ଘଟଣାରେ ଅଭିଯୁକ୍ତ କରୁଣା, ଭଉଣୀ ମାମୀ ସମ୍ପୃକ୍ତ ଥିବା ଜାଣି ପୋଲିସ ଉଭୟଙ୍କୁ ଗିରଫ କରିଥିଲା ବୋଲି ଏସ୍‌ଡ଼ିପିଓ ପଣ୍ଡା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବରଗଡ଼ ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରାସ୍ତାକଡ଼ରୁ ଅଜଣା ବୃଦ୍ଧଙ୍କ ମୃତଦେହ ଜବତ

ରାଉରକେଲା ଅଫିସ,୧୧।୬ : ବନ୍ଧମୁଣ୍ଡା ଡି କେବିନ ଛକ ରାସ୍ତାକଡ଼ରୁ ଜଣେ ଅଜଣା ବୃଦ୍ଧଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ବୃଦ୍ଧଙ୍କ ବୟସ ପାଖାପାଖି ୬୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ରିପୋର୍ଟ ଲେଖିବା ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ମୃତକଙ୍କ କୌଣସି ପରିଚୟ ମିଳିପାରିନାହିଁ। ସୂଚନାଯୋଗ୍ୟ, ରାସ୍ତାକଡ଼ରେ ବୃଦ୍ଧଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ରବିବାର ସକାଳେ ଦେଖି ବନ୍ଧମୁଣ୍ଡା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ଆରଜିଏଚ ମର୍ଗ ହାଉସ୍‌ରେ ରଖିଥିଲା। ବୃଦ୍ଧ ଜଣଙ୍କ ଆଖପାଖ ଅଞ୍ଚଳରେ ଭିକ୍ଷାବୃତ୍ତି କରି ଚଳୁଥିବାବେଳେ ତାଙ୍କ ଶରୀର ଅସୁସ୍ଥ ଥିବାରୁ ଏଭଳି ଅଘଟଣ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ବନ୍ଧମୁଣ୍ଡା ପୋଲିସ(୬୧୨୩)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ବିଦାହେଲେ ଲହୁଣିପଡ଼ା ଲ୍ୟାମ୍ପସ ଏମ୍‌ଡି

ଲହୁଣୀପଡ଼ା,୧୧।୬(ଡି.ଏନ୍.ଏ.) : ଅବସର ପରେ ମଧ ଗାଦି ନ ଛାଡ଼ିବା ଲହୁଣିପଡ଼ା ଲ୍ୟାମ୍ପସ ଏମ୍‌ଡି ଅରକ୍ଷୀତ ମହାନ୍ତଙ୍କୁ ମହଙ୍ଗାପଡ଼ିଛି। ଚାକିରି ସମୟସୀମା ୨୦୨୧ ଜୁନ ୨୯ ପର୍ଯ୍ୟନ୍ତ ରହିଥିଲା। ହେଲେ ସେ ଆଜି ପର୍ଯ୍ୟନ୍ତ ଲ୍ୟାମ୍ପସ୍ ଦାୟିତ୍ୱରେ ରହିବା ସହ ମାସକୁ ମାସ ଦରମା ମଧ ନେଉଥିଲେ। ଏହି ଘଟଣା ଜଣାପଡ଼ିବା ପରେ ବିଭାଗୀୟ ଅଧିକାରୀ ଏହାକୁ ଗୁରୁତର ସହ ନେଇଥିଲେ। ବଣାଇ ଏଆର୍‌ଏସ୍ ଘଟଣାର ତଦନ୍ତ କରି ମହାନ୍ତଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

### ଟ୍ରକ, ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ଲହୁଣୀପଡ଼ା,୧୧।୬(ଡି.ଏନ୍.ଏ.) : ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଦର୍ଜାଂ ପଞ୍ଚାୟତ ୧୪୩ ନଂ ଜାତୀୟ ରାଜପଥ ଠିଆବେର୍ଣ୍ଣା ଛକଠାରେ ରବିବାର ମଧାହ୍ନରେ ଟ୍ରକ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ବାଇକ୍ ଆରୋହିଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ମୃତକ ହେଲେ ବଣେଇ ଥାନା ଅନ୍ତର୍ଗତ ଭାଲୁଡୁଙ୍ଗୁରି ପଞ୍ଚାୟତ ମାଙ୍କଡ଼ ଚୁଆଁ ଗ୍ରାମର ମହାଦେବ ଓରାମର ପୁଅ ଯାଦବ ଓରାମ(୪୨) ଓ ଗୁରୁତର ହେଉଛନ୍ତି ଶିବ ଓରାମ(୩୫)। ଟ୍ରକ ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଗାଡ଼ି ୨ ଟିକୁ ଜବତ କରିଛି। ଏନେଇ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଟ୍ରକ ରାଉରକେଲାରୁ ଲହୁଣୀପଡ଼ା ପଟେ ଆସୁଥିବାବେଳେ ବିପରୀତ ଦିଗରୁ ବାଇକ୍ ଯୋଗେ ୨ ଆରୋହୀ ଯାଉଥିଲେ। ଫଳରେ ଉଭୟଙ୍କ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ଗୁରୁତରଙ୍କୁ ପ୍ରଥମେ ଲହୁଣୀପଡ଼ା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲାସ୍ଥିତ ଜୟ ପ୍ରକାଶ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି।

### ଆଜିଠୁ କନିଷ୍ଠ ଜାତୀୟ ପୁରୁଷ ହକି ଚାମ୍ପିୟନଶିପ୍

ରାଉରକେଲା ଅଫିସ,୧୧।୬ : ରାଉରକେଲା ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ସୋମଠାରୁ ପୁଣିଥରେ କନିଷ୍ଠ ଜାତୀୟ ହକି ପୁରୁଷ ଚାମ୍ପିୟନଶିପ୍ ଆରମ୍ଭ ହେବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ହକି ଆସୋସିଏଶନ ଅଫ ଓଡ଼ିଶା ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହେଉଛି। ଏଥିରେ ଦେଶର ସମୁଦାୟ ୨୯ଟି ଦଳ ଭାଗ ନେଇଥିବାବେଳେ ପ୍ରତ୍ୟେକ ଦଳକୁ ୮ଟି ପୁଲରେ ବିଭକ୍ତ କରାଯାଇଛି। ଶେଷ ମ୍ୟାଚ୍ ଜୁନ ୨୨ରେ ଖେଳାଯିବ। ପରେ ଚଳିତ ମାସ ୨୭ ତାରିଖରେ କନିଷ୍ଠ ମହିଳା ଜାତୀୟ ହକି ଚାମ୍ପିୟନଶିପ ଆରମ୍ଭ ହୋଇ ଜୁଲାଇ ୭ ତାରିଖରେ ଶେଷ ହେବ। ୧୩ତମ ଜାତୀୟ କନିଷ୍ଠ ପୁରୁଷ ହକି ଚାମ୍ପିୟନଶିପ୍‌ର ପ୍ରଥମ ଦିନ ୫ଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ ଝାଡ଼ଖଣ୍ଡ ଓ ଗାନ୍ସ, ୨ୟ ମ୍ୟାଚ ତାମିଲନାଡୁ ଓ ପଣ୍ଡିଚେରୀ, ୩ୟ ମ୍ୟାଚ୍ କର୍ନାଟକ ଓ ତ୍ରିପୁରା ଓ ୪ର୍ଥ ମ୍ୟାଚ ଦାଦ୍ରାନଗର ହାବେଲି ଓ ରାଜସ୍ଥାନ ଏବଂ ୫ମ ମ୍ୟାଚ ଓଡ଼ିଶା ଓ ଗୁଜୁରାଟ ମଧରେ ଖେଳାଯିବ ବୋଲି ଜଣାପଡିଛି।

# ଯୁବଗୋଷ୍ଠୀ ଏକାଠି କାମ କରିବାକୁ ଆହ୍ୱାନ



ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲାରେ ଜିଲାସ୍ତରୀୟ ଯୁବଛାତ୍ର ସମାବେଶ**

ରାଉରକେଲା ଅଫିସ, ୧୧।୬

ରାଉରକେଲା ନାଗରିକ ସୁରକ୍ଷା କମିଟିର ଆହ୍ୱାନ କ୍ରମେ ରବିବାର ସେକ୍ଟର-୫ ସ୍ଥିତ ଆଦର୍ଶ ପାଠାଗାରରେ ଏକ ମିଳିତ ଜିଲାସ୍ତରୀୟ ଯୁବ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। କମିଟିର ପ୍ରମୁଖ ଉପଦେଷ୍ଟା ସଞ୍ଜୀବ ମହାନ୍ତିଙ୍କ ସଭାପତିତ୍ୱରେ ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଓ ଯୁବଗୋଷ୍ଠୀ ଏକ ହେଲେ ରାଉରକେଲା ପୂର୍ଣ୍ଣ ବିକାଶ ଦିଗକୁ ଆଗେଇବ ବୋଲି କହିଥିଲେ। ଅନ୍ୟତମ ଉପଦେଷ୍ଟା ବିଷ୍ଣୁ ମହାନ୍ତି କହିଥିଲେ, ଯୁବକମାନେ ଏକଜୁଟ ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ସ୍ୱାଧୀନତାର ୭୫ବର୍ଷ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ରୋଜଗାର ଓ ଭିତ୍ତିଭୂମି ବିକାଶରେ ଏହି ଜିଲା ବହୁତ ପଛରେ ଅଛି। ଦେଶର ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସୁପରସ୍ପେଶାଲିଟି ହସ୍ପିଟାଲରେ ନାମରେ ଏକ ବିଶାଳ କୋଠା ନିର୍ମାଣ ହେଲା। ହେଲେ ତାହା ଫଳପ୍ରଦ ହେଲାନି। ସେହିପରି ତାଲଚେର-ବିମଳାଗଡ଼ ରେଳପଥ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିଲାନାହିଁ। ରାଉରକେଲାକୁ ରେଳ ଡିଭିଜନ ଘୋଷଣା, ବିମାନ ବନ୍ଦରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ସମେତ ଅନେକ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି ବୋଲି ମହାନ୍ତି କହିଥିଲେ। କମିଟି ସଦସ୍ୟ ରାଜକିଶୋର ପ୍ରଧାନଙ୍କ ସଂଯୋଜନାରେ ବିଜେଡି ନେତା ଅଭିକ କୁମାର, ରାଣାପ୍ରତାପ ସିଂ, ଯୁବ କଂଗ୍ରେସ ନେତା ଜ୍ଞାନେନ୍ଦ୍ର ଦାସ, କମିଟି ସଦସ୍ୟ ମନୋରଞ୍ଜନ ଦାସ, ଗଣେଶ ପ୍ରଧାନ, ସୁରେନ୍ଦ୍ର ଦାଶ, ସଦାନନ୍ଦ ସାହୁଙ୍କ ସମେତ ଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ଯୁବନେତା ବକ୍ତବ୍ୟ ରଖିଥିଲେ। ବିମାନ ମାଇତି, ଶ୍ରୀମନ୍ତ ବେହେରା, ବସନ୍ତ ନାୟକ, ପ୍ରଭାତ ମହାନ୍ତି, ଲକ୍ଷ୍ମୀଧର ନାୟକ, ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ସାହିତ୍ୟର ଉନ୍ନତିରେ ଆମ ବିକାଶ ସନ୍ନିହିତ


ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଗଣ

ରାଉରକେଲା ଅଫିସ,୧୧।୬

ରାଉରକେଲା ସ୍ୱସ୍ତି ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆଲୋଚନା ଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ପାଠାଗାରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ମହେନ୍ଦ୍ର କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତାଭାବେ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ. ଉମାକାନ୍ତ ପଣ୍ଡା ଯୋଗଦେଇ ଥିଲେ। ଓଡ଼ିଆ ସାହିତ୍ୟ ସଂସ୍କୃତି ଓ ପରମ୍ପରା ଶିର୍ଷକରେ ନିଜେ ନିଜକୁ ଯଦି ଆତ୍ମଶୁଦ୍ଧି ନ କରିବା, ଓଡ଼ିଆ ଭାଷା ପ୍ରତି ସମ୍ମାନ ନ ଦେବା ତେବେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିରେ ନିଶ୍ଚିତଭାବେ ବ୍ୟାଘାତ ସୃଷ୍ଟି ହେବ ବୋଲି ସେ କହିଥିଲେ। ସାହିତ୍ୟ ଓ ସଂସ୍କୃତିକୁ ନେଇ ସମାଜ। ତେଣୁ ସାହିତ୍ୟର ଉନ୍ନତିରେ ହିଁ ଆମ ବିକାଶ ସନ୍ନିହିତ ବୋଲି ଦର୍ଶାଇଥିଲେ। ଏହାପରେ କବି ସୁଶାନ୍ତ କୁମାର ନାୟକଙ୍କ ସଂଯୋଜନାରେ ଏକ ମନୋଜ୍ଞ ସାମୂହିକ କବିତା ଆସର ଓ ଗଳ୍ପ ପଠନ ହୋଇଥିଲା। ଏଥିରେ ସହରର ବହୁ ଗାଳ୍ପିକ ଏବଂ କବିମାନେ ସାମିଲ ହୋଇ ଗଳ୍ପ ପଠନ ଓ କବିତା ଆବୃତି କରିଥିଲେ। ଅଶୋକ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଅଜୟ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

# କ୍ରିଷ୍ଣାଙ୍କୁ ସାହାଯ୍ୟର ହାତ ବଢାଇଲା ପ୍ରଶାସନ

ରାଉରକେଲା ଅଫିସ,୧୧।୬


ମା'ଙ୍କ ସହ କ୍ରିଷ୍ଣା।

**ଧରିତ୍ରୀ ପ୍ରଭାବ**

ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ ଆଜନ୍ମରୁ ରୋଗଗ୍ରସ୍ତ କ୍ରିଷ୍ଣା ଝରା(୧୭)ଙ୍କୁ ସାହାଯ୍ୟର ହାତ ବଢ଼ାଇଲା ପ୍ରଶାସନ। ରାଉରକେଲା ବେଦବ୍ୟାସର ଗୋପାପାଲୀ ଝରାପଡ଼ାର କ୍ରିଷ୍ଣା ଦୁର୍ବଳ ଅବସ୍ଥାରେ ନିଜ ମା' ବାପାଙ୍କ ପ୍ରତିପୋଷଣ ପାଇଁ ଭିକ୍ଷାବୃତ୍ତି କରୁଥିଲେ। ଅର୍ଥାଭାବରୁ କ୍ରିଷ୍ଣାଙ୍କ ଚିକିତ୍ସା ହୋଇ ପାରୁ ନ ଥିଲା। କ୍ରିଷ୍ଣାଙ୍କ ପରିବାର କହିଲେ ମା' ଗୁରୁବାରୀ(୩୭) ବାପା ମୁକୁନ(୫୧)। ଖାଦ୍ୟ ଅଭାବରୁ ଦୀର୍ଘବର୍ଷରୁ ମୁକୁନ୍ଦ ଶଯ୍ୟାଶାୟୀ ହୋଇ ପଡ଼ିଛନ୍ତି। କ୍ରିଷ୍ଣା ଦୈନିକ ଭିକ୍ଷାବୃତ୍ତି କରି ଯାହା ଦି ପଇସା ଆଣନ୍ତି ସେଥିରେ ପରିବାରର ଦୁଇଓଳି ପେଟପୁରା ଖଇବା ବ୍ୟବସ୍ଥା ହୋଇପାରୁ ନ ଥିଲା। ଏପଟେ ମୁଣ୍ଡ ଗୁଞ୍ଜିବା ପାଇଁ ନିଜର ବୋଲି ଘର ଖଣ୍ଡିଏ ନାହିଁ। ଜଣେ ବ୍ୟକ୍ତିଙ୍କ ଭଙ୍ଗା ଦଦରା ତାଳଛପର ମାଟି ଘରେ ଦୀର୍ଘ ୨୫ ବର୍ଷ ହେଲା ଜୀବନ ବିତାଇ ଆସୁଛନ୍ତି। ସରକାରୀ ଯୋଜନା କହିଲେ କେବଳ ମାସିକ ୧୫କେଜି ରାସନ ଚାଉଳ। ଏହାବ୍ୟତିତ ପରିବାରକୁ ଅନ୍ୟ କୌଣସି ପ୍ରକାରର ସରକାରୀ ସହାୟତା ଏପର୍ଯ୍ୟନ୍ତ ମିଳିପାରି ନାହିଁ। ଏନେଇ ଖବର ପ୍ରକାଶିତ ହେବା ପରେ ଆର୍‌ଏମ୍‌ସିର ସାମାଜିକ ସୁରକ୍ଷା ଅଧିକାରିଣୀ ଚେତାବନୀ ବଢ଼େଇ ଓ ବିଭାଗୀୟ ପ୍ରଶାସନ ଗରିବ କ୍ରିଷ୍ଣା ଏବଂ ତାଙ୍କ ମାଁ ପାଖରେ ପହଞ୍ଚି ସରକାରୀ ସୁବିଧା ଯୋଗାଇ ଦେବାପାଇଁ ତାଙ୍କଠାରୁ ସମସ୍ତ ପ୍ରାମାଣିକ କାଗଜପତ୍ର ସଂଗ୍ରହ କରିଛନ୍ତି। ଖୁବଶୀଘ୍ର କ୍ରିଷ୍ଣା ଚିକିତ୍ସା ହେବ ଓ ସମସ୍ତ ସରକାରୀ ସୁବିଧା ପ୍ରଦାନ ନିମନ୍ତେ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଯାଇଛି। ସରକାରୀ ସାହାଯ୍ୟ ନେଇ ଆର୍‌ଏମ୍‌ସି ବିଏସ୍‌ଏସ୍‌ଓ ଚେତାବନୀ କହିଛନ୍ତି, ପିଏମ୍‌ଆର୍‌ଏସ ଯୋଜନା ପ୍ରଦାନ ନିମନ୍ତେ ପ୍ରକ୍ରିୟା ଚାଲିଛି। ଚିକିତ୍ସା ନେଇ ଡାକ୍ତରଙ୍କ ସହ ମଧ ବିଚାର ବିମର୍ଶ ହୋଇଛି।ଏହାସହିତ ଆର୍‌ଏମ୍‌ସି କମିଶନରଙ୍କ ସହିତ ରିଲିଫ ଫଣ୍ଡ ନେଇ ସୋମବାର ବିଚାର ବିମର୍ଶ ହେବ ବୋଲି କହିଥିଲେ।

# ପବନରେ ଉଡ଼ିଲା ଆଜବେଷ୍ଟସ

ନୂଆପଡ଼ା ଅଫିସ,୧୧।୬

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ରଜନା ପଞ୍ଚାୟତ ବେଲଗାଁ ଗ୍ରାମରେ କାଳବୈଶାଖୀରେ ଏକ ଘର ଆଜବେଷ୍ଟସ ଉଡାଇ ନେଇଛି। ଫଳରେ ଉକ୍ତ ପରିବାର ଏବେ ବେସହରା ହୋଇ ପଡିଛନ୍ତି। ପ୍ରାପ୍ତସୂଚନା ଅନୁସାରେ ରବିବାର ଅପରାହ୍ନ ୩ଟାରେ ଘଡଘଡି ବର୍ଷା ସହ ବହୁ ଜୋରରେ ପବନ ବୋହିବାରୁ ଘର ଆଜବେଷ୍ଟର ଉଡାଇ ନେଇଥିଲା। ରୁଷି ତିୱାରୀ (୪୫)ଙ୍କ ପରିବାର ୫ଜଣ ସଦସ୍ୟ ସ୍ତ୍ରୀ ଧନମତୀ ତିୱାରୀ (୩୮), ବିଶାଖା (୧୪), ଗୁଣବନ୍ତ (୧୨) ଓ ଦୁଲେଶ୍ୱର (୮) ଘରେ ରହିଥିଲେ। ହଠାତ କାଳବୈଶାଖୀରେ ଛାତ ଉଡି ଯାଇ ଟୁକଡା ମାନ ଘର ଭିତରେ ପଡିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ତାଙ୍କ ଘର ଛାତ ସମ୍ପୂର୍ଣ୍ଣ ଉଡିଯାଇଛି। ବର୍ତ୍ତମାନ ଦିନରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଓ ରାତ୍ରିରେ କାଳବୈଶାଖୀର ତାଣ୍ଡବରେ କେଉଁଠି ପରିବାରକୁ ନେଇ ରହିବି ବୋଲି ରୁଷି ଚିନ୍ତାରେ ଭାଙ୍ଗି ପଡିଛନ୍ତି।

# ରିଆମାଳରେ ରକ୍ତଦାନ ଶିବିର


ଜଣେ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ରିଆମାଳ, ୧୧।୬(ଡି.ଏନ୍.ଏ.)

ଦେବଗଡ ଜିଲା ରିଆମାଳ ଲକ୍ଷ୍ମୀପୂଜା କଲ୍ୟାଣ ମଣ୍ଡପରେ ଏକ ରକ୍ତଦାନ ଶିବିର ଲାୟନ୍ସ କ୍ଲବ ପ୍ଲାଟିନମ, ମହାଲକ୍ଷ୍ମୀ ବ୍ୟବସାୟୀ ସଂଘ, ଓ ମାରୱାଡି ଯୁବାମଞ୍ଚ ମିଳିତ ଭାବେ ଅନୁଷ୍ଠିତ ହୋଇଯାଇଛି । ଏସ୍‌ପି ପ୍ରମୋଦ ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟ ଅତିଥିଭାବେ ଜିଲା ପରିଷଦ ସଦସ୍ୟ କୌଶିକ ପ୍ରଧାନ, ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୬୬ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଡା. ଯଶୋବନ୍ତ ପ୍ରଧାନ ତଥା ଦେବଗଡ ରକ୍ତଭଣ୍ଡାରରୁ ଏଲ.ଟି ମିନାକ୍ଷୀ ପ୍ରଧାନ ଓ ଆଲୋକ ମାହାପାତ୍ର, ନର୍ସିଂ ଅଫିସର ଅମ୍ବିକା ଦାଶ, କର୍ମଚାରୀ ଟୁନା ବେହେରା, ମନୋରଞ୍ଜନ ଧଳ, ଏଲିନା ସାହୁ, ଧିରେନ ସାହୁ ପ୍ରମୁଖ ରକ୍ତ ଗ୍ରହଣରେ ସହଯୋଗ କରିଥିଲେ । ଲାୟନ୍ସ କ୍ଲବ ସଭାପତି ପ୍ରକାଶ ଆଚାର୍ଯ୍ୟ, ସମ୍ପାଦକ ଶମ୍ଭୁଲାଲ ଅଗ୍ରୱାଲ, ସଦସ୍ୟ ସନ୍ତୋଷ ମହାପାତ୍ର, ମହାଲକ୍ଷ୍ମୀ ବଣିକ ସଂଘ ସଭାପତି ମନୋଜ କୁମାର ଅଗ୍ରୱାଲ, ଝସକେତନ ବିଶ୍ୱାଳ, ମାରୱାଡି ଯୁବାମଞ୍ଚ ଦେବଗଡ ସଭାପତି ପ୍ରକାଶ ଅଗ୍ରୱାଲ, ଉପ ସଭାପତି ଜିତେନ୍ଦ୍ର ଅଗ୍ରୱାଲ, ବିବେକ ଗୋୟଲ, ରାଜା ଅଗ୍ରୱାଲ, ଆକାଶ ଅଗ୍ରୱାଲ, ରାକେଶ ଅଗ୍ରୱାଲ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# 'ତାଜମହଲ କା ଟେଣ୍ଡର' ନାଟକ ମଞ୍ଚସ୍ଥ

**ଗ୍ରୀଷ୍ମକାଳୀନ ନାଟକ ମହୋତ୍ସବ ଉଦ୍‌ଯାପିତ**

ରାଉରକେଲା ଅଫିସ,୧୧।୬

ରାଉରକେଲା ସିଭିକ୍ ସେଣ୍ଟରରେ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ (ଏନ୍‌ଏସ୍‌ଡ଼ି) ନୂଆଦିଲ୍ଲୀ ଓ ଆର୍‌ଏସ୍‌ପି ଆୟୋଜିତ ଗ୍ରୀଷ୍ମକାଳୀନ ନାଟକ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଏଥିରେ ରାଉରକେଲା ବିଧାୟକ ତଥା ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ଆର୍‌ଏସ୍‌ପି ଇଡ଼ି (ପିଆଣ୍ଡଏ) ପ୍ରମୋଦ ଶତପଥୀ, ଇଡ଼ି (ପ୍ରୋଜେକ୍ଟ) ପ୍ରଦୀପ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମହୋତ୍ସବର ସଂଯୋଜକ ଭାସ୍କର ଚନ୍ଦ୍ର ମହାପାତ୍ର ମଞ୍ଚ ପରିଚାଳନା ଓ ଆର୍‌ଏସ୍‌ପି ସିଓସି ଅର୍ଚ୍ଚନା ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷ ସନ୍ଧ୍ୟାରେ 'ତାଜମହଲ କା ଟେଣ୍ଡର' ନାଟକ ପରିବେଷଣ କରାଯାଇଥିଲା। ନାଟକରେ ବାଦଶାହା ଶାହଜାହାନ ମୁଖ୍ୟଯନ୍ତ୍ରୀଙ୍କୁ ଡାକି ପତ୍ନୀଙ୍କ ଉଦ୍ଦେଶ୍ୟରେ ଏକ ସୌଧ ନିର୍ମାଣ ପାଇଁ ବରାଦ କରିଛନ୍ତି। ହେଲେ ମୁଖ୍ୟ ଯନ୍ତ୍ରୀ ଓ ତାଙ୍କ ଟିମ୍ କିପରି ଅର୍ଥ ଲାଳସାର ବଶବର୍ତ୍ତୀ ହୋଇ ଏହି ପ୍ରକଳ୍ପକୁ ୨୫ ବର୍ଷ ସମୟ ନେଇଛନ୍ତି ତାର ଏକ ନିଚ୍ଛକ ଝଲକ ନାଟକରେ ଦେଖିବାକୁ ମିଳିଛି। ହାସ୍ୟରସ ପୂର୍ଣ୍ଣ ଏହି ନାଟକରେ ରିପ୍ରୋକ୍ଟରୀ କମ୍ପାନୀର କଳାକାରମାନେ ଅଭିନୟ କରିଥିଲେ। ମୁଖ୍ୟ ଅତିଥି ଶ୍ରମ ମନ୍ତ୍ରୀ ଏନ୍‌ଏସ୍‌ଡ଼ି ରିପ୍ରୋକ୍ଟରୀ କମ୍ପାନୀର ନିର୍ଦ୍ଦେଶକ ରାଜେଶ ସିଂ, ଏନ୍‌ଏସ୍‌ଡ଼ି ପ୍ରାଧ୍ୟାପକ ଅରୁଣ ମଲ୍ଲିକ ଓ ଅନ୍ୟ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥଲେ। ଡ. ସମର ମୁଦାଲି, ବିଜୟ ପାତ୍ର, ସୁରେନ୍ଦ୍ର ପାଢ଼ୀ, ପ୍ରଜ୍ଞାନନ୍ଦ ମହାନ୍ତି, ପ୍ରଳୟ ଶତପଥୀ, ଉମା ବିଶୋୟୀ, ପୁଷ୍ପା ବିଶୋୟୀ ପ୍ରମୁଖ ସହଯୋଗ କରିଥିଲେ।

# ବିରଜାପାଲି କୋର୍ଟରେ ସେଡ୍ ନିର୍ମାଣ ପାଇଁ ଭୂମିପୂଜନ


ଭୂମିପୂଜନରେ ଉପସ୍ଥିତ ଶ୍ରମ ମନ୍ତ୍ରୀ ଏବଂ ଅନ୍ୟମାନେ।

ରାଉରକେଲା ଅଫିସ, ୧୧।୬

ରାଉରକେଲା ବିରଜାପାଲି ସ୍ଥିତ ନୂତନ କୋର୍ଟ ପରିସରରେ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ବିଭିନ୍ନ କାର୍ଯ୍ୟର ଭୂମିପୂଜନ ଅନୁଷ୍ଠିତ ହୋଇଛି। ଏଥିରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗଦେଇ ୨ଟି ସେଡ୍, ଲେଡିଜ୍ କମନ୍ ରୁମ୍ ସମେତ ବିଭିନ୍ନ କାର୍ଯ୍ୟର ଭୂମି ପୂଜନ କରିଛନ୍ତି। ୨୨ଟି ଏୟାର କଣ୍ଡିଶନର, ୨ଟି ଶୀତଳ ଜଳ ମେସିନ ସହ ପୁରୁଣା କୋର୍ଟରେ ବ୍ୟାରିକେଡ, ବିଜୁଳି କାର୍ଯ୍ୟ ପାଇଁ ଏହି ପାଣ୍ଠି ଖର୍ଚ୍ଚ ହେବ ବୋଲି ରାଉରକେଲା ଓକିଲ ସଂଘର ସାଧାରଣ ସମ୍ପାଦକ ଅବନୀ ପ୍ରଧାନ କହିଛନ୍ତି। ଏହି ଅବସରରେ ସଂଘ ସଭାପତି ପ୍ରଦୀପ ମିଶ୍ର, ଉପସଭାପତି ଏମ୍. ମାଲେଶ୍ୱରମ, ଶରତ ପଟେଲ, ପ୍ରମୋଦ ଦେବତା, ନାରାୟଣ ପ୍ରଧାନ, ସତ୍ୟ ନାରାୟଣ ମହାପାତ୍ର, ଆର୍ତ୍ତତ୍ରାଣ ମହାରଣା, ମେରୀ ମେକ୍ସିମା ଏକ୍କା, ବୈଜୟନ୍ତୀ ମିଞ୍ଜ, ପଦ୍ମିନୀ ଦାସ, ମୀନତି ପଟେଲ, ଅଞ୍ଜନ ବାରିକ ଓ ଅନ୍ୟ ଆଇନଜୀବୀ ଉପସ୍ଥିତ ଥିଲେ। ଅନୁରୂପ ଭାବେ ଶ୍ରମ ମନ୍ତ୍ରୀ ବିର୍ସା ଡାହାର ସ୍ଥିତ ପଣ୍ଡା କଲୋନୀରେ ସଡ଼କ ଓ ଡ୍ରେନ୍ ନିର୍ମାଣ ପାଇଁ ଭୂମିପୂଜନ କରିଥିଲେ। ଆର୍‌ଏମ୍‌ସି ପ୍ରଦତ୍ତ ୧୧ଲକ୍ଷ ୬୮ହଜାର ଟଙ୍କା ବ୍ୟୟରେ ସଡ଼କ ନିର୍ମାଣ କରାଯିବ ବୋଲି ଜଣାପଡିଛି। ଗଗନ ପଣ୍ଡା, ଅଶୋକ ଅଗ୍ରୱାଲଙ୍କ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

# ଭାରତୀୟ ଆଇନଜୀବୀ ସଂଘର ଜାତୀୟ ସମ୍ମିଳନୀ

ସୁନ୍ଦରଗଡ଼,୧୧।୬(ଡି.ଏନ୍.ଏ.)


ଜାତୀୟ ସମ୍ମିଳନୀରେ ଉପସ୍ଥିତ ଅଧିକାରୀ ଓ ଆଇନଜୀବୀ।

ଭାରତୀୟ ଜାତୀୟ ଆଇନଜୀବୀ ସଂଘର ୧୧ତମ ଜାତୀୟ ସମ୍ମିଳନୀ କେରଳ ରାଜ୍ୟର ରାଜଧାନୀ ତ୍ରିଭେମମ୍ଭାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଓଡ଼ିଶାରୁ ୨୫ଜଣ ଆଇନଜୀବୀ ପ୍ରତିନିଧିଙ୍କ ସମେତ ଦେଶର ୨୨ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ୮୦୦ରୁ ଉର୍ଦ୍ଧ୍ୱ ଆଇନଜୀବୀ ପ୍ରତିନିଧି ଯୋଗଦେଇଥିଲେ। ଏହି ଜାତୀୟ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ପିନାରାୟ ବିଜୟନ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। କେରଳ ହାଇକୋର୍ଟର ଯୁଗ୍ମ ଆଡଭୋକେଟ ଜେନେରାଲ କେ. ପି ଜୟଚନ୍ଦ୍ରନ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଆଇନଜୀବୀମାନଙ୍କ ଭୂମିକା, ଆଇନ ଅନୁଯାୟୀ ଶାସନ, ମହିଳା ଓ ନ୍ୟାୟିକ ବ୍ୟବସ୍ଥା, ଭାରତୀୟ ସମ୍ବିଧାନର ସୁରକ୍ଷାପାଇଁ ଆଇନଜୀବୀଙ୍କ ଭୂମିକା ଆଦି ବିଷୟ ଉପରେ ଆୟୋଜିତ ଆଲୋଚନା ଚକ୍ରରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ କୁରିୟନ ଯୋଶେଫ, ଆହ୍ଲାବାଦ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଗୋବିନ୍ଦ ମାଥୁର, ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ସଞ୍ଜୟ ଆର୍ ହେଗେଡ଼େ, କେରଳ ହାଇକୋର୍ଟର ମୁଖ୍ୟ ବିଚାରପତି ଦେବେନ୍ ରାମଚନ୍ଦ୍ରନ, ବିଚାରପତି ଏନ୍. ନାଗରେସ, କେରଳ ବାର କାଉନସିଲର ଚେୟାରମ୍ୟାନ କେ. ଏନ୍ ଅନିଲ କୁମାର ପ୍ରମୁଖ ବହୁ ବକ୍ତା ଆଲୋଚନା ଚକ୍ରରେ ନିଜ ବକ୍ତବ୍ୟ ରଖିଥିଲେ। ଆଇନଜୀବୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ଦେଶର ସମ୍ବିଧାନ ଉପରେ ହେଉଥିବା ଆକ୍ରମଣ ଉପରେ ମଧ ବିଷଦଭାବେ ଆଲୋଚନା ହୋଇଥିଲା। ଆଗାମୀ ୩ ବର୍ଷ ପାଇଁ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଆର୍.ଏସ୍ ଚିମା ସଭାପତି,ମୂରଲୀଧରନ ସାଧାରଣ ସମ୍ପାଦକଭାବେ ନିର୍ବାଚିତ ହୋଇଛନ୍ତି। ଓଡ଼ିଶା ହାଇକୋର୍ଟରେ ଆଇନଜୀବୀ ଡ.ପ୍ରଶାନ୍ତ ମିଶ୍ର ଓ ରାଉରକେଲା ବାରର ସଦାନନ୍ଦ ସାହୁ ଜାତୀୟ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଛନ୍ତି। ଏହି ସମ୍ମିଳନୀରେ ସୁନ୍ଦରଗଡ଼ ଜିଲାର ଯୁବ ଆଇନଜୀବୀ ସନ୍ତୋଷ କୁମାର ଆଚାର୍ଯ୍ୟ,ଅନନ୍ତ ସାହୁ, ଶାନ୍ତନୁ ଦାଶ, ବନ୍ଦନା ପଣ୍ଡା, ସିଏସ୍ ରାମବାବୁ, କରନ ପ୍ରଜାପତି, ଜସ୍ମିତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସାରା ଦେଶରେ ଆଇନଜୀବୀଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ, ଆଇନଜୀବୀଙ୍କ ସ୍ୱାସ୍ଥ୍ୟ ବୀମା, ମୃତ୍ୟୁକାଳୀନ ସହାୟତା ପ୍ରଦାନ,ଆଇନଜୀବୀ କଲ୍ୟାଣ ପାଣ୍ଠି ବୃଦ୍ଧି ପ୍ରମୁଖ ଆଇନଜୀବୀଙ୍କ ପାଇଁ ଅନେକ ପ୍ରସ୍ତାବ ଗୃହୀତ ହୋଇଥିଲା। ଓଡ଼ିଶାରୁ ଡ.ପ୍ରଶାନ୍ତ ମିଶ୍ର ଓ ସଦାନନ୍ଦ ସାହୁ ଜାତୀୟ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଥିବାରୁ ସୁନ୍ଦରଗଡ଼ ଜିଲାର ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଦାଶ,ଏମ୍. ଡି ରଫିକ, ଅନୀଲ ଷଡ଼ଙ୍ଗୀ, ଏମ୍. ଡି ମହସୀନ, ଅନନ୍ତ ନାରାୟଣ ସାହୁ, ବିନୟ ଦାଶ, ଅଶୋକ ପୁଷେଠ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

**ସଦାନନ୍ଦ ସାହୁ ଜାତୀୟ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ**

## ସଂକ୍ଷେପରେ

### ଟ୍ରେନରୁ ପଡ଼ି ଯୁବକ ଗୁରୁତର

**ଲୋଇସିଂହା,୧୧।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ରେଳ ପୋଲ ନିକଟରେ ଟ୍ରେନରୁ ଖସି ପଡିଥିବା ଜଣେ ଯୁବକଙ୍କୁ ରବିବାର ଅଗ୍ନିଶମ ବିଭାଗ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରିଥିଲେ। ଅଗ୍ନିଶମ ବିଭାଗ ସୂଚନା ଅନୁଯାୟୀ, ଧନବାଦ ଅଞ୍ଚଳର ଧର ମଣ୍ଡଳ(୩୫) ଯଶବନ୍ତପୁର-ହାୱଡା ଟ୍ରେନରେ ଯାତ୍ରା କରୁଥିଲେ। ଶନିବାର ରାତି ପ୍ରାୟ ସାଢେ ୩ଟାରେ ସମ୍ବଲପୁର-ଟିଟିଲାଗଡ ରୁଟର ବୁର୍ଡା ଓ ଲୋଇସିଂହା ମଝିରେ ଥିବା ରେଳ ପୋଲ ନିକଟରେ କୌଣସି କାରଣରୁ ସେ ଟ୍ରେନରୁ ପଡିଥିଲେ। ତାଙ୍କ ମୁହଁ ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ରବିବାର ସକାଳେ ସମ୍ପୃକ୍ତ ଅଞ୍ଚଳକୁ ଲୋକେ ଶୌଚ ପାଇଁ ଯାଇଥିବାବେଳେ ଜଣେ ଯୁବକ ରେଳଧାରଣା କଡରେ ପଡିଥିବା ଦେଖିବାକୁ ପାଇଥିଲେ। ଟ୍ରେନରୁ ଖସି ପଡିଥିବା ସନ୍ଦେହ କରି ଲୋଇସିଂହା ଅଗ୍ନିଶମ ସେବା କେନ୍ଦ୍ରକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ମଣ୍ଡଳକୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନା ନେଇଥିଲେ।

### ଟ୍ରାକ୍ଟରରେ ବାଲି ଚୋରାଚାଲାଣ, ୨୪ହଜାର ଜରିମାନା

**ସଇଁତଲା,୧୧।୬(ଡି.ଏନ.ଏ.):** ଲାନ୍ଥନଦୀରୁ ଟ୍ରାକ୍ଟର ଯୋଗେ ବାଲି ଚୋରାଚାଲାଣ ବେଳେ ସଇଁତଲା ତହସିଲଦାର ମନସଫିଲ କେରକେଟା ଚଢ଼ାଉ କରି ୨ଟି ଟ୍ରାକ୍ଟରରୁ ୨୪ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ରାଜସ୍ୱ ନିରୀକ୍ଷକଙ୍କ ସୂତ୍ରରୁ ପ୍ରକାଶ କମରଲଗାସ୍ଥିତ ଲାନ୍ଥ ନଦୀରୁ କୁଇକେଡ଼ା ପଞ୍ଚାୟତର ଜଣେ ପୂର୍ବତନ ସରପଞ୍ଚଙ୍କ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ତହସିଲଦାର ଓ ସ୍ଥାନୀୟ ପୋଲିସ ଚଢ଼ାଉ କରିଥିଲେ। ବାଲି ନେବା ପାଇଁ ଆବଶ୍ୟକ ଆର ଫର୍ମ ନ ଥିବାରୁ ୧୨ ହଜାର ଟଙ୍କା ଓ ବେଙ୍ଗ ଗ୍ରାମ ନିକଟରେ ଅନ୍ୟ ଏକ ଟ୍ରାକ୍ଟରରେ ବେଆଇନ ଚାଲାଣ ହେଉଥିବା ଯୋଗୁଁ ୧୨ହଜାର ଟଙ୍କା ଜରିମାନା ଆଦାୟ ହୋଇଥିଲା।

### ଅସହ୍ୟ ତାତି, ଜନଜୀବନ ଅସ୍ତବ୍ୟସ୍ତ

**ଖପ୍ରାଖୋଲ,୧୧।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ତିନିଦିନ ହେଲା ଅସହ୍ୟ ତାତି ଓ ଗୁଳଗୁଳି ଅନୁଭୂତ ହେଉଛି। ଏଥିଯୋଗ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଦିନ ୧୦ଟାରୁ ରାସ୍ତା ଘାଟ ଖାଁ ଖାଁ ଲାଗୁଛି। ଅନ୍ୟ ବର୍ଷମାନଙ୍କରେ ଜୁନ ଆରମ୍ଭରୁ ଥଣ୍ଡା ପାଗ ଅନୁଭୂତ ହେଉଥିବା ବେଳେ ଚଳିତବର୍ଷ ଏକ ପ୍ରକାର ଅଗ୍ନି ବର୍ଷା ହେଉଛି। ଚାଷୀ ଖରିଫ ଚାଷ ପାଇଁ ଜମି ପ୍ରସ୍ତୁତି ଆରମ୍ଭ କରିଥିଲେ ବି ବର୍ଷା ଅଭାବରୁ ଖରଡ଼ି ଧାନ ଚାଷ ବ୍ୟାହତ ହେଉଛି। ପ୍ରବଳ ଗରମ ଯୋଗୁଁ ପନିପରିବା ଚାଷ ପ୍ରଭାବିତ ହେଉଛି।

### ଦେଓଗାଁ ବ୍ଲକ ଅଞ୍ଚଳର ଉନ୍ନୟନ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର

**ଦେଓଗାଁ,୧୧।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଞ୍ଚଳର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ ଓ ସଚିବମାନଙ୍କୁ ଭେଟି ଆଲୋଚନା କରିଛନ୍ତି। ଭୀମପାହାଡ ପର୍ଯ୍ୟଟନସ୍ଥଳୀକୁ ପୂର୍ତ୍ତବିଭାଗ ରାସ୍ତାରୁ ରୁଗୁଡିପାଲି ଦେଇ ଆରଡି ରାସ୍ତା ଗ୍ରାମ ଭିତର ଦେଇଯାଇଛି। ଫଳରେ ପର୍ଯ୍ୟଟକଙ୍କୁ ଯାତାୟତରେ ଅସୁବିଧା ହେଉଛି। ଏଣୁ ରୁଗୁଡିପାଲି ଗାଁ ବାହାରେ ଏକ ବାଇପାସ୍ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି। ଭୀମପାହାଡ ମହୋତ୍ସବ କମିଟି ଅଧକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବ ବୋଲି ମନ୍ତ୍ରୀ ଘଡାଇ ପ୍ରତିଶ୍ରୁତି ଦେଇଥିବା କମିଟି କହିଛି। ସେହିପରି ଭୀମପାହାଡର ଅନ୍ୟାନ୍ୟ ଉନ୍ନୟନକାମ ଓ ଚାନ୍ଦଲୀ ପାହାଡଠାରେ ଥିବା ମେହେରକଟାର ପୁନଃରୁଦ୍ଧାର, ସାଲେପାଲି ପଞ୍ଚାୟତର ନୂତନ ପଞ୍ଚାୟତଗୃହ ନିର୍ମାଣ ପାଇଁ ଅନୁଦାନ ଦାବି କରି ପରିବେଶ ଓ ଜଙ୍ଗଲ ବିଭାଗ ତଥା ପଞ୍ଚାୟତ ଓ ଗ୍ରାମ୍ୟ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ମଧ ପ୍ରତିନିଧି ମଣ୍ଡଳୀ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ଭୀମପାହାଡ ପର୍ଯ୍ୟଟନସ୍ଥଳୀରେ ଏଠିକାର ଐତିହ୍ୟ ବହନ କରୁଥିବା ସହିଦ ଧରମସିଂ ମାଝି ମାନଧାତାଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ମଧ ଭେଟି ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ପଦକ୍ଷେପ ନେବେ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ ପ୍ରତିଶ୍ରୁତି ଦେଇଥିବା ମହୋତ୍ସବ କମିଟି ସୂଚନା ଦେଇଛି। ଏହି ପ୍ରତିନିଧିଦଳରେ କମିଟି ସଭାପତି ପ୍ରମୋଦ ବହିଦାର, ବ୍ଲକ ଯୁବ ବିଜେଡି ସଭାପତି ଶୈଳେନ୍ଦ୍ର ସାହୁ, ମକୁନ୍ଦପୁର ସମିତି ସଭ୍ୟ ଅଭିମନ୍ୟୁ ମାଝି ପ୍ରମୁଖ ସମିଲ ଥିଲେ।

# ପିଲାଙ୍କ କ୍ରୀଡା ଟ୍ୟାଲେଣ୍ଟର ପରିପ୍ରକାଶ ହେବ: ଧର୍ମେନ୍ଦ୍ର

**ବଲାଙ୍ଗୀର ଅଫିସ, ୧୧।୬**



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟନ କରୁଛନ୍ତି।

ଗେଲ୍ ଇଣ୍ଡିଆ ଲିମିଟେଡ୍ ସିଏସ୍ଆର ଅନୁଦାନରେ ନିର୍ମିତ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମକୁ ରବିବାର କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ରବିବାର ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଉଦ୍‌ଘାଟନୀ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ପୂର୍ବତନ ମନ୍ତ୍ରୀ କନକ୍‌ବର୍ଦ୍ଧନ ସିଂଦେଓ, ଗେଲ୍ ଇଣ୍ଡିଆ ଲିମିଟେଡ୍ ନିର୍ଦ୍ଦେଶକ (ପ୍ରକଳ୍ପ) ଦୀପକ ଗୁପ୍ତା ମଞ୍ଚାସୀନ ଥିଲେ।

ଷ୍ଟାଡିୟମ ଉଦ୍‌ଘାଟନୀ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ କହିଥିଲେ ଯେ, ଗେଲ ଇଣ୍ଡିଆ ଏକ ଜାତୀୟସ୍ତରର ଷ୍ଟାଡିୟମ ନିର୍ମାଣ କରିଛି। ଏଠାରୁ ଆମ ପିଲାଙ୍କ ଖେଳ ଦକ୍ଷତା, ଟ୍ୟାଲେଣ୍ଟର ପରିପ୍ରକାଶ ହେବ। ଏହି ସ୍କୁଲ ଓ ବଲାଙ୍ଗୀରବାସୀ ଏହାର ଦାୟିତ୍ୱ ନିଅନ୍ତୁ ବୋଲି ସେ କହିଥିଲେ। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱରେ ଆନ୍ତର୍ଜାତିକ ସ୍ତରରେ ଦେଶ ଓ ଦେଶବାସୀଙ୍କ ସମ୍ମାନ ବଢ଼ିଛି। କେନ୍ଦ୍ର କ୍ୟାବିନେଟ ଏବେ ଧାନର ସର୍ବନିମ୍ନ ମୂଲ୍ୟ ବୃଦ୍ଧି କରିଛି। ବରଗଡରେ କେନ୍ଦ୍ର ସରକାର ୧୬୦୦ କୋଟି ଟଙ୍କା ଖର୍ଚ୍ଚ କରି ଏକ ଇଥାନଲ ପ୍ଲାଣ୍ଟ ବସାଉଛନ୍ତି। ଏହାଦ୍ୱାରା ବରଗଡ, ବଲାଙ୍ଗୀର, ସମ୍ବଲପୁର, କଳାହାଣ୍ଡି ଓ ସମଗ୍ର ପଶ୍ଚିମ ଓଡିଶାର ଧାନ ଉତ୍ପାଦନ ଅଞ୍ଚଳର ଚାଷୀ ଓ ଲୋକ ଉପକୃତ ହେବେ ବୋଲି କହିଥିଲେ। ଏହି ଅଞ୍ଚଳର ସାମୂହିକ ବିକାଶ ପାଇଁ ଆମେ ପ୍ରତିବଦ୍ଧ। ରାଜନୈତିକ, ବୌଦ୍ଧିକ, ସାହିତ୍ୟିକ ସ୍ତରରେ ବଲାଙ୍ଗୀର ସମଗ୍ର ରାଜ୍ୟକୁ ନେତୃତ୍ୱ ନେବାର ସାମର୍ଥ୍ୟ ରଖିଛି ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ। ପ୍ରାୟ ୧୦ କୋଟି ଟଙ୍କାରେ ଏହି ଷ୍ଟାଡିୟମ ନିର୍ମାଣ କରିଥିବାରୁ ଗେଲ ଇଣ୍ଡିଆ ଲିମିଟେଡକୁ ମନ୍ତ୍ରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ଏହି ଇନ୍‌ଡୋର ଷ୍ଟାଡିୟମ ପ୍ରତିଷ୍ଠା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ବଲାଙ୍ଗୀରବାସୀଙ୍କ ତରଫରୁ ଧନ୍ୟବାଦ ଦେଇଥିଲେ। ସେ କହିଥିଲେ ଯେ, ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ମନ୍ତ୍ରୀ ପ୍ରଧାନ ବଲାଙ୍ଗୀରବାସୀଙ୍କ ପାଇଁ ଏହି ଷ୍ଟାଡିୟମ ପ୍ରତିଷ୍ଠା କରିଛନ୍ତି। ତେବେ ଗେଲ ଇଣ୍ଡିଆ ନିର୍ମାଣ କରିଥିବା ଏହି ଷ୍ଟାଡିୟମ ନିର୍ମାଣ କାମ ସମ୍ପୂର୍ଣ୍ଣ ନ କରି ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କୁ ହସ୍ତାନ୍ତର କରିଛନ୍ତି। ଏଠାରେ ନିମ୍ନମାନର କାମ ହୋଇଛି। ଏତେ ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଉଥିଲେ ମଧ ଛାତରୁ ପାଣି ଗଳୁଛି। କାନ୍ଥରେ ଫାଟ ସୃଷ୍ଟି ହୋଇଛି ବୋଲି ବିଧାୟକ ମିଶ୍ର କ୍ଷୋଭ ପ୍ରକାଶ କରିଥିଲେ। ଷ୍ଟାଡିୟମର ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଆଜି ଏହି ଷ୍ଟାଡିୟମରେ ଉଡାନ୍ ଏକାଡେମୀ ଉଦ୍‌ଘାଟନ ହୋଇଥିବା ଘୋଷଣା କରିଥିଲେ। ଏହି ଦୁଇବର୍ଷିଆ ତାଲିମ କାର୍ଯ୍ୟକ୍ରମ ପିଲାଙ୍କ କ୍ରୀଡା ବିକାଶରେ ସହାୟକ ହେବ ବୋଲି କହିଥିଲେ। ଏମ୍‌ପି ସିଂଦେଓ ଏହି ଷ୍ଟାଡିୟମ ନିର୍ମାଣ ପାଇଁ ମନ୍ତ୍ରୀ ପ୍ରଧାନ ଓ ଗେଲ ଇଣ୍ଡିଆକୁ ଧନ୍ୟବାଦ ଦେଇଥିଲେ। ଏହାଦ୍ୱାରା ବଲାଙ୍ଗୀର କ୍ରୀଡାର ବିକାଶ ହେବ ବୋଲି କହିଥିଲେ। ଏହି ଅବସରରେ ଟିଟିଲାଗଡ ଓ ପାଟଣାଗଡ ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଶୀଘ୍ର ଖୋଲିବା ଦିଗରେ ପଦକ୍ଷେପ ନେବାକୁ ମନ୍ତ୍ରୀ ପ୍ରଧାନଙ୍କୁ ଅନୁରୋଧ କରିଥିଲେ। ଏହା ସହିତ ଏହି ନବନିର୍ମିତ ଷ୍ଟାଡିୟମକୁ ସ୍ୱାଧୀନତା ସଂଗ୍ରାମୀ ଧରମ୍ ସିଂ ମାଝି ମାନ୍‌ଧାତାଙ୍କ ନାମରେ ନାମିତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ।

#### ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ

ଗେଲ୍ ଇଣ୍ଡିଆ ଲିମିଟେଡ୍ ନିର୍ଦ୍ଦେଶକ (ପ୍ରକଳ୍ପ) ଦୀପକ ଗୁପ୍ତା ତାଙ୍କ ବକ୍ତବ୍ୟରେ ଗେଲ୍(ଇଣ୍ଡିଆ) ଏହି ପ୍ରକାର ସିଏସ୍ଆର୍ କାର୍ଯ୍ୟ ହାତକୁ ନେଇ ଥିବାରୁ ଗର୍ବିତ ଏବଂ ଏହାର ସିଏସ୍ଆର୍ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ ସମୁଦାୟର ବିକାଶ ନିମନ୍ତେ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି ଷ୍ଟାଡିୟମର ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିଦେବେ ବୋଲି କହିଥିଲେ। ଏହି ଅବସରରେ ଗେଲ ଇଣ୍ଡିଆ ପକ୍ଷରୁ ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନଶିକ୍ଷକ ସନ୍ତୋଷିନୀ ସେଠୀଙ୍କୁ ପ୍ରମାଣ ପତ୍ର ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ବିଦ୍ୟାଳୟର ଛୋଟ କ୍ରୀଡାବିତ୍‌ଙ୍କୁ ଜର୍ସି ପ୍ରଦାନ କରିଥିଲେ। ଏହି ଅବସରରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀ ଏକ ଭିଡିଓ ବାର୍ତ୍ତାରେ ଷ୍ଟାଡିୟମ ଉଦ୍‌ଘାଟନ ସମ୍ବନ୍ଧରେ ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀର ସହରର ବହୁ କ୍ରୀଡାବିତ୍, ବରିଷ୍ଠ ନାଗରିକ, ମାନ୍ୟଗଣ୍ୟ ବ୍ୟକ୍ତି, ଭାଜପା ଦଳର ନେତା ଓ କର୍ମୀ, ଗେଲ ଇଣ୍ଡିଆର ଅଧିକାରୀ, ପୃଥ୍ୱୀରାଜ ହାଇସ୍କୁଲର ଛାତ୍ର, ଶିକ୍ଷକ, ଟ୍ରେନିଂ କ୍ରୀଡାବିତ୍ ଉପସ୍ଥିତ ଥିଲେ।

## କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀଙ୍କୁ ନାଗରିକ ସମ୍ବର୍ଦ୍ଧନା

**ଲୋଇସିଂହା, ୧୧।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡିଖାଲରେ ଭାଜପା ପକ୍ଷରୁ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ମନ୍ତ୍ରୀ ଧର୍ମେନ୍ଦ୍ର ପଧାନଙ୍କୁ ନାଗରିକ ସମ୍ବର୍ଦ୍ଧନା ରବିବାର ପ୍ରଦାନ କରାଯାଇଛି। କେନ୍ଦ୍ରମନ୍ତ୍ରୀ ପଧାନ ବଲାଙ୍ଗୀର ପିଆର ହାଇସ୍କୁଲ ଇନଡୋର ଷ୍ଟାଡିୟମ ଉଦ୍‌ଘାଟନ ଉତ୍ସବରେ ଯୋଗଦେବାକୁ ଆସୁଥିବାବେଳେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଏହି ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ପଧାନ ରୁଗୁଡିଖାଲରେ ପହଞ୍ଚିଲା ପରେ ବିଧାୟକ ମକେଶ ମହାଲିଙ୍ଗ ଓ ଶତାଧିକ କାର୍ଯ୍ୟକର୍ତ୍ତା ତାଙ୍କୁ ସ୍ୱାଗତ ଜଣାଇଥିଲେ। ନିର୍ବାଚନ ମଣ୍ଡଳୀ ଭାଜପା, ଲୋଇସିଂହା ସିନିୟର ସିଟିଜେନ ଆସେମ୍ବ୍ଲି ଏବଂ ନିକଟରେ ଯୁକ୍ତ ୨କୁ ଉନ୍ନୀତ ହୋଇଥିବା ଲୋଇସିଂହା, ଆଗଲପୁର ଓ ପୁଇଁତଳା ବ୍ଲକ ଶିକ୍ଷାନୁଷ୍ଠାନର ପରିଚାଳନା କମିଟି ତରଫରୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା ସଭାପୂର୍ବରୁ ଜିଲା ପରଷଦ ସଭ୍ୟ ଶିବଦତ୍ତ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଧାୟକ ମହାଲିଙ୍ଗ ଓ କାର୍ଯ୍ୟକର୍ତ୍ତା କେନ୍ଦ୍ର ସରକାରଙ୍କ ୯ବର୍ଷର ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ।

## କଳାଧାମ୍ ଉତ୍ସବ ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୧୧।୬**



ଅନ୍ୟ ଅତିଥିଙ୍କ ଗହଣରେ କଳାଧାମର ଚିତ୍ର ପ୍ରଦର୍ଶନୀକୁ ପୌରାଧକ୍ଷା ଲିକା ସାହୁ ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀର ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସ୍ଥାନୀୟ କଳାଧାମ ଆର୍ଟ ଇନ୍ଷ୍ଟିଚ୍ୟୁଟ୍ ପକ୍ଷରୁ କଳାଧାମ ଉତ୍ସବ ୨୦୨୩ ଅନୁଷ୍ଠିତ ହୋଇଛି। ସଭାପତି ମଧୁସୂଦନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବରେଣ୍ୟ ଅତିଥି ଭାବେ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ଓ ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ଯୋଗଦାନ କରିଥିଲେ। ମଞ୍ଚାରେ କଳାଧାମ ଅନୁଷ୍ଠାନର ଅଧକ୍ଷ ଦିଲୀପ କୁମାର ସିଂଦେଓ ଓ ଉପଦେଷ୍ଟା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମକୁ କବି ରତ୍ନମୟ ତ୍ରିପାଠୀ ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଏକ ଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ପୌରାଧକ୍ଷା ଲିକା ସାହୁ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏଥିରେ କୁନି ଛାତ୍ରୀଛାତ୍ରମାନଙ୍କ ଅନେକ ସୁନ୍ଦର ଚିତ୍ର ପ୍ରଦର୍ଶିତ ହୋଇଥିଲା। ସଭାରେ ପୌରାଧକ୍ଷା ସାହୁ କଳା କିଭଳି ପିଲାଙ୍କ ସୃଜନଶୀଳତାକୁ ବିକଶିତ କରେ କହିଥିଲେ। ଛାତ୍ରୀଛାତ୍ରମାନଙ୍କ କଳାକୃକତାର ବିକାଶ ଘଟିଲେ ସମାଜ ସୁନ୍ଦର ସରସ ହୋଇପାରିବ ବୋଲି କହିଥିଲେ। ଜିଲା ସଂସ୍କୃତି ଅଧିକାରୀ ମିଶ୍ର ତାଙ୍କ ବକ୍ତବ୍ୟରେ କଳା ଜରିଆରେ ସମାଜ ଉତ୍କର୍ଷତା ଲାଭ କରେ ବୋଲି କହିଥିଲେ। ଉପଦେଷ୍ଟା ଛୁରିଆ ନୃତ୍ୟ, ଗୀତ, ସଙ୍ଗୀତ ମଣିଷ ଜୀବନର ବିଭବ ବୋଲି କହିଥିଲେ। ଅନୁଷ୍ଠାନର ଏଭଳି ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଏହି ଅବସରରେ ସାଜସଜ୍ଜାକାର ଚୈତନ୍ୟ ମଟାରୀ, ରୂପ ସଜ୍ଜାକାର ମନୋରଞ୍ଜନ ବେହେରା, ଲୀଳାନାଟକ ଅଭିନେତା ନରେନ୍ଦ୍ର ନିଆଲ, ବର୍ଷିଆନ୍ ସଙ୍ଗୀତ ଶିଳ୍ପୀ କ୍ଷମାସାଗର ଯୋଷୀ, ରାଜ୍ଯ ସ୍ତରୀୟ ସାରେଗାମାପା ବିଜେତା ଅନୁଷ୍ଠାନର ଯୁବ ପ୍ରତିଭା ଅଜୟ ଅମର ସିଂଦେଓ, ତବଲା ବାଦକ ବିଶ୍ୱେଶ୍ୱର ପଟେଲ, ନୃତ୍ୟଶିଳ୍ପୀ ଲେଖାଙ୍କିକା ନାଏକ, ଚିତ୍ରଶିଳ୍ପୀ ସୁରଜ କୁମାର ଅଗ୍ରୱାଲଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଅନ୍ୟ କୃତି ପ୍ରତିଯୋଗୀଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ସଭା ପରେ ଅନୁଷ୍ଠାନ ଅଧକ୍ଷ ସିଂଦେଓ ଓ ନୃତ୍ୟ ନିର୍ଦ୍ଦେଶକ ଏସ୍ ଶାନ୍ତିପ୍ରିୟାଙ୍କ ନିର୍ଦ୍ଦେଶନାରେ କୁନି ପିଲାମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଅଭିଭାବକ, ଛାତ୍ରୀଛାତ୍ର, ମାନ୍ୟଗଣ୍ୟ ବ୍ୟକ୍ତି ଓ କଳାପ୍ରେମୀ ଯୋଗଦାନ କରିଥିଲେ।

## ଟ୍ରାନ୍ସଫର୍ମର ନିଆଁରୁ ଜଳିଗଲା ବାଉଁଶ ବୁଦା

**ଲୋଇସିଂହା,୧୧।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଲାଇସର୍ଡା ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଲୋଇସିଂହା ଅଗ୍ନିଶମ ବିଭାଗ ଏବଂ ଗ୍ରାମବାସୀଙ୍କ ଦୀର୍ଘ ୪ ଘଣ୍ଟା ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଗ୍ରାମ ସମୀପ ଚାଷ ଜମିରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସିଛି। ରବିବାର ମଧ୍ୟାହ୍ନରେ ଉକ୍ତ ଟ୍ରାନ୍ସଫର୍ମର ଶର୍ଟସର୍କିଟ ହୋଇ ନିଆଁ ବାହାରିଥିଲା। ଏହା ତାଳପତ୍ରରେ ଲାଗି ବ୍ୟାପିଥିଲା। ଅଗ୍ନିକାଣ୍ଡରେ ବହୁ ଗଛପତ୍ର, ୧୫ ବାଉଁଶ ବୁଦା, ୪ରୁ ୫ଟି ପୁଆଳ ଭାଡିରେ ନିଆଁ ଲାଗି ପାଉଁଶ ହୋଇଯାଇଛି। ପ୍ରଚଣ୍ଡ ଖରା ଓ ନିଆଁ ତାତିରେ ଲୋକେ ନିଆଁକୁ ଆୟତ୍ତ କରି ନ ପାରିବାରୁ ଲୋଇସିଂହା ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ଅଗ୍ନିକାଣ୍ଡରେ ଟ୍ରାନ୍ସଫର୍ମର ନଷ୍ଟ ହେବା ସହ ବହୁ ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଆଗାମୀ ଚାଷ ପାଇଁ ନୂତନ ଟ୍ରାନ୍ସଫର୍ମର ବସାଇ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ରକ୍ତଦାନ ଶିବିର, ୫୭ ୟୁନିଟ ରକ୍ତ ସଂଗ୍ରହ



ଅତିଥିଙ୍କ ଉପସ୍ଥିତିରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

**ଲାଠୋର,୧୧।୬(ଡି.ଏନ.ଏ.)**

ସାରା ଓଡ଼ିଶାରୁ ଆଠଦିନ ମଧ୍ୟରେ ୧୧ହଜାର ୧୧୧ୟୁନିଟ ରକ୍ତ ସଂଗ୍ରହ କରିବାର ସଂକଳ୍ପ ନେଇଛି ଓଡ଼ିଶା ପ୍ରାନ୍ତିୟ ମାରୱାଡ଼ି ଯୁବାମଞ୍ଚ। ସଂଗଠନର ଆହ୍ୱାନକ୍ରମେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ମାରୱାଡ଼ି ଯୁବାମଞ୍ଚ ସଭାପତି ନକୁଲ ଅଗ୍ରୱାଲଙ୍କ ନେତୃତ୍ୱରେ ରବିବାର ଅଗ୍ରସେନ ଭବନଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପାଟଣାଗଡ଼ ବିଧାୟକ ସରୋଜ ମେହେର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଭାବେ ଜୋନ ୩ ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର, ଲାଠୋର ଥାନା ଅଧିକାରୀ ଝସକେତନ ଭୋଇ, ବ୍ଲଡ଼ କନଭେନର ସୁଶିଲ ଅଗ୍ରୱାଲ ଯୋଗ ଦେଇଥିଲେ। ଶିବିରରେ ୫୭ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କଣ୍ଟାବାଞ୍ଜି ବ୍ଲଡ଼ବ୍ୟାଙ୍କ ଟେକ୍ନିସିଆନଙ୍କ ନେତୃତ୍ୱରେ ଏକ ଟିମ୍ ରକ୍ତ ଦାତାମାନଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ଏହି ଅବସରରେ ମଞ୍ଚ ସଦସ୍ୟ ସମ୍ପାଦକ ଅମିତ ଅଗ୍ରୱାଲ, ଅଙ୍କିତ ଅଗ୍ରୱାଲ, କଳଦୀପ ଅଗ୍ରୱାଲ, ନିଲେଶ ଅଗ୍ରୱାଲ, ଗୌରଭ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ।

## ମାରୱାଡି ଯୁବାମଞ୍ଚର ମେଗା ରକ୍ତଦାନ ଶିବିର

**କଣ୍ଟାବାଞ୍ଜି,୧୧।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମାରୱାଡି ଯୁବାମଞ୍ଚ ବିକାଶ ଶାଖା ତରଫରୁ ହରିଭବନଠାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରରେ ପୂର୍ବତନ ବିଧାୟକ ଅୟୁବ ଖାନ, ବିଜେଡି ଜିଲା ସାଧାରଣ ସମ୍ପାଦକ ଫିରୋଜ ଖାନ, କଂଗ୍ରେସ ଯୁବନେତା ସେଜି ସିଂ ସାଲୁଜା ପହଞ୍ଚି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବରକୁ ସଫଳ କରିବାରେ ସଂଯୋଜକ ଆଜାଦ ବଂଶଲ, ସଭାପତି ଯୁବାମଞ୍ଚ ଆକାଶ ଜୈନ,ସମ୍ପାଦକ ଦୀପକ କୁମାର ଜୈନ, କୋଷାଧକ୍ଷ ଯୁବା ନିଖିଲ ଅଗ୍ରୱାଲ ଏବଂ କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରର ଟେକନିସିଆନ କୁଣାଲ ଦାସ, ଦୁର୍ଗା ତାଣ୍ଡିଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।




ଶିବିରରେ ଯୁବାମଞ୍ଚ କର୍ମକର୍ତ୍ତା ରକ୍ତଦାତାଙ୍କୁ ଉତ୍ସାହିତ କରୁଛନ୍ତି।

## ଚର୍ଚ୍ଚାରେ ଧର୍ମେନ୍ଦ୍ର-ସଙ୍ଗୀତା-ନରସିଂହଙ୍କ ପରସ୍ପର ଅନୁରୋଧ ପର୍ବ

**ବଲାଙ୍ଗୀର ଅଫିସ, ୧୧।୬**

#### ନିର୍ବାଚନ ପୂର୍ବରୁ ଜୋର ଧରିଲାଣି ରାଜନୀତି

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟନୀ ଉତ୍ସବରେ ରବିବାର ଅନେକ କଥା ଜନସାଧାରଣଙ୍କ ପାଇଁ ଚର୍ଚ୍ଚାର ଖୋରାକ ଯୋଗାଇଛି। ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଉପସ୍ଥିତ ଥିଲେ। ଏଇ ତିନି ପ୍ରମୁଖ ଜନନେତା ନିଜ ନିଜ ବକ୍ତବ୍ୟ ଦେବାବେଳେ ପରସ୍ପରକୁ ସମ୍ମାନ ଜଣାଇବା ଛଳରେ ଯେଉଁ ଅନୁରୋଧ କଲେ ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ବକ୍ତବ୍ୟ ଦେବା ବେଳେ ଆଗାମୀ ନିର୍ବାଚନରେ ଏମ୍‌ପି ସଙ୍ଗୀତା ଜିତିକି ଗଲେ ନରେନ୍ଦ୍ର ମୋଦୀ ଆଉ ଥରେ ପ୍ରଧାନମନ୍ତ୍ରୀ ହେବେ କହି ତାଙ୍କୁ ଆଶୀର୍ବାଦ କରିବାକୁ କଂଗ୍ରେସ ନେତା ତଥା ବିଧାୟକ ନରସିଂହ ମିଶ୍ରଙ୍କ ସହ ସମସ୍ତଙ୍କୁ ଅନୁରୋଧ କରିଥିଲେ। ନରସିଂହ ମିଶ୍ରଙ୍କ ଆଗରେ ସଙ୍ଗୀତାଙ୍କୁ ଆଉ ଥରେ ଜିତାଇବାକୁ ଅନୁରୋଧ କରିବାର ଧୃଷ୍ଟତା କରୁଛି ବୋଲି କହିଥିଲେ। ମନ୍ତ୍ରୀଙ୍କ ଏଭଳି ଅନୁରୋଧ ଶୁଣି ଉପସ୍ଥିତ ଜନତା ପରସ୍ପର ଦେଖାଦେଖି ହୋଇଥିଲେ। ଏମ୍‌ପି ସଙ୍ଗୀତା କୁମାରୀ ତାଙ୍କ ବକ୍ତବ୍ୟ ଦେବା ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓ ବିଧାୟକ ମିଶ୍ର ପରସ୍ପର କୌଣସି ପ୍ରସଙ୍ଗରେ କଥା ହେଉଥିଲେ। ଟିଟିଲାଗଡ ଓ ପାଟଣାଗଡ କେନ୍ଦ୍ରୀୟ ବିଦ୍ୟାଳୟ ଶୀଘ୍ର ଖୋଲିବା ଦିଗରେ ମନ୍ତ୍ରୀଙ୍କୁ ଅନୁରୋଧ କରିବା କଥା କାଳେ ନ ଶୁଣିବେ ଭାବି ଏମ୍‌ପି ସିଂଦେଓ ସିଧା ନରସିଂହ ମିଶ୍ରଙ୍କୁ କଥା ବନ୍ଦ କରି ତାଙ୍କ କଥା ଶୁଣିବାକୁ ଅନୁରୋଧ କରିଥିଲେ। ତାଙ୍କ ଦାବି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହାପରେ ଉଭୟ ମନ୍ତ୍ରୀ ପ୍ରଧାନ ଓ ବିଧାୟକ ମିଶ୍ର କଥା ବନ୍ଦ କରି ସଙ୍ଗୀତାଙ୍କୁ ଶୁଣିଥିଲେ।

ବିଧାୟକ ନରସିଂହ ମିଶ୍ର ତାଙ୍କ ବକ୍ତବ୍ୟରେ ଇନ୍‌ଡୋର ଷ୍ଟାଡିୟମ ପାଇଁ ମନ୍ତ୍ରୀ ପ୍ରଧାନଙ୍କୁ ଧନ୍ୟବାଦ ଦେଇଥିଲେ ମଧ ନିମ୍ନମାନର ନିର୍ମାଣ କାମ ପାଇଁ ଗେଲ ଇଣ୍ଡିଆ ଉପରେ ଭୀଷଣ କ୍ଷୋଭ ପ୍ରକାଶ କରିଥିଲେ। ଷ୍ଟାଡିୟମ କାନ୍ଥରେ ଫାଟ, ଛାତରୁ ପାଣି ଗଳିବା, ସୋଲାର ସିଷ୍ଟମ ଲାଗୁନ ହେବା, ଇଣ୍ଟେରିଅର କାମ ହୋଇ ନ ଥିବା କହିଥିଲେ। ଏଭଳିକି ଏଥିସକାଶେ ତାଙ୍କ ବିଧାୟକ ପାଣ୍ଠିରୁ ଏବଂ ଜିଲାପାଳ ଅର୍ଥବ୍ୟବସ୍ଥା କରିଥିବା କହିଥିଲେ। ଅସମ୍ପୂର୍ଣ୍ଣ ଷ୍ଟାଡିୟମ୍‌କୁ ସମ୍ପୂର୍ଣ୍ଣ କରିବା ପାଇଁ ଗେଲ ଇଣ୍ଡିଆକୁ ନିର୍ଦ୍ଦେଶ ଦେବାକୁ ବିଧାୟକ ମିଶ୍ର କେନ୍ଦ୍ର ମନ୍ତ୍ରୀ ପ୍ରଧାନଙ୍କୁ ଅନୁରୋଧ କରିଥିଲେ। ବିଧାୟକ ମିଶ୍ରଙ୍କ ଅନୁରୋଧ ଶୁଣି କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଗେଲ ଇଣ୍ଡିଆ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ସଭାରେ ଅତିଥିମାନେ ପରସ୍ପର ଅନୁରୋଧ କରିବା ଦେଖାଯାଇଥିଲା। ନିର୍ବାଚନ ପାଖେଇ ଆସୁଥିବାରୁ ନେତାଙ୍କ ଭିତରେ ଏଭଳି ଅନୁରୋଧ ପ୍ରତିଯୋଗିତା ଚାଲିଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ତେବେ ଗେଲ ଇଣ୍ଡିଆ ପକ୍ଷରୁ ବଲାଙ୍ଗୀରବାସୀଙ୍କୁ ଏକ ଜାତୀୟ ସ୍ତରରେ ଇନ୍‌ଡୋର ଷ୍ଟାଡିୟମ ମିଳିଥିବାରୁ ସମସ୍ତେ କୃତଜ୍ଞତା ବି ପ୍ରକାଶ କରିଥିବା ଦେଖାଯାଇଥିଲା।

## ସାମାଜିକ ସମସ୍ୟା ଗାଁରେ ସମାଧାନ କର

**ମୁରିବାହାଲ, ୧୧।୬(ଡି.ଏନ. ଏ.)**

#### ଡୁମାଲ ସମାଜ ଯମୁନା ଚକର ସାଙ୍ଗଠନିକ ବୈଠକ

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ମାଲିଶିରା ପଞ୍ଚାୟତ ଅନ୍ତର୍ଗତ ଖରାଲିସ୍ଥିତ ମାହେଶ୍ୱରୀ ପୀଠରେ ରବିବାର ଷାଠିଏ ଘର ଡୁମାଲ ସମାଜ ଯମୁନା ଚକର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯମୁନା ଚକ ସଭାପତି ବୁଦ୍ଧଦେବ ମହାକୁରଙ୍କ ଅଧକ୍ଷତା ତଥା ଉପସଭାପତି ଦେବେନ୍ଦ୍ର ମହାକୁରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ୫ଟି ବିଭିନ୍ନ ପ୍ରସ୍ତାବ ନେଇ ଆଲୋଚନା ହୋଇଥିଲା। ଚକର ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମର ଅଗ୍ରଗତି, ପ୍ରତି ଗାଁରେ ସାମାଜିକ ବୈଠକ ବସି ସଙ୍ଗଠନକୁ ମଜବୁତ କରିବା, ଗ୍ରାମ୍ୟ କମିଟି ମାଧମରେ ପରିବାର ସର୍ଭେକୁ ତ୍ୱରାନ୍ୱିତ କରାଯିବା ଓ ନିଜ ଗାଁର ସାମାଜିକ ସମସ୍ୟା ଗାଁରେ ସମାଧାନ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ସାଧାରଣ ସମ୍ପାଦକ ଦୁର୍ଗାନନ୍ଦ ମହାକୁର, କୋଷାଧକ୍ଷ ଦେବରାଜ ପାତ୍ର, ଆଇନ ପରାମର୍ଶଦାତା ପ୍ରଶାନ୍ତ କମ୍ପ, ଚିତ୍ରସେନ ମେର୍ଲି, ରୋହିତ ପଧାନ, ବୁଦ୍ଧଦେବ ମହାକୁର, କେଦାର ପଧାନ, ଶତ୍ରୁଘ୍ନ କର୍ମୀ, ପ୍ରଦୀପ ପଧାନ, କୁଳମଣି ଖେତି, ମଦନ ଥାଟି, ମଦନ ନାଏକ, ଗୁର୍ଜୁ ମହାକୁର, ସନ୍ୟାସୀ ଗଡୁଆ, ଯୁଗେଶ୍ୱର ଦନ୍ତା, କ୍ଷେତ୍ର ପଲତା, ବ୍ରଜମୋହନ ମହାକୁର, ଭିକାରୀ ପାତ୍ର, ନରେନ୍ଦ୍ର ଡାଙ୍ଗଙ୍କ ସହ ଚକ ଅନ୍ତର୍ଗତ ଗ୍ରାମର ଡୁମାଲ ସମାଜ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉପସଭାପତି ଦେବେନ୍ଦ୍ର ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଯୋଗଦେବା ଅବସରରେ ସମାଜର କର୍ମକର୍ତ୍ତା ଓ ସଦସ୍ୟ।

## ସଂକ୍ଷେପରେ

### ବାହାନଗା ରେଳ ଦୁର୍ଘଟଣା: ମୃତକଙ୍କ ସ୍ମୃତିରେ ଶୋକସଭା

ଅମରପାଲି,୧୧।୬(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ହାଇସ୍କୁଲ ପଡ଼ିଆରେ ସାମାଜିକ ସଂଗଠନ ସିୟା ପରିବାର ତରଫରୁ ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ରେଳଯାତ୍ରୀଙ୍କ ସ୍ମୃତିରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସିୟାର ସମ୍ପାଦକ ସୁଦାମ ଗାଇଗରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକ ସଭାରେ ମୃତକମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ସିୟା ପରିବାରର କାର୍ଯ୍ୟକାରୀ ସଭାପତିଙ୍କ ସହିତ ସଭ୍ୟ ଗୋବିନ୍ଦ ଚନ୍ଦ୍ର ପଧାନ, ବାସୁଦେବ ବେହେରା, ଦିଲିପ ପଧାନ, ସତ୍ୟ ରଞ୍ଜନ ମେହେର, ସୌମିତ୍ରୀ ରଣା, ରାଜେନ୍ଦ୍ର ମଲିକ, ରିପୁନ ମହାକୁର, ଶ୍ରୀମଦ ଦେହେରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଖଇରମାଳକୁ ହରାଇ ରାମପୁର ଚାମ୍ପିୟନ

ବିନିକା,୧୧।୬ (ଡି.ଏନ.ଏ.)- ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ଗୁଲାପଡା ଯୁବକ ସଂଘ ତରଫରୁ ଶନିବାର ହୋଇଥିବା ଦିନିକିଆ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ରାମପୁର ଦଳ ୬ ଓଭରରେ ଚାରି ଉଇକେଟ ହରାଇ ୯୫ ରନ ଟାର୍ଗେଟ ଦେଇଥିଲା। ତାର ଜବାବରେ ଖଇରମାଳ ଦଳ ସମସ୍ତ ଉଇକେଟ ହରାଇ ୪୦ ରନରେ ଅଲ ଆଉଟ ହୋଇ ପରାଜିତ ହୋଇଛି। ସ୍କୋରର ଭାବେ ସରୋଜ ମହାନ୍ତି, ବିଶ୍ୱଜିତ ମିଶ୍ର ଓ ଧାରା ବିବରଣୀ ବୈରାଗୀ ପଧାନ, ଭବାନୀ ଶଙ୍କର ଜଗଦଳା ପ୍ରଦାନ କରିଥିଲେ। ଅମ୍ପାୟର ଭାବେ ବିନୋଦ ପାତ୍ର, ଶଙ୍କର ମହାନ୍ତି, ସୁରଥ ପାଢ଼ୀ, ସୁନୀଲ ବିଶି, ହାଡୁ ପଧାନ ଦାୟିତ୍ୱ ତୁଲାଇଥିଲେ। ଆକାଶ ସେବକ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବିନିକା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି କୃତ୍ତିବାସ ମିଶ୍ର, ବିନିକା ଏନଏସି ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ଭୋଇ, ଉପାଧ୍ୟକ୍ଷା ତପସ୍ୱିନୀ ମେହେର, ସମସ୍ତ କାଉନସିଲର,ସାମାଜିକ କର୍ମୀ ପ୍ରତାପ ଚାନ୍ଦ, ଗୋପାଳ ବାଘ, ପୂର୍ଣ୍ଣଚନ୍ଦ୍ର ପଧାନ, ସନ୍ତୋଷ କର, ଶରତ ପାତ୍ର, ସାନନ୍ଦ କର ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଭୟ ବିଜେତା ଓ ଉପବିଜେତା ଦଳକୁ ମୁଖ୍ୟଅତିଥି ଲୁହା ପୁରସ୍କୃତ କରିଥିଲେ।

## ସୁବର୍ଣ୍ଣପୁର ଜିଲାରେ ଅସମ୍ଭାଳ ତାତି

# ନଦୀ ଶଯ୍ୟା ଶୁଖିଲା, କ୍ଷୟ ହେଉଛି ଜଙ୍ଗଲ

ସୋନପୁର,୧୧।୬(ନି.ପ୍ର.)

ବଲାଙ୍ଗୀର ଜିଲାର ଟିଟିଲାଗଡକୁ ତତଲାଗଡ ବୋଲି କୁହା ଯାଉଥିଲା। ସେଠାରେ ପାରଦ ସର୍ବୋଚ୍ଚ ସ୍ତରରେ ରହୁଥିଲା। କିନ୍ତୁ କିଛି ବର୍ଷ ହେବ ସୁବର୍ଣ୍ଣପୁର ସହର ଉତ୍ତପ୍ତ ବୋଲି ପାଣିପାଗ ବିଭାଗ ରିପୋର୍ଟ କହୁଛି। ନଦୀକୂଳିଆ ସହର ସୁବର୍ଣ୍ଣପୁର ତଥା ସମଗ୍ର ଜିଲାରେ ଏଭଳି ପରିସ୍ଥିତି ସୃଷ୍ଟି ହେବା ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଇଛି। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୪.୩ ଡିଗ୍ରୀ ସେଲସିୟସ ଥିବା ରେକର୍ଡ କରାଯାଇଛି। ସେହିଭଳି ଗତ ୮ ତାରିଖରେ ସର୍ବୋଚ୍ଚ ତାପମାତ୍ର ୪୪.୬ଡିଗ୍ରୀ, ୯ ତାରିଖରେ ୪୪.୮ଡିଗ୍ରୀ ଓ ୧୦ ତାରିଖରେ ୪୪.୫ ଡିଗ୍ରୀ ଥିଲା। ଜିଲାରେ ତାତି ଅସମ୍ଭାଳ ହେଉଛି। ମେ ମାସ ଆରମ୍ଭରୁ ଆକାଶରୁ ସତେ ଯେମିତି ଅଗ୍ନି ବର୍ଷୁଛି। ତେବେ ଶିଳ୍ପ ବିହୀନ ଏହି ଜିଲାରେ ହଠାତ୍ ତାତି ବଢିବା ନେଇ ଆଲୋଚନା ଜୋର ଧରିଛି। ଜିଲାରେ ଜଙ୍ଗଲ କ୍ଷୟ, ନଦୀକୂଳରେ ସବୁଜ ପରିବେଶ ନଷ୍ଟ ହେବା କାରଣରୁ ମୃର୍ତ୍ତିକା କ୍ଷୟ, ମହାନଦୀ ଓ ତେଲନଦୀ ସମେତ ଅନ୍ୟ ଶାଖା ନଦୀଗୁଡିକର ଶଯ୍ୟା ପୋତି ହେବା, କଂକ୍ରିଟ୍ ରାସ୍ତା ନିର୍ମାଣ, ବେଆଇନ ଭାବେ ଅସହ୍ୟ ତାତିରେ ଇଟା ପୋଡା ଯିବା ଏହାର କାରଣ ବୋଲି କୁହାଯାଉଛି। ମହାନଦୀ ଓ ତେଲନଦୀ ଶଯ୍ୟା ପୋତି ହେବାରୁ ନଦୀଗର୍ଭରେ ଥିବା ବାଲି ଶଯ୍ୟା ଓ ପଥରର ବିକିରଣ ପାଇଁ ପରିବେଶ ଅଧିକ ଉତ୍ତପ୍ତ ହେଉଥିବା ପରିବେଶବିତ୍ ମତ ରଖୁଛନ୍ତି।

ଜିଲାର ଆୟତନ ଅନୁପାତରେ ସର୍ବନିମ୍ନ ୩୩ ଭାଗ ଜଙ୍ଗଲ ରହିବା କଥା। କିନ୍ତୁ ସୁବର୍ଣ୍ଣପୁର ଜିଲାରେ ଏବେ ମାତ୍ର ୧୮ ଭାଗ ଜଙ୍ଗଲ ରହିଛି। କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିବର୍ଷ ବନୀକରଣ ଏବଂ ଜଙ୍ଗଲ ସୁରକ୍ଷା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ କାଗଜପତ୍ରରେ ହିଁ ବନୀକରଣ ଚାଲିଥିବା ଅଭିଯୋଗ ହେଉଛି। ଜିଲାରେ ଜଙ୍ଗଲ ବୃଦ୍ଧି ପାଇବା ବଦଳରେ କ୍ଷୟ ହୋଇ ଚାଲିଛି। ଜନସଂଖ୍ୟା ବୃଦ୍ଧି ପାଇବା ସହିତ ନୂତନ ଜନବସତି ସୃଷ୍ଟି ହେଉଛି। ସେଥିପାଇଁ ପୁରୁଣା ଜଙ୍ଗଲଗୁଡିକୁ କଟାଯାଉଛି। ବନ ବିଭାଗ ସୁରକ୍ଷା ଦେଇପାରୁନି। ସେହିଭଳି ଜଳାଶୟ ଓ ଚାଷ ଜମିଗୁଡିକୁ ପୋତି ଲୋକେ ଘର କରୁଛନ୍ତି। ଜିଲା ଗଠନ ହେଲା ପରେ ଜିଲା ସଦର ମହକୁମାରେ ଜନସଂଖ୍ୟା ବଢିବା ସହ ଅନେକ କୋଠା ଘର, କଂକ୍ରିଟ୍ ରାସ୍ତାଘାଟ ନିର୍ମାଣ ହୋଇଛି। ଏ ନେଇ ପ୍ରତିଯୋଗିତା ଚାଲିଛି। ଏସବୁ ଉତ୍ତାପ ବୃଦ୍ଧିର କାରଣ ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି।

ଜିଲାରେ ପଞ୍ଚାୟତ ପୋଖରୀ, ରାଜସ୍ୱ ପୋଖରୀ ଓ ବେସରକାରୀ ପୋଖରୀ ମିଶି ୪ ହଜାର ୬୪୨ଟି ରହିଛି। ସେହିପରି ହରିହରଯୋର ଡ୍ୟାମ୍ ଭଳି ବଡ ଜଳାଶୟ ଅଛି। ତେବେ ଏହି ଜଳ ଉତ୍ସଗୁଡିକରେ ବିଭିନ୍ନ କାରଣରୁ ମାଟି ପୋତି ହୋଇଥିବାରୁ ଜଳଧାରଣ କ୍ଷମତା କମୁଛି। ଅଧିକାଂଶ ପଞ୍ଚାୟତର ଜଳଉତ୍ସ ପୁରା ଶୁଖିଲା ପଡୁଛି। ଏମ୍‌ଜିଏନଆରଇଜିଏସ୍ ଓ ଅନ୍ୟାନ୍ୟ ଯୋଜନାରେ ସରକାରୀ ଜଳାଶୟଗୁଡିକର ପୁନରୁଦ୍ଧାର ପାଇଁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ଏଥିରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳୁଛି। ଜଳଉତ୍ସରେ ଜଳସ୍ତର ହ୍ରାସ ପାଉଛି। ବୋରୱେଲ ଯୋଗେ ରବି ଋତୁରେ ଜିଲାରେ ବହୁଳ ପରିମାଣରେ ଧାନ ଚାଷ ହେଉଛି। ଏହାଦ୍ୱାରା ଭୂତଳ ଜଳସ୍ତର ଯଥେଷ୍ଟ ହ୍ରାସ ପାଉଛି। ଉତ୍ତାପ ବୃଦ୍ଧିର ଏହା ଅନ୍ୟତମ କାରଣ ପାଲଟିଛି। ସେହିପରି ଜଙ୍ଗଲରେ ନିଆଁ ଲାଗିବା କାରଣରୁ ତାତି ବଢୁଛି। ଏହା ଜିଲାର ମଣିଷଙ୍କ ଠାରୁ ଆରମ୍ଭ କରି ପଶୁପକ୍ଷୀ ଓ ଜୀବଜନ୍ତୁଙ୍କୁ କଲବଲ କରୁଛି। ଗ୍ରୀଷ୍ମର ପ୍ରକୋପ ସାଙ୍ଗକୁ ତତଲା ହାୱା ପରିବେଶକୁ ଅଧିକ ଉତ୍ତପ୍ତ କରି ଦେଇଛି। ସକାଳ ୮ଟାରୁ ମାଡି ଆସୁଛି ଭୟଙ୍କର ତାତି। ଖରାର ପ୍ରକୋପ ସାଙ୍ଗକୁ ଝାଞ୍ଜି ପବନ ସ୍ଥିତିକୁ ଅଧିକ ସଙ୍ଗୀନ କରିଛି। ଲୋକେ ଡହଳ ବିକଳ ହେଉଛନ୍ତି। ରାତିରେ ଗୁଳୁଗୁଳି ଲୋକଙ୍କୁ ଅତିଷ୍ଠ କରି ପକାଉଛି। ବର୍ଷା ହେବାର ନାହିଁ। ଦିନ ବେଳା ରାସ୍ତାଘାଟ ଶୁନ୍‌ଶାନ ରହୁଛି। ନିହାତି କାମ ନ ଥିଲେ ଲୋକ ଘରୁ ବାହାରୁ ନାହାନ୍ତି। ଜୁନ୍ ୧୫ ପରେ ଓଡିଶାକୁ ମୌସୁମୀ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେଣୁ ବର୍ଷା ନ ହେବା ପର୍ଯ୍ୟନ୍ତ ତାତିରୁ ନିସ୍ତାର ନାହିଁ। ଏଭଳି ପରିସ୍ଥିତିରେ ଗ୍ରାମାଞ୍ଚଳରେ ଲୋଭୋଲଟେଜ୍, ଅଘୋଷିତ ବିଦ୍ୟୁତ୍ କାଟ୍, ପାନୀୟ ଜଳ ସମସ୍ୟା, ଜନସାଧାରଣଙ୍କ ଦୁଃଖକୁ ଦ୍ୱିଗୁଣିତ କରୁଛି। ତେବେ ମହାନଦୀରେ ପ୍ରସ୍ତାବିତ ଖଇରମାଳ ଓ ଗୋଧନେଶ୍ୱର ବ୍ୟାରେଜ୍ ନିର୍ମାଣ ହେଲେ ସୁବର୍ଣ୍ଣପୁର ଜିଲାବାସୀଙ୍କୁ ତାତିରୁ ନିସ୍ତାର ମିଳିବ ବୋଲି ବୁଦ୍ଧିଜୀବୀ ଓ ପରିବେଶବିତ୍ ମତପ୍ରକାଶ କରିଛନ୍ତି।

### ବାଲି ଶଯ୍ୟା ଓ ପଥରର ବିକିରଣ ପାଇଁ ପରିବେଶ ହେଉଛି ଅଧିକ ଉତ୍ତପ୍ତ



ସୋନପୁର ନିକଟରେ ମହାନଦୀ ଶଯ୍ୟା ଶୁଖିଲା ପଡିଛି।

# ଯୋଗାଳୟ ପରିଦର୍ଶନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ



ଅତିଥିଙ୍କ ଗହଣରେ ଯୋଗାଳୟର କର୍ମକର୍ତ୍ତା।

### ବିକାଶମୂଳକ କାର୍ଯ୍ୟ ପାଇଁ ଦେଲେ ପ୍ରତିଶ୍ରୁତି

ସୋନପୁର,୧୧।୬(ନି.ପ୍ର.)

ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଗୋପାଳଜୀ ତଡିତ ମନ୍ତ୍ରଶ୍ୱାସ ଯୋଗାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ମନ୍ତ୍ରୀ ପୂଜାରୀ ଯୋଗଦେଇ ବରିଷ୍ଠ ନାଗରିକମାନେ ନିଜର ମାନସିକ ଶାନ୍ତି ଓ ସୁସ୍ଥ ଜୀବନ ପାଇଁ ଏଭଳି ଏକ ସୁନ୍ଦର ପରିବେଶରେ ଯୋଗାଳୟ ପ୍ରତିଷ୍ଠା କରିଥିବାରୁ ପ୍ରଶଂସା କରିଥିଲେ। ଖୁବଶୀଘ୍ର ଯୋଗାଳୟକୁ କଂକ୍ରିଟ୍ ରାସ୍ତା ଓ ଯୋଗାଳୟ ପରିସରରେ ଏକ କୋଠା ନିର୍ମାଣ ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ପ୍ରାରମ୍ଭରେ ବାହାନଗାଠାରେ ରେଳ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଦୀପ ପୁରୋହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆର୍ତ୍ତତ୍ରାଣ ବାବୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ହରିହର ଶତପଥୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଶ୍ରୀବତ୍ସ ମଲ୍ଲିକ ଓ ନିରଞ୍ଜନ ତ୍ରିପାଠୀ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗାଳୟ ଓ ବରିଷ୍ଠ ନାଗରିକ ମଞ୍ଚର ଶତାଧିକ ସଭ୍ୟାସଭ୍ୟ ଯୋଗଦାନ କରିଥିଲେ।

### ବାଲି ଚୋରାଚାଲାଣ

ସଇଁତଳା,୧୧।୬(ଡି.ଏନ.ଏ.)

ଲାନ୍ତନଦୀରୁ ଟ୍ରାକ୍ଟର ଯୋଗେ ବାଲି ଚୋରାଚାଲାଣ ବେଳେ ସଇଁତଳା ତହସିଲଦାର ମନସଫିଲ କେରକେଟା ଚଢ଼ାଉ କରି ୨ଟି ଟ୍ରାକ୍ଟରରୁ ୨୪ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। କମରଲଗାସ୍ଥିତ ଲାନ୍ତ ନଦୀରୁ କୁଇକେଡ଼ା ପଞ୍ଚାୟତର ଜଣେ ପୂର୍ବତନ ସରପଞ୍ଚଙ୍କ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ତହସିଲଦାର ଓ ସ୍ଥାନୀୟ ପୋଲିସ ଚଢ଼ାଉ କରିଥିଲେ। ବାଲି ନେବା ପାଇଁ ଆବଶ୍ୟକ ଆର ଫର୍ମ ନ ଥିବାରୁ ୧୨ ହଜାର ଟଙ୍କା ଓ ବେଙ୍ଗ ଗ୍ରାମ ନିକଟରେ ଅନ୍ୟ ଏକ ଟ୍ରାକ୍ଟରରେ ବେଆଇନ ଚାଲାଣ ହେଉଥିବା ଯୋଗୁଁ ୧୨ହଜାର ଟଙ୍କା ଜରିମାନା ଆଦାୟ ହୋଇଥିଲା।

# ବୀରମହାରାଜପୁର, ସୁବଳୟା ଥାନାରେ ନୂତନ ଥାନା ଅଧିକାରୀ

ଅମରପାଲି,୧୧।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓ ସୁବଳୟା ଥାନାରେ ନୂତନ ଥାନା ଅଧିକାରୀ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଗତ କିଛି ଦିନ ପୂର୍ବରୁ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଥାନା ରୁ ଥାନା ଅଧିକାରୀଙ୍କ ବଦଳି ହୋଇଥିଲା। ସୁବଳୟା ଥାନା ଅଧିକାରିଣୀ ଅଞ୍ଜଳି କୁମ୍ଭାରଙ୍କୁ ସମ୍ବଲପୁର ଜିଲାର କିସିଣ୍ଡାକୁ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ସୋନପୁର ରିର୍ଜଭରେ ଥିବା ସୁଶାନ୍ତ କୁମାର ପ୍ରଧାନ ସୁବଳୟା ଥାନାରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେହିପରି ବୀରମହାରାଜପୁର ଥାନା ଅଧିକାରିଣୀ ପଦ୍ମିନୀ ମେହେରଙ୍କୁ ସୋନପୁର ଟାଉନ ଥାନାକୁ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ସମ୍ବଲପୁର ମହିଳା ଥାନାରେ ଥିବା ରାଜେଶ୍ୱରୀ ଭୋଇଙ୍କୁ ବୀରମହାରାଜପୁର ଥାନାକୁ ବଦଳି ହୋଇଛି।





# ମରାମତିର ୫ ମିନିଟ ପରେ ପ୍ରକଳ୍ପ ପୁଣି ଅଚଳ

### ବାବୁପାଲିରେ ସୋଲାର ପାନୀୟ ଜଳ ପ୍ରକଳ୍ପ ଅଚଳ ଘଟଣା

ଅମରପାଲି,୧୧।୬(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁରୁପଙ୍କ ପଞ୍ଚାୟତର ବାବୁପାଲି ଗ୍ରାମରେ ଅଚଳ ସୋଲାର ପ୍ରକଳ୍ପର ମରାମତି ହେବାର ପାଞ୍ଚ ମିନିଟ ପରେ ପୁଣି ଅଚଳ ହୋଇପଡିଛି। ଦୀର୍ଘ ଏକ ବର୍ଷ ହେଲା ଏହି ପ୍ରକଳ୍ପ ଅଚଳ ଅବସ୍ଥାରେ ଥିବାରୁ ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଥିଲା। ଏନେଇ ଧରିତ୍ରୀରେ ଗତ ମେ ୩୧ ତାରିଖରେ 'ବାବୁପାଲିରେ ସୋଲାର ପାନୀୟ ଜଳ ପ୍ରକଳ୍ପ ଅଚଳ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତତ୍ପରତା ଦେଖା ଦେଇଥିଲା। ନିକଟରେ ଏକ ଟିମ୍ ଆସି ଏହାର ମରାମତି କରିଥିଲେ। ମରାମତି କରିବା ପରେ କାର୍ଯ୍ୟକ୍ଷମ ହୋଇଥିଲା। ମାତ୍ର ପାଞ୍ଚ ମିନିଟ କାର୍ଯ୍ୟକ୍ଷମ ପରେ ପୁଣି ଏହା ଅଚଳ ହୋଇପଡିଛି। ଗ୍ରାମବାସୀ ପୁନର୍ବାର ଏହାକୁ ମରାମତି କରିବାକୁ କହିଲେ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଗ୍ରାମବାସୀ ପାନୀୟ ଜଳ ପାଇଁ ଅସୁବିଧା ଭୋଗୁଛନ୍ତି। ସଂପ୍ରତି ଜିଲାରେ ପାଖାପାଖି ୪୫ ଡିଗ୍ରୀ ତାପମାତ୍ରା ରହୁଥିବା ବେଳେ ଗ୍ରାମର ଜଳାଶୟ ସବୁ ଶୁଖିଲା ପଡିଛି। ଗ୍ରାମବାସୀ ସ୍ନାନ ଶୌଚ ଠାରୁ ଆରମ୍ଭ କରି ଘରୋଇ ବ୍ୟବହାର ପାଇଁ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଗୃହପାଳିତ ପଶୁଙ୍କ ଅବସ୍ଥା ସଙ୍ଗୀନ ହୋଇ ପଡୁଛି। ବର୍ଷେ ହେଲା ଉକ୍ତ ସୋଲାର ଜଳ ପ୍ରକଳ୍ପ ଅଚଳ ହୋଇ ପଡିଥିଲେ ମଧ୍ୟ କାହାରି ଦୃଷ୍ଟି ପଡୁନାହିଁ। ଅନଭିଜ୍ଞ ମେକାନିକ ଓ ନିମ୍ନମାନର ଯନ୍ତ୍ରାଂଶ ଯୋଗୁ ପୁନର୍ବାର ଅଚଳ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ଗ୍ରାମର ପାନୀୟ ଜଳ ସମସ୍ୟା ଦୂର ଲାଗି ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।



ବାବୁପାଲି ଗ୍ରାମରେ ଅଚଳ ସୋଲାର ପ୍ରକଳ୍ପ।

### ଅସହ୍ୟ ତାତି, ଜନଜୀବନ ଅସ୍ତବ୍ୟସ୍ତ

ଖପ୍ରାଖୋଲ,୧୧।୬(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଦିନକୁଦିନ ହେଲା ଅସହ୍ୟ ତାତି ଓ ଗୁଳୁଗୁଳି ଅନୁଭୂତ ହେଉଛି। ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଦିନ ୧୦ଟାରୁ ରାସ୍ତା ଘାଟ ଖାଁ ଖାଁ ଲାଗୁଛି। ଅନ୍ୟ ବର୍ଷ ଜୁନ ଆରମ୍ଭରୁ ଥଣ୍ଡା ପାଗ ଅନୁଭୂତ ହେଉଥିବା ବେଳେ ଚଳିତବର୍ଷ ଏକ ପ୍ରକାର ଅଗ୍ନି ବର୍ଷା ହେଉଛି।

### ମାରୱାଡି ଯୁବାମଞ୍ଚ ପକ୍ଷରୁ ମେଗାରକ୍ତ ଦାନ ଶିବିର

# ୧୦୩ ୟୁନିଟ୍ ରକ୍ତ ସଂଗ୍ରହ

ବୌଦ୍ଧ,୧୧।୬(ସ୍ୱ.ପ୍ର.)

ବୌଦ୍ଧ ମାରୱାଡି ଯୁବାମଞ୍ଚ ପକ୍ଷରୁ ରବିବାର ଦିନ ବୌଦ୍ଧ ରକ୍ତ ଭଣ୍ଡାରଠାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଙ୍ଗଲ,ପରିବେଶ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗ ଦେଇ ଶିବିର ଶୁଭାରମ୍ଭ କରିଥିଲେ। ବୌଦ୍ଧ ରକ୍ତଭଣ୍ଡାରରେ ରକ୍ତର ଅଭାବ ଥିବା ବେଳେ ମାରୱାଡି ଯୁବାମଞ୍ଚ ପକ୍ଷରୁ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ମୁଖ୍ୟଅତିଥି ମନ୍ତ୍ରୀ ଅମାତ ପ୍ରଶଂସା କରିଥିଲେ। ଶିବିରରେ ୧୦୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ଯୁବାମଞ୍ଚର ସଭାପତି କୁଶ ଅଗ୍ରୱାଲା, ସମ୍ପାଦକ ଅନିଷ ଅଗ୍ରୱାଲା, କୋଷାଧ୍ୟକ୍ଷ ମୋହିତ ଅଗ୍ରୱାଲା ଓ ମାରୱାଡି ଯୁବା ମଞ୍ଚର ସମସ୍ତ ସଦସ୍ୟ ସାମିଲ ଥିଲେ।




ରକ୍ତଦାନ ଶିବିର ଅବସରରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ଅନ୍ୟମାନେ।

# 'ସ୍ୱେଚ୍ଛାକୃତ ରକ୍ତଦାନ ପ୍ରତ୍ୟେକଙ୍କ କର୍ତ୍ତବ୍ୟ ହେବା ଉଚିତ'

- ଡୁଙ୍ଗୁରିପାଲି ଥାନାରେ ମେଗା ରକ୍ତଦାନ ଶିବିର
- ୫୩୩ ୟୁନିଟ ରକ୍ତ ସଂଗ୍ରହ

ଡୁଙ୍ଗୁରିପାଲି,୧୧।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ପରିସରରେ ରବିବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିର ଉଦ୍‌ଘାଟନ କରିଥିଲେ। ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଡୁଙ୍ଗୁରିପାଲି ଭାରପ୍ରାପ୍ତ ଥାନା ଅଧିକାରୀ ସତ୍ୟ ନାରାୟଣ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପୂଜାରୀ ଯୋଗଦେଇ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବା ନିଜର କର୍ତ୍ତବ୍ୟ ବୋଲି ମତ ରଖି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ରାମପୁର ଶ୍ରୀରାମ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରମେଶଚନ୍ଦ୍ର ପୂଜାରୀ, ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଯୋଗ ଦେଇଥିଲେ। ସୋନପୁର ଏସଡିପିଓ ପୁଷ୍ପାଞ୍ଜଳୀ ନିଙ୍ଗୀ, ଡୁଙ୍ଗୁରିପାଲି ଗ୍ରାମ ପଞ୍ଚାୟତ ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା, ବିଡିଓ ତ୍ରିପୁର ମହାନନ୍ଦ, ସିଡିପିଓ ଜୟନ୍ତୀ ଗଡତିଆ, ସୁପରଭାଇଜର ସୀତା ମେହେର, ସୁବର୍ଣ୍ଣପୁର ଆରକ୍ଷୀ ନିରୀକ୍ଷକ ପଦ୍ମନ ପୁଟେଲ, ସାମାଜିକ କର୍ମୀ ଗୋପାଳ ବାରିକ, ରାମପୁର ଏସଆଇ ଅଭିନାଶ ପଧାନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏସଆଇ ଟଙ୍କଧର ଛତ୍ରିଆ ସଂଯୋଜନା କରିଥିଲେ। ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ସଭା କାର୍ଯ୍ୟ ପରିଚାଳନା ଓଡିଶା ପୋଲିସ ରକ୍ତ ସଂଗ୍ରହ ସଂଯୋଜକ ମନୋଜ କୁମାର ପଣ୍ଡା କରିଥିଲେ। ଡୁଙ୍ଗୁରିପାଲି ଏସଆଇ ଲକ୍ଷ୍ମୀଧର ପାତ୍ର, ମୋହନ ବରିହା, ଏଏସଆଇ ଏକାମ୍ର ନାହକ, ଏଏସଆଇ ଜିତେନ୍ଦ୍ର ମେହେର, ହାବିଲଦାର ଦୟାନିଧି ବେହେରା, କନଷ୍ଟେବଲ ଜିତେନ୍ଦ୍ରିୟ ସାହୁ, ପ୍ରଭଞ୍ଜନ ସାହୁ, ଅନ୍ନପୂର୍ଣ୍ଣା ପଧାନ, ସୁମିତ୍ରା ବେହେରା, ଦୁଷ୍ମନ୍ତ ଦେହୁରୀ, ଓଏପିଏଫ ହୋମଗାର୍ଡ, ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ରକ୍ତଦାନ ଶିବିର ଚାରୋଟି ପର୍ଯ୍ୟାୟରେ ହୋଇଥିଲା। ବୁର୍ଲା ରକ୍ତ ଭଣ୍ଡାରରୁ ଆସି ଥିବା ଡା. ସାଗର ସୌରଭ ପଣ୍ଡା, ଦେବାଶିଷ ମିଶ୍ର, ଲାଲୁ ବିଶ୍ୱାସ, ଜନକ ବେହେରା, କରୁଣାକର ସାହୁ, ସନ୍ତୋଷ ଟାଡା, ଅଭିଜିତ କର, ପ୍ରହ୍ଲାଦ ଭୋଇ ଯୋଗଦେଇ ୨୪୫ ଜଣ ରକ୍ତଦାତାଙ୍କ ରକ୍ତ ସଂଗ୍ରହ କରିଥିଲେ। ସେହିପରି ସୁବର୍ଣ୍ଣପୁର ଜିଲା ରକ୍ତଭଣ୍ଡାରରୁ ଆସିଥିବା ଡାକ୍ତର ଓ କର୍ମଚାରୀମାନେ ୯୫ ଜଣ ରକ୍ତଦାତାଙ୍କ ରକ୍ତ ସଂଗ୍ରହ କରିଥିଲେ। ବରଗଡ ରକ୍ତଭଣ୍ଡାରରୁ ଆସିଥିବା ଡା. ବିଜୟ କୁମାର ଖଟୋଇ, ଅଜିତ ମହାନ୍ତି, ରେବତୀ କାନ୍ତ ସାହୁ, ଅମନ ସେଠ, ମହେନ୍ଦ୍ର ମେହେର ୧୦୨ ଜଣ ରକ୍ତଦାତାଙ୍କ ରକ୍ତ ସଂଗ୍ରହ କରିଥିଲେ। ବଲାଙ୍ଗୀର ରକ୍ତ ଭଣ୍ଡାରର ଡା. ଅର୍ପିତା ପାଣ୍ଡିଆ, ସୁଜିତ କୁମାରୀ ପୁରୋହିତ, ଶୈକତ ବଦୁଲ, ରଞ୍ଜନ ବରାଡ଼ ଯୋଗଦେଇ ୯୧ ଜଣ ରକ୍ତଦାତାଙ୍କ ରକ୍ତ ସଂଗ୍ରହ କରିଥିଲେ। ମୋଟ ୫୩୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ତେବେ ଚେରୁପାଲି ସରପଞ୍ଚ ଦିଲିପ କୁମାର ଶତପଥୀଙ୍କ ନେତୃତ୍ୱରେ ଚେରୁପାଲି ପଞ୍ଚାୟତରୁ ସର୍ବାଧିକ ୫୯ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ସଂଘ ସଭାପତି ମନୋଜ କୁମାର ପୁରୋହିତ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ବିଭୁଦତ୍ତ ରାଜହଂସ, ଦିଲୀପ କୁମାର ଶତପଥୀ, ରାଜକୁମାର ସାହୁ, ଡୁଙ୍ଗୁରିପାଲି ମାରୱାଡ଼ି ଯୁବା ମଞ୍ଚ, ସେବା ଫାଉଣ୍ଡେଶନ, ଜିଲା ଟ୍ରକମାଲିକ ସଂଘ, ଡୁଙ୍ଗୁରିପାଲି ମିନି ଟ୍ରକ ସଂଘ, ବଣିକ ସଂଘ, ସଚେତନ ନାଗରିକ, ଗଣମାଧ୍ୟମ ପ୍ରତିନିଧି, ବ୍ଲକ ମିଶନ ଶକ୍ତି, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସରପଞ୍ଚ ସମିତି ସଭ୍ୟା ସଭ୍ୟ, ବିଭିନ୍ନ ଅନୁଷ୍ଠାନ, ତଥା ବିଭିନ୍ନ ପଞ୍ଚାୟତରୁ ଆସିଥିବା ଆମ ପୋଲିସ ସମିତିର ସଦସ୍ୟ, ଜନସାଧାରଣ ସହଯୋଗ କରିଥିଲେ।




ମେଗା ରକ୍ତଦାନ ଶିବିର ଅବସରରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଅନ୍ୟମାନେ।

# ଜିଲା କ୍ରିକେଟ ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ

ବୌଦ୍ଧ,୧୧।୬(ସ୍ୱ.ପ୍ର.)

ବୌଦ୍ଧ ଟାଉନହଲଠାରେ ରବିବାର ଦିନ ଜିଲା କ୍ରିକେଟ ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ନିରନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ବୈଠକରେ ସଂପାଦକ ଯୁଗଳ କିଶୋର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ଜିଲାର କନ୍ଧମାଳ ଓ ହରଭଙ୍ଗା ବ୍ଲକରେ କୋଚିଂ କ୍ଲାସ ଓ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଜିଲା ମୁଖ୍ୟାଳୟସ୍ଥିତ ସରକାରୀ ଷ୍ଟାଡିୟମରେ ଏକ ଟର୍ଫ ଉଇକେଟ ନିର୍ମାଣ କରାଗଲେ। ଜିଲାର ଖେଳାଳିମାନେ ଉପକୃତ ହୋଇପାରିବେ ବୋଲି ସଭ୍ୟମାନେ ମତ ଦେଇଥିଲେ। ଷ୍ଟାଡିୟମରେ ଟର୍ଫ ଉଇକେଟ ନିର୍ମାଣ ପାଇଁ ପ୍ରଶାସନକୁ ଜିଲା କ୍ରିକେଟ ଆସୋସିଏଶନ ତରଫରୁ ଅନୁରୋଧ କରାଯିବ। ଏହାର ସମସ୍ତ ଖର୍ଚ୍ଚ ଓଡିଶା କ୍ରିକେଟ ଆସୋସିଏଶନ ବହନ କରିବାକୁ ରାଜି ଥିବା ବେଳେ କାହିଁକି ଷ୍ଟାଡିୟମରେ ଟର୍ଫ ଉଇକେଟ ନିର୍ମାଣ ପାଇଁ ଅନୁମତି ମିଳିପାରୁନାହିଁ ବୋଲି କ୍ରିକେଟ କ୍ଲବଗୁଡିକର ସଭ୍ୟମାନେ ପ୍ରଶ୍ନ କରି ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ଅନେକ ସାଙ୍ଗଠନିକ ଓ ଆଇନଗତ ପଦକ୍ଷେପ ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କାର୍ଯ୍ୟକାରୀ କମିଟି ସଦସ୍ୟ ଆଶୁତୋଷ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




କ୍ରିକେଟ ଆସୋସିଏଶନର କର୍ମକର୍ତ୍ତା।

### ଷ୍ଟାଡିୟମରେ ଟର୍ଫ ଉଇକେଟ ନିର୍ମାଣ ଦାବି

## ସଂକ୍ଷେପରେ

### ଜଙ୍ଗଲରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ବ୍ୟକ୍ତିଙ୍କ ଡାକ୍ତରଖାନାରେ ମୃତ୍ୟୁ

**କୁଚିଣ୍ଡା,୧୧।୬(ଡି.ଏନ.ଏ):** ଗତ ମେ ୨୬ ତାରିଖରେ ସମ୍ବଲପୁର ଜିଲା କୁଚିଣ୍ଡା ଥାନା ପୋଲିସ ଢେଙ୍ଗୁରଯୋର ଜଙ୍ଗଲରୁ ଜଣେ ବ୍ୟକ୍ତିଙ୍କୁ ମୂମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲା। ତାଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ରବିବାର ମୃତ୍ୟୁ ଘଟିଛି। ମୃତବ୍ୟକ୍ତିଙ୍କ ପରିଚୟ ମିଳିନାହିଁ। କୁଚିଣ୍ଡାର ସମାଜସେବୀ ଅତୁଲ ଅଗ୍ରୱାଲ ଓ କୁଚିଣ୍ଡା ପୋଲିସର ମିଳିତ ସହଯୋଗରେ ଅନ୍ତିମ ସତ୍କାର କରାଯାଇଛି। ମୃତକଙ୍କ ବୟସ ପ୍ରାୟ ୪୫ ରୁ ୫୦ବର୍ଷ ହେବ ବୋଲି କୁଚିଣ୍ଡା ପୋଲିସ କହିଛି।

### ଯୁବତୀଙ୍କୁ ପ୍ରତାରଣା, ଯୁବକ ଗିରଫ

**ବ୍ରଜରାଜନଗର,୧୧।୬(ଡି.ଏନ.ଏ.):** ଝାରସୁଗୁଡା ଜିଲା ବ୍ରଜରାଜନଗର ଥାନା ଗାନ୍ଧିଛକ ଫାଣ୍ଡି ଅନ୍ତର୍ଗତ ଲୋଇସିଂ ଗ୍ରାମରେ ଜଣେ ଯୁବତୀଙ୍କୁ ପ୍ରତାରଣା କରି ଅନ୍ୟତ୍ର ବିବାହ କରିବାକୁ ଯାଉଥିବା ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ପ୍ରିତମ ନାୟକ। ଗାନ୍ଧିଛକ ଫାଣ୍ଡିରେ ଅଭିଯୋଗ ପରେ ଫାଣ୍ଡି ଅଧିକାରୀ ମଦନ ନାୟକ ଏକ ମାମଲା(ନଂ.୧୪୫/୨୩)ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରେମିକଙ୍କର ରବିବାର ବାହାଘର ଥିଲା। ଯୁବତୀଙ୍କ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ପ୍ରିତମଙ୍କୁ ଗିରଫ କରିଛି।

### ଦେଓଗାଁ ବ୍ଲକ ଅଞ୍ଚଳର ଉନ୍ନୟନ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର

**ଦେଓଗାଁ,୧୧।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଞ୍ଚଳର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ ଓ ସଚିବମାନଙ୍କୁ ଭେଟି ଆଲୋଚନା କରିଛନ୍ତି। ଭୀମପାହାଡ ପର୍ଯ୍ୟଟନସ୍ଥଳୀକୁ ପୂର୍ତ୍ତବିଭାଗ ରାସ୍ତାରୁ ରୁଗୁଡିପାଲି ଦେଇ ଆରଡି ରାସ୍ତା ଗ୍ରାମ ଭିତର ଦେଇଯାଇଛି। ଫଳରେ ପର୍ଯ୍ୟଟକଙ୍କୁ ଯାତାୟତରେ ଅସୁବିଧା ହେଉଛି। ଏଣୁ ରୁଗୁଡିପାଲି ଗାଁ ବାହାରେ ଏକ ବାଇପାସ୍ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି। ଭୀମପାହାଡ ମହୋତ୍ସବ କମିଟି ଅଧକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବ ବୋଲି ମନ୍ତ୍ରୀ ଘଡାଇ ପ୍ରତିଶ୍ରୁତି ଦେଇଥିବା କମିଟି କହିଛି। ସେହିପରି ଭୀମପାହାଡର ଅନ୍ୟାନ୍ୟ ଉନ୍ନୟନକାମ ଓ ଚାନ୍ଦଲୀ ପାହାଡଠାରେ ଥିବା ମେହେରକଟାର ପୁନଃରୁଦ୍ଧାର, ସାଲେପାଲି ପଞ୍ଚାୟତର ନୂତନ ପଞ୍ଚାୟତଗୃହ ନିର୍ମାଣ ପାଇଁ ଅନୁଦାନ ଦାବି କରି ପରିବେଶ ଓ ଜଙ୍ଗଲ ବିଭାଗ ତଥା ପଞ୍ଚାୟତ ଓ ଗ୍ରାମ୍ୟ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ମଧ ପ୍ରତିନିଧି ମଣ୍ଡଳୀ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ଭୀମପାହାଡ ପର୍ଯ୍ୟଟନସ୍ଥଳୀରେ ଏଠିକାର ଐତିହ୍ୟ ବହନ କରୁଥିବା ସହିଦ ଧରମସିଂ ମାଝି ମାନଧାତାଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ମଧ ଭେଟି ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# କ୍ରଶର ଯୋଗୁ ହାଲିପାଲି ଗ୍ରାମବାସୀ ଅତିଷ୍ଠ

**ସମ୍ବଲପୁର,୧୧।୬(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହାଲିପାଲି ଗ୍ରାମ ନିକଟରେ ୨ ଗୋଟି କ୍ରସର ରହିଛି। ଉକ୍ତ କ୍ରସର ଯୋଗୁ ନିକଟସ୍ଥ ହାଲିପାଲି ଗ୍ରାମବାସୀ ଅତିଷ୍ଠ ହୋଇପଡିଛନ୍ତି। ବାରମ୍ବାର କେହି ନ ଶୁଣିବାରୁ ଶେଷରେ ରବିବାର ଗ୍ରାମ ରାସ୍ତାକୁ ଅବରୋଧ କରି ପ୍ରତିବାଦ କରିଛନ୍ତି। କ୍ରସରକୁ ଯାଉଥିବା ଭାରିଯାନଗୁଡିକ ମଧ ଅଟକାଇ ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, କ୍ରସର ନିର୍ମାଣ ହେବା ପରେ ଲୋକଙ୍କ ଦୁର୍ଦ୍ଦଶା ବଢିଯାଇଛି। ଗ୍ରାମବାସୀ ବ୍ୟବହାର କରୁଥିବା ରାସ୍ତାରେ ଦୁଇ କ୍ରସରର ଭାରିଯାନ ଚଳାଚଳ କରୁଛି। ପ୍ରତିଦିନ ଓଭର ଲୋଡ ଗାଡି ଯିବା ଆସିବା ଫଳରେ ରାସ୍ତା ଶୋଚନୀୟ ହୋଇପଡୁଛି। ରାସ୍ତାରେ ଗାଡି ଯାତାୟତ କରୁଛି ହେଲେ କ୍ରସର ପକ୍ଷରୁ ପାଣି ଛିଞ୍ଚନ କରାଯାଉ ନାହିଁ। ଏପରିକି ମରାମତି କରାଯାଉ ନାହିଁ। ପାଣି ଦେବା ପାଇଁ ବାରମ୍ବାର କହିବା ପରେ ଓଲଟା ଧମକଚମକ ଦିଆଯାଉଛି। ସରକାରୀ ନିୟମଗୁଡିକ ମଧ ପାଳନ କରାଯାଉ ନାହିଁ। ଗ୍ରାମର ପ୍ରାୟ ୧୫ ପରିବାର ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି। ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ଦାବି କରିଥିଲେ। ଏହି ଘଟଣା ପରେ ଗୋଟିଏ କ୍ରଶର ପକ୍ଷରୁ କେତେକ ବ୍ୟକ୍ତି ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ନିୟମିତ ଭାବେ ରାସ୍ତା ଉପରେ ପାଣି ଛିଞ୍ଚନ କରାଯିବ ଓ ଅନ୍ୟ ସମସ୍ୟା ଦୂର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ହେଲେ ପ୍ରତିଶ୍ରୁତି ପାଳନ ନ କଲେ ଆଗାମୀ ଦିନରେ ପୁଣି ରାସ୍ତାରୋକୋ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ।


ସମ୍ବଲପୁର ହାଲିପାଲି ଗ୍ରାମରାସ୍ତାକୁ ଗଛ ପକାଇ ଅବରୋଧ କରିଛନ୍ତି।

**ରାସ୍ତା ଅବରୋଧ, ଗାଡି ଅଟକାଇଲେ**

# ଫାଶିମାଲରେ ଭାଜପା ମିଶ୍ରଣ ପର୍ବ


ଭାଜପାର ମିଶ୍ରଣ ପର୍ବରେ ଉପସ୍ଥିତ ନେତା, କର୍ମୀ।

**କୁଚିଣ୍ଡା,୧୧।୬(ଡି.ଏନ.ଏ)**

ସମ୍ବଲପୁର ଜିଲା କୁଚିଣ୍ଡା ନିର୍ବାଚନମଣ୍ଡଳୀର ଫାଶିମାଲରେ ଶନିବାର ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ବର୍ଷର ସ୍ୱଚ୍ଛ ଶାସନ ଓ ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି, କଂଗ୍ରେସର କେତେକ କର୍ମୀ ଓ କେତେକ ଅବସରପ୍ରାପ୍ତ କର୍ମଚାରୀଙ୍କ ସମେତ ଶତାଧିକ ନେତା ଓ କର୍ମୀ ଭାଜପାରେ ଯୋଗଦାନ କରିଛନ୍ତି। କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାଏକ, ଦେବଗଡ଼ ବିଧାୟକ ସୁବାସ ପାଣଗ୍ରାହୀ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀଙ୍କ ଉପସ୍ଥିତିରେ କୁଲେଇଗଡ ପଞ୍ଚାୟତର ବିଜେଡି ନେତା ନିହାର ରଞ୍ଜନ ପଟେଲ, ୱାର୍ଡ ମେମ୍ବର ସରୋଜ ମେହେର, ସୋମ ପ୍ରସାଦ ପଟେଲଙ୍କ ସମେତ ବହୁ ବିଜେଡି କର୍ମୀ, କୁଚିଣ୍ଡାର ଓକିଲ ସଚ୍ଚିଦାନନ୍ଦ ଶର୍ମା, ଫାଶିମାଲର ଅବସରପ୍ରାପ୍ତ ଇଞ୍ଜିନିୟର ରାମନାରାୟଣ ନାୟକ, ବରିଷ୍ଠ ଶିକ୍ଷାବିତ ମାନଭଞ୍ଜନ ପଟେଲ, ସନ୍ତୋଷ ପାଣ୍ଡେ, ଗଗନ ନାୟକ, ପ୍ରଶ୍ନ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରାଣବନ୍ଧୁ ମୁଦୁଲି, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପ୍ରଶାନ୍ତ ପୃଷେଠ, ବିଞ୍ଜିପାଲିର ଅବସରପ୍ରାପ୍ତ ଶିକ୍ଷକ ଶେଷଦେବ ପଟେଲ, ଗୁଣ୍ଡୁରୁଚୁଆଁର ସୁବାସ ଗୌନ୍ତିଆ, କବରିବାହାଲ ପଞ୍ଚାୟତ ସରପଞ୍ଚ ଭଗିନ୍ଦ୍ର କିସାନ, ୱାର୍ଡ ମେମ୍ବର ବିପିନ କିଷାନ, ନରେନ୍ଦ୍ର ମୁଣ୍ଡା ଓ ତାଙ୍କର ବହୁ ସମର୍ଥକ, ଚନ୍ଦନିମାଲ ପଞ୍ଚାୟତର ପ୍ରଶାନ୍ତ କୁମାର ପଟେଲ, ସୁମନ୍ତ ନାଏକ, ପ୍ରକାଶ ଧୁରୁଆ, ଫିରୋଜ ଷଣ୍ଢ, ପରେଶ ଷଣ୍ଢ, ସୁବାସ ନାଏକ, ତନୟ ନାଏକ, ଅପୂର୍ବ ଷଣ୍ଢ, ଦେବାନନ୍ଦ ଷଣ୍ଢ, ଖତୁ ଚମାର, କମଲୁ ଚରଣ ନାଏକ, ରମାକାନ୍ତ ନାଏକ ଓ ଆଦିତ୍ୟ ଷଣ୍ଢଙ୍କ ସମେତ ତାଙ୍କର ସମର୍ଥକ ଏଭଳି ଶତାଧିକ ବ୍ୟକ୍ତି ଭାଜପାରେ ଯୋଗଦାନ କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ସମେତ ଭାଜପା ନେତାମାନେ ତାଙ୍କୁ ଭାଜପା ଉତ୍ତରୀୟ ଏବଂ ଫୁଲମାଳ ଦେଇ ସ୍ୱାଗତ କରିଥିଲେ।

# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ: ଉତ୍ତେଜନା


ଦୁର୍ଘଟଣାସ୍ଥଳରେ ଗାଡ଼ିମୋଟର ଅଟକି ରହିଛି।

**କୋଲାବିରା,୧୧।୬(ଡି.ଏନ.ଏ.)**

ଝାରସୁଗୁଡା ଜିଲା କୋଲାବିରା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୪୯ର ରଘୁନାଥପାଲି ଛକରେ ରବିବାର ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ଜୀବନ ଯାଇଛି। ସେ ହେଲେ ଲଇଡା ରାଖିବାହାଲ ଗ୍ରାମର ରାଜେଶ ଲୁହା(୩୦)। ଦୁର୍ଘଟଣାରେ ବାଇକରେ ଥିବା ଲଇଡା ଦେହେରିପାଲିର ଜଗତରାମ ଭଞ୍ଜ(୩୦) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଜଗତରାମ ଏବଂ ରାଜେଶ ବାଇକ୍ ନଂ ଓଡି ୧୫ ଭି ୦୫୬୦ରେ ଝାରସୁଗୁଡା ପଟକୁ ଯାଉଥିଲେ। ରଘୁନାଥପାଲି ଛକରେ ଏକ କାରକୁ ଅତିକ୍ରମ କରୁଥିବା ସମୟରେ ଭାରସାମ୍ୟ ହରାଇ ବାଇକ୍ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ପଛ ପଟେ ପିଟି ହୋଇଯାଇଥିଲେ। ଏଥିରେ ଦୁହେଁ ଛିଟିକି ପଡିଥିଲେ। ଖବରପାଇ କୋଲାବିରା ଥାନା ପୋଲିସ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ହେଲେ ସେଠାରେ ଡାକ୍ତର ରାଜେଶଙ୍କୁ ମୃତ ଘୋଷଣା କରିଥିଲେ। ଜଗତରାମ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣା ପରେ ରଘୁନାଥପାଲି ସରପଞ୍ଚ ରଞ୍ଜନ ସରାଫଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ସେହି ଅଞ୍ଚଳରେ ନିୟମିତ ଦୁର୍ଘଟଣା ଘଟୁଥିବା ଅଭିଯୋଗ କରି ଘଟଣାସ୍ଥଳରେ କିଛି ସମୟ ରାସ୍ତାରୋକୋ କରିଥିଲେ। ପରେ କୋଲାବିରା ଥାନାର ଉପନିରୀକ୍ଷକ ପ୍ରକାଶ ଚନ୍ଦ୍ର ଦଲାଇ, ସନ୍ତୋଷ କୁମାର ପ୍ରଧାନ ଏବଂ କୋଲାବିରା ତହସିଲଦାର ସୁକାନ୍ତ କୁମାର ନାଏକ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ। ଛକର ସୁରକ୍ଷା ସମ୍ବନ୍ଧୀୟ ପ୍ରତିଶ୍ରୁତି ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ଗତ ୩୦ ତାରିଖ ସନ୍ଧ୍ୟାରେ ଏକ ବୋଲେରୋ ଧକ୍କାରେ ଛକର ବ୍ୟବସାୟୀ ଜୟରାମ ପଧାନଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଛକରେ ଅନେକ ଦୋକାନ ବଜାର ରହିଛି। ଏଥିଯୋଗୁଁ ପ୍ରାୟ ସମୟ ଜନଗହଳି ଲାଗି ଛକଟି ସଂକୀର୍ଣ୍ଣ ହୋଇଥାଏ। ସେହି ତୁଳନାରେ ଏହି ଛକରେ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ପ୍ରାୟ ସମୟରେ ଛୋଟବଡ ଦୁର୍ଘଟଣା ଘଟି ଧନଜୀବନ ହାନୀ ଘଟୁଥିବା ଲୋକେ କହିଛନ୍ତି।

### ବାଇକ ଦୁର୍ଘଟଣାଗ୍ରସ୍ତ, ଆରୋହୀ ମୃତ

**ଦେବଗଡ, ୧୧।୬(ଡି.ଏନ.ଏ.)**

ଦେବଗଡ ଜିଲା ରିଆମାଳ ଥାନା ଢୋଲପଡା ଗ୍ରାମ ନିକଟରେ ଏକ ବାଇକ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା କଙ୍କ୍ରିଟ ଖୁଣ୍ଟରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକରେ ଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଦେବଗଡ ଥାନା ବଲଣ୍ଡା ଗ୍ରାମର ବିରଞ୍ଚି ଭୋଇ। ଗୁରୁତର ଅନ୍ୟ ଦୁଇ ଆରୋହୀ ଦୀପକ ବେହେରା ଓ ଗଦାଧର ନାୟକଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦେବଗଡ ଥାନା ଅନ୍ତର୍ଗତ ଜରେଇକେଳା ଗ୍ରାମର ଜଣେ ଯୁବକ ରିଆମାଳ ଥାନା କାଳିଆଖମାର ଗ୍ରାମର ଜଣେ ଯୁବତୀଙ୍କ ବିବାହ ରବିବାର ଅନୁଷ୍ଠିତ ହୋଇଥିଲା। ବିରଞ୍ଚି, ଦୀପକ ଓ ଗଦାଧର ସେଠାକୁ ବରଯାତ୍ରୀ ଭାବେ ଯାଇ ଏକ ବାଇକରେ ଘରକୁ ଫେରୁଥିଲେ। ଢୋଲପଡା ଗ୍ରାମ ନିକଟ ଏକ ବୁଲାଣିରେ ବାଇକ ଚଳାଉଥିବା ଗଦାଧର ହଠାତ ଭାରସାମ୍ୟ ହରାଇ ଏକ କଙ୍କ୍ରିଟ ଖୁଣ୍ଟରେ ପିଟି ହୋଇ ଯାଇଥିଲେ। ଫଳରେ ବାଇକ ସହ ତିନିହେଁ ରାସ୍ତା ଉପରକୁ ଛିଟିକି ପଡିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ବିରଞ୍ଚିଙ୍କୁ ମୃତ ଘୋଷଣା କରିଥିଲେ।

# ଧନୁପାଲି ଚାମ୍ପିୟନ, ରଘୁବୀରା ଟିମ୍ ରନର ଅପ୍



କ୍ରିକେଟ୍ ଟୁର୍ନାମେଣ୍ଟରେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ସମ୍ବଲପୁର,୧୧।୬(ବ୍ୟୁରୋ)**

**ଅଭିଷେକ ପଟ୍ଟନାୟକ ସ୍ମାରକୀ ଦିବାରାତ୍ର କ୍ରିକେଟ**

ସମ୍ବଲପୁରସ୍ଥିତ ଲକ୍ଷ୍ମୀ ନାରାୟଣ କ୍ରିକେଟ୍ କ୍ଲବ୍ ପକ୍ଷରୁ ସିଦ୍ଧେଶ୍ୱର ବେର୍ଣ୍ଡା ନିକଟ ଖେଳପଡ଼ିଆରେ ଅଭିଷେକ ପଟ୍ଟନାୟକ ସ୍ମାରକୀ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ତାପସ୍ ପୂଝାରୀ ଖେଳ ପରିଚାଳନା କରିଥିଲେ। ମୋଟ ୧୬ଟି ଟିମ୍ ଭାଗ ନେଇଥିଲେ। ଏହି ସମାରୋହକୁ ଶିକ୍ଷାବିତ ଡ.ଦୀପେନ୍ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସୋହେଲାର ତହସିଲଦାର ହରିଓମ୍ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଫାଇନାଲ୍ ଖେଳ ଧନୁପାଲି ଟିମ୍ ଓ ରଘୁବୀରା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରଘୁବୀରା ଟିମ୍ ୨୨ରନ୍ କରି ଆଉଟ ହୋଇଯାଇଥିଲା। ଧନୁପାଲି ଟିମ୍ ୨୩ ରନ୍ କରି ଚାମ୍ପିୟନ ହୋଇଥିଲା। ପପୁ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଓ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ସୁଶାନ୍ତ ମହାକୁଡ, ସୁବ୍ରତ ନାୟକ, ସନ୍ଦିପ ଜେନା, ଧନୁର୍ଜୟ ବାଗ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

# ଟ୍ରାନ୍ସଫର୍ମର ନିଆଁରୁ ଜଳିଗଲା ବାଉଁଶ ବୁଦା

**ଲୋଇସିଂହା,୧୧।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଲାଇସର୍ଡା ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଲୋଇସିଂହା ଅଗ୍ନିଶମ ବିଭାଗ ଏବଂ ଗ୍ରାମବାସୀଙ୍କ ଦୀର୍ଘ ୪ ଘଣ୍ଟା ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଗ୍ରାମ ସମୀପ ଚାଷ ଜମିରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସିଛି। ରବିବାର ମଧ୍ୟାହ୍ନରେ ଉକ୍ତ ଟ୍ରାନ୍ସଫର୍ମର ଶର୍ଟସର୍କିଟ ହୋଇ ନିଆଁ ବାହାରିଥିଲା। ଏହା ଡାଳପତ୍ରରେ ଲାଗି ବ୍ୟାପିଥିଲା। ଅଗ୍ନିକାଣ୍ଡରେ ବହୁ ଗଛପତ୍ର, ୧୫ ବାଉଁଶ ବୁଦା, ୪ରୁ ୫ଟି ପୁଆଳ ଭାଡିରେ ନିଆଁ ଲାଗି ପାଉଁଶ ହୋଇଯାଇଛି। ପ୍ରଚଣ୍ଡ ଖରା ଓ ନିଆଁ ତାତିରେ ଲୋକେ ନିଆଁକୁ ଆୟତ୍ତ କରି ନ ପାରିବାରୁ ଲୋଇସିଂହା ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ଅଗ୍ନିକାଣ୍ଡରେ ଟ୍ରାନ୍ସଫର୍ମର ନଷ୍ଟ ହେବା ସହ ବହୁ ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଆଗାମୀ ଚାଷ ପାଇଁ ନୂତନ ଟ୍ରାନ୍ସଫର୍ମର ବସାଇ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିବାକୁ ଚାଷୀମାନେ ଦାବି କରିଛନ୍ତି।

# କଲମ ପରିବାର କବିତା ଆସର

**ସମ୍ବଲପୁର,୧୧।୬(ବ୍ୟୁରୋ)**

କଲମ ପରିବାର ସମ୍ବଲପୁର ପକ୍ଷରୁ ସାମ୍ବାଦିକ ଭବନରେ ସମ୍ବଲପୁରୀ ବହି ହାଟ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏକ କବିତା ଆସର ମଧ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ଜୟକୃଷ୍ଣ ବେହେରା ସଭାପତିତ୍ୱ କରିଥିଲେ। ସମ୍ବଲପୁରୀ ବହି ହାଟ୍ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଲେଖକ ଓ ପ୍ରକାଶକଙ୍କୁ ନେଇ ଏକ କମିଟି ଗଠନ କରିବା, ଭାଷାର ବିକାଶ ପାଇଁ ବିଭିନ୍ନ ଆଲୋଚନା କରିବା ଉପରେ ଆଲୋଚନା ହୋଇଥିଲା।

**ସମ୍ବଲପୁରୀ ବହି ହାଟର ଶୁଭାରମ୍ଭ**

ବହି ହାଟ୍ ହଁ ଏପରି ଏକ ସ୍ଥାନ ଯେଉଁଠି ସମସ୍ତ ପ୍ରକାର ବହି ମିଳିପାରିବ, ସମସ୍ତଙ୍କୁ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବା କଥା, ବହି ହାଟ୍ ସମ୍ବଲପୁରୀ ଭାଷା ଆନ୍ଦୋଳନର ଅନ୍ୟତମ ରୂପ ଅଟେ। ପର୍ବପର୍ବାଣୀ ସମୟରେ ସମ୍ବଲପୁରୀ ପୁସ୍ତକ ଉପହାର ଦେବା ପରମ୍ପରା ଆରମ୍ଭ ହେଉ ବୋଲି ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଆବାହକ ତଫିଜୁଲ ହୋସେନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କାଳିନ୍ଦୀ ସିଂ, ଡ. ପ୍ରଦୀପ ପଣ୍ଡା, କ୍ଷେତ୍ରମଣି ବିଭାର, ଡ଼. ଗିରିଜା ଶଙ୍କର ଶର୍ମା, ଭବାନୀ ଶଙ୍କର ଭୋଇ, ପ୍ରଫୁଲ୍ଲ ହୋତା, ଗୌରାଙ୍ଗ ପାଣ୍ଡେ, ଦୀପକ ପଣ୍ଡା, ଡ଼. ମନୋଜ ପଣ୍ଡା, ସପନ୍ ମିଶ୍ର, ସୂର୍ଯ୍ୟ ପାଣିଗ୍ରାହୀ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନୂଆଁ ସକାଳ ପତ୍ରିକାର ଶୀତଲଷଷ୍ଠୀ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପରେ ଉପସଭାପତି ଲଳିତ ମୋହନ ବେବର୍ତ୍ତାଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ପ୍ରଣତି ମହାପାତ୍ର, କମଲଲୋଚନ ପଣ୍ଡା, ମମତା ନାଥ, ଦୀପକ ପଣ୍ଡା, କିରଣଶଙ୍କର ପଣ୍ଡା, ଅନନ୍ୟା ବେହେରା, ସନାତନ କଟା, ସୁରେଖା ସାହୁ, ପ୍ରଦୀପ ରଞ୍ଜନ ପାଣିଗ୍ରାହୀ, ପ୍ରଦୀପ ଯୋଶୀ, ସିଦ୍ଧାର୍ଥ ପଣ୍ଡା, ଲକ୍ଷ୍ମୀନାରାୟଣ ପଣ୍ଡା, କାହ୍ନୁ କେଶବ ବହିଦାର, ପ୍ରମୋଦ କୁମାର ମିଶ୍ର, ସତ୍ୟ ନାରାୟଣ ଠାକୁର, ତ୍ରିଲୋଚନ ତ୍ରିପାଠୀ ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ସମ୍ପାଦକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ମାନଭଞ୍ଜନ ପ୍ରଧାନ, ଶାନ୍ତନୁ ପାଢ଼ୀ, ପ୍ରଶାନ୍ତ ମାଝୀ, ପ୍ରପତି ମହାପାତ୍ର, ପ୍ରମୋଦ କୁମାର ମିଶ୍ର, ଘନଶ୍ୟାମ ଠାକୁର, ଯତୀନ୍ଦ୍ର ନାଏକ, ମାନସ କୁମାର ଷଡଙ୍ଗୀ, ଅର୍ଜ୍ଜୁନ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବଲପୁର କଲମ ପରିବାର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ।

# ବ୍ରଜମୋହନ ପଣ୍ଡାଙ୍କ ଜୀବନ ଚରିତ ପୁସ୍ତକ ଉନ୍ମୋଚିତ

**ସମ୍ବଲପୁର, ୧୧।୬(ବ୍ୟୁରୋ)**

ଲରମ୍ବାନାରୀ ଶିକ୍ଷା ଟ୍ରଷ୍ଟ ପକ୍ଷରୁ ଓଡିଶା ସାଂସ୍କୃତିକ ସମାଜ ଭବନଠାରେ କବି ବ୍ରଜମୋହନ ପଣ୍ଡାଙ୍କ ଜୀବନ ଚରିତ ପୁସ୍ତକ ଆଶା-କିଶୋର ପାଦପ ରବିବାର ଉନ୍ମୋଚିତ ହୋଇଯାଇଛି। ଅଗ୍ନିଶିଖା ସମ୍ପାଦକ ଅର୍ଜ୍ଜୁନ ରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇ କହିଥିଲେ ଯେ, ବ୍ରଜମୋହନ ଜଣେ ଜାତୀୟବାଦୀ କବି ଥିଲେ। ବ୍ରଜମୋହନ ପଣ୍ଡା ନ ଥିଲେ ଗଙ୍ଗାଧର ମେହେର ବଣର ମଲ୍ଲୀ ପରି ଲୋକଲୋଚନକୁ ଆସି ପାରି ନ ଥାନ୍ତେ, ସେ ଥିଲେ ଜଣେ ବହୁମୁଖୀ ପ୍ରତିଭାର ବ୍ୟକ୍ତି ବୋଲି ଅବିହିତ କରି କହିଥିଲେ। ସାହିତ୍ୟ ଓ ଜନସେବା ଉଭୟକୁ ସେ ତାଙ୍କ ଜୀବନରେ ଗୁରୁତ୍ୱ ଦେଇଥିଲେ। ପୁସ୍ତକର ସମୀକ୍ଷକ ପ୍ରଫେସର ଡ. କାମଦେବ ସାହୁ କହିଥିଲେ ଯେ, କବି ବ୍ରଜମୋହନ ପଣ୍ଡାଙ୍କ ନିଶା ଥିଲା ଶିକ୍ଷାର ପ୍ରସାର । ତେଣୁ ସେ ବାଲ୍ୟକାଳରୁ ସେଥିପାଇଁ ପ୍ରୟାସିତ ରହିଥିଲେ। ଜନସେବା କରିବା ନିମନ୍ତେ ହିଁ ସେ କୃଷି ପ୍ରତି ଆକର୍ଷିତ ହୋଇଥିଲେ। ପଶ୍ଚିମ ଓଡ଼ିଶାରେ ଶିକ୍ଷାର ପ୍ରସାର ପାଇଁ ସେ ତାଙ୍କ ସମୟ ଜ୍ଞାନ ଓ ଶ୍ରମ ଦେଇ ଏକ ବିରଳ ଦୃଷ୍ଟାନ୍ତ ସୃଷ୍ଟି କରିଯାଇଛନ୍ତି। ସ୍ୱଭାବ କବି ଗଙ୍ଗାଧରଙ୍କୁ ମଧ ସେ ଦେବଦୂତ ସମ ସହଯୋଗ କରିଛନ୍ତି। ଗଙ୍ଗାଧର ଓ ବ୍ରଜମୋହନଙ୍କ ଭଳି ଯୁଗଳବନ୍ଦି ସମଗ୍ର ଓଡ଼ିଶାରେ ନାହିଁ ବୋଲି ସେ ମତ ଦେଇଥିଲେ। ସଭା ପୂର୍ବରୁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକଙ୍କ ନିର୍ଦ୍ଦେଶନାରେ ବ୍ରଜମୋହନଙ୍କ ରଚିତ ଆମେ ସମ୍ବଲବାସୀ ଗୀତର ସିଡି ଶୁଣାଯାଇ ପରିବେଷିତ ହୋଇଥିଲା । ପୁସ୍ତକର ଲେଖକ ଦୀପ୍ତି ରଞ୍ଜନ ସେଠ ପୁସ୍ତକର କେତେକ ମୁଖ୍ୟ ପ୍ରସଙ୍ଗକୁ ଉପସ୍ଥାପନ କରିଥିଲେ । ପ୍ରକାଶକ ତଥା କବି ବ୍ରଜମୋହନଙ୍କ ପୁତ୍ର ପଦ୍ମଲୋଚନ ପଣ୍ଡା ତାଙ୍କ ବକ୍ତବ୍ୟ ରଖି କହିଥିଲେ ଯେ, କବି ବ୍ରଜମୋହନଙ୍କ ବିଷୟରେ ଲୋକେ ଯେପରି ଆହୁରି ଜାଣିପାରିବେ ପୁସ୍ତକ ପ୍ରକାଶନ ତାହାର ଏକ ପ୍ରୟାସ ମାତ୍ର । ଲରମ୍ବା ନାରୀ ଶିକ୍ଷା ଟ୍ରଷ୍ଟର ସଭାପତି ସୁଧୀର କୁମାର ପଣ୍ଡା ବ୍ରଜମୋହନଙ୍କ ଶିକ୍ଷାର ପ୍ରସାରର ମାନସିକତାକୁ ପାଥେୟ କରି ତାଙ୍କ ଟ୍ରଷ୍ଟ ଗଠିତ ବୋଲି କହିଥିଲେ । ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଅଭେଦାନନ୍ଦ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।


ସମ୍ବଲପୁରରେ ପୁସ୍ତକ ଉନ୍ମୋଚନ କରାଯାଉଛି।

## ସଂକ୍ଷେପରେ

### ଲଳିତଙ୍କୁ ସହାୟତାର ହାତ ବଢ଼ାଇଲା ଜିଲା ପ୍ରଶାସନ

#### ଉଚ୍ଚଶିକ୍ଷା ପାଇଁ ଅର୍ଥ ପ୍ରତିବନ୍ଧକ ଘଟଣା

**କର୍ଲାମୁଣ୍ଡା,୧୧।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜପୁର ଗାଁର ମେଧାବୀ ଛାତ୍ର ଲଳିତ ମାଝିଙ୍କ ପାଠ ପଢ଼ିବାରେ ଅର୍ଥ ପ୍ରତିବନ୍ଧକ ସାଜିଥିବା ଖବର ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ସହାୟତାର ହାତ ବଢ଼ାଇଛି। ସୂଚନାଯୋଗ୍ୟ ଯେ, ରାଜପୁର ଗାଁର ହେମଲତା ମାଝିଙ୍କ ପୁଅ ଲଳିତ ଚଳିତ ଯୁକ୍ତ ୨ ବିଜ୍ଞାନରେ ୫୩୯ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଡାକ୍ତରୀ ପାଠ ପଢିବା ପାଇଁ ଆଗ୍ରହ ରଖି ଥିବା ଲଳିତଙ୍କ ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଥିଲା। ଏ ନେଇ ବିଭିନ୍ନ ଖବର କାଗଜରେ ଖବର ପ୍ରସାରଣ ପରେ ବିଭିନ୍ନ ସମାଜ ସେବୀ ଟୁଇଟ କରିଥିଲେ। ଏହି ଖବର ଜିଲାପାଳଙ୍କ ନଜରକୁ ଆସିବା ପରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଲଳିତଙ୍କ ଜମାଖାତାରେ ଗତ ୭ ତାରିଖରେ ୩୦ ହଜାର ଟଙ୍କା ଜମା କରିଥିବା ଜଣାପଡିଛି। ଏଥିସହିତ ବିଭିନ୍ନ ବ୍ୟକ୍ତି ବିଶେଷ ସହଯୋଗର ହାତ ବଢ଼ାଇବାକୁ ଆଗେଇ ଆସୁଥିବା ସୂଚନା ମିଳିଛି।



### ପଦ୍ମାବତୀଙ୍କୁ ମିଳିବ ପ୍ରକୃତି ବନ୍ଧୁ ପୁରସ୍କାର

**ଜୁନାଗଡ଼,୧୧।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମୁଣ୍ଡରାଗୁଡା ଗ୍ରାମର ପଦ୍ମାବତୀ ପଟେଲ ଚଳିତବର୍ଷ ପ୍ରକୃତି ବନ୍ଧୁ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ମୁଣ୍ଡରାଗୁଡା ଗ୍ରାମର ବୀରେନ୍ଦ୍ର ପଟେଲ ଓ ମା' ବିନୋଦିନୀଙ୍କ ଝିଅ ପଦ୍ମାବତୀ କଳାହାଣ୍ଡି ନେହେରୁ ଯୁବ କେନ୍ଦ୍ରର ପୂର୍ବତନ ଯୁବ ସ୍ୱେଚ୍ଛାସେବୀ ନିଜ ଅଞ୍ଚଳରେ କୋଭିଡ-୧୯ ସମୟରେ ଗାଁ ଗାଁ ବୁଲି ମାସ୍କ ଓ ସାନିଟାଇଜଏର ବଣ୍ଟନ କରିବା ସହ ରୋଗ ନିୟନ୍ତ୍ରଣ ଉପରେ ଜନସାଧାରଣଙ୍କୁ ସଚେତନ କରି ମାଗଣା ସ୍ୱାସ୍ଥ୍ୟ ଶିବିର କରିଛନ୍ତି। ପ୍ରକୃତି ପ୍ରେମୀ ପଦ୍ମାବତୀ ଜୁନାଗଡ଼ ବ୍ଲକର ବିଭିନ୍ନ ଯୁବ ଅନୁଷ୍ଠାନଗୁଡିକ ସହଯୋଗରେ ଗାଁ ରାସ୍ତା, ମନ୍ଦିର, ପୋଖରୀ, ଝରଣା, ନଈକୂଳ, ଡାକ୍ତରଖାନା ବଜାର ପଡିଆ, ବିଦ୍ୟାଳୟ ତଥା ବିଭିନ୍ନ ସ୍ଥାନରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଓ ଚାରା ରୋପଣ କରି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଓ ମନୁଷ୍ୟ ସମାଜ ପାଇ ଜଳଛତ୍ର ବ୍ୟବସ୍ଥା ଓ ଜଳସୁରକ୍ଷା ଓ ମୃତ୍ତିକା ସଂରକ୍ଷଣ ଉପରେ କାର୍ଯ୍ୟକ୍ରମ ଆୟୋଜନ କରି ଲୋକମାନଙ୍କୁ ସଚେତନ କରିଛନ୍ତି। ଆସନ୍ତା ବନମହୋତ୍ସବରେ ତାଙ୍କୁ ଏହି ପୁରସ୍କାର ଦିଆଯିବ ବୋଲି ଜଣାପଡିଛି।



### ଖଡ଼ିଆଳ ଦଧିବାମନ ମନ୍ଦିର ପରିଚାଳନା ବୈଠକ

**ଖଡ଼ିଆଳ,୧୧।୬(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ୱାଡ଼ ନମ୍ବର ୧୨ସ୍ଥିତ ବଡ ଦଧିବମନ ମନ୍ଦିର ପରିଚାଳନାରେ ଦେଖାଯାଇଥିବା ସମସ୍ୟା ଉପରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୦ ଦିନ ମଧରେ ରଥଯାତ୍ରା ପାଳିତ ହେବାକୁ ରହିଛି। ମନ୍ଦିର ପରିଚାଳନା ନେଇ ଟ୍ରଷ୍ଟି ପକ୍ଷରୁ ସମସ୍ତ ଖର୍ଚ୍ଚ ବହନ କରିଥିଲେ। ଦଧିବାମନ ମନ୍ଦିର ପରିଚାଳନାରେ ଦେଖା ଯାଇଥିବା ବ୍ୟତିକ୍ରମ ଉପରେ ପ୍ରତିକ୍ରିୟା ରଖିଥିଲେ। ବ୍ୟତିକ୍ରମ ହେବା ସ୍ୱୀକାର କରିଥିବା ବେଳେ ଚଳିତବର୍ଷରୁ ସେ ଭଗବାନଙ୍କ ଜମି ବୁଝାବୁଝିରେ ନିବୃତ୍ତ ରହିବାକୁ ପ୍ରକାଶ କରିଛନ୍ତି। ଗଠିତ ଅସ୍ଥାୟୀ କମିଟି ରଥଯାତ୍ରା ପାଳନ ଦାୟିତ୍ୱ ନେବା ପାଇଁ ବୈଠକରେ ନିଷ୍ପତି ହୋଇଛି। ଚଳିତବର୍ଷ ଦେବଯାତ୍ରା ପାଳନ କରିବା ମତାମତ ଦେଇଥିଲେ। ବୈଠକରେ ଖଡ଼ିଆଳ ରାଜା ଦେବଦେବ ସିଂ ଦେଓ, ଟ୍ରଷ୍ଟି ପ୍ରତିନିଧି ସଞ୍ଜୟ ତିୱାରୀ, ସୁଦର୍ଶନ ଠାକୁର, ଡ. ରାମଚନ୍ଦ୍ର ମିଶ୍ର, ଡୋଳା ମୋହନ ସିଂ ବାବୁ, ଖଡ଼ିଆଳ ତିନି ମନ୍ଦିର ଟ୍ରଷ୍ଟି ସଦସ୍ୟ, ବୁଦ୍ଧିଜୀବୀ, ନାଗରିକ ସହ ଆବାହକ ସୁନୀଲ ନାଗ, ନୀଧୀଶ ପ୍ରଶାଦ ଅଗସ୍ତି ଯୋଗଦେଇଥିଲେ।

# ପଶ୍ଚିମ ଓଡ଼ିଶା ପିଲାଙ୍କୁ ମାତୃଭାଷାରେ ପଢ଼ିବା ସୁଯୋଗ ଦିଅ

- କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀର ଦାବିପତ୍ର
- କୋସଲୀ-ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ମାନ୍ୟତା ଦାବି

**ବଲାଙ୍ଗୀର ଅଫିସ, ୧୧।୬**



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା, ସମ୍ପାଦକ ଗୋରେଖନାଥ ସାହୁ ଦାବିପତ୍ର ଦେଉଛନ୍ତି।

ବଲାଙ୍ଗୀର ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ରବିବାର ସ୍ଥାନୀୟ ସର୍କିଟ ହାଉସଠାରେ ଏକାଡେମୀ ସଭାପତି ପଦ୍ମଶ୍ରୀ ଡ ଶ୍ରୀନିବାସ ଉଦ୍‌ଗାତା ଏବଂ ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ ସାକ୍ଷାତ କରି ଦାବିପତ୍ର ଦେଇଥିଲେ। ଉକ୍ତ ଦାବିପତ୍ରରେ କୋସଲୀ-ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଭାଷା ମାନ୍ୟତା ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ଏହା ସହିତ ସମଗ୍ର ପଶ୍ଚିମ ଓଡିଶାର ପିଲାମାନେ ସେମାନଙ୍କ ମାତୃଭାଷାରେ ପ୍ରାଥମିକ ବିଦ୍ୟାଳୟସ୍ତରରୁ ପାଠ ପଢୁ ନ ଥିବାରୁ କିଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା କହିଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ପଶ୍ଚିମ ଓଡିଶାର ପିଲାମାନେ ପ୍ରାଥମିକ ଶିକ୍ଷା ନିଜ ମାତୃଭାଷାରେ ଶିକ୍ଷାଦାନ କରୁ ନ ଥିବାରୁ ଅନ୍ୟ ପ୍ରାନ୍ତର ପିଲାଙ୍କୁ ତୁଳନାରେ ପଛରେ ପଡିଯାଉଛନ୍ତି। ଏହା ସହିତ ପିଲା ନିରକ୍ଷର ହେବା ସହ ସ୍କୁଲରୁ ଡ୍ରପ୍ ଆଉଟ୍ ମଧ ହେଉଛନ୍ତି। ରାଜ୍ୟ ସରକାର ୨୦୧୪ ମସିହାରୁ କୋସଲୀ-ସମ୍ବଲପୁରୀ ଭାଷାକୁ ମାନ୍ୟତା ଦେବାକୁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରି ସାରିଛନ୍ତି। ଏଭଳିକି କେନ୍ଦ୍ର ସରକାର ନୂଆ ଶିକ୍ଷା ନୀତିରେ ମାତୃଭାଷାକୁ ଗୁରୁତ୍ୱ ଦେଇଛନ୍ତି। ଏଣୁ ଆଉ କାଳ ବିଳମ୍ବ ନକରି ପଶ୍ଚିମ ଓଡିଶାର ପିଲାମାନଙ୍କ ପାଇଁ କୋସଲୀ-ସମ୍ବଲପୁରୀ ଭାଷାରେ ପାଠ ପଢ଼ିବା ପାଇଁ ବ୍ୟବସ୍ଥା କରିବା ସହ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ କୋସଲୀ-ସମ୍ବଲପୁରୀ ଭାଷାକୁ ମାନ୍ୟତା ପ୍ରଧାନ ଦିଗରେ ବିହିତ ପଦକ୍ଷେପ ନେବାକୁ ମନ୍ତ୍ରୀ ପ୍ରଧାନଙ୍କୁ ଅନୁରୋଧ କରିଥିଲେ। ଏଦିଗରେ ଉଚିତ୍ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ଦାବିପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ ସମ୍ପାଦକ ସାହୁ ମନ୍ତ୍ରୀ ପ୍ରଧାନଙ୍କୁ ତାଙ୍କର ପ୍ରକାଶିତ ନୂଆ ବହି ଉପହାର ଦେଇଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ କୃପାସିନ୍ଧୁ



@ ସତ୍ୟବାନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପୂର୍ବତନ ବିଧାୟକଙ୍କ କେସିଙ୍ଗା ବ୍ଲକ ଗସ୍ତ

**କେସିଙ୍ଗା,୧୧।୬(ଡି.ଏନ.ଏ.)**



ପୂର୍ବତନ ବିଧାୟକ ଓ ଜିଲା ବିଜେଡି ମହିଳା ସଭାନେତ୍ରୀ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେସିଙ୍ଗା ବ୍ଲକର ନାଶୀଗାଁ, ଅଧମୁଣ୍ଡା, ଫଟକାମାଲ, ଅଧମୁଣ୍ଡା, ଗାଇଗା, ଗୋକୁଳେଶ୍ୱର, ଦେଓଗାଁ ଆଦି ପଞ୍ଚାୟତକୁ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ବିଜେଡି ଜିଲା ସଭାନେତ୍ରୀ ଲଳିତା ନାଏକ ରବିବାର ଗସ୍ତ କରିଥିଲେ। ପଞ୍ଚାୟତବାସୀଙ୍କୁ ଏକତ୍ରିତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ଏବଂ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡିକ ଓ ଅଞ୍ଚଳର ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ବିଜେଡିର ସଙ୍ଗଠନ କିପରି ଆହୁରି ସୁଦୃଢ଼ ହେବ ଏ ସମ୍ପର୍କରେ ସ୍ଥାନୀୟ କର୍ମୀ ଓ ଗ୍ରାମବାସୀଙ୍କ ସହିତ ବିସ୍ତୃତ ଆଲୋଚନା ହୋଇଥିଲା। ଗସ୍ତ ସମୟରେ ବ୍ଲକ ସଭାପତି ପୁରୁଷୋତ୍ତମ ମହଲା, ଜୋନ ନଂ. ୩ର ଜିଲା ପରିଷଦ ସଭ୍ୟା ସୁନିତା ଶବର, ନାସିଗାଁ ସରପଞ୍ଚ ଚାନ୍ଦିନୀ ସାହୁ, ପୂର୍ବତନ ସରପଞ୍ଚ ଦିଲୀପ କୁମାର ସାହୁ, ଦୈତାରି ଜାନୀ, ନସିଗାଁ ସମିତି ସଭ୍ୟା ଲକ୍ଷ୍ମୀ ରଣା, ନାସିଗାଁ ପୂର୍ବତନ ସମିତି ସଭ୍ୟ, ନାସିଗାଁ ପଞ୍ଚାୟତ ସଭାପତି ଚୁଡା ମାଝି, ଅଧମୁଣ୍ଡା ପୂର୍ବତନ ସରପଞ୍ଚ, ପଞ୍ଚାୟତ ସଭାପତି ସଂକୀର୍ତ୍ତନ ମାଝି, ପୂର୍ବତନ ନାଏବ ସରପଞ୍ଚ, ଅଧମୁଣ୍ଡା ୱାର୍ଡ ସଭ୍ୟ ସଭ୍ୟା, ଫଟକାମାଲ ପୂର୍ବତନ ସରପଞ୍ଚ ଦୟା ମେହେର, ଯଜ୍ଞସେନି ବାଗ, ଫଟକାମାଲ ପୂର୍ବତନ ସମିତି ସଭ୍ୟା ତୀର୍ଥ ରାଜ ବାଗ ଏବଂ ପଞ୍ଚାୟତ ସଭାପତି ରମେଶ ମାଝି, ଜୋନ ନଂ ୩ ଯୋନ ସଭାପତି ବିଜୟ କୁମାର ସାହୁ ପ୍ରମୁଖ ବ୍ୟକ୍ତି ଓ କର୍ମୀ ଉପସ୍ଥିତ ଥିଲେ।

## ସରିଆଁ ଉ.ପ୍ରା. ବିଦ୍ୟାଳୟରେ ଜନ ଭାଗୀଦାରି କାର୍ଯ୍ୟକ୍ରମ

**ରୁପ୍ରାରୋଡ଼,୧୧।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅନ୍ତର୍ଗତ ସରିଆଁ କ୍ଲଷ୍ଟର୍ ପକ୍ଷରୁ ସରିଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜନ ଭାଗୀଦାରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ସୁଧୀର କୁମାର ଧଙ୍ଗଡ଼ାମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସରିଆଁ ସରପଞ୍ଚ ଓମପ୍ରକାଶ ଛତ୍ରିଆ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁର ପ୍ରଧାନ ଶିକ୍ଷକ ସାଧୁରାମ ଭୋଇ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଟଙ୍କଧର ସାହା ଯୋଗ ଦେଇଥିଲେ। ଏହି ଅବସରରେ ପିଲାମାନେ ଖରାଛୁଟିରେ ନିଜ ଅନୁଭୂତି ବଖାଣିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ କୁଇଜରେ ଅଂଶଗ୍ରହଣ ସହ ଗପ କହିଥିଲେ। ଆୟୋଜିତ କର୍ମଶାଳାରେ ଅତିଥିମାନେ ଏଫ୍ଏଲ୍ଏନର ଗୁରୁତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଘର ପରିବେଶରେ ଅଭିଭାବକମାନେ ପିଲାଙ୍କ ସାକ୍ଷରତା ଓ ସଂଖ୍ୟାଜ୍ଞାନ କୌଶଳ ବିକାଶ ତଥା ପଠନ ଅଭ୍ୟାସ ବୃଦ୍ଧିରେ କିପରି ସହାୟକ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ସଚେତନତା ସୃଷ୍ଟି ପାଇଁ ଏଫ୍ଏଲ୍ଏନ୍ ପ୍ଲାକାର୍ଡ ଓ ସ୍ଲୋଗାନ୍ ପ୍ରଦର୍ଶିତ ହୋଇଥିଲା। ଅଭିଭାବକଙ୍କୁ ଏଫ୍ଏଲ୍ଏନ୍ ସମ୍ପର୍କିତ ଲିଫଲେଟ୍ ବଣ୍ଟନ କରାଯାଇଥିଲା। ଅଭିଭାବକ ଓ ଶିକ୍ଷକମାନେ ଏଫ୍ଏଲ୍ଏନ୍ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ କିଶୋର ତ୍ରିପାଠୀ, ସୁଧୀର ରାଉତ, ବାସୁଦେବ ବାଗ, ଦୟାନିଧି ପଧାନ, ବଳଭଦ୍ର ହରିଜନ ପ୍ରମୁଖ ସହାୟତା କରିଥିଲେ।

## କାଳବୈଶାଖୀରେ ଘର ଛାତ ଉଡ଼ିଲା



କାଳବୈଶାଖୀରେ ଘର ଛାତ ଉଡି ଯାଇଛି।

**ନୂଆପଡ଼ା ଅଫିସ,୧୧।୬**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ରଜନା ପଞ୍ଚାୟତ ବେଲଗାଁ ଗ୍ରାମରେ କାଳବୈଶାଖୀରେ ଏକ ଘର ଆଜବେଷ୍ଟର ଉଡାଇ ନେଇଛି। ଫଳରେ ଉକ୍ତ ପରିବାର ଏବେ ବେସହରା ହୋଇ ପଡିଛନ୍ତି। ପ୍ରାପ୍ତସୂଚନା ଅନୁସାରେ ରବିବାର ଅପରାହ୍ନ ୩ଟାରେ ଘଡଘଡି ବର୍ଷା ସହ ବହୁ ଜୋରରେ ପବନ ବୋହିବାରୁ ଘର ଆଜବେଷ୍ଟର ଉଡାଇ ନେଇଥିଲା। ଋଷି ତିୱାରୀ (୪୫)ଙ୍କ ପରିବାର ୫ଜଣ ସଦସ୍ୟ ସ୍ତ୍ରୀ ଧନମତୀ ତିୱାରୀ (୩୮), ବିଶାଖା (୧୪), ଗୁଣବନ୍ତ (୧୨) ଓ ଢୁଲେଶ୍ୱର (୮) ଘରେ ରହିଥିଲେ। ହଠାତ କାଳବୈଶାଖୀରେ ଛାତ ଉଡି ଯାଇ ଟୁକଡା ମାନ ଘର ଭିତରେ ପଡିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ତାଙ୍କ ଘର ଛାତ ସମ୍ପୂର୍ଣ୍ଣ ଉଡିଯାଇଛି। ବର୍ତ୍ତମାନ ଦିନରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଓ ରାତ୍ରିରେ କାଳବୈଶାଖୀର ତାଣ୍ଡବରେ କେଉଁଠି ପରିବାରକୁ ନେଇ ରହିବି ବୋଲି ଋଷି ଚିନ୍ତାରେ ଭାଙ୍ଗି ପଡିଛନ୍ତି। ଋଷି ଜଣେ ବ୍ରାହ୍ମଣ ପରିବାରର ହୋଇଥିବାରୁ ଗାଁ ଗାଁ ବୁଲି ପୂଜାପାଠ, ହୋମ ଆଦି କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ପୂଜାପାଠ ନ ମିଳଲେ ପରିବାର ଭୋକ ଉପବାସରେ ରହିବାକୁ ପଡେ। ତାଙ୍କ ପାଖରେ ନୂତନ ଘର ତିଆରି କରିବା ପାଇଁ ସାମର୍ଥ ନାହିଁ। କାଳବୈଶାଖୀରେ ଉଡି ଯାଇଥିବା କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ପ୍ରଦାନ କରାଯାଉ କିମ୍ବା ନୂତନ ଆବାସ ଯୋଜନାରେ ସାମିଲ କରି ଆବାସ ଯୋଜନାରେ ଘର ଦିଆଯାଉ ବୋଲି ଦାବି କରିଛନ୍ତି।

## ମୂଳ ନିବାସୀ ମିଳିତ ମହାସଂଘର ସମ୍ମିଳନୀ



ମିଳିତ ମହାସଂଘର ସମ୍ମିଳନୀରେ ଆଲୋଚନା କରାଯାଉଛି।

**କୋକସରା,୧୧।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ବାବେକେହରାଠାରେ ରବିବାର ମୁଳ ନିବାସୀ ସଚେତନ ମଞ୍ଚ, କଳାହାଣ୍ଡି ପକ୍ଷରୁ ଓବିସି, ଏସଟି ଓ ଏସ.ସି ମୂଳନିବାସୀ ମିଳିତ ମହାସଂଘ ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଡମ୍ବରୁଧର ଲହଜଲ, ଦିଗାମ୍ବର ଦୁରିଆ, ଡାକେଶ୍ୱର ଲହଜଲ, ଜବାହରଲାଲ ବାଗ, ଟିକିଚନ୍ଦ୍ର ଧଙ୍ଗଡାମାଝି, ପ୍ରଧାନୀ ବାଗ, ଭୁବନେଶ୍ୱର ଦୁର୍ଗା, ତେଜରାଜ ଦୁରିଆ, କାର୍ତ୍ତିକ ନାଏକ ପ୍ରମୁଖ ଯୋଗଦେଇଥିଲେ। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ ଦେଶର ଓବିସି, ଏସଟି, ଏସସି ଏବଂ ସଂଖ୍ୟାଲଘୁ ସମାଜକୁ ନ୍ୟାୟ ମିଳୁନି। ଏଠିକାର ଶ୍ରମିକମାନେ ଦାଦନ ଯାଇ ଗାଁକୁ ଶବ ହୋଇ ଫେରୁଛନ୍ତି, ଶିକ୍ଷା ଚାକିରୀ ଓ ରାଜନୈତିକ କ୍ଷେତ୍ରରେ ଓବିସିଙ୍କୁ ସଂଖ୍ୟା ମୁତାବକ ସଂରକ୍ଷଣ ପ୍ରଦାନ କରିବା କଥା, ହେଲେ ଏସବୁ ଠାରୁ ବଞ୍ଚିତ ହୋଇ ରହିଛନ୍ତି। ନିଜର ହକ୍ ଓ ଅଧିକାରକୁ ଛଡେଇ ଆଣିବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାରେ ଋଷି ମାଝି, ବନସିଂ ଧଙ୍ଗଡାମାଝୀ, କୃଷ୍ଣଚନ୍ଦ୍ର ନାଏକ, କେଶବ ବେଣୁପାଣି, ଚୌଧୁରୀ ନାଏକ, ପରିକ୍ଷିତ ବେଶ୍ରା, ନିରନ ଦିଶାରୀ ବିଦ୍ଧୁ ନାଏକ ପ୍ରମୁଖଙ୍କ ସମେତ ବ୍ଲକର ବିଭିନ୍ନ ଗ୍ରାମରୁ ଓବିସି, ଏସଟି ଓ ଏସସି ବର୍ଗର ନେତୃମଣ୍ଡଳୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଗଜିନ୍ଦ୍ର ନାଗ ପରିଚାଳନା କରିଥିବା ବେଳେ କ୍ଷୀରସିନ୍ଧୁ ବୋଡ଼କିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୀବନ କୀ ପାଠଶାଳା କାର୍ଯ୍ୟକ୍ରମ

**ନୂଆପଡ଼ା ଅଫିସ,୧୧।୬**

ନୂଆପଡା ଜିଲା ଖରିଆର ରୋଡ ସାହୁ ସମାଜ ଭବନଠାରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଖରିଆର ରୋଡ ଶାଖା ପକ୍ଷରୁ ରାମାୟଣ ଜୀବନ କୀ ପାଠଶାଳା ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଜାଦୀ କା ଅମୃତ ମହୋତ୍ସବ ମାଧ୍ୟମରେ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ କରି ଖରିଆର ରୋଡଠାରେ ଆୟୋଜନ କରାଯାଇଥିଲା। ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଖରିଆର ରୋଡ ଶାଖା ସୁମତି ଦିଦି ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାରାଷ୍ଟ୍ରର ବ୍ରହ୍ମ କୁମାର ବିକେ ପୁରୁଷୋତମ ଚୌଧୁରୀ ଓ ବ୍ରହ୍ମ କୁମାରୀ ବିକେ ପ୍ରିୟା ଚୌଧୁରୀ ମୁଖ୍ୟଅତିଥି, ନୁଆପଡା ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ସମାଜସେବୀ ଶ୍ୟାମ କେଶରବାନୀ, ଧନୀରାମ ସାହୁ, ଦେଓକୁମାର ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଭକ୍ତିଯୋଗ ମଧ୍ୟମରେ ଆଗକୁ ରାମ ରାଜ୍ୟ ଆସିବ ଓ ରାବଣ ଯୁଗର ଅନ୍ତ ହେବ। ବ୍ରହ୍ମ କୁମାରୀ ଅନିତା ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍ଏସି ୱାର୍ଡ ନଂ.୯ ମାଝିପଡ଼ାର ଡ୍ରେନ୍ କାମ ଶୁଭାରମ୍ଭ

**କେସିଙ୍ଗା,୧୧।୬(ଡି.ଏନ.ଏ.)**



କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସିର ୱାର୍ଡ ନଂ. ୯ର ମୁଖ୍ୟ ରାସ୍ତା ଉପରେ ଦୀର୍ଘ ବର୍ଷ ହେଲା ପାଣି ଜମି ରହୁଥିଲା। ବାରମ୍ବାର ଏହାର ସମାଧାନ ୱାର୍ଡବାସୀ ଅଧକ୍ଷଙ୍କୁ ପାଇଁ ଦାବି କରିଥିଲେ ସୁଦ୍ଧା କିଛି ସୁଫଳ ମିଳୁ ନ ଥିଲା। କିଛି ଦିନ ତଳେ ମାଝିପଡାର ଲୋକଙ୍କୁ ଡ୍ରେନ ନିର୍ମାଣ ପାଇଁ ବୁଝାଇ ଡ୍ରେନ ନିର୍ମାଣରେ ସହଯୋଗ କରିବା ପାଇଁ ଅଧକ୍ଷ ନୃପରାଜ ଯାଦବଙ୍କୁ ଅନୁରୋଧ କରିଥିଲେ। ୱାର୍ଡବାସୀ ରାଜି ହୋଇଥିଲେ। ରବିବାର ୱାର୍ଡ ନମ୍ବର ୯ କାଉନସିଲର କବିତା ମାଝି ଓ ପଡାବାସୀଙ୍କ ଉପସ୍ଥିତିରେ ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରକାଶ ଥାଉ କି ଉକ୍ତ ରାସ୍ତା ଦେଇ କେସିଙ୍ଗା ମହାବିଦ୍ୟାଳୟ, ତହସିଲ ଅଫିସ, ଦମକଳ ବିଭାଗ, ଜେଏମଏଫସି କୋର୍ଟ, ଆରଡି ଅଫିସ, ଇଲେକ୍ଟ୍ରିଗ୍ରିଡ୍, ସୂତା କଳ, ସବ୍‌ଟ୍ରେଜେରି ଅଫିସ, ଆଦର୍ଶ ବିଦ୍ୟାଳୟ, ସାଇ ମନ୍ଦିର, ମିନି ଷ୍ଟାଡିୟମକୁ ଯିବାକୁ ହୁଏ। ବିଭିନ୍ନ ଗ୍ରାମପଞ୍ଚାୟତ ଲୋକ ଏହି ରାସ୍ତା ଦେଇ କେସିଙ୍ଗା ସହରକୁ ଆସିଥାନ୍ତି। କାଦୁଅ ପାଣି ମାଡ଼ି ଜଗନ୍ନାଥ ଠାକୁରଙ୍କୁ ଦର୍ଶନ କରିବା ପାଇଁ ପଡୁଥିବାରୁ ଲୋକମାନେ ଦୁଃଖ ପ୍ରକାଶ କରୁଥିଲେ।

# ଆଦିବାସୀ, ଅଣଆଦିବାସୀଙ୍କୁ ପଟ୍ଟା ପ୍ରଦାନ କରାଯାଉ

### ଜଙ୍ଗଲ ଅଧିକାର ନିୟମ ଲାଗୁ ପାଇଁ ସାଧାରଣ ସଭା

**ଭବାନୀପାଟଣା,୧୧।୬(ସ୍ୱ.ପ୍ର.)**




ଜଙ୍ଗଲ ଅଧିକାର ନିୟମ ଲାଗୁ ପାଇଁ ଆୟୋଜିତ ସାଧାରଣ ସଭା।

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଦେପୁର ପଞ୍ଚାୟତରେ ରବିବାର ଜଙ୍ଗଲ ଅଧିକାର ନିୟମକୁ ଜିଲାରେ ପ୍ରୟୋଗ କରିବା ପାଇଁ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଦେପୁର ସରପଞ୍ଚ ଉର୍ମିଳା ଜାନୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଡ଼. ଭବାନୀ ଶଙ୍କର ନିଆଲ, ସମ୍ମାନିତ ଅତିଥି ଭାବେ ଉମାକାନ୍ତ ଜାନୀ ଯୋଗଦେଇଥିଲେ। ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀମାନଙ୍କ (ଜଙ୍ଗଲ ଅଧିକାର ସମୂହ ସ୍ୱୀକୃତି) ସଂଶୋଧନ ନିୟମାବଳୀ-୨୦୧୨, ଭାରତ ସରକାରଙ୍କ ନିୟମ ପାଳନ ପୂର୍ବକ କଳାହାଣ୍ଡି ଜିଲାରେ ୩୧୦ ପଞ୍ଚାୟତରେ ଜଙ୍ଗଲ ଅଧିକାର କମିଟି ଗଠନ କରି ପଟ୍ଟା ପାଇ ନ ଥିବା ଆଦିବାସୀ ଓ ଅଣଆଦିବାସୀଙ୍କୁ ଉକ୍ତ ନିୟମ ଅନୁସାରେ ପଟ୍ଟା ପ୍ରଦାନ କରାଯାଉ। ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀମାନଙ୍କ (ଜଙ୍ଗଲ ଅଧିକାର ସମୂହ ସ୍ୱୀକୃତି) ସଂଶୋଧନ ନିୟମାବଳୀ-୨୦୧୨, ଭାରତ ସରକାର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ, ସଂଲଗ୍ନ ନଥି ସଂଖ୍ୟା-୧, ଦ୍ରଷ୍ଟବ୍ୟ ଧାରା-୬(୧) ଫର୍ମ-ଏ ଫର୍ମକୁ ନିଶୁଳ୍କ ଆଦିବାସୀ ଅଞ୍ଚଳରେ ବ୍ଲକ ଓ ପଞ୍ଚାୟତ ଜରିଆରେ ବଣ୍ଟନ କରାଯାଉ ଓ ଜିଲାରେ ସମସ୍ତ ପଞ୍ଚାୟତରେ ଏହି ନିୟମ ପାଳନ ପୂର୍ବକ ଜିଲାପାଳଙ୍କ ଦସ୍ତଖତରେ ସମସ୍ତ ବିଡିଓଙ୍କୁ ପ୍ରତି ସରପଞ୍ଚଙ୍କୁ ଗ୍ରାମ ସଭା କରି ଜଙ୍ଗଲ ଅଧିକାର କମିଟି ଘୋଷଣା କରି ଦରଖାସ୍ତ ଆହ୍ୱାନ କରାଯାଉ, ଜଙ୍ଗଲ ଜମି ଅଧିକାର ନିୟମକୁ ଜିଲାରେ ପ୍ରୟୋଗ କରାଯିବା ଆଦି ବିଷୟ ଉପରେ ଚର୍ଚ୍ଚା କରାଯାଇଥିଲା। ଏଥିରେ ଦେବଦୀ ମାଝି, ଉମାକାନ୍ତ ଯାନୀ, ମନୋଜ ଜାଲ, ପୁରୁନ୍ଦର କରୁଆଁ, କୁଞ୍ଜ ତାଣ୍ଡି, ପୂର୍ଣ୍ଣମୀ ମାଝିଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



ଭି ଗାର୍ଡ ଇଣ୍ଡଷ୍ଟ୍ରିର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ରିସ୍ତା'ର ଜାତୀୟ ଲକି ଡ୍ର ଜରିଆରେ ଓଡ଼ିଶାର ଅଭିଜ୍ଞ ଇଲେକ୍ଟ୍ରିସିଆନ ସୁଶୀଲ କୁମାର ମିଶ୍ର ଏକ ନ୍ୟୁ ହ୍ୟୁଣ୍ଡାଇ ଆଇ୨୦ କାର୍ ଜିତିଛନ୍ତି। ଏହି ପରିପ୍ରେକ୍ଷୀରେ ସମ୍ବଲପୁରଠାରେ ଆୟୋଜିତ ଏକ ମେଗା କାର୍ଯ୍ୟକ୍ରମରେ ମିଶ୍ରଙ୍କୁ ଭି ଗାର୍ଡ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଭି ଗାର୍ଡର ଜିଏମ୍ (ଇଷ୍ଟ) ବିଶ୍ୱନାଥ ଭଣ୍ଡାରୀ, ଶାଖା ପରିଚାଳକ ଭୁବନେଶ୍ୱର ସୁମନ୍ତ କୁମାର ପ୍ରଧାନଙ୍କ ସମେତ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ୱେଷ୍ଟର୍ନ କ୍ୟାରିୟର୍ସ ପକ୍ଷରୁ ଡିଆର୍‌ଏଚ୍‌ପି ଦାଖଲ

**ନୂଆଦିଲ୍ଲୀ,୧୧।୬**

ୱେଷ୍ଟର୍ନ କ୍ୟାରିୟର୍ସ (ଇଣ୍ଡିଆ) ଲିମିଟେଡ୍ ପକ୍ଷରୁ ଡ୍ରାଫ୍ଟ ରେଡ୍ ହେରିଂ ପ୍ରସପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ଜରିଆରେ ପାଣ୍ଠି ହାସଲ କରିବା ଲାଗି ପୁଞ୍ଜି ବଜାର ନିୟାମକ ସଂସ୍ଥା ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡିଆର୍‌ଏଚ୍‌ପି ଦାଖଲ କରିଥିବା ଜଣାପଡିଛି। ୨୦୨୨ ଡିସେମ୍ବର ୩୧ ସୁଦ୍ଧା ୱେଷ୍ଟର୍ନ କ୍ୟାରିୟର ପାଖରେ ଖଣି ଓ ଧାତବ, ଏଫ୍‌ଏମ୍‌ସିଜି, ଫାର୍ମା, କୋଠା ଉପକରଣ, ରସାୟନ, ତୈଳ ଓ ଗ୍ୟାସ୍, ୟୁଟିଲିଟି, ବୟନ, ବିଦ୍ୟୁତ, ବିଦ୍ୟୁତ୍ ଉପକରଣ ଓ ରିଟେଲ୍ ଆଦି କ୍ଷେତ୍ରର ୧୧୦୦ରୁ ଅଧିକ କ୍ଲାଏଣ୍ଟ ରହିଛନ୍ତି। ସାରା ଭାରତର ୨୩ଟି ରାଜ୍ୟରେ କମ୍ପାନୀର ୫୦ରୁ ଅଧିକ କାର୍ଯ୍ୟାଳୟ, ଚାରି ଜୋନାଲ୍ କାର୍ଯ୍ୟାଳୟ, ୧୦ଟି ରାଜ୍ୟରେ ଗୋଦାମ ଘର, ୫୫ ପବ୍ଲିକ୍ ରେକ୍ ପରିଚାଳନା ପଏଣ୍ଟ ରହିଛି।

## ଘରୋଇ ବଜାରରେ ୪,୬୬୦ ଗାଡ଼ି ବିକିଲା ହୋଣ୍ଡା

**ଭୁବନେଶ୍ୱର,୧୧।୬**



ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ପ୍ରିମିୟମ୍ କାର୍ ନିର୍ମାତା ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍) ପକ୍ଷରୁ ୨୦୨୩ ମେ ମାସର ଗାଡି ବିକ୍ରି ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ବର୍ଷ ମେ' ମାସରେ କମ୍ପାନୀ ଘରୋଇ ବଜାରରେ ମୋଟ ୪,୬୬୦ୟୁନିଟ ଗାଡ଼ି ବିକ୍ରି କରିଥିଲା ବେଳେ ୫୮୭ ୟୁନିଟ୍ ଗାଡ଼ି ରପ୍ତାନି କରିଛି। ଅପରପକ୍ଷରେ ୨୦୨୨ ମେ ମାସରେ କମ୍ପାନୀ ଘରୋଇ ବଜାରରେ ମୋଟ ୮,୧୮୮ ୟୁନିଟ୍ ଗାଡ଼ି ବିକ୍ରି କରିଥିବାବେଳେ ୧,୯୯୭ ୟୁନିଟ୍ ରପ୍ତାନି କରିଥିଲା।

ଏ ସମ୍ପର୍କରେ ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡର୍ ନିର୍ଦ୍ଦେଶକ (ମାର୍କେଟିଂ ଏବଂ ସେଲ୍ସ) ୟୁଇଚି ମୁରାତା କହିଛନ୍ତି, ଚଳିତ ବର୍ଷ ମେ' ମାସରେ କମ୍ପାନୀର ବିକ୍ରି ଫଳାଫଳ ଗତ ବର୍ଷର ସମାନ ଅବଧି ଠାରୁ କମ୍ ରହିଛି। ଏପରିକି ହୋଣ୍ଡାର ଆମେଜ ଏବଂ ସିଟି ଭଳି ପ୍ରମୁଖ ମଡେଲର ଉନ୍ନତ ପ୍ରଦର୍ଶନ ଆଶାନୁରୂପ ଭାବେ ଜାରି ରହିଛି। ଫଳରେ କ୍ରମାଗତ ଭାବେ ଆମେ ଅଭିବୃଦ୍ଧି ଦିଗରେ ଅଗ୍ରସର ହେଉଛୁ ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି।

## ମାଲାବାରରେ ୧୦ ଦିନିଆ 'ସିଲ୍‌ଭର ଶୋ'

**ଭୁବନେଶ୍ୱର,୧୧।୬**




ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ଏକ ୧୦ ଦିନିଆ 'ସିଲ୍‌ଭର ଶୋ'ର ଆୟୋଜନ କରାଯାଇଛି। ଏହି ଶୋ ପ୍ରତିଷ୍ଠାନର ଭୁବନେଶ୍ୱରସ୍ଥିତ ଶହୀଦ ନଗର ଏକ୍ସକ୍ଲୁସିଭ ଷ୍ଟୋର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ୨୦୨୩ ଜୁନ୍ ୧୮ପର୍ଯ୍ୟନ୍ତ ଏହି ଶୋ ଜାରି ରହିବ ବୋଲି ଷ୍ଟୋର ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଏଠାରେ ଗ୍ରାହକଙ୍କ ଲାଗି ବିସ୍ତୃତ ବର୍ଗର ରୁପା ଗହଣା ଓ ରୁପା ଦ୍ୱାରା ପ୍ରସ୍ତୁତ ବିଭିନ୍ନ କାରୁକାର୍ଯ୍ୟ ଭରା ସାମଗ୍ରୀ ପ୍ରଦର୍ଶିତ ସହ ବିକ୍ରୟ ମଧ କରାଯାଉଛି। ସେହିଭଳି ଏଠାରେ ଉଭୟ ପାରମ୍ପରିକ ଏବଂ ଅତ୍ୟାଧୁନିକ ଡିଜାଇନର ରୁପା ଗହଣାର ବ୍ୟାପକ ସମ୍ଭାର ଗ୍ରାହକମାନେ ପାଇପାରିବେ। ଏପରିକି ଗୁଣାତ୍ମକ ମାନର ଉତ୍ପାଦ ସାଙ୍ଗକୁ ଉଚିତ ମୂଲ୍ୟରେ ଚାହିଦା ମୁତାବକ ସାମଗ୍ରୀ ସହ ମାଲାବର ପକ୍ଷରୁ ଗ୍ରାହକଙ୍କୁ ୧୦ଟି ସ୍ୱତନ୍ତ୍ର ପ୍ରତିଶ୍ରୁତି ମଧ୍ୟ ପ୍ରଦାନ କରାଯାଉଛି। ଅପରପକ୍ଷରେ ସାମଗ୍ରୀ ମୂଲ୍ୟରେ ସ୍ୱଚ୍ଛତା, ଷ୍ଟୋନର ଓଜନ, ନେଟ ଓଜନ ଓ ଗହଣାରେ ବ୍ୟବହୃତ ଷ୍ଟୋନ ଚାର୍ଜ, ଜୀବନବ୍ୟାପୀ ମାଗଣା ମେଣ୍ଟେନାନ୍ସ, ପୁରୁଣା ସୁନାର ଶତପ୍ରତିଶତ ମୂଲ୍ୟ ପ୍ରଦାନ,ଏକ୍ସଚେଞ୍ଜ କ୍ଷେତ୍ରରେ ଶୂନ ଡିଡକ୍ସନ, ଶତପ୍ରତିଶତ ଏଚୟୁଆଇଡି ପ୍ରମାଣିତ ଶୁଦ୍ଧତା ବିଶିଷ୍ଟ ଗହଣା, ଆଇଜିଆଇ ଏବଂ ଜିଆଇଏ ପ୍ରମାଣପତ୍ର ଲାଭ କରିଥିବା ହୀରା, ବାଏ ବ୍ୟାକ୍ ଗ୍ୟାରେଣ୍ଟି, ଗୁଣବତ୍ତା ପରୀକ୍ଷଣ ପାଇଁ କ୍ୟାରେଟ ଆନାଲାଇଜର ଏବଂ ଉତ୍ତରଦାୟୀ ସହ ଅନେକ ବ୍ୟବସ୍ଥା ଉପରେ ବ୍ରାଣ୍ଡ କାର୍ଯ୍ୟ କରୁଛି।

## ବାହାନଗା ରେଳ ଦୁର୍ଘଟଣା ମୃତକଙ୍କ ପିଲାଙ୍କୁ ମାଗଣାରେ ପଢ଼ାଇବ ରୟାଲ ଗ୍ରୁପ୍

**ଭୁବନେଶ୍ୱର,୧୧।୬**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ରୟାଲ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ପକ୍ଷରୁ ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣା ସମ୍ପର୍କରେ ଏକ ବଡ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଜୁନ୍ ୨ରେ ବାଲେଶ୍ୱର ଜିଲାର ବାହାନଗାଠାରେ ଘଟିଯାଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସେମାନଙ୍କ ପିଲାମାନଙ୍କୁ ରୟାଲ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ମାଗଣାରେ ପାଠ ପଢାଇବାକୁ ଘୋଷଣା କରିଛି। ବିଶେଷ କରି ଗ୍ରୁପର ଭୁବନେଶ୍ୱରରେ ଥିବା ରୟାଲ କଲେଜ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି, ରୟାଲ ପବ୍ଲିକ ସ୍କୁଲ ଏବଂ ବାଲେଶ୍ୱରର ମଇତାପୁରଠାରେ ଥିବା ରୟାଲ ହାଇସ୍କୁଲ ଓ ରୟାଲ ପବ୍ଲିକ ସ୍କୁଲରେ ପାଠ ପଢାଇବାକୁ ଘୋଷଣା କରାଯାଇଛି। ଏପରିକି ରେଳ ଦୁର୍ଘଟଣାରେ ଉଭୟ ମାତା ପିତା କିମ୍ବା କେବଳ ପିତା ଏବଂ ମାତାଙ୍କୁ ହରାଇଥିବା ପିଲାମାନେ ଶିକ୍ଷା ଗ୍ରହଣ ପାଇଁ ଆଗ୍ରହ ପ୍ରକାଶ କରୁଥିଲେ ଗ୍ରୁପ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଉଭୟ ଓଡ଼ିଆ ଓ ଇଂରାଜୀ ମାଧମରେ ସେମାନଙ୍କ ଯୋଗ୍ୟତା ଅନୁସାରେ ଶିକ୍ଷାଦାନ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ରୟାଲ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ ଡ. ବିଷ୍ଣୁମୋହନ ମହାନ୍ତି ସୂଚନା ଦେଇଛନ୍ତି। ଅପରପକ୍ଷରେ ଆଶାୟୀ ଛାତ୍ରୀଛାତ୍ର ଓ ଅଭିଭାବକ ଓ ଅନ୍ୟମାନେ ଏଥିପାଇଁ ରୟାଲ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ସହ ଯୋଗାଯୋଗ କରିପାରିବେ ବୋଲି ଏକ ଖବରଦାତା ସମ୍ମିଳନୀରେ ରୟାଲ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ୍ ଡ. ବିଷ୍ଣୁମୋହନ ମହାନ୍ତି, ଭାଇସ୍ ଚେୟାରମ୍ୟାନ ମିଲନ୍ ମହାନ୍ତି ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

## ମେଗା ଗ୍ରାହକ ସଂଯୋଗୀକରଣ ଅଭିଯାନ

**ଭୁବନେଶ୍ୱର,୧୧।୬**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ମେଗା ଗ୍ରାହକ ସଂଯୋଗୀକରଣ ଅଭିଯାନ ଭିତ୍ତିକ କାର୍ଯ୍ୟକ୍ରମ ଭୁବନେଶ୍ୱରର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୟୁବିଆଇର କେନ୍ଦ୍ରୀୟ କାର୍ଯ୍ୟାଳୟ ମୁମ୍ବାଇର ମୁଖ୍ୟ ମହାପ୍ରବନ୍ଧକ ପ୍ରବୀଣ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ୟୁବିଆଇ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ସର୍ବେଶ ରଞ୍ଜନ, ଉପ-ଅଞ୍ଚଳ ମୁଖ୍ୟ ଆର.ଦେବରାଜ, ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକଙ୍କ ସମେତ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ, ଏଲ୍‌ସିବି ଭୁବନେଶ୍ୱର, ଏମ୍‌ସିବି ଭୁବନେଶ୍ୱର, ଏମ୍‌ଏଲ୍‌ପି ଭୁବନେଶ୍ୱର, ଆର୍‌ଏଲ୍‌ପି ଭୁବନେଶ୍ୱରର ବହୁ ବରିଷ୍ଠ ଅଧିକାରୀ ଓ ବିଭିନ୍ନ ଶାଖାର ଗ୍ରାହକମାନେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ବିଭିନ୍ନ ଯୋଜନା ଜରିଆରେ ୧୧୦ରୁ ଅଧିକ ଗ୍ରାହକଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ଶର୍ମା ବ୍ୟାଙ୍କରେ ଉପଲବ୍ଧ ଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ଗ୍ରାହକମାନଙ୍କ ସହ ବିସ୍ତୃତ ଆଲୋଚନା କରିବା ସହିତ ବ୍ୟାଙ୍କିଙ୍ଗ୍ ସେବାକୁ ଅଧିକ ପ୍ରଭାବଶାଳୀ କରିବାକୁ ସେ ଗ୍ରାହକମାନଙ୍କୁ ନିଜର ମତାମତ ପ୍ରଦାନ କରିବାକୁ କହିଥିଲେ। ଉଲ୍ଲେଖଯୋଗ୍ୟ, ଶର୍ମାଙ୍କ ଗସ୍ତ ଅବସରରେ ବ୍ୟାଙ୍କ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଏବଂ ଚକ୍ଷୁ ପରୀକ୍ଷା ଶିବିର ଉତ୍କଳ ହସ୍ପିଟାଲ ସହଯୋଗରେ ଆୟୋଜିତ ହୋଇଥିଲା। ସେହିଭଳି ୟୁବିଆଇ ପକ୍ଷରୁ ଖୋର୍ଦ୍ଧା ଜିଲାକୁ ଏକ ବିକାଶନ୍ମୁଖୀ ଜିଲା ରୂପେ ଚୟନ କରାଯାଇଥିବା ଜଣାପଡିଛି।




ଫୁର୍‌ସତ୍

## ଶ୍ରମ ବୋଝ ନୁହେଁ, ଶିଶୁଙ୍କ ହାତରେ ପଢ଼ା ବହି ଜରୁରୀ

କୁହାଯାଏ ଆଜିର ଶିଶୁ ଆସନ୍ତାକାଲିର ନାଗରିକ। ଶିଶୁଙ୍କ ବିକାଶ ଦ୍ୱାରା ଦେଶର ଭବିଷ୍ୟତ ଉଜ୍ଜଳ ହୋଇଥାଏ। ମାତ୍ର ବିଭିନ୍ନ କାରଣରୁ ଶିଶୁଙ୍କ ହାତରେ ପାଠପଢ଼ା ବହି ବଦଳରେ ଶ୍ରମର ବୋଝ ଧରିବାକୁ ପଡୁଛି। ଶିଶୁ ଶ୍ରମିକ ବିରୋଧରେ ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଏ) ପକ୍ଷରୁ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ଅନ୍ତର୍ଗତ ପ୍ରତିବର୍ଷ ଜୁନ ୧୨କୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସ ଭାବେ ପାଳନ କରାଯାଇଥାଏ।

ଏହା ଦିବସ ପାଳନ ୨୦୦୨ରେ ଆରମ୍ଭ ହୋଇଥିଲା ଯାହା ଶିଶୁ ଶ୍ରମିକଙ୍କୁ ରୋକିବା ପାଇଁ ସଚେତନତା ତଥା ସକ୍ରିୟତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥିଲା। ଚାକିରୀ ପାଇଁ ସର୍ବନିମ୍ନ ବୟସ ଉପରେ ଆଇଏଲଏ କନଭେନଶନ ନମ୍ବର ୧୩୮ ଏବଂ ଶିଶୁ ଶ୍ରମର ଖରାପ ଫର୍ମ ଉପରେ ଆଇଏଲଏ କନଭେନଶନ ନମ୍ବର ୧୮୨ ର ଅନୁମୋଦନ ଦ୍ୱାରା ଏହାକୁ ଉତ୍ସାହିତ କରାଯାଇଥିଲା।

ଶିଶୁ ଶ୍ରମ ବିରୋଧରେ ପ୍ରଥମେ ୨୦୦୨ ମସିହାରେ ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଏ) ଦ୍ୱାରା ଶିଶୁ ଶ୍ରମ ପ୍ରସଙ୍ଗରେ ନିରନ୍ତର ଧ୍ୟାନ ଆକର୍ଷଣ କରିବା ତଥା ଶିଶୁ ଶ୍ରମକୁ ହଟାଇବା ପାଇଁ ରଣନୀତିର ପୁନର୍ବିଚାର ଏବଂ ପୁନଃସମୀକ୍ଷା ପାଇଁ ପ୍ରତିଷ୍ଠିତ ହୋଇଥିଲା। ୨୦୦୨ ଠାରୁ ଇତିମଧ୍ୟରେ ଏହି ଦିବସ ପାଳନକୁ ୨୧ ବର୍ଷ ହୋଇସାରିଛି। ମିଳିତ ଜାତିସଂଘର ସାଧାରଣ ସଭା ଶିଶୁ ଶ୍ରମିକଙ୍କ କାର୍ଯ୍ୟ ବନ୍ଦକୁ ସ୍ୱୀକାର କରିବାବେଳେ ସର୍ବସମ୍ମତି କ୍ରମେ ୨୦୨୧ କୁ ଶିଶୁ ଶ୍ରମ ବିଲୋପ ପାଇଁ ଅନ୍ତର୍ଜାତୀୟ ବର୍ଷ ଭାବରେ ଘୋଷଣା କରିବା ସହ ଆଇଏଲଏକୁ ଏହାର କାର୍ଯ୍ୟାନ୍ୱୟନରେ ନେତୃତ୍ୱ ନେବାକୁ କହିଥିଲା। ଏହି ଦିନ ଶିଶୁ ଶ୍ରମିକ ସମସ୍ୟାକୁ ସୂଚୀତ କରିବା ଏବଂ ଶିଶୁ ଶ୍ରମିକମାନଙ୍କୁ ସାହାଯ୍ୟ କରିବା ପାଇଁ ନିର୍ଦ୍ଦେଶାବଳୀ ନିର୍ଦ୍ଦିଷ୍ଟ କରିବାକୁ ସରକାର, ସ୍ଥାନୀୟ କର୍ତ୍ତୃପକ୍ଷ, ନାଗରିକ ସମାଜ ଏବଂ ଅନ୍ତର୍ଜାତୀୟ, ଶ୍ରମିକ ଏବଂ ନିଯୁକ୍ତିଦାତା ସଂଗଠନଗୁଡ଼ିକୁ ଏକତ୍ରିତ କରାଯାଇଥାଏ । ଆଇଏଲଏର ତଥ୍ୟ ଅନୁଯାୟୀ, ବିଶ୍ୱରେ କୋଟି କୋଟି ବାଳିକା ଏବଂ ବାଳକ ଶ୍ରମଦାନ କାର୍ଯ୍ୟରେ ଜଡିତ ଅଛନ୍ତି ଯାହା ସେମାନଙ୍କୁ ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ଅବକାଶ ଏବଂ ମୌଳିକ ସ୍ୱାଧୀନତା ପାଇବାକୁ ବଞ୍ଚିତ କରୁଛି। ଏହା ଦ୍ୱାରା ସେମାନଙ୍କର ଅଧିକାର ଉଲ୍ଲଂଘନ ହେଉଛି। ଏହି ପିଲାମାନଙ୍କ ମଧ୍ୟରୁ ଅର୍ଦ୍ଧେକରୁ ଅଧିକ ଶିଶୁ ଶ୍ରମିକର ଖରାପ ସ୍ଥିତିରେ ରହିଆନ୍ତି। ଶିଶୁ ଶ୍ରମିକଙ୍କ ଏହି ଖରାପ ରୂପଗୁଡ଼ିକ ହେଉଛି ବିପଜ୍ଜନକ ପରିବେଶରେ କାର୍ଯ୍ୟ, ଦାସତ୍ୱ କିମ୍ବା ଅନ୍ୟାନ୍ୟ ବାଧ୍ୟତାମୂଳକ ଶ୍ରମଦାନ, ନିଶା କାରବାର ତଥା ଗଣଦୁଷ୍କର୍ମ ଭଳି ଅନୈତିକ କାର୍ଯ୍ୟକଳାପ ଏବଂ ସଶସ୍ତ୍ର ସଂଘର୍ଷରେ ଜଡିତ । ଶିଶୁ ଶ୍ରମିକ ବିରୋଧରେ ଏହି ବିଶ୍ୱ ଦିବସର ମହତ୍ତ୍ୱ ହେଉଛି ଶିଶୁ ଶ୍ରମିକ ସମସ୍ୟା ପ୍ରତି ଧ୍ୟାନ ଦେବା ଏବଂ ଏହାକୁ ଦୂର କରିବାର ଉପାୟ ଖୋଜିବା। ଏହି ଦିନଟି ସାରା ବିଶ୍ୱରେ ଶିଶୁ ଶ୍ରମିକ ପାଇଁ ବାଧ ହୋଇଥିବା ପିଲାମାନେ ସମ୍ମୁଖୀନ ହେଉଥିବା କ୍ଷତିକାରକ ମାନସିକ ଏବଂ ଶାରୀରିକ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ।



### ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସ

ବିକାଶଶୀଳ ଦେଶମାନଙ୍କରେ ପିଲାମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଶିଶୁମାନେ ସମ୍ମୁଖୀନ ହେଉଥିବା ସବୁଠାରୁ ଅମାନୁଷିକ କାର୍ଯ୍ୟ ହେଉଛି ଶିଶୁ ଶ୍ରମିକ ସମସ୍ୟା । ଶିଶୁ ଶ୍ରମ ହେଉଛି ଏକ ବିଶ୍ୱସ୍ତରୀୟ ସମସ୍ୟା ଯାହାକି ଲକ୍ଷ ଲକ୍ଷ ଶିଶୁଙ୍କୁ ସମଗ୍ର ବିଶ୍ୱରେ ପ୍ରଭାବିତ କରିଥାଏ । ଏହି ବିପଦ ପାଇଁ ବହୁ ସଂଖ୍ୟକ କାରକ ଦାୟୀ । ୟୁନିସେଫ ଅନୁଯାୟୀ, ୨୦୨୦ ଆରମ୍ଭରେ ୧୬୦ ନିୟୁତ ଶିଶୁ ଶ୍ରମର ଶିକାର ହୋଇଥିଲେ ଏବଂ କୋଭିଡର ପ୍ରଭାବ ଯୋଗୁ ଅତିରିକ୍ତ ୯ ନିୟୁତ ଶିଶୁ ବିପଦରେ ଥିଲେ। ବିଶ୍ୱରେ ପ୍ରାୟ ୧୦ ଜଣ ପିଲାଙ୍କ ମଧ୍ୟରୁ ଜଣେ ଶିଶୁ ଶ୍ରମିକ ଭାବରେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ସମୟରେ ବହୁ ସଂଖ୍ୟକ ଶିଶୁ ଯୌନ ଶୋଷଣ, ହିଂସା କାରବାର ଏବଂ ନିର୍ଯାତନାର ଶିକାର ହେଉଛନ୍ତି ଯାହା ଦ୍ୱାରା ସେମାନଙ୍କର ମୌଳିକ ଅଧିକାର ଉଲ୍ଲଂଘନ ହେଉଛି। ଅନେକ ଏସୀୟ ଦେଶରେ ଉପଯୁକ୍ତ ଶିକ୍ଷାଗତ ସୁଯୋଗର ଅଭାବ ପିଲାମାନଙ୍କ ପାଇଁ ସଙ୍କଟ ସୃଷ୍ଟି କରୁଛି। ପାରିବାରିକ ଆର୍ଥିକ ସ୍ଥିତି ସେମାନଙ୍କୁ ଶିଶୁ ଶ୍ରମିକ ଏବଂ ଅନ୍ୟାନ୍ୟ ବିପଜ୍ଜନକ କାର୍ଯ୍ୟ ରହିବାକୁ ବାଧ କରୁଛି। ଫଳରେ ସେମାନେ ଘରୋଇକାମରେ ସାହାଯ୍ୟକାରୀ, ହୋଟେଲ, ବସ କଣ୍ଡକ୍ଟର, ମୋଟର ଗ୍ୟାରେଜ ଏବଂ କର୍ମଶାଳା, ବୁଣା କାରଖାନା ଏବଂ ରାସ୍ତାଘାଟ କାମରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି ।

ପ୍ରତିବର୍ଷ ଏହି ଦିବସ ଏକ ଥିମ୍ ଉପରେ ଆଧାରିତ ହୋଇଥାଏ। ଚଳିତ ୨୦୨୩ ବର୍ଷ ପାଇଁ ବିଶ୍ୱ ଶିଶୁ ଶ୍ରମିକ ନୀରୋଧି ଦିବସର ବିଷୟବସ୍ତୁ ହେଉଛି, 'ଶିଶୁ ଶ୍ରମ ବିରୋଧରେ ଆକ୍ସନ ସପ୍ତାହ'( ଆକ୍ସନ ୱିକ୍ ଏଗେନେଷ୍ଟ ଚାଇଲ୍ଡ ଲେବର)।

## ସାମନ୍ଥାଙ୍କ ସହ ପବ୍‌ରେ ନାଚିଲେ ବରୁନ୍

**ମୁମ୍ବାଇ:** ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଫିଲ୍ମ 'ପୁଷ୍ପା: ଦି ରାଇଜ୍'ରେ ଆଇଟମ୍ ଗୀତରେ ନାଚିବା ପରେ ଏବେ ତାଙ୍କୁ ଅନେକ ପ୍ରୋଜେକ୍ଟ ପାଇଁ ଅଫର ମିଳୁଛି। ତେବେ ଆଗକୁ ସାମନ୍ଥା ଏବଂ ବଲିଉଡ୍ ଅଭିନେତା ବରୁନ ଧାୱନ୍‌ଙ୍କୁ ଏକାଠି ଦେଖିବାକୁ ମିଳିବ। ବରୁନ୍ ଏବଂ ସାମନ୍ଥା ଏବେ ୱେବ୍ ସିରିଜ୍ ସିଟାଡେଲ ଶୁଟିଂ ପାଇଁ ସର୍ବିୟାରେ ଅଛନ୍ତି। ଶୁଟିଂରୁ ବିରତି ନେଇ ସେମାନେ ଶନିବାର ଏକ ପବ୍‌ରେ ନାଚୁଥିବା ଦେଖିବାକୁ ମିଳିଛି। ଏହାର ଏକ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ସେଥିରେ ଦୁହେଁ 'ଓ ଅଣ୍ଟାୱା' ଗୀତରେ ନାଚୁଥିବା ନଜରକୁ ଆସିଛନ୍ତି। ଭିଡିଓରେ ବେଲଗ୍ରାଡି, ସର୍ବିୟା ବୋଲି ଟ୍ୟାଗ୍ କରାଯାଇଛି। ସେଥିରେ ସାମନ୍ଥା କଳାରଙ୍ଗର ଚମଡ଼ା ପୋଷାକ ପିନ୍ଧିଥିବାବେଳେ ହାତରେ ଏକ ମଦ ବୋତଲ ଧରିଥିବା ନଜରକୁ ଆସିଛନ୍ତି। ବରୁନ ମଧ ଏକ ଶାର୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ପବ୍‌ରେ ଥିବା ସମସ୍ତ ଲୋକ ଦୁହିଙ୍କ ନାଚର ଖୁବ୍ ମଜା ନେଉଛନ୍ତି। ତେବେ ବରୁନ ୨୦୧୦ରୁ ଫିଲ୍ମ 'ମାଇଁ ନେମ୍ ଇଜ୍ ଖାନ୍' ଜରିଆରେ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ତାଙ୍କର ଅନେକ ଚଳଚ୍ଚିତ୍ର ଦର୍ଶକଙ୍କ ପାଇଁ ଆଣିଥିଲେ। ଶେଷଥର ଲାଗି ତାଙ୍କୁ ୨୦୨୨ରେ ମୁଭି 'ଭେଡିୟା'ରେ ଦେଖିବାକୁ ମିଳିଥିଲା।



## ସ୍ୱାମୀ ପାଇଁ ଓଜନ କମାଇ ହେଲେ ୨୨କେଜି

ମସ୍କୋ: ସ୍ୱାମୀଙ୍କ ଆଖିକୁ ଭଲ ଦେଖା ଯିବାକୁ ମହିଳାମାନେ ସର୍ବଦା ଚେଷ୍ଟିତ ଥାନ୍ତି। ସେଥିପାଇଁ ବହୁ ସମୟରେ ସେମାନେ ସ୍ୱାମୀଙ୍କ କଥା ଅନୁସାରେ ନିଜକୁ ଅଳଙ୍କୃତ କରିଥାନ୍ତି। ନିକଟରେ ରୁଷର ଜଣେ ମହିଳା ସ୍ୱାମୀଙ୍କ କଥା ଶୁଣିବାକୁ ଯାଇ ନିଜ ଶରୀରକୁ କଙ୍କାଳ ସଦୃଶ କରିଦେଇଛନ୍ତି। ଦକ୍ଷିଣ-ପଶ୍ଚିମ ରୁଷର ବାସିନ୍ଦା ୟାନା ବୋବ୍ରୋଭା ତାଙ୍କ ସ୍ୱାମୀଙ୍କୁ ଖୁସି କରିବାକୁ ଯାଇ ନିଜ ଓଜନ କମାଇ ୨୨ କିଲୋ କରିଛନ୍ତି। ୟାନାଙ୍କ ଉଚ୍ଚତା ୫ ଫୁଟ୍ ୨ ଇଞ୍ଚ ହୋଇଥିବାବେଳେ ତାଙ୍କ ଦେହରେ ମାଂସ ବଦଳରେ କେବଳ ହାଡ଼ ଦୃଶ୍ୟମାନ ହେଉଛି। ୟାନାଙ୍କ କହିବା ମୁତାବକ, ତାଙ୍କ ଫୁଲା ଗାଲ ପାଇଁ ସ୍ୱାମୀ ତାଙ୍କୁ ସବୁବେଳେ ଚିଡାଉଥିଲେ। ସେଥିରେ ୟାନାଙ୍କ ଆତ୍ମବିଶ୍ୱାସ କମିଯାଉଥିଲା। ସେଥିପାଇଁ ସେ ନିଜ ଓଜନ କମାଇବାରୁ ବର୍ତ୍ତମାନ ସେ କଙ୍କାଳ ହୋଇଯାଇଛନ୍ତି। ୟାନାଙ୍କ ଏପରି ଡାଏଟିଂକୁ ମଧ ତାଙ୍କ ସ୍ୱାମୀ ବିରୋଧ କରୁ ନ ଥିଲେ। ଏବେ ୟାନାଙ୍କ ହାତରୁ ଚାକିରି ଯିବା ସହ ସେ କୁପୋଷଣର ଶିକାର ହୋଇଛନ୍ତି।



## ୪ ହଜାରରେ କିଣି ୮୨ ଲକ୍ଷରେ ବିକିଲେ



**ନୂଆଦିଲ୍ଲୀ:** ବହୁ ସମୟରେ ଆମେ କିଛି ଜିନିଷକୁ ବେକାର ଭାବି ଫିଙ୍ଗି ଦେଇଥାଉ। ହେଲେ ତା'ର ମୂଲ୍ୟ ଅନ୍ୟମାନଙ୍କ ପାଖରେ ବହୁତ ହୋଇଥାଏ। ନିକଟରେ ଜଣେ ବ୍ୟକ୍ତିଙ୍କୁ ଫେସ୍‌ବୁକ୍‌ରେ ପୁରୁଣା ଚମଡ଼ାର ଏକ ଚୌକି ମିଳିଗଲା। ସେ ସେହି ଚୌକିକୁ ୫୦ ଡଲାର ଅର୍ଥାତ୍ ୪ ହଜାର ୧୨୨ ଟଙ୍କାରେ କିଣିଲେ। ପରେ ତାକୁ ୮୨ ଲକ୍ଷ ଟଙ୍କାରେ ବିକ୍ରି କରିଛନ୍ତି। ଉକ୍ତ ବ୍ୟକ୍ତି ହେଲେ ଜଷ୍ଟିନ ମିଲର, ଯିଏକି ଜଣେ କଣ୍ଟେଣ୍ଟ କ୍ରିଏଟର। ସେ ଯେତେବେଳେ ଏହି ପୁରୁଣା ଚମଡ଼ାଯୁକ୍ତ ଚୌକି ଦେଖିଲେ ତାକୁ ତୁରନ୍ତ କିଣିଦେଇଥିଲେ। ଚୌକିଟି ମରାମତି କରିବା ପରେ ତାକୁ ବିକ୍ରି କରିବାକୁ ଚାହିଁଲେ। ହେଲେ ମରାମତିରେ ପାଖାପାଖି ୩ ହଜାର ଡଲାର ଅର୍ଥାତ୍ ୨.୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ସେ ଉକ୍ତ ଚୌକି ବିକିବାକୁ ଏକ ଆର୍ଟ କମ୍ପାନୀ ପାଖକୁ ଯାଇଥିଲେ। କମ୍ପାନୀ କହିବା ମୁତାବକ, ସେହି ଚୌକିର ମୂଲ୍ୟ ପାଖାପାଖି ୨୫ରୁ ୪୦ ଲକ୍ଷ ଟଙ୍କା ଭିତରେ ହେବ। ଏହାପରେ ମିଲର ସୋସିଆଲ ମିଡିଆରେ ତାଙ୍କର ଏକ ଭିଡିଓ ପୋଷ୍ଟ କଲେ। ସେଥିରେ ସେ ଚମଡ଼ା ଚୌକିର ଦାମ୍ କିପରି ବେଳକୁ ବେଳ ବଢ଼ି ବଢ଼ି ଯାଉଛି ବୋଲି ଦର୍ଶାଇଥିଲେ। ତା'ପରେ ସେ ସେହି ଚୌକିଟି ନିଲାମ କଲେ। ଶେଷରେ ୧୦୦ ହଜାର ଡଲାର ଅର୍ଥାତ୍ ୮୨ ଲକ୍ଷ ୪୪ ହଜାର ଟଙ୍କାରେ ଚୌକିଟି ବିକ୍ରି ହେଲା। ଏହା ତାଙ୍କୁ ବହୁତ ଆଶ୍ଚର୍ଯ୍ୟଚକିତ କରିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କେନ୍ଦ୍ରକୁ ଛାଡ଼ି ରାଜ୍ୟ ନେତାଙ୍କୁ ଟାର୍ଗେଟ୍ କଲା ବିଜେଡି

## ମନ୍ତ୍ରୀ, ବିଧାୟକମାନେ ଏବେ ଷ୍ଟେଜ୍ ବାନ୍ଧୁଛନ୍ତି: ଭାଜପା

ଭୁବନେଶ୍ୱର, ୧୧।୬(ବ୍ୟୁରୋ)

ଉଜ୍ଜଳା ଗ୍ୟାସ୍ ପ୍ରସଙ୍ଗରେ ବିଜେଡି ନେତାମାନେ ଭାଜପାର ରାଜ୍ୟ ନେତାଙ୍କୁ ଟାର୍ଗେଟ କରିଛନ୍ତି। ଏହାକୁ ନେଇ ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ପାଲଟା ବିଜେଡି ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ, ବିଜେଡି ନେତାମାନେ ଜଣେ ସଚିବଙ୍କ ଚାଟୁକାରିତା କରୁଛନ୍ତି। ଜଣେ ସରକାରୀ ବାବୁ ଗୋଟିଏ ଲେଖା ଦେବା ପରେ ବିଜେଡି ମୁଖପାତ୍ରମାନେ ତାକୁ ପଢ଼ିବା ହେଉଛି ସେମାନଙ୍କ ଚିରାଚରିତ କାମ। ସେହି ଅଭ୍ୟାସ ଯୋଗୁ ତାଙ୍କ କଥାର କିଛି ତାଳମେଳ ରହୁନାହିଁ। ମିଛ କଥା କହିବାର ଯୁଗ ଶେଷ ହୋଇଗଲାଣି। ଏ କଥା ବୋଧେ ଶାସକ ଦଳର ନେତାମାନେ ଭୁଲି ଯାଇଛନ୍ତି। ଓଡ଼ିଶାରେ ଗଭର୍ନାନ୍ସ ମଡେଲ ଦେଖିଲେ ସାରା ଦେଶରେ ଲୋକ ହସୁଛନ୍ତି। ମନ୍ତ୍ରୀମାନେ ଜଳକା ହୋଇ ବସୁଛନ୍ତି ଏବଂ ସଚିବମାନେ ବିଭାଗର ସମୀକ୍ଷା କରୁଛନ୍ତି। ମୁଖ୍ୟମନ୍ତ୍ରୀ ଘରୁ ବାହାରୁ ନାହାନ୍ତି, ତାଙ୍କର ବ୍ୟକ୍ତିଗତ ସଚିବ ରାଜ୍ୟ ସାରା ବୁଲି ଘୋଷଣା ଓ ସଭା ସମିତି କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ କୌଣସି ଜାଗାକୁ ଗଲେ ମନ୍ତ୍ରୀ ଓ ବିଧାୟକମାନେ ଯାଇ ଷ୍ଟେଜ ବାନ୍ଧୁଛନ୍ତି। କେହି ନ ପଚାରିଲା ଭଳି ଠିଆ ହେଉଛନ୍ତି। ଏଭଳି କଦର୍ଯ୍ୟ ଶାସନ ମଡେଲ ବୋଧେ ଭାରତର କୌଣସି ରାଜ୍ୟରେ ନାହିଁ। ତେଣୁ ଅନ୍ୟକୁ


ପୃଥ୍ୱୀରାଜ ହରିଚନ୍ଦନ

ଆରୋପ କରିବା ପୂର୍ବରୁ ୨୩ ବର୍ଷ ଭିତରେ ବିଜେଡି ଓଡ଼ିଶା ପାଇଁ କ'ଣ କରିଛି ତାହାର ହିସାବ ଦେବା ଦରକାର ବୋଲି ପୃଥ୍ୱୀରାଜ କହିଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ବିଭାଗୀୟ ମନ୍ତ୍ରୀ ଥିବାବେଳେ ପେଟ୍ରୋଲିୟମ ସେକ୍ଟରରେ ୨ ଲକ୍ଷ ୩ ହଜାର କୋଟି ଟଙ୍କାର ନିବେଶ ଓଡ଼ିଶାରେ ହୋଇଛି। ଏ କଥାକୁ ରାଜ୍ୟ ସରକାର ଅସ୍ୱୀକାର କରି ପାରିବେ କି ବୋଲି ପୃଥ୍ୱୀରାଜ ପ୍ରଶ୍ନ କରିଛନ୍ତି। ପଶ୍ଚିମ ଓଡ଼ିଶାର ବରଗଡ଼ରେ ୧୬୦୦ କୋଟି ଟଙ୍କାର ଇଥାନଲ ପ୍ଲାଣ୍ଟ ନିର୍ମାଣ କାମ ଶେଷ ସ୍ଥିତିରେ ପହଞ୍ଚିଛି। ବଲାଙ୍ଗୀର ଓ ରାୟଗଡ଼ାରେ ଗ୍ୟାସ ବଟଲିଙ୍ଗ ପ୍ଲାଣ୍ଟ ହୋଇଛି। ବଲାଙ୍ଗୀରରେ ଆଜି ଉଦ୍‌ଘାଟିତ ଇନଡୋର ଷ୍ଟାଡିୟମ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିଶ୍ରୁତି ପୂରଣର ଉଦାହରଣ ବୋଲି ସେ କହିଛନ୍ତି।

### ଉଜ୍ଜ୍ୱଳା ଯୋଜନାକୁ ନେଇ ଉଠାଇଲା ପ୍ରଶ୍ନ

ଭୁବନେଶ୍ୱର, ୧୧।୬(ବ୍ୟୁରୋ)

ବିଜେଡି ଉଜ୍ଜଳା ଯୋଜନାର ବିଫଳତା କଥାରେ କେନ୍ଦ୍ର ସରକାରଙ୍କୁ ଦୋଷ ନ ଦେଇ ଏଥିପାଇଁ ରାଜ୍ୟ ଭାଜପା ନେତାମାନେ ଦାୟୀ ବୋଲି ସିଧାସଳଖ ଅଭିଯୋଗ କରିଛି। ବିଜେଡି ମୁଖପାତ୍ର ତଥା ରାଜ୍ୟ ସଭା ଏମ୍‌ପି ସୁଲତା ଦେଓ ଶଙ୍ଖ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ରାଜ୍ୟ ସରକାର ଗତ ୨୩ ବର୍ଷରେ ଓଡ଼ିଶାର ବିକାଶ ପାଇଁ ଅବିଶ୍ରାନ୍ତ କାର୍ଯ୍ୟ କରୁଛନ୍ତି। ହେଲେ ଭାଜପା ରାଜ୍ୟ ନେତାମାନେ ଗତ ୯ ବର୍ଷ ଧରି ଦିଲ୍ଲୀରେ ଓଡ଼ିଶାର ବିକାଶ ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି। ଭାଜପା ଷଡ଼ଯନ୍ତ୍ରର



ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ଏମ୍‌ପି ସୁଲତା ଦେଓ।

ସବୁଠାରୁ ବଡ଼ ଉଦାହରଣ ହେଉଛି ଉଜ୍ଜଳା ଯୋଜନା। ଏହି ଯୋଜନାରେ ଓଡ଼ିଶାର ମହିଳାଙ୍କୁ ମାଗଣା ସିଲିଣ୍ଡର ଯୋଗାଇ ସାହାଯ୍ୟ କରାଯିବ ବୋଲି ପ୍ରଚାର ହେଲା। କିନ୍ତୁ ଆଜି ଉଜ୍ଜଳା ଅନ୍ଧାର ହୋଇଯାଇଛି ଏବଂ ଲକ୍ଷ ଲକ୍ଷ ମହିଳାଙ୍କ ପାଇଁ ଏହା ଏକ ନିଷ୍ଠୁର ପରିହାସ ପାଲଟିଛି। ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ବଢୁଛି, ରିଫିଲିଂ ପରିମାଣ ହ୍ରାସ ପାଇଚାଲିଛି। ଏତଦ୍ୱାରା ହିତାଧିକାରୀମାନଙ୍କ ଏଲ୍‌ପିଜି ବ୍ୟବହାରରେ ମଧ୍ୟ ହ୍ରାସ ଘଟୁଛି। ବେଢ଼ି ଉପରେ କୋରଡ଼ା ମାଡ଼ ଭଳି ଇନ୍ଧନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର କ୍ରମାଗତ ମୂଲ୍ୟ ବୃଦ୍ଧି ଯାହା କି ରୋଷେଇ ଘର ତଥା ସାଧାରଣ ଲୋକଙ୍କୁ ପ୍ରଭାବିତ କରୁଛି। ଯଦିଓ ବିଜେଡି ଏହା ବିରୋଧରେ ସ୍ୱର ଉତ୍ତୋଳନ କରୁଛି, ତଥାପି ରାଜ୍ୟ ଭାଜପା ନେତାମାନେ ନୀରବ ରହିଛନ୍ତି ବୋଲି ସୁଲତା କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଲକ୍ଷାଧିକ ମହିଳା ଏହାଦ୍ୱାରା ପ୍ରଭାବିତ ହେଉଥିଲେ ସୁଦ୍ଧା ସେମାନଙ୍କ କଲ୍ୟାଣ ପାଇଁ ପଦୁଟିଏ ହେଲେ କହୁନାହାନ୍ତି। ରାଜ୍ୟରେ ଜାତୀୟ ରାଜପଥ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଛି। ଗତ ୯ ବର୍ଷ ଧରି ସମ୍ବଲପୁର-କଟକ ଜାତୀୟ ରାଜପଥ ଅବସ୍ଥା ସଙ୍କଟାପନ୍ନ ରହିଛି। କାର୍ଯ୍ୟ ସମାପ୍ତ ହେଉନାହିଁ। ଗତ ୯ ବର୍ଷରେ ଏହି ରାଜପଥ ପ୍ରକଳ୍ପର କାର୍ଯ୍ୟ ସରୁ ନ ଥିବାରୁ ଶତାଧିକ ଦୁର୍ଘଟଣା ଘଟୁଛି। ଏହାଦ୍ୱାରା ବହୁ ମୂଲ୍ୟବାନ ଜୀବନ ନଷ୍ଟ ହୋଇଯାଇଛି। ଏଥିପାଇଁ ବିଜେଡି ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ସ୍ୱର ଉତ୍ତୋଳନ କରୁଛି କିନ୍ତୁ ରାଜ୍ୟ ଭାଜପା ନେତାମାନେ ଏହି ପ୍ରସଙ୍ଗରେ ନୀରବ ଅଛନ୍ତି। ସେହିଭଳି ଓଡ଼ିଶାରେ ଟେଲିକମ୍ ଏବଂ ବ୍ୟାଙ୍କିଙ୍ଗ୍ ସେବା ଅତ୍ୟନ୍ତ ଖରାପ। ଗତ ୯ ବର୍ଷ ଧରି ବିଜେଡି ଏହି ଅବହେଳା ଉପରେ ସ୍ୱର ଉତ୍ତୋଳନ କରୁଛି, ତଥାପି ରାଜ୍ୟ ଭାଜପାର ନେତାମାନେ ଏକପ୍ରକାର ନୀରବତା ବଜାୟ ରଖିଛନ୍ତି। ବ୍ୟାଙ୍କିଙ୍ଗ ସଂଯୋଗର ଅଭାବ ଯୋଗୁ ମିଶନ ଶକ୍ତି ଅଧୀନରେ ଥିବା ୬ ଲକ୍ଷ ମହିଳା ଏସ୍‌ଏଚଜି ଗୋଷ୍ଠୀ ସଦସ୍ୟମାନେ ବିନା ସୁଧରେ ୫ ଲକ୍ଷ ଋଣ ପାଇବା କଷ୍ଟକର ହୋଇପଡୁଛି। ରାଜ୍ୟ ଭାଜପାର ନେତାମାନେ କ୍ରମାଗତ ଭାବେ ଓଡ଼ିଶାର ଲୋକଙ୍କୁ ଆଇନହୀନ ବୋଲି କହୁଥିଲେ। ଏହା ସେମାନଙ୍କର ଓଡ଼ିଶା ବିରୋଧୀ ମନୋଭାବକୁ ସ୍ପଷ୍ଟ ଭାବେ ଦର୍ଶାଉଛି ବୋଲି ସୁଲତା କହିଛନ୍ତି।


କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଓ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ରବିବାର ବେଙ୍ଗାଲୁରୁରେ 'ଶକ୍ତି' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ରାଜ୍ୟର ମହିଳାମାନେ ମାଗଣାରେ ବସ୍ ଯାତ୍ରା କରିପାରିବେ।

## ନୂଆ ଦଳ ଗଢ଼ିବେନି ସଚିନ ପାଇଲଟ

### ସ୍ୱଚ୍ଛ ରାଜନୀତି ପାଇଁ ଆହ୍ୱାନ



ଦାଉସା, ୧୧।୬(ପି.ଟି.)

ରାଜସ୍ଥାନର ଅସନ୍ତୁଷ୍ଟ କଂଗ୍ରେସ ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍ ନୂଆ ଦଳ ଗଢ଼ିବେ ନାହିଁ। ତାଙ୍କ ବାପା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜେଶ ପାଇଲଟ୍‌ଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ରବିବାର ନିଜ ନିର୍ବାଚନ ମଣ୍ଡଳୀ ଦାଉସାରେ ଏକ ମେଗା ରାଲିକୁ ସମ୍ବୋଧନ କରି ସଚିନ ସ୍ୱଚ୍ଛ ରାଜନୀତି ପାଇଁ ଆହ୍ୱାନ ଦେଇଛନ୍ତି। ରାଜନୀତିରେ ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତଙ୍କ ସ୍ଥାନ ନାହିଁ ବୋଲି ସେ କହିଛନ୍ତି। ଜନସାଧାରଣଙ୍କ ଆସ୍ଥା ତାଙ୍କ ପାଇଁ ସବୁଠୁ ବଡ଼ ସମ୍ବଳ। ଲୋକଙ୍କୁ ନ୍ୟାୟ ଦେବା ଲାଗି ସେ ଲଢ଼େଇ ଜାରି ରଖିବେ ଓ ନିଜ ଦାବିରୁ ଓହରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ରାଜସ୍ଥାନରେ ବସୁନ୍ଧରା ରାଜେ ନେତୃତ୍ୱାଧୀନ ଭାଜପା ସରକାରଙ୍କ ସମୟରେ ହୋଇଥିବା ଦୁର୍ନୀତି ବିରୋଧରେ ବର୍ତ୍ତମାନର ଅଶୋକ ଗେହଲଟଙ୍କ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସେ ଏହାର ନିନ୍ଦା କରିଛନ୍ତି। ଆଜି ନ ହେଲେ ବି ଆସନ୍ତାକାଲି ଭଗବାନ ବଡ଼ ନ୍ୟାୟ ଦେବେ ବୋଲି ସେ କହିଛନ୍ତି। ରାଜସ୍ଥାନ ପବ୍ଲିକ୍ ସର୍ଭିସ କମିଶନକୁ ଭଙ୍ଗାଯାଇ ସାନି କମିଶନ ଗଠନ କରାଯିବା ସହ ସରକାରୀ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଯୋଗୁ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଛନ୍ତି, ସେମାନଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ପାଇଲଟ୍ ଦାବି କରିଛନ୍ତି।

## ଭବିଷ୍ୟତରେ ତାମିଲ ପ୍ରଧାନମନ୍ତ୍ରୀ ହୁଅନ୍ତୁ: ଶାହା

ଚେନ୍ନାଇ/ଭେଲୋର,୧୧।୬

ଭବିଷ୍ୟତରେ ଜଣେ ତାମିଲ ଭାରତର ପ୍ରଧାନମନ୍ତ୍ରୀ ହେବା ଉଚିତ। ଅତୀତରେ ଡିଏମ୍‌କେ ଯୋଗୁ ଏପରି ସୁଯୋଗ ଦୁଇଥର ହାତଛଡ଼ା ହୋଇଛି ବୋଲି ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଚେନ୍ନାଇରେ ଆୟୋଜିତ ଭାଜପାର ଏକ ରୁଦ୍ଧଦ୍ୱାର ବୈଠକରେ ଶାହା ଦଳୀୟ କର୍ମକର୍ତ୍ତାମାନଙ୍କୁ ଆହୁରି କହିଥିଲେ, ୨୦୨୪ ଲୋକ ସଭା ନିର୍ବାଚନରେ ୨୦ରୁ ଅଧିକ ଆସନ ଦଖଲ ପାଇଁ କାର୍ଯ୍ୟ କରନ୍ତୁ। ଏହି ଲକ୍ଷ୍ୟ ହାସଲ ପାଇଁ ବୁଥ୍ କମିଟିଗୁଡ଼ିକୁ ମଜଭୁତ କରିବାକୁ ପଡ଼ିବ।

ଭେଲୋରରେ ଏକ ସଭାକୁ ସମ୍ବୋଧିତ କରି ଶାହା କହିଛନ୍ତି, କଂଗ୍ରେସ ଏବଂ ଡିଏମ୍‌କେ ପରିବାରବାଦ ରାଜନୀତି ଓ ଦୁର୍ନୀତିରେ ଲିପ୍ତ। ଏସବୁ ହେଲେ '୨ଜି, ୩ଜି, ୪ଜି' ଦଳ। ଜଣେ ଭୂମିପୁତ୍ରଙ୍କୁ କ୍ଷମତାସୀନ କରିବା ପାଇଁ ତାମିଲନାଡୁରେ ଏହି ଦଳଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବା ସମୟ ଉପନୀତ ବୋଲି ଶାହା କହିଛନ୍ତି।


ଅମିତ୍ ଶାହା

ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାଜପାର ମାସବ୍ୟାପୀ କାର୍ଯ୍ୟକ୍ରମ ପାଇଁ ଶାହା ଦୁଇଦିନିଆ ଚେନ୍ନାଇ ଗସ୍ତରେ ଅଛନ୍ତି। ଶାହା ଶନିବାର ରାତିରେ ଗୁଇଣ୍ଡିସ୍ଥିତ ବିମାନବନ୍ଦରରେ ପହଞ୍ଚି ଏକ ହୋଟେଲକୁ ରହଣି ପାଇଁ ଯିବାବେଳେ ହଠାତ୍ ଷ୍ଟ୍ରିଟ୍‌ଲାଇଟ୍ ଚାଲିଯାଇଥିଲା। ଏହି ପ୍ରସଙ୍ଗକୁ ନେଇ ଭାଜପା ଏବଂ ଡିଏମ୍‌କେ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଥିଲା। ରାଜ୍ୟ ଭାଜପା ଉପାଧ୍ୟକ୍ଷ କାରୁ ନାଗରାଜନ୍ ବିକ୍ଷୋଭ ପ୍ରଦର୍ଶନ କରି କହିଥିଲେ, ଏପରି ଘଟଣା ସୁରକ୍ଷାରେ ତ୍ରୁଟିକୁ ଦର୍ଶାଉଛି। ଏହାର ଗମ୍ଭୀର ତଦନ୍ତ କରାଯିବା ଉଚିତ।

## ଅନ୍ୟ ରାଜ୍ୟ ପାଇଁ କେନ୍ଦ୍ର ଆଣିବ ଅଧ୍ୟାଦେଶ

### ମହା ସମାବେଶରେ ସତର୍କ କରାଇଲେ କେଜ୍‌ରିୱାଲ

ନୂଆଦିଲ୍ଲୀ, ୧୧।୬

ଦିଲ୍ଲୀର ସେବା ପ୍ରଶାସନକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିଥିବାରୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଯଦି ଏବେ ଏହାକୁ ରୋକା ନ ଯାଏ, ତେବେ ଅନ୍ୟ ରାଜ୍ୟଗୁଡ଼ିକ ଲାଗି ମଧ୍ୟ ଅନୁରୂପ ଅଧ୍ୟାଦେଶ ଆସିବ ବୋଲି ସେ ନୂଆଦିଲ୍ଲୀର ରାମଲୀଳା ମଇଦାନରେ ଆୟୋଜିତ ମହାରାଲିରେ ସତର୍କ କରାଇଦେଇଛନ୍ତି। କେଜ୍‌ରିୱାଲଙ୍କ ଏହି ମହା ସମାବେଶରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ଏଏପି ମନ୍ତ୍ରୀ ଓ ବହୁସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଦିଲ୍ଲୀ ଜନସାଧାରଣଙ୍କ ଅଧିକାରକୁ ଛଡ଼ାଇ ନେବା ଲାଗି ମୋଦି ସରକାର ସୁପ୍ରିମକୋର୍ଟଙ୍କ ରାୟକୁ ଅକାମୀ କରିଦେଇଛନ୍ତି। ସ୍ୱାଧୀନତାର


ଅରବିନ୍ଦ କେଜ୍‌ରିୱାଲ

୭୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଏଭଳି ଘଟଣା ଘଟିଛି। ଦେଶର ଗଣତନ୍ତ୍ର ଶେଷ ହେବାକୁ ବସିଥିବା କେଜ୍‌ରିୱାଲ କହିଛନ୍ତି। ଦିଲ୍ଲୀରେ ଏକଚ୍ଛତ୍ରବାଦ ଚାଲିବ ଏବଂ ଉପରାଜ୍ୟପାଳ ସର୍ବେସର୍ବା ହେବେ। ଜନସାଧାରଣ ଯାହାଙ୍କୁ ଭୋଟ ଦିଅନ୍ତୁ ନା କାହିଁକି, ଦିଲ୍ଲୀକୁ କେନ୍ଦ୍ର ଶାସନ କରିବ ବୋଲି କେଜ୍‌ରିୱାଲ କହିଥିଲେ। ଜାତୀୟ ରାଜଧାନୀରେ କାମ ବନ୍ଦ କରିଦେବା ପାଇଁ ଏଏପି ନେତା ମନୀଷ ସିସୋଡିଆ ଏବଂ ସତ୍ୟେନ୍ଦ୍ର ଜୈନଙ୍କୁ ଗିରଫ କରାଯାଇଛି। ଆମ ପାଖରେ ଶହେ ସିସୋଡିଆ ଓ ଶହେ ଜୈନ ଅଛନ୍ତି। ସେମାନେ କାମ ଜାରି ରଖିବେ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଦ୍ରାସ୍ଫୀତି ଏବଂ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଆକାଶଛୁଆଁ ଦର ବୃଦ୍ଧିକୁ ସେ ସମାଲୋଚନା କରିଛନ୍ତି।

ଭାଜପାକୁ ଭାରତୀୟ ଯୋଗାଡ଼ ପାର୍ଟି ବୋଲି ଅଭିହିତ କରି ପଞ୍ଜାବ ମୁଖ୍ୟମନ୍ତ୍ରୀ ମାନ୍ କହିଥିଲେ, ଅନ୍ୟ କୌଣସି ଦଳ ସରକାର ଗଢ଼ିବା ଭାଜପା ଚାହେଁନାହିଁ। କୌଣସି ରାଜ୍ୟରେ ଏହି ଦଳ ସରକାର ଗଢ଼ିବାରେ ବିଫଳ ହେଲେ, କୌଣସି ପ୍ରକାରେ କ୍ଷମତା ଦଖଲ ପାଇଁ ଯୋଗାଡ଼ କରିଥାଏ ବୋଲି ସେ କହିଛନ୍ତି। କେଜ୍‌ରିୱାଲ ଦିଲ୍ଲୀ ମୁଖ୍ୟମନ୍ତ୍ରୀ। ଯଦି ସେ କାମ କରି ନ ପାରିବେ, ଅଫିସରଙ୍କୁ ନିର୍ଦ୍ଦେଶ ଦେଇ ନ ପାରିବେ କି ନିଲମ୍ବନ କରି ନ ପାରିବେ, ତେବେ ବ୍ୟବସ୍ଥା କିପରି ଚାଲିବ ବୋଲି ମାନ୍ ପ୍ରଶ୍ନ କରିଥିଲେ।


# Classified Everyday 0674-2580101, 2549949


REAL ESTATE

**SALE**

**Gharabari SC plot 2000 sqft. with 6ft. boundary wall at Rs.43,00,000/- at Dayanadi Bihar near Dayanadi Bridge, Lingipur. Contact : 9938115957 (Owner).** D-0535

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft-3,60,000/-, ଛତାବର 1200sqft-3,00,000/- ନଖରା- 300/- 6371569855. D-74870


CONSTRUCTION

**Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469.** D-74862

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Newly open Spa Positively Health benefits with expert therapist. 9040286886. D-75115

Newly open health benefits SPA special offer @ 799 Jaydev Vihar. 8018429809. D-75117

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74692

Spa full body Massage only best therapist Gents & ladies@699/- Bhubaneswar. Kajal-9337672475. D-0552

Newly open SPA positively health benefit with expert. Contact: 7749976301. D-74546

Newly open health benefits Spa special offer @ 799, Master canteen. 9124527173. D-75116

**AFFIDAVIT**

By virtue of an affidavit, Sworn before the Notary Public, Bhubaneswar, vide Sl. No. 345 dt. 06.06.2023, I, Sujata Mishra @ Mohapatra has changed my Surname from Mohapatra to Nanda, appropose to my marriage with Mr. Prabodh Kumar Nanda. This is also to certify that Sujata Nanda, Sujata Mohapatra and Sujata Mishra is one and same person, i. e. myself. Henceforth I shall be known as Sujata Nanda, D/o Lingaraj Mohapatra, W/o Mr. Prabodh Kumar Nanda for all purposes and records.
D-0566

**ମନେ ପଡ଼ନ୍ତି**

୧୮ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଅନାଦି ଚରଣ ସିଂହ**
(ବରିଷ୍ଠ ଦଳିଲ ଲେଖକ)
ପାଞ୍ଚକାହାଣିଆ, ଢେଙ୍କାନାଳ
ଆବିର୍ଭାବ- ୦୧।୦୭।୧୯୧୮
ତିରୋଧାନ- ୧୬।୦୬।୨୦୦୫

ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।

ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୭୪୦୭୨


## ବିଜୁଳି କାଟ୍ ନେଇ ସରକାରଙ୍କ ଉପରେ ବର୍ଷିଲେ ବିରୋଧୀ

- ବିତରଣ କମ୍ପାନୀ ପ୍ରବକ୍ତା ଭାବେ ମନ୍ତ୍ରୀଙ୍କ ଭୂମିକା ସାମ୍ନାକୁ ଆସୁଛି: ଭାଜପା
- ଟାଟା ପାୱାର ଜାଣିଶୁଣି ବିଦ୍ୟୁତ୍ କାଟ କରୁଛି: କଂଗ୍ରେସ

ଭୁବନେଶ୍ୱର, ୧୧।୬(ବ୍ୟୁରୋ)

ଅସହ୍ୟ ଗରମ ଓ ଗୁଳୁଗୁଳି ରାଜ୍ୟବାସୀଙ୍କୁ ଯେତେ କଷ୍ଟ ଦେଇନି, ଅଘୋଷିତ ବିଜୁଳି କାଟ ଅଧିକ ଯନ୍ତ୍ରଣା ଦେଉଛି। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିଜୁଳି କାଟ୍‌କୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ସମୟରେ ଶକ୍ତି ମନ୍ତ୍ରୀ ପ୍ରତାପ ଦେବଙ୍କ ଅଯୌକ୍ତିକ ମନ୍ତବ୍ୟ ଓ ଆଚରଣ ସମସ୍ତଙ୍କୁ ଆଚମ୍ଭିତ କରିଛି। ଅଘୋଷିତ ବିଜୁଳି କାଟ୍‌କୁ ନେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଘର ସମେତ ସଚିବାଳୟ, ବିଧାନସଭା, କ୍ୟାପିଟାଲ ହସ୍ପିଟାଲ ଅନ୍ଧାର ଯୋଗୁ ସମସ୍ତଙ୍କ ନିଦ ହଜିଯାଇଛି। ଅନ୍ୟପଟେ ରାଜ୍ୟବାସୀଙ୍କୁ ଭ୍ରମିତ କରିବାକୁ ଯାଇ ଶକ୍ତିମନ୍ତ୍ରୀ ଗୋଟିଏ ପରେ ଗୋଟିଏ ଗାଲୁମାରି ଚାଲିଛନ୍ତି। ରାଜ୍ୟ ସରକାରଙ୍କ ନୁହେଁ ବରଂ ବିତରଣ କମ୍ପାନୀର ପ୍ରବକ୍ତା ଭାବେ ମନ୍ତ୍ରୀଙ୍କ ଭୂମିକା ସାମ୍ନାକୁ ଆସିଛି। ଓଡ଼ିଶା ସରକାରଙ୍କ ବିଦ୍ୟୁତ୍ ବିଭାଗ ସମ୍ବେଦନହୀନ ଏବଂ ଶକ୍ତିମନ୍ତ୍ରୀଙ୍କ ଶକ୍ତିହରଣ ହୋଇଯାଇଛି। ରାଜ୍ୟବାସୀଙ୍କ ସ୍ୱାର୍ଥ ଅପେକ୍ଷା ଟାଟା ପାୱାର ସ୍ୱାର୍ଥ ରକ୍ଷା ପାଇଁ ମନ୍ତ୍ରୀ କାର୍ଯ୍ୟ କରୁଛନ୍ତି ବୋଲି ଭାଜପା ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା ରବିବାର କହିଛନ୍ତି।

କଂଗ୍ରେସ ନେତା ବିଜୟ ପଟ୍ଟନାୟକ କହିଛନ୍ତି, ବିଦ୍ୟୁତ୍ କାଟ୍ ଏକ ବଡ଼ ସମସ୍ୟା ହୋଇ ରାଜ୍ୟବାସୀଙ୍କ ପାଖରେ ଠିଆ ହେଲାଣି। ଲୋକଙ୍କ ପାଖରେ ଯେତେବେଳେ ବିଦ୍ୟୁତ୍ ଦରକାର ସେମାନେ ପାଉନାହାନ୍ତି। ଅଘୋଷିତ ବିଦ୍ୟୁତ୍ କାଟ୍‌ରେ ଲୋକେ ହନ୍ତସନ୍ତ ହେଲେଣି। କାହିଁକି ନା ଲୋକମାନେ ଜାଣିପାରୁନାହାନ୍ତି ବିଦ୍ୟୁତ୍ କାଟ କେତେବେଳେ ହେବ ବା ନ ହେବ। ବର୍ଷା, ପବନ ବାହାନା ଦେଖାଇ ସେହି ସମୟରେ ବିଦ୍ୟୁତ୍ କାଟ ହେବା କଥା କୁହାଯାଉଛି। ହେଲେ ଖରା ସମୟରେ ବି ବିଦ୍ୟୁତ୍ କାଟ୍ ହେଉଛି। କେତେବେଳେ ଯାଉଛି କେବେ ରହୁଛି ତା'ର ଠିକଣା ରହୁନି। ଟାଟା ପାୱାର ଜାଣିଶୁଣି ବିଦ୍ୟୁତ୍ କାଟ କରୁଥିବା କୁହାଯାଉଛି। ବିଦ୍ୟୁତ୍ କାଟ୍ ହେଲେ ଲୋକେ ଜେନ୍‌ସେଟ୍, ଇନ୍‌ଭର୍ଟର କିଣିବା ଲାଗି ବାଧ୍ୟ ହେବେ। ସେହି କମ୍ପାନୀ ଏବଂ ଟାଟା ପାୱାର ଭିତରେ ସଲାସୁତୁରା କି ଭିତିରି ବୁଝାମଣା ରହିଥିବା ନେଇ ମଧ୍ୟ କଥା ଉଠୁଛି।

# ଭାରତ ଆଜି ଭାନୁଆଟୁକୁ ଭେଟିବ

**ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ**

ଭୁବନେଶ୍ୱର, ୧୧।୬ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋମବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଅପରାହ୍ଣ ୪ଟା ୩୦ରେ ଲେବାନନ୍ ବିପକ୍ଷରେ ଖେଳିବ ମଙ୍ଗୋଲିଆ। ସନ୍ଧ୍ୟା ୭ଟା ୩୦ରେ ଭାରତ ଏହାର ଦ୍ୱିତୀୟ ମ୍ୟାଚ୍‌ରେ ଭାନୁଆଟୁକୁ ଭେଟିବ। ଗତ ଶୁକ୍ରବାର ଭାରତ ଏହାର ପ୍ରଥମ ମ୍ୟାଚରେ ମଙ୍ଗୋଲିଆକୁ ୨-୦ ଗୋଲରେ ପରାସ୍ତ କରିଥିଲା। ଭାନୁଆଟୁକୁ ହରାଇପାରିଲେ ସିଧାସଳଖ ଫାଇନାଲରେ ପ୍ରବେଶ କରିବ। ତେଣୁ ତୃତୀୟ ମ୍ୟାଚ୍‌କୁ ଅପେକ୍ଷା କରିବା ଅପେକ୍ଷା ଆଗାମୀ ମ୍ୟାଚ୍ ଜିତି ଫାଇନାଲ ଖେଳିବା ଲକ୍ଷ୍ୟରେ ରହିଛି ଇଗର ଷ୍ଟିମାକ୍‌ଙ୍କ ପ୍ରଶିକ୍ଷଣପ୍ରାପ୍ତ ଘରୋଇ ଦଳ। ପୂର୍ବ ମ୍ୟାଚ୍‌ରେ ଭାରତ ପକ୍ଷରୁ ସହଲ ଅବଦୁଲ ସମଦ ଦ୍ୱିତୀୟ ଏବଂ ଲାଲିଆଞ୍ଜୁଆଲା ଚାଙ୍ଗଟେ ୧୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତେଣୁ ଏହି ଦୁଇ ଖେଳାଳିଙ୍କ ଉପରେ ନିଶ୍ଚିତ ବିପକ୍ଷ ଦଳର ନଜର ରହିବ। ଅନ୍ୟପକ୍ଷରେ ଭାନୁଆଟୁ ନିଜର ପ୍ରଥମ ମ୍ୟାଚ୍‌ରେ ଲେବାନନ୍‌ଠାରୁ ୧-୩ ଗୋଲରେ ହାରିଯାଇଥିଲା। ତେଣୁ ଆଗାମୀ ମ୍ୟାଚ୍ ଏହି ଦଳ ପାଇଁ ଅନେକ ଗୁରୁତ୍ୱ ବହନ କରୁଛି। ବିଜୟୀ ହେଲେ ଭାନୁଆଟୁ ଫାଇନାଲ ଦୌଡ଼ରେ ରହିବ, ନଚେତ ଲିଗ୍ ପର୍ଯ୍ୟାୟରୁ ବିଦାହେବ। ଦେଖିବାକୁ ଗଲେ ଭାରତ ନିଜର ପ୍ରଥମ ମ୍ୟାଚ୍‌ରେ ୧୪ ମିନିଟ ମଧ୍ୟରେ ଯାହା ଗୋଲ ସ୍କୋର କରିଥିଲା। ଖେଳର ଅବଶିଷ୍ଟ ଭାଗରେ ଦଳ ପ୍ରତିପକ୍ଷ ରକ୍ଷଣଭାଗ ଭେଦ କରିବାରେ ସଫଳ ହୋଇ ନ ଥିଲା। ତେଣୁ ଏହାକୁ ଦୃଷ୍ଟିରେ ରଖି ଭାନୁଆଟୁ ବିପକ୍ଷ ମ୍ୟାଚ୍ ଖେଳିବାକୁ ପଡ଼ିବ। କାରଣ ମ୍ୟାଚ୍ ହାରିଥିଲେ ମଧ୍ୟ ଭାନୁଆଟୁ ଗୋଟିଏ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲା। ତେଣୁ ଏହି ଦଳକୁ କେବେ ହାଲ୍‌କାଭାବେ ନେଇହେବନି। ଭାରତୀୟ ସିନିୟର ପୁରୁଷ ଫୁଟବଲ ଦଳ ପ୍ରଥମଥର ପାଇଁ ଭାନୁଆଟୁକୁ ଭେଟିବ। ୧୮ ବର୍ଷରୁ କମ୍ ଭାରତୀୟ ଦଳ ୨୦୧୯ରେ ଭାନୁଆଟୁ ଗସ୍ତ କରିଥିଲା। ସେତେବେଳେ ପୋର୍ଟ ଭିଲାରେ ଓଏଫ୍‌ସି ୟୁଥ୍ ଡେଭଲପ୍‌ମେଣ୍ଟ ଟୁର୍ନାମେଣ୍ଟ ଟାଇଟଲ ଜିତିବା ପଥରେ ଭାରତୀୟ ଦଳ ୧-୦ ଗୋଲରେ ଭାନୁଆଟୁକୁ ପରାସ୍ତ କରିଥିଲା। ଏହି ଦଳର ସଦସ୍ୟ ଥିବା ଆକାଶ ମିଶ୍ର ଏକମାତ୍ର ଏବେ ଭାରତୀୟ ଦଳରେ ଖେଳୁଛନ୍ତି।



ଟ୍ରେନିଂ ସେସନରେ ଭାରତୀୟ ଦଳର ୱାର୍ମଅପ୍।

# 'ଆର୍ଦ୍ର ପରିବେଶରୁ ଭାରତକୁ ଫାଇଦା ମିଳିବ'

ଭୁବନେଶ୍ୱର, ୧୧।୬ (କ୍ରୀଡ଼ା ପ୍ରତିନିଧି)

ଇଣ୍ଟରକଣ୍ଟିନେଣ୍ଟାଲ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାରତର ପରବର୍ତ୍ତୀ ପ୍ରତିଦ୍ୱନ୍ଦ୍ୱୀ ଭାନୁଆଟୁ ହୋଇଥିବାରୁ ଭୁବନେଶ୍ୱରର ଆର୍ଦ୍ର ପରିବେଶରୁ ଘରୋଇ ଦଳକୁ ଫାଇଦା ମିଳିବ ବୋଲି ଅନୁଭବ କରୁଛନ୍ତି ମୁଖ୍ୟ କୋଚ୍ ଇଗର ଷ୍ଟିମାକ୍। ମଙ୍ଗୋଲିଆ ବିପକ୍ଷରେ ଭାରତ ୨-୦ ଗୋଲରେ ବିଜୟୀ ହୋଇଥିବାରୁ ଆଗାମୀ ମ୍ୟାଚ୍‌ରେ ସେ ଦଳଠାରୁ ଅଧିକ ଗୋଲ ଆଶା କରୁଛନ୍ତି। ''ପ୍ରଥମ ମ୍ୟାଚ୍‌ରେ ଆମ ଖେଳାଳିଙ୍କ ଆରମ୍ଭରୁ ଆକ୍ରମଣାତ୍ମକ ଆଭିମୁଖ୍ୟରେ ମୁଁ ପ୍ରଭାବିତ ହୋଇଛି। ଆମେ ଟ୍ରେନିଂ ସେସନରେ ଏପରି ଅଭ୍ୟାସ କରିଥିଲୁ। ଭୁବନେଶ୍ୱରର ପରିବେଶ ଏବେ ଉଷ୍ମ ଏବଂ ଆର୍ଦ୍ର। ତେଣୁ ଭ୍ରମଣକାରୀ ଦଳକୁ ଏହା ସହିତ ଖାପ ଖୁଆଇବା ସହଜ ହେବନି। ଖେଳବେଳେ ପଡ଼ିଆରେ ନିଶ୍ଚିତ ଏହାର ପ୍ରଭାବ ପଡ଼ିବ। ଆମେ ଏଠାରେ ଗତ ୩ ସପ୍ତାହରୁ ଊର୍ଦ୍ଧ୍ୱ ଟ୍ରେନିଂ ଜାରି ରଖିଛୁ। ତେଣୁ ଏଥିରୁ ନିଶ୍ଚିତ ଫାଇଦା ମିଳିବ। ଭାନୁଆଟୁ-ଲେବାନନ୍ ମ୍ୟାଚ୍‌ରେ ଆମେ ଏପରି କିଛି ଦେଖିବାକୁ ପାଇଥିଲୁ। ପ୍ରଥମାର୍ଦ୍ଧରେ କେତେକ ଖେଳାଳି ଆହତ ହୋଇଯାଇଥିଲେ। ତେଣୁ ପରିବେଶ ସହିତ ଖାପ ଖୁଆଇବା କଷ୍ଟକର ହେଉଥିବା ସ୍ପଷ୍ଟ'' ବୋଲି ଷ୍ଟିମାକ୍ ପ୍ରକାଶ କରିଛନ୍ତି। ଲେବାନନ୍ ବିପକ୍ଷ ମ୍ୟାଚ୍‌ରେ ଆମେ ଭାନୁଆଟୁର ପ୍ରଦର୍ଶନକୁ ଦେଖିଛୁ। ଶାରୀରିକଭାବେ ଏହି ଦଳ ବେଶ୍ ଦକ୍ଷ। ତେବେ ଏହାର ଶକ୍ତିଶାଳୀ ଦିଗ ଏବଂ ଦୁର୍ବଳତା ରହିଛି। ଏହାକୁ ଲକ୍ଷ୍ୟରେ ରଖି ଆମେ ଆଗାମୀ ମ୍ୟାଚ୍ ଖେଳିବୁ ବୋଲି ଷ୍ଟିମାକ୍ କହିଛନ୍ତି।



ଅଧିନାୟକ ସୁନୀଲ ଛେତ୍ରୀଙ୍କ ସହ କୋଚ୍ ଇଗର ଷ୍ଟିମାକ୍।

## ଏସିଆରେ ଖେଳିବା ଚ୍ୟାଲେଞ୍ଜିପୂର୍ଣ୍ଣ

ନିଜର ପ୍ରଥମ ମ୍ୟାଚ୍‌ରେ ଲେବାନନ୍‌ଠାରୁ ହାରିଥିଲେ ହେଁ ଦଳର ପ୍ରଦର୍ଶନକୁ ନେଇ ସନ୍ତୁଷ୍ଟ ଅଛନ୍ତି ଭାନୁଆଟୁ କୋଚ୍ ଇଟିନେ ମେର୍ମେର। ''ଲେବାନନ୍ ବିପକ୍ଷ ମ୍ୟାଚ୍ କଷ୍ଟସାଧ୍ୟ ହେବବୋଲି ଆମେ ଜାଣିଥିଲୁ। ମାତ୍ର ଏହା ଏକ ଭଲ ମ୍ୟାଚ୍ ଥିଲା। ଆମ ଦଳର ଖେଳାଳିମାନେ ଏହି ଗେମ୍‌ରୁ ଅନେକ ଅଭିଜ୍ଞତା ଆହରଣ କଲେ। ଆମେ ପୂର୍ବରୁ କେବେହେଲେ ଭାରତ, ଲେବାନନ୍ କିମ୍ବା ମଙ୍ଗୋଲିଆ ପରି ଦଳ ବିପକ୍ଷରେ ଖେଳିନାହୁଁ। ଏସିଆରେ ଖେଳିବା ସବୁବେଳେ ଚ୍ୟାଲେଞ୍ଜିପୂର୍ଣ୍ଣ ହୋଇଥାଏ। ଏଠାକାର ଷ୍ଟାଡିୟମ ବହୁତ ଭଲ। ଏଭଳି ପରିବେଶରେ ଖେଳିବା ଦ୍ୱାରା ଖେଳାଳିମାନଙ୍କୁ ନୂଆ ଅଭିଜ୍ଞତା ମିଳିଲା। ଭାନୁଆଟୁରେ ଏପରି ସୁବିଧା ସୁଯୋଗ ନାହିଁ। ଆମେ ଏଠାରେ ଖେଳକୁ ଉପଭୋଗ କରୁଛୁ ଏବଂ ଭାରତ ବିପକ୍ଷ ମ୍ୟାଚ୍‌କୁ ଆଗ୍ରହର ସହ ଅପେକ୍ଷା କରିଛୁ'' ବୋଲି ମେର୍ମେର ପ୍ରକାଶ କରିଛନ୍ତି। ଆମ ଦଳରେ କେବଳ ୩ ଜଣଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ଲୋକାଲ ଖେଳାଳି। ୨ ଜଣ ଫରୱାର୍ଡ ଆଜାରିଆ ସୋରୋମନ ଓ ଆଲେକ୍ସ ସାନେଲ ଫିଜିରେ ସୁଭା ଏଫ୍‌ସି ପକ୍ଷରୁ ଏବଂ ଅଧିନାୟକ ବ୍ରାଏନ କାଲ୍‌ଟାକ୍ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ପକ୍ଷରୁ ଏ-ଲିଗ୍‌ରେ ଖେଳୁଛନ୍ତି। ସମସ୍ତ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମେର୍ମେର କହିଛନ୍ତି।

# ଅସ୍ମିତା, ରବିଙ୍କୁ ଟାଇଟଲ

ନୂଆଦିଲ୍ଲୀ, ୧୧।୬ (ପି.ଟି.)

ମାଲେଠାରେ ଅନୁଷ୍ଠିତ ମାଲଦ୍ୱୀପ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଅସ୍ମିତା ଛଲିଆ ଓ ରବି ଯଥାକ୍ରମେ ମହିଳା ଓ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଅଲ୍ ଇଣ୍ଡିଆନ ମହିଳା ଫାଇନାଲ ତୃତୀୟ ସିଡ୍ ଅସ୍ମିତା ନିଜ ଦେଶରେ ତସ୍ନିମ ମୀର୍‌ଙ୍କୁ ୧୯-୨୧, ୨୧-୧୭, ୨୧-୧୭ରେ ପରାସ୍ତ କରିଥିଲେ। ଆସାମର ଏହି ଖେଳାଳିଙ୍କ ଏହା ହେଉଛି ତୃତୀୟ ବିଡବ୍ଲ୍ୟୁଏଫ୍ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ ବିଜୟ। ପୂର୍ବରୁ ସେ ଟାଟା ଓପନ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଓ ଦୁବାଇ ଇଣ୍ଟରନ୍ୟାଶନାଲ ଜିତିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅଣସିଡ୍ ରବି ୭ମ ସିଡ୍ ତଥା ମାଲେସିଆର ସୁଙ୍ଗ୍ ଜୁ ଭେନ୍‌ଙ୍କୁ ୨୧-୧୯, ୨୧-୧୮ରେ ହରାଇ ଦେଇଛନ୍ତି। ମହିଳା ଡବଲ୍ସ ଯୋଡ଼ି ଅଶ୍ୱିନ ଭଟ ଓ ଶିଖା ଗୌତମ ରନର୍ସ ଅପ୍ ହୋଇଛନ୍ତି।

# ପିସିବିର ହାଇବ୍ରିଡ୍ ମଡେଲକୁ ଗ୍ରହଣ କରିପାରେ ଏସିସି

ନୂଆଦିଲ୍ଲୀ, ୧୧।୬ (ପି.ଟି.)

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ପ୍ରସ୍ତାବିତ 'ହାଇବ୍ରିଡ୍ ମଡେଲ' ଗ୍ରହଣ କରିପାରେ ଏସିଆନ କ୍ରିକେଟ କାଉନ୍‌ସିଲ(ଏସିସି)। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ବର୍ତ୍ତମାନ ଏସିସି ମୁଖ୍ୟ ଅଛନ୍ତି। 'ହାଇବ୍ରିଡ୍ ମଡେଲ' ପ୍ରସ୍ତାବ ଅନୁସାରେ ଆଗାମୀ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ୪ଟି ଅଣଭାରତ ମ୍ୟାଚ୍ ପାକିସ୍ତାନରେ ଖେଳାଯିବ। ଅବଶିଷ୍ଟ ଶ୍ରୀଲଙ୍କାର ଗାଲେ ଓ ପାଲିକେଲ୍‌ଠାରେ ହେବ। 'ହାଇବ୍ରିଡ୍ ମଡେଲ' ଗୃହୀତ ହେବାମାତ୍ରେ ଏହା ମଙ୍ଗଳବାର ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ। ଫଳସ୍ୱରୂପ ଅକ୍ଟୋବର-ନଭେମ୍ବରରେ ଭାରତରେ ଖେଳାଯିବାକୁଥିବା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଖେଳିବା ପାଇଁ ଭାରତ ଗସ୍ତରେ ଆସିବା ଲାଗି ପାକିସ୍ତାନ ରାଜି ହୋଇଯିବ। ୪ ଅଣ-ଭାରତ ଗେମ୍ ଯଥା ପାକିସ୍ତାନ-ନେପାଳ, ବାଂଲାଦେଶ-ଆଫଗାନିସ୍ତାନ, ଶ୍ରୀଲଙ୍କା-ଆଫଗାନିସ୍ତାନ ଏବଂ ଶ୍ରୀଲଙ୍କା-ବାଂଲାଦେଶ ଲାହୋରସ୍ଥିତ ଗଦାଫି ଷ୍ଟାଡିୟମରେ ଖେଳାଯିବ। ଭାରତ-ପାକିସ୍ତାନ ମ୍ୟାଚ୍ ଏବଂ ଅନ୍ୟ ସମସ୍ତ ସୁପର ଫୋର୍ ଗେମ୍ ଗାଲେ କିମ୍ବା ପାଲିକେଲରେ ଖେଳାଯିବ ବୋଲି ସୂଚନା ମିଳିଛି।





ମହିଳା ଜୁନିୟର ଏସିଆ କପ୍ ହକି ଟାଇଟଲ ଜିତିବାପରେ ଉଲ୍ଲସିତ ଭାରତୀୟ ଖେଳାଳି।

# ଭାରତକୁ ପ୍ରଥମ ଟାଇଟଲ

## ମହିଳା ଜୁନିୟର ଏସିଆ କପ୍ ହକି

■ ଖେଳାଳିଙ୍କୁ ୨ ଲକ୍ଷ, ସପୋର୍ଟ ଷ୍ଟାଫଙ୍କୁ ୧ ଲକ୍ଷ

କାକାମିଗହରା (ଜାପାନ), ୧୧।୬(ପି.ଟି.)

ଜାପାନରେ ଅନୁଷ୍ଠିତ ମହିଳା ଜୁନିୟର ଏସିଆ କପ୍ ହକିରେ ଭାରତ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୨-୧ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଏହାସହିତ ପ୍ରଥମଥର ପାଇଁ ଭାରତ ମହିଳା ଜୁନିୟର ଏସିଆ କପ୍ ହକି ଟାଇଟଲ ହାସଲ କରିଛି। ଶେଷଥର ପାଇଁ ଭାରତ ୨୦୧୨ ମସିହା ଫାଇନାଲରେ ପ୍ରବେଶ କରିଥିବା ବେଳେ ଚାଇନା ନିକଟରୁ ହାରି ରନର ଅପ୍ ହୋଇଥିଲା। ରବିବାର ଭାରତ ପକ୍ଷରୁ ଅନୁ (୨୨ ମିନିଟ) ଓ ନୀଲମ୍(୪୧ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ଦକ୍ଷିଣ କୋରିଆ ପକ୍ଷରୁ ପାର୍କ ସେଓ ୟେଓନ୍ ଗୋଟିଏ ଗୋଲ ପରିଶୋଧ କରିଥିଲେ।

ରବିବାର ମ୍ୟାଚ୍‌ରେ ଉଭୟ ଦଳ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଉଭୟ ଦଳ ସ୍କୋର କରିବାକୁ ପ୍ରୟାସ କରିଥିବା ବେଳେ ଭାରତକୁ ୨୨ତମ ମିନିଟରେ ପ୍ରଥମ ସଫଳତା ମିଳିଥିଲା। ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ ଅନୁ। ଏହାର ୩ ମିନିଟ୍ ମଧ୍ୟରେ କୋରିଆ ପକ୍ଷରୁ ପାର୍କ ସେଓ ୟେଓନ୍ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ଦ୍ୱିତୀୟ କ୍ୱାର୍ଟର ସୁଦ୍ଧା ମ୍ୟାଚ୍ ୧-୧ରେ ରହିଥିଲା। ପରବର୍ତ୍ତୀ କ୍ୱାର୍ଟରରେ ଭାରତ ପକ୍ଷରୁ ନୀଲମ ଆଉ ପେନାଲ୍ଟି କର୍ନରରୁ ଭାରତ ପାଇଁ ଦ୍ୱିତୀୟ ଗୋଲ୍ ଦେଇଥିଲେ। ୪୧ତମ ମିନିଟରେ ଏକ ଶକ୍ତିଶାଳୀ ଶଟ୍ ଜରିଆରେ ସେ ପ୍ରତିପକ୍ଷ ଗୋଲିଙ୍କୁ ପରାସ୍ତ କରିଥିଲେ। ଦକ୍ଷିଣ କୋରିଆ ନିକଟରେ ଗୋଲ ସ୍କୋର କରିବାର ଅନେକ ସୁଯୋଗ ଆସିଥିଲେ ମଧ୍ୟ ଭାରତୀୟ ରକ୍ଷଣଭାଗ ଖେଳାଳି ଏହାକୁ ପଣ୍ଡ କରିଦେଇଥିଲେ। ଭାରତୀୟ ଅଧିନାୟିକା ପ୍ରୀତିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରଯାଇଥିଲା।

ହକି ଇଣ୍ଡିଆର ଆର୍ଥିକ ପୁରସ୍କାର: ମହିଳା ଜୁନିୟର ଏସିଆ କପ୍ ହକିରେ ଚାମ୍ପିୟନ ଭାରତୀୟ ଦଳର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ପାଇଁ ଅର୍ଥ ପୁରସ୍କାର ଘୋଷଣା କରିଛି ହକି ଇଣ୍ଡିଆ। ସମସ୍ତ ଖେଳାଳିଙ୍କ ପାଇଁ ୨ ଲକ୍ଷ ଓ ସପୋର୍ଟ ଷ୍ଟାଫ୍‌ଙ୍କ ନିମନ୍ତେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି। ଭାରତ ଏହି ଟୁର୍ନାମେଣ୍ଟରେ ଅପରାଜେୟ ରହିଥିବା ବେଳେ ୨୦୨୩ରେ ଚିଲିରେ ହେବାକୁ ଥିବା ବିଶ୍ୱକପ୍ ପାଇଁ ଯୋଗ୍ୟତା ମଧ୍ୟ ଅର୍ଜନ କରିଛି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପୁରସ୍କାର ରାଶି ଘୋଷଣା କରିବା ସହିତ ଭାରତୀୟ ହକି ପାଇଁ ଏହା ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ଜୋକୋଭିଚ୍‌ଙ୍କୁ ରେକର୍ଡ ଟାଇଟଲ

ପ୍ୟାରିସ୍, ୧୧।୬

କ୍ଲେ କୋର୍ଟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ ଜିତିବା ସହିତ କ୍ୟାରିୟରର ୨୩ ତମ ଗ୍ରାଣ୍ଡସ୍ଲାମ ବିଜୟୀ ହୋଇଛନ୍ତି ସର୍ବିୟାର ନୋଭାକ୍ ଜୋକୋଭିଚ୍। ରବିବାର ଅନୁଷ୍ଠିତ ଫାଇନାଲରେ ନରୱେର କାସ୍ପର ରୁଡ୍‌ଙ୍କୁ ୭-୬(୭-୧), ୬-୩ ଓ ୭-୫ ସେଟରେ ପରାସ୍ତ କରିବା ସହିତ ସେ ରାଫେଲ ନାଡାଲଙ୍କ ୨୨ ତମ ଗ୍ରାଣ୍ଡସ୍ଲାମ ରେକର୍ଡକୁ ଭାଙ୍ଗିଛନ୍ତି। ଚଳିତ ଟୁର୍ନାମେଣ୍ଟରେ କ୍ଲେ କୋର୍ଟ କିଙ୍ଗ ରାଫେଲ ନାଡାଲ ଅଂଶଗ୍ରହଣ କରୁ ନ ଥିବା ବେଳେ ବିଶ୍ୱ ମାନ୍ୟତାର ୩ ନମ୍ବର ଖେଳାଳି ଜୋକୋଭିଚ୍ ଫେଭରିଟ୍ ଥିଲେ। କାରେନ୍ ଖାଚାନୋଭ ଓ କାର୍ଲୋସ୍ ଆଲକାରାଜଙ୍କ ବିପକ୍ଷ ମ୍ୟାଚକୁ ବାଦ ଦେଲେ ଅନ୍ୟ ମ୍ୟାଚରେ ସେ ଗୋଟିଏ ବି ସେଟ୍ ହାରି ନଥିଲେ। ଏହା ସହିତ ନିଜ କ୍ୟାରିୟରର ତୃତୀୟ ଫ୍ରେଞ୍ଚ ଓପନ ଟାଇଟଲ ହାସଲ କରିଛନ୍ତି ଜୋକୋଭିଚ୍। ୨୩ ଗ୍ରାଣ୍ଡସ୍ଲାମ ମଧ୍ୟରେ ଜୋକୋଭିଚ୍ ୩ ଥର ଲେଖାଏ ୟୁଏସ ଓପନ ଓ ଫ୍ରେଞ୍ଚ ଓପନ ବିଜୟୀ ହୋଇଥିବା ବେଳେ ୭ ଥର ୱିମ୍ବଲଡନ୍ ଓ ୧୦ ଥର ଅଷ୍ଟ୍ରେଲିଆନ୍ ଓପନ ଜିତିଛନ୍ତି।

ବିଶ୍ୱ ମାନ୍ୟତାର ୪ନମ୍ବର ସ୍ଥାନରେ ଥିବା ରୁଡ୍‌ଙ୍କ ବିପକ୍ଷରେ ସକରାତ୍ମକ ଆରମ୍ଭ କରିଥିଲେ। ପ୍ରଥମରୁ ହିଁ ସେ ପ୍ରଭାବ ବିସ୍ତାର କରି ଖେଳି ୨-୦ରେ ଆଗୁଆ ରହିଥିଲେ। ତେବେ ରୁଡ୍ ପ୍ରତ୍ୟାବର୍ତ୍ତନ କରିବା ସହିତ ଏହି ସେଟ୍‌ଟି ଟାଇବ୍ରେକରରେ ଫଇସଲା ହୋଇଥିଲା। ଟାଇବ୍ରେକରରେ ଜୋକୋଭିଚ୍ ୭-୧ରେ ଜିତି ନେଇଥିଲେ। ଦ୍ୱିତୀୟ ସେଟରେ ଜୋକୋଭିଚ୍‌ଙ୍କ ଟେକ୍‌ନିକ୍ ସମ୍ମୁଖରେ ଅସହାୟ ମନେ ହୋଇଥିଲେ ରୁଡ୍। ଶକ୍ତିଶାଳୀ ସର୍ଭ ସହିତ ଫୋରହ୍ୟାଣ୍ଡ ଶଟ୍‌ରେ ଜୋକୋଭିଚ୍ ୬-୩ରେ ଜିତି ନେଇଥିଲେ। ଅନ୍ୟ ପକ୍ଷରେ ତୃତୀୟ ସେଟ୍‌ରେ ରୁଡ୍ ସଂଘର୍ଷ କରିଥିଲେ ମଧ୍ୟ ଜୋକୋଭିଚ୍ ୭-୫ରେ ଏହାକୁ ଜିତି ନେଇ ରାଫେଲ ନାଡାଲଙ୍କୁ ପଛରେ ପକାଇଥିଲେ। ପୁରୁଷ ଖେଳାଳିଙ୍କ ମଧ୍ୟରେ ଜୋକୋଭିଚ୍ ଓ ମହିଳା ଖେଳାଳିଙ୍କ ମଧ୍ୟରେ ସେରେନା ୱିଲିୟମ୍ସ ୨୩ଟି ଲେଖାଏ ଗ୍ରାଣ୍ଡସ୍ଲାମ ହାସଲର ରେକର୍ଡ ନିଜ ନାମରେ ରଖିଛନ୍ତି।



ଫ୍ରେଞ୍ଚ ଓପନ ଟ୍ରଫି ସହ ନୋଭାକ ଜୋକୋଭିଚ୍।

### ଜୋକୋଭିଚ୍‌ଙ୍କ ଗ୍ରାଣ୍ଡସ୍ଲାମ୍ ତାଲିକା

- **ଅଷ୍ଟ୍ରେଲିଆନ ଓପନ:** ୧୦ ଥର ଚାମ୍ପିୟନ (୨୦୦୮, ୨୦୧୧, ୨୦୧୨, ୨୦୧୩, ୨୦୧୫, ୨୦୧୬, ୨୦୧୯, ୨୦୨୦, ୨୦୨୧, ୨୦୨୩)।
- **ଫ୍ରେଞ୍ଚ ଓପନ:** ୩ ଥର (୨୦୧୬, ୨୦୨୧ ଓ ୨୦୨୩)।
- **ୱିମ୍ବଲଡନ୍:** ୭ଥର ଚାମ୍ପିୟନ୍ (୨୦୧୧, ୨୦୧୪, ୨୦୧୫, ୨୦୧୮,୨୦୧୯, ୨୦୨୧, ୨୦୨୨)।
- **ୟୁଏସ୍ ଓପନ:** ୩ ଥର ଚାମ୍ପିୟନ(୨୦୧୧, ୨୦୧୫ ଓ ୨୦୧୮)।

# ଅଷ୍ଟ୍ରେଲିଆକୁ ଟେଷ୍ଟ ଚାମ୍ପିୟନଶିପ୍

## ପ୍ରଥମ ଦଳ ଭାବେ ଜିତିଲା ସମସ୍ତ ଆଇସିସି ଟ୍ରଫି



ଆଇସିସି ଟେଷ୍ଟ ମେସ୍ ସହ ଅଷ୍ଟ୍ରେଲିଆ ଦଳ।

ଦି ଓଭାଲ, ୧୧।୬(ପି.ଟି.)

ଇଂଲଣ୍ଡର ଦ ଓଭାଲଠାରେ ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ (ଡବ୍ଲ୍ୟୁଟିସି) ଫାଇନାଲକୁ ଜିତି ନେଇଛି ଅଷ୍ଟ୍ରେଲିଆ। ଭାରତକୁ ୨୦୯ ରନ୍‌ର ବିଶାଳ ବ୍ୟବଧାନରେ ପରାସ୍ତ କରିବା ସହିତ ଡବ୍ଲ୍ୟୁଟିସିର ଦ୍ୱିତୀୟ ସଂସ୍କରଣ କରାୟତ୍ତ କରିଛି ପ୍ୟାଟ୍ କୁମିନ୍ସଙ୍କ ଦଳ। ପଞ୍ଚମ ଦିବସରେ ଭାରତକୁ ବିଜୟ ପାଇଁ ୨୮୦ ରନ୍ ଆବଶ୍ୟକ ଥିବା ବେଳେ ଅଷ୍ଟ୍ରେଲିଆକୁ ଦରକାର ଥିଲା ୭ ଉଇକେଟ। ଭାରତୀୟ ବ୍ୟାଟର ଗୋଟିଏ ସେସନ୍ ମଧ୍ୟ ସମ୍ପୂର୍ଣ୍ଣ କରି ନ ପାରି ଦଳ ମାତ୍ର ୨୩୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ପ୍ରଥମ ଇନିଂସ୍‌ରେ ଅଷ୍ଟ୍ରେଲିଆ ଟ୍ରାଭିସ୍ ହେଡ୍ ଓ ଷ୍ଟିଭ୍ ସ୍ମିଥ୍‌ଙ୍କ ଶତକ ବଳରେ ୪୬୯ ରନ୍ କରିଥିଲା। ଜବାବରେ ଭାରତ ୨୯୬ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ୧୭୩ ରନ୍‌ରେ ଆଗୁଆ ରହିଥିବା ଅଷ୍ଟ୍ରେଲିଆ ୨୭୦/୮ରେ ଇନିଂସ୍ ଘୋଷଣା କରିଥିଲା। ତେବେ ୪୪୪ ରନ୍‌ର ଲକ୍ଷ୍ୟ ନେଇ ଖେଳିଥିବା ଭାରତ ମାତ୍ର ୨୩୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜଣେହେଲେ ବ୍ୟାଟର ଅର୍ଦ୍ଧଶତକ ହାସଲ କରି ନ ଥିବା ବେଳେ ବିରାଟ କୋହଲି ସର୍ବାଧିକ ୪୯ ରନ୍ କରିଥିଲେ।

ଚତୁର୍ଥ ଦିନର ଅସମାପ୍ତ ସ୍କୋର ୧୬୪/୩ରୁ ଖେଳ ଆରମ୍ଭ କରିଥିଲା ଭାରତ। ଦୁଇ ଅପରାଜିତ ବ୍ୟାଟର ବିରାଟ କୋହଲି ଓ ଅଜିଙ୍କ୍ୟ ରାହାନେ ସତର୍କତାର ସହ ଇନିଂସ ଆରମ୍ଭ କରିଥିଲେ। ଉଭୟ ଖେଳାଳି ରବିବାର ସକାଳୁ ୧୫ ରନ୍ ଯୋଡ଼ିଥିବା ବେଳେ ବାହାର ବଲ୍‌କୁ ଛାଡୁଥିଲେ। ତେବେ ସ୍କଟ୍ ବୋଲାଣ୍ଡଙ୍କୁ କଭର ଡ୍ରାଇଭ୍ ମାରିବା ପ୍ରୟାସରେ ବିରାଟ ୪୯ ରନ୍ କରି ଦ୍ୱିତୀୟ ସ୍ଲିପ୍‌ରେ କ୍ୟାଚ୍ ହୋଇଥିଲେ। ଭାରତର ଟପ୍ ସ୍କୋରର ରହିଥିବା କୋହଲି ୭୮ ବଲ୍ ଖେଳି ୭ ଚୌକା ମାରିଥିଲେ। ଏହାର ଦୁଇ ବଲ୍ ପରେ ଖାତା ଖୋଲିବା ପୂର୍ବରୁ ରବୀନ୍ଦ୍ର ଜାଡେଜା ଆଉଟ ହେବା ପରେ ଭାରତର ପରାଜୟ ନିଶ୍ଚିତ ହୋଇଯାଇଥିଲା। ଶ୍ରୀକର ଭରତ(୨୩) ଓ ଅଜିଙ୍କ୍ୟ ରାହାନେ(୪୬)ଙ୍କ ମଧ୍ୟରେ ୩୩ ରନ୍‌ର ଭାଗୀଦାରି ହୋଇଥିଲା। ମିଚେଲ୍ ଷ୍ଟାର୍କଙ୍କ ଅଫ୍ ଷ୍ଟମ୍ପ ବାହାର ବଲ୍ ଖେଳିବାକୁ ଯାଇ ରାହାନେ ଉଇକେଟ କିପରଙ୍କୁ କ୍ୟାଚ୍ ଦେଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ନାଥାନ ଲିୟନ୍ ୪ ଉଇକେଟ ନେଇଥିବା ବେଳେ ସ୍କଟ୍ ବୋଲାଣ୍ଡ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ୍ ଷ୍ଟାର୍କ ୨ ଓ ପ୍ୟାଟ୍ କୁମିନ୍ସ ଗୋଟିଏ ଉଇକେଟ ନେଇଥିଲେ। ଟ୍ରାଭିସ୍ ହେଡ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଛି।

### ଆଇସିସି ଟାଇଟଲ ରେକର୍ଡ

ବିଶ୍ୱର ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ସମସ୍ତ ଆଇସିସି ଟ୍ରଫି ଜିତିବାର ରେକର୍ଡ ନିଜ ନାମରେ କରିଛି। ଏହା ପୂର୍ବରୁ ଆଇସିସି ଦିନିକିଆ ବିଶ୍ୱକପ୍, ଆଇସିସି ଟି୨୦ ବିଶ୍ୱକପ୍, ଚାମ୍ପିୟନ୍ସ ଟ୍ରଫି ବିଜୟର ରେକର୍ଡ ନିଜ ନାମରେ ରଖିଥିଲା ଅଷ୍ଟ୍ରେଲିଆ। ପ୍ରଥମଥର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିବା ବେଳେ ଭାରତକୁ ୨୦୯ ରନ୍‌ରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଦଳ। ୧୯୮୭, ୧୯୯୯, ୨୦୦୩, ୨୦୦୭ ଓ ୨୦୧୫ରେ ଅଷ୍ଟ୍ରେଲିଆ ଦିନିକିଆ ବିଶ୍ୱକପ୍ ଟ୍ରଫି ହାସଲ କରିଥିଲା। ଦଳ ୨୦୦୬ ଓ ୨୦୦୯ରେ ଚାମ୍ପିୟନ୍ସ ଟ୍ରଫି ଏବଂ ୨୦୨୧ରେ ଟି୨୦ ବିଶ୍ୱକପ୍ ଜିତିଥିଲା। ୨୦୨୧-୨୩ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଟାଇଟଲ୍ ହାସଲ କରିବା ସହିତ ବିଶ୍ୱର ପ୍ରଥମ ଦଳ ଭାବେ ସମସ୍ତ ଆଇସିସି ଟ୍ରଫି ହାସଲ କରିଛି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ-୪୬୯। ଭାରତ ପ୍ରଥମ ଇନିଂସ-୨୯୬। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ-୨୭୦/୮(ଘୋଷଣା)। ଭାରତ ଦ୍ୱିତୀୟ ଇନିଂସ ୬୩.୩ ଓଭରରେ ୨୩୪/୧୦(ବିରାଟ କୋହଲି-୪୯, ଅଜିଙ୍କ୍ୟ ରାହାନେ-୪୬, ରୋହିତ ଶର୍ମା-୪୩, ନାଥାନ ଲିୟନ-୪/୪୧, ସ୍କଟ୍ ବୋଲାଣ୍ଡ-୩/୪୬, ମିଚେଲ୍ ଷ୍ଟାର୍କ-୨/୭୭)।

### ଆଇସିସି ଇଭେଣ୍ଟରେ ଭାରତର ବିଫଳତା ଜାରି

ଶେଷ ଥର ପାଇଁ ୨୦୧୩ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତିଥିଲା। ଏହା ପରଠାରୁ ଆଇସିସି ଇଭେଣ୍ଟରେ ଭାରତ କ୍ରମାଗତ ବିଫଳ ହୋଇ ଆସିଛି। ୧୦ ବର୍ଷ ଧରି ଭାରତୀୟ ଦଳ ଟ୍ରଫିଶୂନ୍ୟ ରହିଥିବା ବେଳେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ମଧ୍ୟ ଦଳକୁ ନିରାଶ ହେବାକୁ ପଡିଛି। ୨୦୧୫ ଦିନିକିଆ ବିଶ୍ୱକପ, ୨୦୧୬ ଟି୨୦ ବିଶ୍ୱକପ, ୨୦୧୭ ଚାମ୍ପିୟନ୍ସ ଟ୍ରଫି, ୨୦୧୯ ଦିନିକିଆ ବିଶ୍ୱକପ, ୨୦୨୧ ଟି୨୦ ବିଶ୍ୱକପ ଓ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍, ୨୦୨୨ ଟି୨୦ ବିଶ୍ୱକପ ଏବଂ ସଦ୍ୟ ସମାପିତ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ଟାଇଟଲ ହାସଲରେ ଭାରତୀୟ ଦଳ ବିଫଳ ହୋଇଛି।

# କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦ୍‌ଘାଟିତ

■ ୨୦ ଦେଶରୁ ଭାଗନେଲେ ୧୨୦୦ ଖେଳାଳି

■ ପୁରସ୍କାର ରାଶି ୩୨ ଲକ୍ଷ ଟଙ୍କା

ଭୁବନେଶ୍ୱର,୧୧।୬ (କ୍ରୀଡ଼ା ପ୍ରତିନିଧି)

କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବର ୧୪ତମ ସଂସ୍କରଣ ରବିବାର କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ବିଶ୍ୱନାଥନ୍ ଆନନ୍ଦ ଚେସ୍ ହଲ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାର, ଭାରତୀୟ ଚେସ୍ ସଂଘ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ, ଓଡ଼ିଶା ଚେସ୍ ସଂଘ ଓ ଫିଡେ ସହଯୋଗରେ କିଟ୍ ଓ କିସ୍ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି। ଆସନ୍ତା ୧୮ ପର୍ଯ୍ୟନ୍ତ ୮ ଦିନ ଧରି ଏହି ପ୍ରତିଯୋଗିତା ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ଏସୀୟ ଚେସ୍ ସଂଘର ଉପସଭାପତି ତଥା ଫିଡେ ପରାମର୍ଶଦାତା ବୋର୍ଡର ଅଧ୍ୟକ୍ଷ ଭରତ ସିଂ ଚୌହାନ, ଭାରତୀୟ ଚେସ୍ ସଂଘର କୋଷାଧ୍ୟକ୍ଷ ନରେଶ ଶର୍ମା, ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ଓଡ଼ିଶା ଚେସ୍ ସଂଘର ସଭାପତି ଜି.ସି.ମହାପାତ୍ର, ସମ୍ପାଦକ ଦେବବ୍ରତ ଭଞ୍ଜ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ତଥା ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଶେଖର ଚନ୍ଦ୍ର ସାହୁ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚେସ୍ ମହୋତ୍ସବରେ ଭାରତ ସମେତ ୨୦ଟି ଦେଶରୁ ୧୨୦୦ ଖେଳାଳି ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୧୪ ଗ୍ରାଣ୍ଡମାଷ୍ଟର ଏବଂ ୫୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଟାଇଟଲ୍‌ଧାରୀ ରହିଛନ୍ତି। ପ୍ରତିଯୋଗିତାର ମୋଟ ପୁରସ୍କାର ରାଶି ୩୨ ଲକ୍ଷ ଟଙ୍କା ରଖାଯାଇଛି।

ପ୍ରକାଶ ଯୋଗ୍ୟ ଯେ, କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଏସିଆର ଶ୍ରେଷ୍ଠ ୪ ଗ୍ରାଣ୍ଡମାଷ୍ଟର ଚେସ୍ ଟୁର୍ନାମେଣ୍ଟ ମଧ୍ୟରୁ ଅନ୍ୟତମ। କିଟ୍ ଭାରତୀୟ ଚେସ୍ ସଂଘ ଦ୍ୱାରା ସ୍ୱିକୃତିପ୍ରାପ୍ତ ୟୁନିଟ୍ ଭାବେ ପ୍ରଥମ ଥର ପାଇଁ ଏପରି ଏକ ଚେସ୍ ଟୁର୍ନାମେଣ୍ଟ ଆୟୋଜନ ଅଧିକାର ପାଇଛି। ୧୪ବର୍ଷ ଧରି କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବକୁ ପ୍ରମୋଟ କରିଆସୁଛି। ପୂର୍ବରୁ କିଟ୍-କିସ୍‌ରେ ୩୦ରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ଚେସ୍ ଟୁର୍ନାମେଣ୍ଟ ଆୟୋଜିତ ହୋଇ ସାରିଛି। ଗ୍ରାମାଞ୍ଚଳରେ ମଧ୍ୟ ଚେସ୍‌ର ପ୍ରଚାର ଓ ପ୍ରସାର ପାଇଁ କିଟ୍ ଉଦ୍ୟମ କରିଆସିଛି।



ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଅତିଥିଗଣ।

# ଅଷ୍ଟ୍ରେଲିଆ ପାଇଁ ନିର୍ଣ୍ଣାୟକ ଥିଲେ ବୋଲାଣ୍ଡ

**ଲଣ୍ଡନ, ୧୧।୬(ପି.ଟି.):** ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ଅଷ୍ଟ୍ରେଲିଆର ୨୦୯ ରନ୍ ବିଜୟ ପଛରେ ସ୍କଟ୍ ବୋଲାଣ୍ଡ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ ବୋଲି କହିଛନ୍ତି ଦଳର ଅଧିନାୟକ ପ୍ୟାଟ୍ କୁମିନ୍ସ। ବୋଲାଣ୍ଡ ମ୍ୟାଚ୍‌ସାରା ଚମତ୍କାର ବୋଲିଂ କରି ଭାରତର ଶକ୍ତିଶାଳୀ ବ୍ୟାଟିଂ ଲାଇନ୍‌ଅପ୍‌କୁ ଶାନ୍ତିରେ ନିଃଶ୍ୱାସ ନେବାକୁ ଦେଇ ନ ଥିଲେ। ଡାହାଣହାତୀ ସିମ୍ ବୋଲର ବୋଲାଣ୍ଡ ଦ୍ୱିତୀୟ ଇନିଂସରେ ଶୁବମନ ଗିଲ୍(୧୮), ବିରାଟ କୋହଲି(୪୯) ଓ ରବୀନ୍ଦ୍ର ଜାଡେଜା(୦)ଙ୍କୁ ଶୀଘ୍ର ପ୍ୟାଭିଲିୟନ ପଠାଇ ଦେଇଥିଲେ। ୪୪୪ ରନ୍ ବିଜୟ ଲକ୍ଷ୍ୟ ପିଛା କରୁଥିବା ଭାରତ ୨୩୪ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ବୋଲାଣ୍ଡ ସବୁବେଳେ ତାଙ୍କ ଫେଭରାଇଟ ଖେଳାଳି ହୋଇ ରହିଆସିଛନ୍ତି। କୁମିନ୍ସ କହିଛନ୍ତି, ମ୍ୟାଚ୍‌ରେ ଆମର ଆରମ୍ଭ ଜବରଦସ୍ତ ଥିଲା। ମ୍ୟାଚ୍‌ର ଅଧିକାଂଶ ଭାଗ ଆମ ନିୟନ୍ତ୍ରଣରେ ରହିଥିଲା। ଭାରତକୁ ପ୍ରତ୍ୟାବର୍ତ୍ତନ ଲାଗି ଆମେ ସାମାନ୍ୟ ସୁଯୋଗ ଦେଇ ନ ଥିଲୁ। ଅଷ୍ଟ୍ରେଲିଆ ଅଧିନାୟକ କୁମିନ୍ସ ମଧ୍ୟ ଟ୍ରାଭିସ ହେଡ୍(୧୬୩) ଓ ଷ୍ଟିଭ୍ ସ୍ମିଥ୍ (୧୨୧)ଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ବ୍ୟାଟରଦ୍ୱୟ ଚତୁର୍ଥ ଉଇକେଟରେ ୨୮୫ ରନ୍ ଯୋଗକରି ଅଷ୍ଟ୍ରେଲିଆର ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ